ବର୍ଷ-୫୭ : ସଂଖ୍ୟା-୬ ଜୁନ୍, ୨୦୨୬ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଜୁନ୍, ୨୦୨୬


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ଶ୍ରୀମା'ଙ୍କ ବାଣୀ | ··· | ଶ୍ରୀମା | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୫ |
| ମନ-ବୁଦ୍ଧି ଓ ଚୈତ୍ୟ-ଚେତନା | ··· | ଶ୍ରୀମା | ··· | ୬ |
| ସମର୍ପଣ | ··· | ଶେଖ ଅବଦୁଲ କାଶମ | ··· | ୭ |
| ବାସ୍ତବ – ଅବାସ୍ତବ | ··· | ମନୋଜ ଦାସ | ··· | ୧୩ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୫୫) | ··· | ··· | ··· | ୧୫ |
| ଚେତନାର ଚିତ୍ରକର (କବିତା) | ··· | ସୁନାମଣି ରାଉତ | ··· | ୧୮ |
| ସିଦ୍ଧାନ୍ତ-ସମନ୍ୱୟ | ··· | ରାମକୃଷ୍ଣ ଦାସ | ··· | ୧୯ |
| ମା' ଆପଣ ଏମିତି କହିଛନ୍ତି ... (୧୨) | ··· | ହୁତା ହିନ୍ଦୋଚା | ··· | ୨୩ |
| ଶ୍ରୀଅରବିନ୍ଦ ଓ କ୍ରମ-ବିବର୍ତ୍ତନ (୭) | ··· | ପ୍ରପତ୍ତି | ··· | ୨୭ |
| ମାଆର ପଣତ (କବିତା) | ··· | ଦୀପ୍ତି ମିଶ୍ର | ··· | ୩୧ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୧୧୦) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୩୨ |
| କାରା-ଜୀବନୀ (୧୫) | ··· | ଉଲ୍ଲାସକର ଦତ୍ତ | ··· | ୩୭ |
| ଅଯୋଧ୍ୟାରେ ଶ୍ରୀଅରବିନ୍ଦ ସାଧନାଳୟ ସମ୍ପର୍କରେ ବାବାଜି ମହାରାଜ | ··· | ପ୍ରସାଦ ତ୍ରିପାଠୀ | ··· | ୪୦ |
| ଏକାକୀ ଫସଲ କଟାଳି | ··· | ବନମାଳୀ ଆଚାର୍ଯ୍ୟ | ··· | ୪୩ |
| ତିନି ପ୍ରାର୍ଥୀ | ··· | ମନୋଜ ଦାସ | ··· | ୪୫ |
| ଆଈର ନୂଆ ଗପ | ··· | ନିମାଇଁ ପଟ୍ଟନାୟକ | ··· | ୪୭ |
| ବିଚାରବନ୍ତ ରାଜାପୁଅ | ··· | ··· | ··· | ୫୧ |
| କର୍ତ୍ତବ୍ୟନିଷ୍ଠାର ଏକ ଦୃଷ୍ଟାନ୍ତ | ··· | ··· | ··· | ୫୪ |
| ନିରୁଦ୍ଦିଷ୍ଟ ଶିଶୁ | ··· | ମନୋଜ ଦାସ | ··· | ୫୬ |


❖

# ପ୍ରାର୍ଥନା

ତୁମ କଣ୍ଠସ୍ୱର ଏଡ଼େ ନମ୍ର, ଏଡ଼େ ନିରପେକ୍ଷ, ଧୈର୍ଯ୍ୟ ଓ କରୁଣାଭାବ ଯୋଗୁଁ ଏପରି ମହନୀୟ ଯେ ସେଥିରେ କୌଣସି କର୍ତ୍ତୃତ୍ୱ ବା ସ୍ୱ-ଇଚ୍ଛା ସାବ୍ୟସ୍ତର ଭାବ ନଥାଏ, ବରଂ ତାହା ଆସେ ଏକ ମଧୁର ଓ ନିର୍ମଳ ଶୀତଳ ସମୀରଣ ସମ, ବେସୁରା ବାଦ୍ୟବିତାନ ଭିତରେ ସଂହତି-ସୃଜକ ସ୍ଫଟିକ-ସ୍ୱଚ୍ଛ ମୃଦୁଧ୍ୱନି ସମ । ଯିଏ ସେ ଧ୍ୱନି ଶୁଣିବାକୁ, ସେ ହିଲ୍ଲୋଳରେ ନିଃଶ୍ୱାସ ନେବାକୁ ଜାଣେ, ସେ ବ୍ୟକ୍ତି ପାଇଁ ତହିଁ ଏଭଳି ସୌନ୍ଦର୍ଯ୍ୟର ଐଶ୍ୱର୍ଯ୍ୟ, ବିଶୁଦ୍ଧ ସୌମନସ୍ୟ ଓ ମହତୀ ରାଜୋଜ୍ଜ୍ୱଲ୍ୟର ଏପରି ମହକ ସଂରକ୍ଷିତ ଥାଏ ଯେ ସେଥିଯୋଗୁଁ ସକଳ ମୂଢ଼ ଭ୍ରାନ୍ତି ହୋଇଯାଏ ନିଶ୍ଚିହ୍ନ ଅଥବା ହୁଏ ସ୍ୱଳ୍ପ ଦୃଷ୍ଟ ଅପୂର୍ବାଶ୍ଚର୍ଯ୍ୟ ସତ୍ୟର ସାନନ୍ଦ ସ୍ୱୀକୃତିରେ ରୂପାନ୍ତରିତ ।

ଜୁନ୍ ୨୭, ୧୯୧୩ — ଶ୍ରୀମା



# ଶ୍ରୀମା'ଙ୍କ ବାଣୀ

The more we advance on the way, the more the need of the Divine Presence becomes imperative and indispensable.

*21 February, 1973*

(CWM Vol. 15, p. 187) - The Mother

ଯୋଗପଥରେ ଆମେ ଯେତେ ଅଧିକ ଅଗ୍ରସର ହେଉ, ଭଗବତ୍ ସାନ୍ନିଧ୍ୟର ପ୍ରୟୋଜନ ସେତିକି ଅପରିହାର୍ଯ୍ୟ ଓ ଅନିବାର୍ଯ୍ୟ ହୋଇଉଠେ ।

— ଶ୍ରୀମା

*

There is only one solution for falsehood :

It is to cure in ourselves all that contradicts in our consciousness the presence of the Divine.

*31 December, 1972*

(CWM Vol. 14, p. 196) - The Mother

ମିଥ୍ୟା ନିମନ୍ତେ କେବଳ ଏକମାତ୍ର ସମାଧାନ ରହିଛି :

ତାହା ହେଉଛି ଯାହା କିଛି ଆମ ଚେତନାରେ ଭଗବତ୍ ଉପସ୍ଥିତିର ବିରୋଧ କରୁଛି ସେସବୁକୁ ଆମ ନିଜ ଭିତରେ ସଂଶୋଧନ କରିବା ।

୩୧.୧୨.୧୯୭୨ — ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

**ଦ୍ୱିତୀୟ ପର୍ବ : ଦ୍ୱାଦଶ ସର୍ଗ, ଆଦର୍ଶର ସ୍ୱର୍ଗସମୁଚ୍ଚୟ**

**(The Heavens of the Ideal)**

**(୪)**

## ଶ୍ରୀଅରବିନ୍ଦ

This in high realms touches immortal kind;
What here is in the bud has blossomed there.

ସମୁଚ୍ଚ ଲୋକଚୟରେ ଏହା ଅମର ପ୍ରଜାତିକୁ ସ୍ପର୍ଶ କରେ; ଏଠାରେ ଯାହା ମୁକୁଳ ଅବସ୍ଥାରେ ରହିଥାଏ ସେଠାରେ ତାହା ପ୍ରସ୍ଫୁଟିତ ହୋଇ ସାରିଥାଏ ।

There is the secrecy of the House of Flame,
The blaze of godlike thought and golden bliss,
The rapt idealism of heavenly sense;
There are the wonderful voices, the sun-laugh,
A gurgling eddy in rivers of God's joy,
And the mysteried vineyards of the gold moon-wine,
All the fire and sweetness of which hardly here
A brilliant shadow visits mortal life.

ସେଠାରେ ରହିଛି ବହ୍ନି ନିବାସର ଗୋପନ ରହସ୍ୟ, ଦେବୋପମ ଭାବନାର ଔଜ୍ଜ୍ୱଲ୍ୟ ଏବଂ ସ୍ୱର୍ଣ୍ଣିମ ରଭସ, ସ୍ୱର୍ଗୀୟ ଅବବୋଧର ନିବିଷ୍ଟ ଆଦର୍ଶବାଦ; ସେଠାରେ ଥାଏ ବିସ୍ମୟକର କଣ୍ଠସ୍ୱର, ବିଭାବସୁ-ହାସ୍ୟ, ଈଶ୍ୱରଙ୍କ ଆନନ୍ଦ ତଟିନୀରାଜିର ଏକ କଳନାଦିନୀ ଘୂର୍ଣ୍ଣି ଏବଂ ସୁନାଚାନ୍ଦ-ମଦିରାର ରହସ୍ୟାପ୍ଲୁତ ଦ୍ରାକ୍ଷାଲତାକୁଞ୍ଜ, ସକଳ ପାବକ ତଥା ସକଳ ମାଧୁର୍ଯ୍ୟ, ଯାହାର ଭାସ୍ୱର ଛାୟାରୂପ କ୍ୱଚିତ୍ ପ୍ରତିଭାତ ହୁଏ ମର୍ତ୍ତ୍ୟଜୀବନରେ ।

Although are witnessed there the joys of Time,
Pressed on the bosom the Immortal's touch is felt,
Heard are the flutings of the Infinite.

ଯଦିଓ ସେଠାରେ ପରିଦୃଷ୍ଟ ମହାକାଳର ଉଲ୍ଲାସଧାରା, ତଥାପି ଅମରଙ୍କ କର ସ୍ପର୍ଶର ଭାର ଅନୁଭୂତ ହୁଏ ବକ୍ଷଦେଶରେ, ଶ୍ରୁତିଗୋଚର ହୁଏ ଅସୀମଙ୍କର ବଂଶୀସ୍ୱନ ।

Here upon earth are early awakenings,
Moments that tremble in an air divine,
And grown upon the yearning of her soil
Time's sun-flowers' gaze at gold Eternity:
There are the imperishable beatitudes.

ଏଠାରେ ପୃଥିବୀପୃଷ୍ଠରେ ରହିଛି ଆଦ୍ୟ ଜାଗୃତିସକଳ, ଦିବ୍ୟ ବାୟୁରେ ଶିହରିତ ମୁହୂର୍ତ୍ତାବଳି ଏବଂ ତା'ର ବ୍ୟାକୁଳ ମାଟିରେ ବର୍ଦ୍ଧିତ ସମୟରେ ସୂର୍ଯ୍ୟମୁଖୀ ଯାହା ନିର୍ନିମେଷ ଚାହିଁ ରହିଥାଏ ହିରଣ୍ମୟ ଆନନ୍ତ୍ୟ ଅଭିମୁଖେ : ଅବିନଶ୍ୱର ଯେତେସବୁ ଆନନ୍ଦ ସେଠାରେ ଥାଏ ବିଦ୍ୟମାନ ।

A million lotuses swaying on one stem,
World after coloured and ecstatic world
Climbs towards some far unseen epiphany.

ଏକହିଁ ମୃଣାଳ ପରେ ତହିଁ ଦୋଳାୟିତ ଅୟୁତ କମଳ, ବର୍ଣ୍ଣବିଭାମୟ ଏବଂ ଉଲ୍ଲାସଭରା ଜଗତ୍ ପରେ ଜଗତ୍ ଆରୋହଣ କରି ଚାଲେ କେଉଁ ଏକ ଅଗୋଚର ମହାପ୍ରକାଶ ଅଭିମୁଖେ ।

(କ୍ରମଶଃ ...)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ

❑❑❑

# ମନ-ବୁଦ୍ଧି ଓ ଚୈତ୍ୟ-ଚେତନା

## ଶ୍ରୀମା

### ଚୈତ୍ୟ ଓ ମନ

ବିଶ୍ୱରେ ଚୈତ୍ୟ-ଜୀବନ ହେଉଛି ପରମେଶ୍ୱରଙ୍କର ଏକ କୃପାପ୍ରସୂତ କର୍ମ । ଚୈତ୍ୟ ଅଭିବୃଦ୍ଧି ମଧ୍ୟ ଈଶ୍ୱରଙ୍କର ଏକ ଦିବ୍ୟକୃପାର ପରିଣତି ଏବଂ ପରିଶେଷରେ ଏହି ଜଡ଼-ସତ୍ତା ଉପରେ ଚୈତ୍ୟସତ୍ତାର ପ୍ରଭାବ ମଧ୍ୟ ସେହି ଦିବ୍ୟକୃପା ଯୋଗୁଁ ସମ୍ଭବ ହୁଏ । ଆଉ ଆମର ମନ ଯଦି ନିଜର ସାମଗ୍ରିକ ଉପଯୋଗିତା ଚାହୁଁଥାଏ, ତେବେ ତାକୁ ଖୁବ୍ ନୀରବ ହେବାକୁ ପଡ଼ିବ, ଯେତେଦୂର ସମ୍ଭବ ନୀରବ ରହିବାକୁ ହେବ, କାରଣ ଯଦି ଚୈତ୍ୟର କାର୍ଯ୍ୟରେ ଆମ ମନ ଅଯଥା ହସ୍ତକ୍ଷେପ କରେ, ତା'ହେଲେ ତାହା ସବୁ କିଛିକୁ ନଷ୍ଟ କରିଦେବ । ...

କିଛି ଗୋଟାଏକୁ ସଂଗଠିତ କରିବାରେ ବା ରୂପାୟଣ କରିବାରେ ମନ ହେଉଛି ଏକ ଯନ୍ତ୍ର, ଏବଂ ମନ ଯଦି ତା'ର ଏଇସବୁକୁ ଚୈତ୍ୟର ବ୍ୟବହାର ପାଇଁ ଦେଇ ଦିଏ, ତେବେ ତାହା ଖୁବ୍ ଭଲ କଥା ହେବ । କିନ୍ତୁ ମନ କୌଣସି ପ୍ରକାରେ ଚୈତ୍ୟକୁ ପ୍ରକାଶମାନ ହେବା ପାଇଁ ସାହାଯ୍ୟ କରେ ନାହିଁ । ଉଭୟଙ୍କର ଭୂମିକା ହେଲା ଓଲଟା । ମନ ଅବଶ୍ୟ ପରେ ଚୈତ୍ୟର ପ୍ରକାଶ ପାଇଁ ଯନ୍ତ୍ର ହୋଇପାରେ, ଯେତେବେଳେ ଚୈତ୍ୟ-ଚେତନା ବାହ୍ୟ-ଚେତନା ଉପରେ ନିଜର ଅଧିକାର ସାବ୍ୟସ୍ତ କରିସାରି ଥିବ । କିନ୍ତୁ ତା' ପୂର୍ବରୁ ଏହା ଘଟିବା ଖୁବ୍ ବିରଳ । ସାଧାରଣତଃ ଏହା ଏକ ପରଦା ଭଳି ଏବଂ ବାଧା ସ୍ୱରୂପ କାର୍ଯ୍ୟ କରିଥାଏ । କିନ୍ତୁ ଏକଥା ନିଶ୍ଚିତ ଯେ ଏହା କେବେ ଚୈତ୍ୟକୁ ପ୍ରକାଶିତ ହେବା ଲାଗି ସାହାଯ୍ୟ କରେ ନାହିଁ । ତେବେ ମନ ଯଦି ତା'ର ଯଥାର୍ଥ ସ୍ଥାନରେ ରହେ, ଏବଂ ଯଥାର୍ଥ ଭାବେ ପରିଚାଳିତ ହୁଏ, ତେବେ ଏହା ଯଥାର୍ଥ କର୍ମରେ ସହାୟତା କରିପାରେ । ଯେତେବେଳେ ଚୈତ୍ୟସତ୍ତାରୁ ପ୍ରେରଣା ଆସେ ସେତେବେଳେ ଆମର ମନ ଯଦି ସଂପୂର୍ଣ୍ଣ ଭାବେ ତା'ର ବଶତା ସ୍ୱୀକାର କରେ, ତା'ହେଲେ ଆମର ଜୀବନକୁ ସଂଗଠିତ କରିବା ଦିଗରେ ଏହା ସହାୟକ ହୋଇପାରେ । କାରଣ ଏହାହିଁ ମନର କାର୍ଯ୍ୟ ଏବଂ ଏଇଥିଲାଗି ଆମକୁ ମନଟିଏ ଦିଆଯାଇଛି ।

### ହୃଦୟର ଡେଣା ଅଛି

କେତେକ ଲୋକ ଅଛନ୍ତି ଯେଉଁମାନଙ୍କ ଭିତରେ ଚୈତ୍ୟସତ୍ତା କ୍ରିୟାଶୀଳ ହୋଇଥାଏ ଏବଂ ସେମାନଙ୍କର ବୌଦ୍ଧିକ ବୁଝାମଣା ଅପେକ୍ଷା ଭାବାବେଗଜନିତ ବୁଝାମଣା ଅଧିକ ଦୃଢ଼ ହୋଇଥାଏ । ଏମାନେ ଈଶ୍ୱରଙ୍କୁ ଜାଣି ନ ଥା'ନ୍ତି, ଈଶ୍ୱରଙ୍କ ସମ୍ବନ୍ଧେ ସେମାନଙ୍କର ସାମାନ୍ୟତମ ଧାରଣା ମଧ୍ୟ ନଥାଏ – ଈଶ୍ୱର କ'ଣ ହୋଇ ପାରନ୍ତି, ଈଶ୍ୱର କହିଲେ କ'ଣ ସବୁ ବୁଝାଏ – ଏସବୁ ସେମାନଙ୍କୁ କିଛି ଜଣା ନଥାଏ – ଏସବୁ ସମ୍ବନ୍ଧେ ବି ସେମାନଙ୍କର କୌଣସି ବୌଦ୍ଧିକ ଧାରଣା ନଥାଏ – କିନ୍ତୁ ସେମାନଙ୍କର ଈଶ୍ୱରଙ୍କ ପ୍ରତି ଥାଏ ଏକ ଗଭୀର ଆକର୍ଷଣ, ଥାଏ ଏକ ଆକୁଳ ପ୍ରବେଗ, ଏକ ବ୍ୟାକୁଳ ଅନୁରକ୍ତି, ଏକ ଆବଶ୍ୟକତା; ଈଶ୍ୱରଙ୍କ ପାଇଁ ଅନୁଭବ କରନ୍ତି ଏକ ଅନିବାର୍ଯ୍ୟ ଆବଶ୍ୟକତା ।

ଏବଂ ଏହି ଧରଣର ଲୋକମାନେ ଯେଉଁମାନଙ୍କର ଏହିପରି ଭାବାବେଗପୂର୍ଣ୍ଣ ଈଶ୍ୱର-ଆକର୍ଷଣ ରହିଛି, ଏବଂ ମୁଁ କହିପାରେ, ଈଶ୍ୱରଙ୍କ କୃପାରୁ ସେମାନଙ୍କର ମନ ଏସବୁ ବ୍ୟାପାରରେ କିଛି ବ୍ୟାଘାତ ଘଟାଏ ନାହିଁ, କୌଣସି ପ୍ରଶ୍ନ କରେ ନାହିଁ, କିଛି ବିଚାର ବିମର୍ଶ କରେ ନାହିଁ – ଏବଂ ଏହି ଲୋକମାନେ ଏହି ପଥରେ ଶୀଘ୍ର ଆଗେଇ ଯାଆନ୍ତି । ...

ଆଉ କେତେକେ ଅଛନ୍ତି ଯେଉଁମାନେ ଖୁବ୍ ଶୀଘ୍ର ବୁଝିଯା'ନ୍ତି, ସେମାନେ ଖୁବ୍ ବୁଦ୍ଧିପ୍ରବଣ, ସେମାନେ ପଢ଼ିଛନ୍ତି, ଶବ୍ଦ ଓ ଭାବନାଗୁଡ଼ିକ ସଙ୍ଗେ ଖେଳି ପାରନ୍ତି, ଯିଏ ତୁମ ଆଗରେ ସବୁପ୍ରକାର ଦାର୍ଶନିକ ଚିନ୍ତା ଓ ତତ୍ତ୍ୱ ଉପରେ, ସବୁ ଧର୍ମଧାରା ଉପରେ, ସବୁପ୍ରକାର ମାନବୀୟ ଚିନ୍ତାଦର୍ଶ ଉପରେ ଚମତ୍କାର ଭାଷଣ ଦେଇପାରିବେ ଏବଂ ସେମାନଙ୍କୁ ସମ୍ଭବତଃ ଗୋଟିଏ ପାଦ ଆଗକୁ ଯିବା ଲାଗି ଅନେକ ବର୍ଷ ଲାଗିଯିବ । କାରଣ ସବୁ କଥା ସେମାନଙ୍କର ମସ୍ତିଷ୍କରେ ହିଁ ଚାଲୁଥାଏ ।

ମସ୍ତିଷ୍କର ଡେଣା ନଥାଏ : ଡେଣା ଥାଏ ହୃଦୟରେ ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ସମର୍ପଣ

## ଶେଖ ଅବଦୁଲ କାଶମ

ପୂର୍ଣ୍ଣଯୋଗରେ ନିଜ ସକାଶେ ନୁହେଁ, ଭଗବାନଙ୍କ ସକାଶେ ଯୋଗ କରାଯାଏ । ବ୍ୟକ୍ତିଗତ କୌଣସି ଉଦ୍ଦେଶ୍ୟ ପୂରଣ ପାଇଁ ନୁହେଁ, ଭଗବାନଙ୍କ ସଙ୍କଳ୍ପ ଅନୁସାରେହିଁ ମନୁଷ୍ୟକୁ ବିବର୍ତ୍ତନର ଗତିପଥରେ ପରମ ଚେତନା ଆଡ଼କୁ ଆରୋହଣ କରିବାକୁ ହୁଏ, ସତ୍ତାର ସକଳ ଭାଗରେ ଭଗବାନଙ୍କ ସହିତ ପୂର୍ଣ୍ଣ ମିଳନ ସମ୍ଭବ କରିବାକୁ ହୁଏ । ଏ ପଥରେ ନିଜ ଭିତରୁ ତଥା ବାହ୍ୟ ଜଗତରୁ ନାନା ବାଧାବିଘ୍ନ ଆସିବ । ସେସବୁକୁ ମୁକାବିଲା କରିବା ପାଇଁ ତଥା ନିରାପଦରେ ସାଧନାର ସକଳ ସୋପାନକୁ ଅତିକ୍ରମ କରିବା ପାଇଁ ଭଗବାନ ଓ ଦିବ୍ୟଜନନୀଙ୍କ ସହାୟତା ଏକାନ୍ତ ଆବଶ୍ୟକ । ସୁତରାଂ ସାଧକ ଭଗବାନଙ୍କ ପାଖରେ ତଥା ଦିବ୍ୟ ପରମାଶକ୍ତିଙ୍କ ପାଖରେ ନିଜକୁ ନିଃଶେଷରେ ସମର୍ପଣ କରିଦେବା ଏକାନ୍ତ ଅପରିହାର୍ଯ୍ୟ ।

ଯେ କୌଣସି ଯୋଗମାର୍ଗରେ ଲକ୍ଷ୍ୟ ହେଉଛି ଭଗବାନଙ୍କ ସହିତ ଯୁକ୍ତ ହେବା । ନିଜର ବ୍ୟକ୍ତିଗତ ଅହଂଟିକୁ ବିସର୍ଜନ ନଦେବା ପର୍ଯ୍ୟନ୍ତ ଏବଂ ଭଗବାନଙ୍କ ପାଖରେ ଆପଣାକୁ ବିନା ସର୍ତ୍ତରେ ସମର୍ପଣ ନକରିବା ପର୍ଯ୍ୟନ୍ତ ଏହା ସମ୍ଭବ ହୁଏ ନାହିଁ । ପୂର୍ଣ୍ଣଯୋଗରେ ସମଗ୍ର ସତ୍ତା ତଥା ପ୍ରକୃତିର ଦିବ୍ୟ ରୂପାନ୍ତର ଲକ୍ଷ୍ୟ ହୋଇଥିବାରୁ କାର୍ଯ୍ୟଟି ଅତ୍ୟନ୍ତ ଦୁରୂହ । ସତ୍ତାର ପ୍ରତ୍ୟେକ ଅଂଶକୁ ଭାଗବତୀ ଶକ୍ତିଙ୍କ ପାଖରେ ପୂର୍ଣ୍ଣରୂପେ ସମର୍ପଣ କରିବାକୁ ହେବ । ନିଜ ଭିତରେ ଯଦି କୌଣସି କୁଣ୍ଠା, ସଂଶୟ, ବାସନା ବା ଅହଂଗତ ଦାବି ଲୁଚି ରହିଥାଏ ତାହାହେଲେ ସମର୍ପଣ ସାର୍ଥକ ଓ ପରିପୂର୍ଣ୍ଣ ହୋଇପାରେ ନାହିଁ ।

''ଭଗବାନହିଁ ସବୁକିଛି, ଭଗବାନହିଁ ମୋର ସର୍ବସ୍ୱ, ତାଙ୍କ ବିନା ସହାୟତାରେ ମୁଁ ଗୋଟିଏ ପାଦ ମଧ୍ୟ ଆଗକୁ ଅଗ୍ରସର ହୋଇପାରିବି ନାହିଁ ।'' – ଏହି ଧାରଣା ଓ ମନୋଭାବ ସାଧକ ଭିତରେ ରହିଥିବା ଆବଶ୍ୟକ । ବ୍ୟକ୍ତିଗତ ଶକ୍ତି, ସାମର୍ଥ୍ୟ ଉପରେ ଅହଙ୍କାରପୂର୍ଣ୍ଣ ଭରସା ପରିଶେଷରେ ବ୍ୟର୍ଥତା ଓ ବିପଦକୁ ଘେନି ଆସିଥାଏ । ଏକ ସର୍ବାଙ୍ଗୀଣ ଓ ସର୍ବକାଳୀନ ଯଥାର୍ଥ ବିନମ୍ରତା ଆବଶ୍ୟକ । ଆମକୁ ବିଶ୍ୱାସ କରିବାକୁ ହେବ ଯେ ଭଗବାନ୍ ନିଶ୍ଚିତ ରୂପେ ଓ ବାସ୍ତବତଃ ଆମ ସନ୍ନିକଟରେ ରହିଛନ୍ତି, ଆମ୍ଭମାନଙ୍କ ପ୍ରତି ତାଙ୍କର ଅତୁଟ ପ୍ରେମ ରହିଛି, ସିଏ ସର୍ବସମର୍ଥ ଏବଂ ଆମର ସକଳ ଆବଶ୍ୟକତା କେବଳ ସିଏହିଁ ପୂରଣ କରିପାରିବେ । ଏଥିପାଇଁ ଶିଶୁସୁଲଭ ସରଳ ବିଶ୍ୱାସ ନେଇ ତାଙ୍କ ପାଖରେହିଁ ଏକାନ୍ତ ଆଶ୍ରୟ ଗ୍ରହଣ କରିବା ବାଞ୍ଛନୀୟ । ପ୍ରତି ମୁହୂର୍ତ୍ତରେ ଓ ସକଳ ପରିସ୍ଥିତିରେ ଆମେ କେବଳ ଭଗବାନଙ୍କ ଆଡ଼କୁହିଁ ଉନ୍ମୁଖ ଓ ଉନ୍ମୀଳିତ ହୋଇ ରହିବା ଉଚିତ । ସମର୍ପଣ କେବେ ବ୍ୟର୍ଥ ହୁଏ ନାହିଁ । ଯଦି ଯଥାର୍ଥ ମନୋଭାବ ସହ ସମର୍ପଣ କରାଯାଇଥାଏ ତାହାହେଲେ ଭଗବାନ୍ ସାଧକର ଜୀବନରେ ହସ୍ତକ୍ଷେପ କରନ୍ତି ଓ ତା'ର ସକଳ ବାଧାବିପତ୍ତିକୁ ଦୂର କରି ତାକୁ ସାଧନା ପଥରେ ପରିଚାଳିତ କରି ନିଅନ୍ତି ।

ମାଆ କହନ୍ତି – "Give all you are, all you have, nothing more is asked of you but also nothing less." (MCW, Vol. 8, p. 14)

ଅର୍ଥାତ୍, ''ତୁମେ ଯାହା ଏବଂ ତୁମର ଯାହାକିଛି ଅଛି ତାହା ଦେଇଦିଅ । ଏଥିରୁ କିଛି ଅଧିକ ବା କମ୍ ଦେବା ପାଇଁ ତୁମକୁ କୁହାଯାଉ ନାହିଁ ।'' ନିଜକୁ ଭଗବାନଙ୍କ ପାଖରେ ସର୍ବତୋଭାବେ ଦେଇଦେବାହିଁ ସାଧନାର ଅସଲ ରହସ୍ୟ । ଦାବି କରିବା, ଅଧିକାର କରିବାକୁ ଚାହିଁବା, ସ୍ୱାର୍ଥସାଧନ ନିମିତ୍ତ ଲାଳାୟିତ ହେବା, ଏହା ସାଧନାର ପରିପନ୍ଥୀ । ଜଣେ ନିଜକୁ ଯେତେ ସମର୍ପଣ କରିପାରିବ, ଦିବ୍ୟବସ୍ତୁ ଗ୍ରହଣ କରିବା ନିମିତ୍ତ ତା'ର ସାମର୍ଥ୍ୟ ସେତେ ବୃଦ୍ଧି ପାଇବ ।

ସମର୍ପଣର ସାଧନା କେତୋଟି ପର୍ଯ୍ୟାୟ ମଧ୍ୟଦେଇ ଗତି କରିପାରେ । ପ୍ରଥମ ପର୍ଯ୍ୟାୟରେ ସାଧକ ସମଗ୍ର ସତ୍ତା ସହ ଭଗବାନଙ୍କ ଉପରେ ନିଜକୁ ଅନନ୍ୟମୁଖୀ ଓ ଏକାନ୍ତଭାବେ ଅଭିନିବିଷ୍ଟ କରି ରଖେ । ସେ ସକଳ କର୍ମରେ ଓ ସକଳ ପରିସ୍ଥିତିରେ ଭଗବାନଙ୍କ ଉପସ୍ଥିତିକୁ ଅନୁଭବ କରିବାକୁ ଚେଷ୍ଟା କରେ । ଏହା ସହିତ ସେ ନିଜ ଭିତରର ମିଥ୍ୟା ଗତିବୃତ୍ତିଗୁଡ଼ିକୁ ପରିଶୁଦ୍ଧ କରିବାକୁ ପ୍ରଯତ୍ନ କରେ । ଦ୍ୱିତୀୟ ପର୍ଯ୍ୟାୟରେ ତା' ନିଜ ଭିତରେ ଏକ ଜାଗ୍ରତ୍ ନିଷ୍କ୍ରିୟତା (vigilant passivity)ର ସ୍ଥିତି ସୃଷ୍ଟି ହୁଏ । ଅର୍ଥାତ୍ ସେ ବହିର୍ଭାଗରେ କର୍ମକୁଶଳ, ସକ୍ରିୟ

ଓ ଗତିଶୀଳ ହୋଇ ରହେ; ମାତ୍ର ଅନ୍ତର ଭିତରେ ଭାଗବତ ଇଚ୍ଛାକୁ କ୍ରିୟା କରିବାକୁ ବାଟ ଛାଡ଼ି ଦେଇଥାଏ । ଏହି ପର୍ଯ୍ୟାୟରେ ସତ୍ତାର ପ୍ରତ୍ୟେକ ଭାଗର ବିଶୁଦ୍ଧିକରଣ କ୍ରିୟା ମଧ୍ୟ ଚାଲୁ ରହିଥାଏ । ସାଧକ ଏ ବିଷୟରେ ସଚେତନ ରହିଥାଏ ଯେ ଅତିରିକ୍ତ କର୍ମମୁଖରତା ଓ ନିଜର ବ୍ୟକ୍ତିଗତ ଶକ୍ତିସାମର୍ଥ୍ୟ ଓ ପ୍ରଚେଷ୍ଟା ଉପରେ ଅତିରିକ୍ତ ନିର୍ଭରତା ଉଚ୍ଚତର ଶକ୍ତିର କ୍ରିୟାରେ ବାଧା ସୃଷ୍ଟି କରିପାରେ । ତେଣୁ ସେ ଦିବ୍ୟଶକ୍ତି ଉପରେ ଅଧିକରୁ ଅଧିକ ନିର୍ଭର କରିବାକୁ ଶିକ୍ଷା କରେ ଏବଂ ଦିବ୍ୟଶକ୍ତିର କ୍ରିୟାରେ ଆନ୍ତରିକ ଭାବେ ସହଯୋଗ କରେ । ତୃତୀୟ ପର୍ଯ୍ୟାୟରେ ଦେଖାଯାଏ ଯେ ସାଧକର ବ୍ୟକ୍ତିଗତ ପ୍ରଚେଷ୍ଟାର ସ୍ଥାନକୁ ଦିବ୍ୟଶକ୍ତି ଅଧିକାର କରି ନେଇଛି । ସାଧକ ଅନୁଭବ କରେ ଯେ ତା' ମଧ୍ୟଦେଇ ଦିବ୍ୟଶକ୍ତିହିଁ ସମସ୍ତ ଆବଶ୍ୟକୀୟ କାର୍ଯ୍ୟ କରେଇ ନେଉଛନ୍ତି । ତା' ଭିତରେ ଭାଗବତୀ ଶକ୍ତି ଅତି ସ୍ୱାଭାବିକ ଭାବେ ସକ୍ରିୟ ହୋଇ ଉଠୁଛନ୍ତି । ସାଧକ କେବଳ ଭଗବାନ୍ ଓ ଭାଗବତୀ ଶକ୍ତିଙ୍କ ପ୍ରତି ନମନୀୟ, ଅନୁଗତ ଓ ଉନ୍ମୀଳିତ ହୋଇ ରହିଛି । ବେଳେବେଳେ ଏଇ ତିନୋଟି ପର୍ଯ୍ୟାୟ ପରସ୍ପର ସମ୍ବନ୍ଧିତ ଓ ସମନ୍ୱିତ ହୋଇ କାର୍ଯ୍ୟ କରନ୍ତି ।

ସାଧନାର ପ୍ରାରମ୍ଭିକ କାଳରେ ନିଜେ କିଛି ଚେଷ୍ଟା ନକରି ସବୁକିଛି ଭଗବାନଙ୍କ ଉପରେ ଛାଡ଼ିଦେବା ଏବଂ ଏଇ ଆଶା କରିବା ଯେ ସେ ସବୁକିଛି କରିଦେବେ – ଏହା ଆଦୌ ସମୀଚୀନ ନୁହେଁ । ଚୈତ୍ୟସତ୍ତା ସମ୍ମୁଖଭାଗକୁ ନଆସିବା ପର୍ଯ୍ୟନ୍ତ ଭଗବାନଙ୍କ ଉପରେ ସମସ୍ତ ଦାୟିତ୍ୱ ଛାଡ଼ିଦେଇ ନିଶ୍ଚିନ୍ତ ହୋଇ ରହିବା ଦ୍ୱାରା କୌଣସି ସୁଫଳ ମିଳେ ନାହିଁ ବରଂ ଏହା ଜଡ଼ତା ଓ ସ୍ଥାଣୁତା ନେଇ ଆସିପାରେ । ତାମସିକ ନିଶ୍ଚେଷ୍ଟତାକୁ କଦାପି ସମର୍ପଣ ବୋଲି କୁହାଯାଇ ପାରିବ ନାହିଁ । ସ୍ଥୂଳ ପ୍ରକୃତିକୁ ପରିବର୍ତ୍ତନ କରିବାକୁ ସଚେତନଭାବେ ପ୍ରଚେଷ୍ଟା ନକରି ତାକୁ ତାମସିକ ନିଷ୍କ୍ରିୟତା ମଧ୍ୟକୁ ଠେଲି ଦେଲେ ନାନା ଅଦିବ୍ୟ ଶକ୍ତିର ପ୍ରଭାବ ସାଧକକୁ ବିଭ୍ରାନ୍ତ ଓ ପଥଭ୍ରଷ୍ଟ କରିପାରନ୍ତି । ସେଥିପାଇଁ ଶ୍ରୀଅରବିନ୍ଦ 'ସାନନ୍ଦ, ସମର୍ଥ ଓ ସହଯୋଗୀ ଆତ୍ମସମର୍ପଣ'' (a glad and strong and helpful submission) ଉପରେ ଗୁରୁତ୍ୱ ଦେଇଛନ୍ତି । ଯେତେବେଳେ ଜଣେ ବ୍ୟକ୍ତି ତା'ର ବ୍ୟକ୍ତିଗତ ଇଚ୍ଛାଟିକୁ ଭାଗବତ ଇଚ୍ଛା ସହିତ ସମ୍ମିଳିତ କରିଦିଏ ଏବଂ ଯାହାକିଛି ଅଦିବ୍ୟ ତାକୁ ପ୍ରତ୍ୟାଖ୍ୟାନ କରିବା ସହିତ ଯାହାକିଛି ଦିବ୍ୟ ତାକୁ ସମର୍ଥନ କରେ ଓ ଗ୍ରହଣ କରେ ସେତେବେଳେ ତାହାକୁ ସକ୍ରିୟ ସମର୍ପଣ ବୋଲାଯାଏ । ଏହାହିଁ ସାଧନାଦୃଷ୍ଟିରୁ ଫଳପ୍ରଦ ହୁଏ । ଅନ୍ୟ ପକ୍ଷରେ ଆସ୍ପୃହା ଓ ପ୍ରତ୍ୟାଖ୍ୟାନ ଭଳି ବ୍ୟକ୍ତିଗତ ପ୍ରୟାସ ନକରି ଭଗବାନଙ୍କ ଉପରେ ସବୁକିଛି ଛାଡ଼ିଦେଲେ ସାଧକ ନିମ୍ନ ପ୍ରକୃତିର ଅଧୀନ ହୋଇ ଆଧ୍ୟାତ୍ମିକ ସମ୍ଭାବନାରୁ ବଞ୍ଚିତ ହୁଏ । ଏପରି ସମର୍ପଣକୁ ନିଷ୍କ୍ରିୟ ସମର୍ପଣ (passive surrender) ବୋଲି କୁହାଯାଇଛି ।

ସାଧନାରେ ଏପରି ଏକ ଉତ୍ତମ ସ୍ଥିତି ରହିଛି ଯେତେବେଳେ କି ଜଣେ ନିଜ ପାଇଁ ବଞ୍ଚେ ନାହିଁ ବରଂ ତା'ର ସକଳ କର୍ମ, ସକଳ ଆବେଗ ଓ ସକଳ ଗତିବୃତ୍ତିକୁ ଭଗବାନଙ୍କ ପାଖରେ ସମର୍ପଣ କରିଦିଏ; ନିଜକୁ ସମସ୍ତ ଦାୟିତ୍ୱରୁ ମୁକ୍ତ କରି ପୂର୍ଣ୍ଣ ବିଶ୍ୱାସ ଓ ଭରସା ସହ ଭଗବାନଙ୍କ ଆଡ଼କୁହିଁ ଉନ୍ମୁଖ ହୋଇ ରହିଥାଏ – ଏହା ଏକ ଅତ୍ୟନ୍ତ ଆନନ୍ଦମୟ ଅବସ୍ଥା । ଶ୍ରୀମା ଏପରି ଏକ ପରମ ଆଶ୍ୱସ୍ତିକର ଓ ସ୍ୱସ୍ତିଦାୟକ ଅବସ୍ଥାକୁ ବର୍ଣ୍ଣନା କରି କହନ୍ତି – "It is an inexpressible joy not to have any responsibility for oneself, no longer to think of oneself. It is so dull and monotonous and insipid to be thinking of oneself, to be worrying about what to do and what not to do, what will be good for you and what will be bad for you, what to shun and what to pursue – oh, how wearisome it is! But when one lives like this, quite open, like a flower blossoming in the sun before the Supreme Consciousness, the Supreme Wisdom, the Supreme Light, the Supreme Love, which knows all, which can do all, which takes charge of you and you have no more worries – that is the ideal condition."

(MCW, Vol. 3, pp. 256 - 257)

ଅର୍ଥାତ୍, ''ମୋର କୌଣସି କାର୍ଯ୍ୟ ଲାଗି ମୁଁ ନିଜେ ଦାୟୀ ନୁହେଁ ବୋଲି ଅନୁଭବ କରିବା, ନିଜ ବିଷୟରେ ଆଉ କୌଣସି କଥା ନ ଭାବିବା – ଏଥିରୁ ସର୍ବଦା ଏକ ଅନିର୍ବଚନୀୟ ଆନନ୍ଦ ମିଳିଥାଏ । ଜଣେ ବ୍ୟକ୍ତି ଯେତେବେଳେ କେବଳ ନିଜ କଥାହିଁ ଭାବୁଥାଏ, କ'ଣ କରିବା ଉଚିତ ଓ କ'ଣ କରିବା

ଉଚିତ ନୁହେଁ, କ'ଣ କଲେ ଭଲ ହେବ ବା କ'ଣ କଲେ ମନ୍ଦ ହେବ, କ'ଣ ବର୍ଜନ କରିବାକୁ ହେବ ଓ କ'ଣ ଅନୁଧାବନ କରିବାକୁ ହେବ, ଯେତେବେଳେ ସେ ସେହି ବିଷୟରେ ଚିନ୍ତା କରିବାରେ ଲାଗିଥାଏ – ଓଃ, ସେତେବେଳେ ତାହା ପ୍ରକୃତରେ କେଡ଼େ ଶୁଷ୍କ, ନୀରସ ଓ ସ୍ୱାଦହୀନ ବୋଧ ନହୁଏ ! ସେଗୁଡ଼ାକ ସେହି ବ୍ୟକ୍ତିକୁ ପ୍ରକୃତରେ କେଡ଼େ ସନ୍ତାପିତ ଓ ଅବଶ କରି ରଖି ନଥା'ନ୍ତି ! ମାତ୍ର ଯେତେବେଳେ ଜଣେ ଏପରି ବଞ୍ଚୁଥାଏ, ଉନ୍ମୁକ୍ତ ହୋଇ ବଞ୍ଚୁଥାଏ, ସୂର୍ଯ୍ୟଙ୍କ ସମ୍ମୁଖରେ ଗୋଟିଏ ଫୁଲ ଆପଣାକୁ ଉନ୍ମୋଚିତ କରି ଆଣୁଥିବା ପରି ସିଏ ଯେତେବେଳେ ସର୍ବୋଚ୍ଚ ପରମ ଚେତନା, ପରମ ଜ୍ଞାନ, ପରମ ଆଲୋକ ଏବଂ ପରମ ପ୍ରେମ ସମ୍ମୁଖରେ ନିଜକୁ ଉନ୍ମୁକ୍ତ କରି ଦେଇଥାଏ, ଯିଏ ସବୁ ଜାଣନ୍ତି, ସବୁ କରି ପାରନ୍ତି, ଯିଏ ତୁମର ଯାବତୀୟ ଦାୟିତ୍ୱକୁ ବହନ କରନ୍ତି ଏବଂ ତୁମର ଆଉ ଚିନ୍ତା କରିବାର କିଛି ନଥାଏ – ସେତେବେଳେ ତାହାକୁହିଁ ସେହି ଆଦର୍ଶ ଅବସ୍ଥା ବୋଲି କୁହାଯିବ ।''

(ମାତୃରଚନାବଳି, ୩ୟ ଖଣ୍ଡ, ପୃଷ୍ଠା. ୪୦୨)

ତେବେ ଏହି ଆଦର୍ଶ ଅବସ୍ଥାକୁ ପ୍ରାପ୍ତ ହେବା ସହଜ କଥା ନୁହେଁ । ଆମ ପ୍ରକୃତି ଭିତରେ ଅନେକ ପ୍ରତିରୋଧକାରୀ ଉପାଦାନ ରହିଥା'ନ୍ତି, ଯେଉଁଗୁଡ଼ିକ ଆମକୁ ଜିଦ୍‌ଖୋର ଭାବେ ମାଡ଼ି ବସିଥା'ନ୍ତି । ସେଗୁଡ଼ିକ ଆମର ଅଭ୍ୟାସଗତ ଚେତନାର ଧାରାରୁ ଆମକୁ ମୁକୁଳି ଆସିବାକୁ ଦିଅନ୍ତି ନାହିଁ । ସେଗୁଡ଼ିକର କ୍ରିୟାକୁ ପ୍ରଶ୍ରୟ ନଦେଇ ଆମେ ଯଦି ଏକାନ୍ତଭାବେ ଭଗବାନଙ୍କ ପରିଚାଳନା ଓ ଦିଗ୍‌ଦର୍ଶନ ମଧ୍ୟରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ସଂସ୍ଥାପିତ କରି ରଖିପାରିବା, ତାହାହେଲେ ଭଗବାନ୍ ଆମ ଜୀବନ ଓ ସାଧନାର ପୂର୍ଣ୍ଣ ଦାୟିତ୍ୱ ବହନ କରିବେ, ଏଥିରେ ସନ୍ଦେହ ନାହିଁ ।

ଆମର ଆଧ୍ୟାତ୍ମିକ ଅଭୀପ୍ସା ସହିତ ଗୁଡ଼ାଏ ବ୍ୟକ୍ତିଗତ ଇଚ୍ଛା ଓ କାମନାବାସନାକୁ ମିଶାଇ ରଖିଥିଲେ ତାହା ଆମର ସମର୍ପଣକୁ ବ୍ୟର୍ଥ କରିଦେବ । ଧନସମ୍ପତ୍ତି, ପରିବାର, ପଦପଦବୀ, ଯଶଖ୍ୟାତି ଆଦି ପ୍ରତି ପ୍ରାଣିକ ଆସକ୍ତି ରହିଥିଲେ ଆମେ ମୁକ୍ତ ଭାବରେ ନିଜକୁ ଭଗବାନଙ୍କ ପାଖରେ ସମର୍ପଣ କରିପାରିବା ନାହିଁ । ଆମର ଏକମାତ୍ର ଆସ୍ପୃହା ହେବ ଆଧ୍ୟାତ୍ମିକ ସତ୍ୟକୁ ଗ୍ରହଣ କରି ତାକୁ ଅଭିବ୍ୟକ୍ତ କରିବା । ଆମର ସମୁଦାୟ ଭାବନା, ଆବେଗ, କର୍ମ ଓ ଗତିବୃତ୍ତିରେ ଏହି ଆସ୍ପୃହାଟି ସର୍ବପ୍ରଧାନ ପରିଚାଳକ ଓ ପ୍ରେରଣା ହୋଇ ରହିଥିବା ଉଚିତ । ପୂର୍ଣ୍ଣ ସମର୍ପଣକୁ ସଫଳ ଓ ସାର୍ଥକ କରିବା ଅତ୍ୟନ୍ତ ଦୁଷ୍କର, ଏହା ଦୀର୍ଘକାଳାବଧି ନିରବଚ୍ଛିନ୍ନ ପ୍ରୟାସ ଆବଶ୍ୟକ କରେ । ପୂର୍ଣ୍ଣ ସମର୍ପଣର ଅର୍ଥ ହେଉଛି ସତ୍ତାର ପ୍ରତ୍ୟେକ ଅଂଶରେ ଅହଂର ଗଣ୍ଠିକୁ ଛିନ୍ନ କରି ତାକୁ ମୁକ୍ତ ଓ ସମଗ୍ରଭାବେ ଭଗବାନଙ୍କଠାରେ ସମର୍ପଣ କରିଦେବା । ସାଧକର କୌଣସି ସର୍ତ୍ତ ଓ ଦାବି ରହିବ ନାହିଁ, ଫଳପ୍ରାପ୍ତିର କୌଣସି ପ୍ରତ୍ୟାଶା ରହିବ ନାହିଁ । ସେ ନିଜ ସତ୍ତା ଭିତରେ କିଛି ଲୁଚାଇ ରଖିବ ନାହିଁ । କୌଣସି ଜିନିଷ ଭଗବାନଙ୍କୁ ଦେବାରେ ଆଦୌ କୁଣ୍ଠା ପ୍ରକାଶ କରିବ ନାହିଁ । ବ୍ୟକ୍ତିଗତ ସ୍ୱାର୍ଥ ରହିଥିବା ପର୍ଯ୍ୟନ୍ତ ସମର୍ପଣରେ ପୂର୍ଣ୍ଣତା ଆସିବ ନାହିଁ । ଭଗବାନଙ୍କ ପାଖରୁ ଯାହା ବି ଆସିବ ତାକୁ ବିନା ଦ୍ୱିଧା ଓ ଆପତ୍ତିରେ, ଆନନ୍ଦ ସହକାରେ ଗ୍ରହଣ କରିନେବାକୁ ହେବ । ଶ୍ରୀମାଙ୍କ ରଚିତ ''ରାଧାର ପ୍ରାର୍ଥନା'' ପୂର୍ଣ୍ଣ ସମର୍ପଣର ଉତ୍କୃଷ୍ଟତମ ଦୃଷ୍ଟାନ୍ତ । ସେଥିରେ ଶ୍ରୀମା ପ୍ରଭୁଙ୍କ ଉଦ୍ଦେଶ୍ୟରେ କହୁଛନ୍ତି – ''ମୋର ସକଳ ଭାବନା, ସକଳ ଆବେଗ, ମୋ ହୃଦୟର ସକଳ ଅନୁଭୂତି, ମୋର ସକଳ ଅବବୋଧ ଓ ମୋ ଜୀବନର ସକଳ ଗତିଶୀଳତା, ମୋ ଶରୀରର ପ୍ରତ୍ୟେକ କୋଷ ଓ ମୋ ରକ୍ତର ପ୍ରତ୍ୟେକ ବିନ୍ଦୁ,– ଏହି ସବୁକିଛି କେବଳ ତୁମରି । ମୁଁ ସମ୍ପୂର୍ଣ୍ଣ ଏବଂ ଏକକ ଭାବରେ ତୁମରି, ଆଦୌ କୌଣସି ବ୍ୟତିକ୍ରମ ନ ରଖିହିଁ ତୁମରି । ତୁମେ, ମୁଁ ଯାହା ହୁଏ ବୋଲି ଇଚ୍ଛା କରିବ, ମୁଁ ତାହାହିଁ ହେବି । ତୁମେ ମୋ ପାଇଁ ଜୀବନ ବା ମୃତ୍ୟୁ, ସୁଖ ବା ଦୁଃଖ, ଭୋଗ ବା ବେଦନା ଯାହା ବାଛିଦେବ, ତୁମ ପାଖରୁ ମୋ ଲାଗି ଯାହା ଅଭିପ୍ରେତ ହୋଇ ଆସିବ, ତାହାକୁ ମୁଁ ବରଣ କରିନେବି । ତୁମେ ମୋ ଲାଗି ଯାହା କିଛି ପ୍ରଦାନ କରିବ, ତାହା ମୋ ଲାଗି ସର୍ବଦା ଏକ ଦିବ୍ୟ ଦାନ ହୋଇ ରହିବ ଏବଂ ତାହା ସହିତ ସର୍ବୋଚ୍ଚ ଆନନ୍ଦକୁହିଁ ବହନ କରି ଆଣିଥିବ ।''

ପୂର୍ଣ୍ଣଯୋଗରେ ସମର୍ପଣର ଗୁରୁତ୍ୱ ସ୍ପଷ୍ଟ କରିବାକୁ ଯାଇ ଶ୍ରୀଅରବିନ୍ଦ କହନ୍ତି – "The first word of the supramental Yoga is surrender; its last word also is surrender."

(Essays Divine and Human, p. 367)

ଅର୍ଥାତ୍, ''ଅତିମାନସ ଯୋଗର ପ୍ରଥମ ଶବ୍ଦ ହେଉଛି ସମର୍ପଣ, ଏହାର ଶେଷ ଶବ୍ଦଟି ମଧ୍ୟ ସମର୍ପଣ ।'' ଏହି ଯୋଗରେ ସମର୍ପଣକୁ ଜୀବନର ସକଳ କ୍ଷେତ୍ରରେ ଏବଂ ସତ୍ତାର ସକଳ ଭାଗ ଓ ସ୍ତରରେ କାର୍ଯ୍ୟକାରୀ କରିବାକୁ ହୁଏ ।

ଭଗବାନଙ୍କ ପାଖରେ ଓ ଭାଗବତୀ ଶକ୍ତିଙ୍କ ପାଖରେ ଆତ୍ମସମର୍ପଣର ନିଷ୍ପତ୍ତି ନେଲା ପରେ ସେହି ନିଷ୍ପତ୍ତିକୁ ଜୀବନର ସକଳ କ୍ଷେତ୍ରରେ ଅଭିବ୍ୟକ୍ତ ଓ ସଙ୍ଗଠିତ କରିବାକୁ ହୁଏ । ଏହି ଯୋଗ ସାଧନାର ଏପରି କୌଣସି ପର୍ଯ୍ୟାୟ ନାହିଁ ଯେତେବେଳେ କି ସମର୍ପଣର ପରମ ଗୁରୁତ୍ୱ ନଥିବ । ଏହି ଯୋଗର ତତ୍ତ୍ୱ ଦାବି କରେ ଯେ ବାହ୍ୟ ଓ ଆନ୍ତର ଜୀବନକୁ ପୃଥକ୍ କରି ନରଖି ସମନ୍ୱିତ ଓ ସଂଯୋଜିତ କରିବାକୁ ହେବ । ଏକଥାର ତାତ୍ପର୍ଯ୍ୟ ହେଲା କେବଳ ତତ୍ତ୍ୱ, ନୀତି ବା ଆଦର୍ଶରେ ନୁହେଁ, ଜୀବନର ଟିକିନିଖି ପ୍ରତ୍ୟେକ କ୍ଷେତ୍ରରେ ଆତ୍ମଦାନ ଓ ଆତ୍ମୋତ୍ସର୍ଗକୁ କାର୍ଯ୍ୟକାରୀ କରିବାକୁ ପଡ଼ିବ । ଏଥିପାଇଁ ପ୍ରଥମ ସର୍ତ୍ତ ହେଲା ଆମର ଚିନ୍ତା-ଚେତନାର କେନ୍ଦ୍ରରେ ଅହଂ ନୁହେଁ, ପ୍ରକୃତ ଆତ୍ମାହିଁ ରହିଥିବ । ଆମେ ଆଉ ଏକ ବିଭାଜିତ ଓ ଆଂଶିକ ଜୀବନ ବଞ୍ଚି ପାରିବା ନାହିଁ । ସତ୍ତାର ବାହ୍ୟସ୍ତରରେ ଏକ ଅର୍ଥହୀନ ଅସାର ଜୀବନ ବଞ୍ଚିବା ପରିବର୍ତ୍ତେ ଆତ୍ମାର ଆବିଷ୍କାର ଓ ଆତ୍ମାର ଅଭିବ୍ୟକ୍ତି ନିମନ୍ତେ ଉପଯୋଗୀ ଏକ ସାର୍ଥକ ଜୀବନ ବଞ୍ଚିବା ଆମର ଏକାନ୍ତ ଧ୍ୟେୟ ହେବା ଉଚିତ ।

ସାଧାରଣ ଜୀବନର ଅଙ୍କାବଙ୍କା କୁଟିଳ ପଥରେ ଯାତ୍ରା କରିବା ପରିବର୍ତ୍ତେ ଯୋଗ-ପରିଚାଳିତ ଓ ଆତ୍ମା-ଆଧାରିତ କ୍ଷିପ୍ର ବିବର୍ତ୍ତନର ସରଳ ପଥରେ ଯାତ୍ରା କରିବା ନିହାତି ଆବଶ୍ୟକ । ଏଥିପାଇଁ ଆମକୁ ଏକମାତ୍ର ଭଗବାନଙ୍କ ଉପରେ ନିର୍ଭର କରିବାକୁ ହେବ ତଥା ତାଙ୍କ ପ୍ରତିହିଁ ସର୍ବଦା ଅନୁଗତ ହୋଇ ରହିବାକୁ ହେବ । କାମନାବାସନା ଯେମିତି ଆମକୁ ଆଉ କବଳିତ ଓ ଅଧୀନସ୍ଥ କରି ରଖି ନ ପାରିବେ ସେଥିପାଇଁ ସେଗୁଡ଼ିକୁ ସେମାନଙ୍କ ସ୍ୱତ୍ୱାଧିକାରରୁ ବଞ୍ଚିତ କରିବାକୁ ହେବ । ଅହଂ ଓ ବାସନାକୁ ପରିହାର କରି ଆମେ ଯେତେବେଳେ କେବଳ ଭଗବାନଙ୍କୁ ଧ୍ୟେୟ କରି ଜୀବନ ବଞ୍ଚି ଶିଖିବା ସେତେବେଳେହିଁ ଆମ ଜୀବନରେ ଅହେତୁକ ଓ ଅବିମିଶ୍ର ଆନନ୍ଦର ସ୍ରୋତସ୍ୱିନୀ ପ୍ରବାହିତ ହେବାକୁ ଆରମ୍ଭ କରିବ । ଆମର ପ୍ରତ୍ୟେକ କର୍ମ ଭଗବାନଙ୍କ ପ୍ରତି ଉତ୍ସର୍ଗିତ ହେଲେ ତାହା ଆମର ଚେତନାର ଅଭିବୃଦ୍ଧି ସାଧନ କରିବ । ସମର୍ପଣ ସିଦ୍ଧ ହେଲେ ଆମର ପ୍ରତ୍ୟେକ ଦିବସ ହୋଇ ଉଠିବ ଏକ ତୀର୍ଥଯାତ୍ରା, ଏକ ରସାଳ ଆଧ୍ୟାତ୍ମିକ କାହାଣୀ (spiritual romance) । ଆମେ କୌଣସି ବସ୍ତୁକୁ ଆଉ ଯନ୍ତ୍ରବତ୍ କରିବା ନାହିଁ । ପ୍ରତ୍ୟେକ କର୍ମକୁ ଭଗବାନଙ୍କ କର୍ମ ବୋଲି ଭାବି ସଚେତନ ଭାବେ ଆତ୍ମୋତ୍ସର୍ଗର ଭାବନା ସହ ତାହା ସମ୍ପାଦନ କରିବା । ଆମେ ସତତ ଅନୁଭବ କରୁଥିବା ଯେ ଭଗବାନ୍ ଆମ ବିଷୟରେ ଖୁବ୍ ଆଗ୍ରହୀ, ସେ ଆମର 'ଯୋଗକ୍ଷେମ' ବହନ କରୁଛନ୍ତି, ଆମକୁ ତାଙ୍କରି ଇଚ୍ଛାରେ ତାଙ୍କର ନିର୍ଦ୍ଧାରିତ ଲକ୍ଷ୍ୟ ଆଡ଼କୁ କଢ଼ାଇ ନେଉଛନ୍ତି । ଭଗବାନଙ୍କ ସହିତ ଯୁକ୍ତ ହୋଇ ଓ ତାଙ୍କ ପ୍ରତି ସମର୍ପିତ ହୋଇ ଆମେ ଯେଉଁ କର୍ମ କରିବା ତାହାରି ଦ୍ୱାରା ଆମର ପ୍ରକୃତିର ଆବଶ୍ୟକ ପରିବର୍ତ୍ତନ ସଂଘଟିତ ହେବ । ''ଯୋଗଃ କର୍ମସୁ କୌଶଳମ୍'' ନୀତିଟି ସେତେବେଳେ ଆମ ଜୀବନରେ ବାସ୍ତବ ସତ୍ୟରେ ପରିଣତ ହେବ ।

ପରମ ଦିବ୍ୟସତ୍ତା ଜଡ଼ଜଗତ୍ ମଧ୍ୟରେ ନିଜକୁ ସମର୍ପି ଦେଇଛନ୍ତି । ତେଣୁ ଜଡ଼ ବା ମନୁଷ୍ୟ ମଧ୍ୟ ନିଜକୁ ତାଙ୍କଠାରେ ସମର୍ପି ଦେବା ଉଚିତ । ଏହା ଏକ ପାରସ୍ପାରିକ, ଉଭୟପକ୍ଷୀୟ ପ୍ରକ୍ରିୟା । ପୃଥିବୀକୁ ମିଥ୍ୟା, ଅଜ୍ଞାନ, ଦୁଃଖ ଓ ମୃତ୍ୟୁ ଭିତରୁ ଉଦ୍ଧାର କରି ପରମ ସତ୍ୟ, ପରମ ଚେତନା, ପରମ ଆନନ୍ଦ ଓ ଅମରତ୍ୱ ଦିଗରେ ପରିଚାଳିତ କରିନେବା ପାଇଁ ଭଗବାନ୍ କେବେ ବିଭୂତି ରୂପରେ ଓ ଆଉ କେବେ ଅବତାର ରୂପେ ମାନବ ଶରୀର ଧାରଣ କରି ସ୍ୱେଚ୍ଛାରେ ଦୁଃଖକଷ୍ଟ ଓ ମୃତ୍ୟୁବରଣ କରିଛନ୍ତି । ତେଣୁ ମନୁଷ୍ୟର ମଧ୍ୟ କର୍ତ୍ତବ୍ୟ ହେଲା ନିଜକୁ ଭଗବାନଙ୍କ ପାଖରେ ସମ୍ପୂର୍ଣ୍ଣ ଭାବରେ ସମର୍ପଣ କରିଦେବା । ମହାକାବ୍ୟ 'ସାବିତ୍ରୀ'ରେ କୁହାଯାଇଛି –

"A mutual debt binds man to the Supreme."

(Savitri, p. 67)

ଅର୍ଥାତ୍, ''ଭଗବାନ୍ ଓ ମନୁଷ୍ୟ ପରସ୍ପର ଏକ ଋଣ ସୂତ୍ରରେ ବନ୍ଧା ହୋଇଛନ୍ତି ।''

ଅପୂର୍ଣ୍ଣତାର ନାନା ଅନୁଭୂତି ମଧ୍ୟଦେଇ ଭଗବାନ୍ ମନୁଷ୍ୟ ଭିତରେ ବିକଶିତ ହୋଇ ଉଠୁଛନ୍ତି । ମାତ୍ର ମନୁଷ୍ୟ ଭଗବାନଙ୍କୁ ନିଜ ଭିତରେ ମୁକ୍ତଭାବରେ ବିକାଶ ଲାଭ କରିବାକୁ ବାଟ ଛାଡୁ ନାହିଁ । ସେ ଭଗବାନଙ୍କ ଉପରେ ନିଜର ଗୁଡ଼ାଏ ସୀମିତତାକୁ ଲଦି ଦେବାକୁ ଚେଷ୍ଟା କରୁଛି । ଏହି ଅସଙ୍ଗତି ବେଶୀ କାଳ ଚାଲିପାରିବ ନାହିଁ । ମନୁଷ୍ୟ ଭଗବାନଙ୍କୁ ନିଜ ଭିତରେ ପୂର୍ଣ୍ଣ ରୂପେ ଅଭିବ୍ୟକ୍ତ କରିବା ଲାଗି ତାଙ୍କ ପାଖରେ ପୂର୍ଣ୍ଣ ସମର୍ପଣ କରିବାକୁ ବାଧ୍ୟ ହେବ ।

ଭଗବାନ୍ ଓ ମନୁଷ୍ୟର ପୂର୍ଣ୍ଣ ମିଳନ ହେଉଛି ପାର୍ଥିବ ଜୀବନର ଉଦ୍ଦେଶ୍ୟ । ଏହାହିଁ ଦିବ୍ୟଲୀଳା ଯାହା ନିବର୍ତ୍ତନ ଓ ବିବର୍ତ୍ତନର ପ୍ରକ୍ରିୟା ମଧ୍ୟଦେଇ ଯୁଗ ଯୁଗ ଧରି ସଂଘଟିତ ହୋଇ

ଚାଲିଛି । ମନୁଷ୍ୟ ବର୍ତ୍ତମାନ ଇଚ୍ଛା କରୁ ବା ନକରୁ ଦିନେ ତାକୁ ଭଗବାନଙ୍କ ସହିତ ସାଯୁଜ୍ୟ ଲାଭ କରିବାକୁ ହେବ, ଏହା ନିୟତି ନିର୍ଦ୍ଦିଷ୍ଟ ଓ ସୃଷ୍ଟିକ୍ରିୟାର ସ୍ୱାଭାବିକ ନିର୍ଦ୍ଧାରିତ ପରିଣତି । ଭଗବାନଙ୍କୁ ନିଜ ଭିତରେ ଆବିଷ୍କାର କରିବା ତଥା ଅଭିବ୍ୟକ୍ତ କରିବାହିଁ ମନୁଷ୍ୟର ଏକମାତ୍ର ଲକ୍ଷ୍ୟ । ଏହାଛଡ଼ା ତା'ର ଅନ୍ୟଗତି ନାହିଁ । ମନୁଷ୍ୟ ଏ ବିଷୟରେ ସଚେତନ ହେଲେ ସେ ସ୍ୱାଭାବିକ ଭାବେ ଭଗବାନଙ୍କ ପାଖରେ ନିଜକୁ ସମର୍ପଣ କରିବାକୁ ଆଗେଇ ଆସିବ । ଯେତେ ଶୀଘ୍ର ମନୁଷ୍ୟ ସଂଜ୍ଞାନ ହୋଇ ନିଜର ବ୍ୟକ୍ତିଗତ ଇଚ୍ଛା ଓ ବ୍ୟକ୍ତିଗତ ଜୀବନକୁ ଭଗବତ୍ ଇଚ୍ଛା ଓ ଚେତନା ସହିତ ସମ୍ମିଳିତ କରିନେବ, ସେତେ ଶୀଘ୍ର ସେ ପରମ ଆନନ୍ଦର ଅଧିକାରୀ ହେବ । ସୁତରାଂ ଜୀବନର ପରମ ସୂତ୍ର ହେଉଛି ସମର୍ପଣ ।

ଜଣେ ଯେତେବେଳେ ଭଗବାନଙ୍କ ପାଖରେ ନିଜର ସମଗ୍ର ସତ୍ତାକୁ ସମର୍ପଣ କରିବାକୁ ସିଦ୍ଧାନ୍ତ ଗ୍ରହଣ କରିନିଏ, ତାହା ଏକ ବିରାଟ ପଦକ୍ଷେପ ବୋଲି ଜାଣିବାକୁ ହେବ । ସମଗ୍ର ବିଶ୍ୱ-ବ୍ୟବସ୍ଥା ଦୃଷ୍ଟିରୁ ଏହାର ତାତ୍ପର୍ଯ୍ୟ ଅତି ମହାନ୍ । ଏହି ନିଷ୍ପତ୍ତି ପରେ ଜଣେ ବିନା ଦ୍ୱିଧାରେ ଭଗବାନଙ୍କର ଆଜ୍ଞାଧୀନ ହେବାକୁ ପ୍ରସ୍ତୁତ ହୋଇଯାଏ । ଭଗବାନଙ୍କ ଆଦେଶ ପାଳନରେ ସେ ଆଉ କୌଣସି ପ୍ରଶ୍ନ ଉଠାଏ ନାହିଁ କି କୌଣସି ସର୍ତ୍ତ ଆରୋପ କରେ ନାହିଁ । ଭଗବାନଙ୍କ ଛଡ଼ା ଅନ୍ୟ ସମସ୍ତ ପ୍ରଭାବକୁ ସେ ପ୍ରତ୍ୟାଖ୍ୟାନ କରେ । ସେ ଭଗବାନଙ୍କର ଏପରି ଅନୁରକ୍ତ ଓ ଅନୁଗତ ହୋଇଯାଏ ଯେ ତା'ଦ୍ୱାରା ଯଥାର୍ଥ କର୍ମ ଯଥାର୍ଥ ରୂପରେ ସ୍ୱତଃ ସମ୍ପାଦିତ ହୁଏ । ତା'ର ସକଳ ଦାୟିତ୍ୱ ଭଗବାନ୍ ଗ୍ରହଣ କରିଛନ୍ତି ବୋଲି ଭାବି ସେ ସ୍ୱତଃସ୍ଫୂର୍ତ୍ତଭାବେ ସତତ ପ୍ରସନ୍ନ ଓ ପ୍ରଫୁଲ୍ଲିତ ହୋଇ ରହେ । ଭଗବାନଙ୍କ ଉପରେ ତା'ର ବିଶ୍ୱାସ, ଭରସା, ନିର୍ଭରତା ଓ ସମର୍ପଣଭାବ ଯେତେ ବୃଦ୍ଧି ପାଏ, ସେ ନିଜକୁ ସେତେ ସୁରକ୍ଷିତ ଓ କୃପାପ୍ରାପ୍ତ ବୋଲି ଅନୁଭବ କରେ । ଜଣେ ସମର୍ପିତ ସାଧକର ମନୋଭାବ କିପରି ହୋଇଥାଏ ତାହା ବର୍ଣ୍ଣନା କରି ଶ୍ରୀଅରବିନ୍ଦ କହନ୍ତି :

" 'I want the Divine and nothing else.' ... 'I want to give myself entirely to him and since my soul wants that, it cannot be but that I shall meet him and realise him. I ask nothing but that and his action in me to bring me to him, his action secret or open, veiled or manifest. I do not insist on my own time and way; let him do all in his own time and way, I shall believe in him, accept his will, aspire steadily for his light and presence and joy, go through all difficulties and delays relying on him and never giving up. ... All for him and myself for him. Whatever happens, I will keep to this aspiration and self-giving and go on in perfect reliance that it will be done.' "

(CWSA, Vol. 29, p. 70-71)

ଅର୍ଥାତ୍, '' 'ମୁଁ ଭଗବାନଙ୍କୁ ଛାଡ଼ି ଆଉ କିଛି ଚାହେଁ ନାହିଁ ।' ... 'ମୁଁ ସମଗ୍ରଭାବେ ତାଙ୍କଠାରେ ନିଜକୁ ସମର୍ପି ଦେବାକୁ ଚାହେଁ ଏବଂ ଯେହେତୁ ମୋର ଆତ୍ମା ତାହାହିଁ ଚାହେଁ, ମୁଁ ଯେ ତାଙ୍କର ସାକ୍ଷାତ୍ ଲାଭ କରିବି ତଥା ତାଙ୍କୁ ଉପଲବ୍ଧ କରିବି, ଏହା ଅନ୍ୟଥା ହେବ ନାହିଁ । ମୁଁ ତାହାହିଁ ଚାହେଁ, ଅନ୍ୟ କିଛି ନୁହେଁ, ମୁଁ ଚାହେଁ ସେ ମୋତେ ତାଙ୍କ ପାଖକୁ ଘେନି ଆସିବାକୁ, ମୋ ଭିତରେ ସେ କାର୍ଯ୍ୟ କରନ୍ତୁ, ତାଙ୍କର ସେହି କାର୍ଯ୍ୟ ଗୋପନରେ ହେଉ ବା ଉନ୍ମୁକ୍ତ ଭାବେ ହେଉ, ପର୍ଦାର ଅନ୍ତରାଳରେ ହେଉ ଅବା ପ୍ରକାଶ୍ୟରେ ହେଉ, କିନ୍ତୁ ତାହାହିଁ ହେଉ । ମୋର ବାଞ୍ଛିତ ସମୟ ଓ ପ୍ରଣାଳୀ ଅନୁସାରେ ତାହା ହେଉ ବୋଲି ମୁଁ ଜିଦ୍ କରୁ ନାହିଁ; ସେ ତାଙ୍କରି ନିର୍ଦ୍ଧାରିତ ସମୟ ଓ ପ୍ରଣାଳୀ ଅନୁଯାୟୀହିଁ ସବୁକିଛି କରନ୍ତୁ; ମୁଁ ତାଙ୍କ ଉପରେ ବିଶ୍ୱାସ ରଖିବି, ତାଙ୍କରି ଇଚ୍ଛାକୁ ସ୍ୱୀକାର କରିବି, ତାଙ୍କର ଆଲୋକ, ଉପସ୍ଥିତି ଓ ଆନନ୍ଦ ଲାଗି ମୁଁ ଅନବରତ ଆସ୍ପୃହା କରି ଚାଲିବି । ତାଙ୍କ ଉପରେ ଭରସା ରଖି ଏବଂ କେବେ ବି ଆଶା ତ୍ୟାଗ ନକରି ସକଳ ବାଧାବିଘ୍ନ ଓ ବିଳମ୍ବନ ମଧ୍ୟଦେଇ ମୁଁ ଆଗେଇ ଚାଲିବି ... ସବୁକିଛି ତାଙ୍କରି ଉଦ୍ଦେଶ୍ୟରେ ନିବେଦିତ ଏବଂ ମୁଁ ଗୋଟାପଣେ ତାଙ୍କ ନିମନ୍ତେ ଅଭିପ୍ରେତ । ଯାହା ଘଟୁ ପଛେ ମୁଁ ଏହି ଅଭୀପ୍ସା ଓ ଆତ୍ମଦାନକୁ ପୁଞ୍ଜି କରି ଆଗେଇ ଚାଲିବି ଏବଂ ପୂର୍ଣ୍ଣ ଭରସା ରଖିଥିବି ଯେ ତାଙ୍କରି କାର୍ଯ୍ୟହିଁ ସିଦ୍ଧ ହେବ ।' ''

(ଯୋଗପତ୍ରାବଳି)

ସମର୍ପଣର ଏହି ଯଥାର୍ଥ ମନୋଭାବ ଅଦ୍ଭୁତଭାବେ ଫଳପ୍ରଦ ହୋଇଥାଏ । ପୂର୍ଣ୍ଣ ଭରସାଯୁକ୍ତ ଏହି ସମର୍ପଣରେ ରହିଛି ମହାନ୍ ଶକ୍ତି । ଭଗବାନଙ୍କ ଧାରାରେ ପରିଚାଳିତ

ହେବାକୁ ସମ୍ମତ ହୋଇଥିବା ସାଧକ ଯେତେବେଳେ ଯାହା ଜାଣିବା ଆବଶ୍ୟକ ହୋଇଥାଏ, ସେହି ଜ୍ଞାନ ତାକୁ ସ୍ୱତଃ ପ୍ରାପ୍ତ ହୋଇଯାଏ । ସେ ସକଳ ବସ୍ତୁରେ ସର୍ବଦା ଭଗବାନଙ୍କ ଉପସ୍ଥିତିକୁ ଅନୁଭବ କରିଥାଏ । ଫଳରେ ସେ ହୃଦୟଙ୍ଗମ କରେ ଯେ ପ୍ରତିମୁହୂର୍ତ୍ତରେ ଯାହା ହେବା ଉଚିତ ତାହାହିଁ ହେଉଛି । ସୁତରାଂ ତା' ଭିତରୁ ସମସ୍ତ ଭୟ, ଉଦ୍‌ବେଗ, ଅବସାଦ ଓ ସନ୍ତାପ ତିରୋହିତ ହୋଇଯାଏ । ଏକ ପରମ ପ୍ରସନ୍ନତା, ଚରମ ନିର୍ଭରତା ଓ ଅବିଚଳ ପ୍ରଶାନ୍ତି ତା' ଭିତରେ ପ୍ରତିଷ୍ଠିତ ହୋଇଯାଏ । ତା'ର ଆତ୍ମା ଯେଉଁ ସମ୍ଭାବନା ଓ ନିୟତିକୁ ନେଇ ପୃଥିବୀକୁ ଆସିଥାଏ, ଭଗବାନଙ୍କ ସର୍ବଶକ୍ତିମତ୍ତା ସେହି ସମ୍ଭାବନା ଓ ନିୟତିକୁ ମୂର୍ତ୍ତ ରୂପ ପ୍ରଦାନ କରିଥାଏ ।

(କ୍ରମଶଃ) ❑

*''ଏକ ଜଡ଼ ନିଷ୍କ୍ରିୟତାକୁ ଅନେକ ସମୟରେ ଯଥାର୍ଥ ସମର୍ପଣ ବୋଲି ଭୁଲ୍ କରାଯାଇଥାଏ । କିନ୍ତୁ କୌଣସି ଜଡ଼ ନିଷ୍କ୍ରିୟତା ମଧ୍ୟରୁ କୌଣସି ଯଥାର୍ଥ ଶକ୍ତିଶାଳୀ ବସ୍ତୁର ଉଦ୍ଭବ ହୋଇ ନଥାଏ । ଭୌତିକ ପ୍ରକୃତିର ଜଡ଼ ନିଷ୍କ୍ରିୟତାହିଁ ଏହାକୁ ଯାବତୀୟ ଅନ୍ଧକାରମୟ ଓ ଅଦିବ୍ୟ ପ୍ରଭାବର ଶିକାର ହେବା ଲାଗି ଛାଡ଼ି ଦେଇଥାଏ । ଭାଗବତୀ ଶକ୍ତି ଯେଉଁଥିରେ କାର୍ଯ୍ୟ କରିପାରନ୍ତି ସେଥିଲାଗି ଦରକାର ଏକ ସାନନ୍ଦ, ସମର୍ଥ ଓ ସହଯୋଗୀ ଆତ୍ମ-ସମର୍ପଣ, ...''*

('ମା' ପୁସ୍ତକ, ପୃଷ୍ଠା - ୬) — ଶ୍ରୀଅରବିନ୍ଦ

*ପ୍ରଶ୍ନ : ଏକ ସାନନ୍ଦ, ସମର୍ଥ ଓ ସହଯୋଗୀ ସମର୍ପଣର ଅର୍ଥ କ'ଣ ?*

ଶ୍ରୀମା : ତୁମେ ଜାଣ ତ, ଖୁସୀ ହେବା ବା ଆନନ୍ଦ କହିଲେ ପ୍ରକୃତରେ କ'ଣ ବୁଝାଏ ? ଶକ୍ତିଯୁକ୍ତ ବା ସାମର୍ଥ୍ୟବାନ୍ ହେବା କହିଲେ କ'ଣ ବୁଝାଏ, ସେକଥା ତୁମକୁ ଜଣା ଅଛି ତ ? ସହଯୋଗ ବା ସହାୟକ ହୋଇ ଉଠିବାର ଅର୍ଥ କ'ଣ ଜାଣ ତ ? କଥା ହେଉଛି ସମର୍ପଣ, ଅର୍ଥାତ୍ ଭଗବାନଙ୍କ ନିକଟରେ ଆତ୍ମଦାନ ହେବା ଉଚିତ ଖୁସିଭରା, ପ୍ରଫୁଲ୍ଲତାଯୁକ୍ତ ଓ ଆନନ୍ଦମୟ । ଏହି ସମର୍ପଣ ହେବା ଉଚିତ ଶକ୍ତି-ସାମର୍ଥ୍ୟଯୁକ୍ତ, ଦୁର୍ବଳତା ଅଥବା କୌଣସି ପ୍ରକାର ଅସମର୍ଥତା ଦ୍ୱାରା ପ୍ରେରିତ ହୋଇ ନିଜକୁ କାହା ପାଖରେ ନେଇ ସମର୍ପଣ କରିଦେବା ଉଚିତ ନୁହେଁ, ମାତ୍ର ତାହା ହେବା ଉଚିତ ସକ୍ରିୟ ଓ ଶକ୍ତିଶାଳୀ ସଂକଳ୍ପର ସହ । ତା'ପରେ ଏହି ସମର୍ପଣ ଯେପରି ଖାଲି ଆଳସ୍ୟଭରା ହୋଇ ନ ରହେ ! ''ମୁଁ ତ ନିଜକୁ ସମର୍ପଣ କରି ଦେଇଛି, ଆଉ ମୋର ଜୀବନରେ କିଛି କରିବାର ନାହିଁ, ଏଥର ମୋତେ ଖାଲି ସ୍ଥିର ହୋଇ ବସିବାକୁ ହେବ, ସମର୍ପଣ ତ ମୋର ହୋଇଯାଇଛି ।'' ଆହୁରି ମଧ୍ୟ ଏହି ସମର୍ପଣ ହେବା ଉଚିତ ସହାୟକ ବା ସହଯୋଗୀ, ଅର୍ଥାତ୍, ଏହା ହେବା ଉଚିତ ସକ୍ରିୟ,— ସତ୍ତାର ରୂପାନ୍ତର ସାଧନହିଁ ଏହାର କାର୍ଯ୍ୟ ହୋଇ ରହିବା ଉଚିତ ବା କୌଣସି ଉପଯୋଗୀ କାର୍ଯ୍ୟରେ ତାହା ନିଜକୁ ନିଯୁକ୍ତ କରି ରଖିବା ଉଚିତ ।

*''ତୁମର ସମର୍ପଣ ହେବା ଉଚିତ ଏକ ଜୀବନ୍ତ ସତ୍ତାର ସମର୍ପଣ, ଜଡ଼ ସ୍ୱୟଂକ୍ରିୟତା ବା ଯାନ୍ତ୍ରିକ ଉପକରଣର ନୁହେଁ ।''* (ତତ୍ରୈବ, ପୃଷ୍ଠା : ୬)

ଶ୍ରୀମା : ଉଦାହରଣ ସ୍ୱରୂପ, ତୁମେ ନିଜ ହାତରେ ବନ୍ଧା ହୋଇଥିବା ଘଡ଼ିର ସମର୍ପଣ କଥା ଏଠାରେ ଉଲ୍ଲେଖ କରିପାର : ତୁମେ ସେଥିରେ ଚାବି ଦେଇ ଦିଅ ଓ ତାହା ଚାଲେ, କିନ୍ତୁ ଏହାକୁ ଆମେ ଏକ ସଚେତନ ସହଯୋଗର ପ୍ରତ୍ୟୁତ୍ତର ବୋଲି କହିପାରିବା ନାହିଁ ।

('ମା' ବହି ପ୍ରସଙ୍ଗରେ, ପୃଷ୍ଠା : ୩ - ୪) **— ଶ୍ରୀମା**

# ବାସ୍ତବ – ଅବାସ୍ତବ

## ମନୋଜ ଦାସ

### ଜ୍ଞାନ ପର୍ଯ୍ୟାୟ

#### କାରିକା - ୩୮

'Strange ! The Germans have disproved the existence of Christ; yet his crucifixion remains still a greater historic fact than the death of Caesar.'

(Thoughts and Aphorisms)

''ଆଶ୍ଚର୍ଯ୍ୟ ! ଜର୍ମାନ୍‌ମାନେ ଯିଶୁଖ୍ରୀଷ୍ଟଙ୍କ ଅସ୍ତିତ୍ୱ ବେପ୍ରମାଣ କରିଦେଇଛନ୍ତି । କିନ୍ତୁ ତାଙ୍କ କୃଶବିଦ୍ଧାୟନ ସିଜର୍‌ଙ୍କ ମୃତ୍ୟୁ ତୁଳନାରେ ଅଧିକ ଐତିହାସିକ ବ୍ୟାପାର ।''

#### କାରିକା - ୩୯

'Sometimes one is led to think that only those things really matter which have never happened; for beside them most historic achievements seem almost pale and ineffective.'

(Thoughts and Aphorisms)

''ଥରେ ଥରେ ଏମିତି ମନେ ହୋଇପାରେ ଯେ ଯେଉଁସବୁ ଘଟଣା ମୋଟେ ଘଟି ନାହିଁ, ବାସ୍ତବରେ ସେହିସବୁହିଁ ଗୁରୁତ୍ୱପୂର୍ଣ୍ଣ । ସେସବୁ ତୁଳନାରେ ଅନେକ ଐତିହାସିକ କୃତି ମଳିନ ଓ ଅର୍ଥହୀନ ଦିଶେ ।''

*

ମଣିଷ ତା'ର ସୀମିତ ଧ୍ୟାନ-ଧାରଣାରେ ଯାହା ସ୍ଥୂଳ ଜଗତରେ ଘଟୁଛି, ନିଜ ଇନ୍ଦ୍ରିୟ ମାଧ୍ୟମରେ ସିଏ ଯେତିକି ଯାହା ଜାଣିବାକୁ ସକ୍ଷମ, ସେତକ ବ୍ୟାପାରକୁହିଁ ବାସ୍ତବ ବୋଲି ସ୍ୱୀକାର କରେ । ଏ ସୀମାହୀନ ବ୍ରହ୍ମାଣ୍ଡରେ କିନ୍ତୁ ଅସଂଖ୍ୟ ଶକ୍ତି କାର୍ଯ୍ୟରତ; ସେମାନଙ୍କ ପ୍ରଭାବ ସାଧାରଣ ଦୃଷ୍ଟିରେ ଆମେ ବୁଝିବାକୁ ଅକ୍ଷମ । କିନ୍ତୁ ଯାହା ଭିତରେ ସୂକ୍ଷ୍ମ ବୋଧଶକ୍ତିର ବିକାଶ ହୁଏ, ସେସବୁର ଆଭାସ ପାଇପାରେ ।

ଆପାତତଃ ସେ ତତ୍ତ୍ୱ ବି ଦୂରେଇ ରଖାଯାଉ । ସାଧାରଣ ସମାଜ-ବିକାଶ ଓ ମଣିଷର ମାନସିକତା, ଚିନ୍ତାଧାରାକୁ ଯେଉଁସବୁ ବିଶ୍ୱାସ ନିୟନ୍ତ୍ରଣ କରିଛି, ସେସବୁ ବିଶ୍ୱାସର ଉତ୍ସ ଭାବରେ ଆମେ ଯେଉଁସବୁ ବ୍ୟକ୍ତିତ୍ୱଙ୍କୁ ଗ୍ରହଣ କରୁ, ସେମାନଙ୍କ ଜୀବନ ଉପରେ ଇତିହାସ ଅନେକ ସମୟରେ ସ୍ପଷ୍ଟ ଆଲୋକପାତ କରିପାରେ ନାହିଁ । ସେମାନଙ୍କ ତୁଳନାରେ ସମାଜକୁ ବହୁ କମ୍ ମାତ୍ରାରେ ପ୍ରଭାବିତ କରିଥିବା କିଂବା ମୋଟେ ପ୍ରଭାବିତ ନ କରିଥିବା ଅନେକ ବ୍ୟକ୍ତି ସମ୍ପର୍କରେ କିନ୍ତୁ ଆମକୁ ବହୁ ତଥ୍ୟ ଜଣା ଅଛି । ମୋଗଲ ଯୁଗର ଇତିହାସ ପ୍ରତି ଦୃଷ୍ଟି ଦିଆଯାଉ । ବାବର, ଆକବର, ସାହାଜାହାନ୍ ଇତ୍ୟାଦି ବହୁ କାରଣରୁ ସ୍ମରଣୀୟ । କିନ୍ତୁ ମୋଗଲ ବଂଶର ଶେଷ ତେର ଜଣ ତଥାକଥିତ ସମ୍ରାଟ୍ (ତହିଁରୁ କେତେଜଣ ନିଜ ନିଜ ଉତ୍ତରାଧିକାରୀଙ୍କ ଦ୍ୱାରା ନିହତ ହୋଇଛନ୍ତି ।) ନିଜ ନିଜ କୃତିତ୍ୱର କୌଣସି ପ୍ରଭାବ ଛାଡ଼ି ଯାଇ ନାହାନ୍ତି । ତା' ସତ୍ତ୍ୱେ ଆପଣ ଇତିହାସରେ ସେମାନଙ୍କ ସମ୍ପର୍କରେ ଯାବତୀୟ ତଥ୍ୟ ପାଇବେ । ଅଥଚ ମୋଗଲ ଶାସନର ସମସାମୟିକ ମୀରାବାଈଙ୍କ ବିଷୟରେ ଆମେ ଯେତିକି ଜାଣୁ, ତାହା କିଂବଦନ୍ତୀ-ଆଧାରିତ, ତଥ୍ୟ ଦୃଷ୍ଟିରୁ ସେସବୁର ନିର୍ଭୁଲତା ପ୍ରମାଣ କରିହେବ ନାହିଁ ।

ଜନସାଧାରଣଙ୍କ ଉପରେ ଗତ ଶହ ଶହ ବର୍ଷ ଧରି ମୀରାବାଈଙ୍କ ଚେତନାର ପ୍ରଭାବ ଅଧିକ ହୋଇଛି ନା ଉପରୋକ୍ତ ଶାସକମାନଙ୍କ ପ୍ରଭାବ ଅଧିକ ? ଅସଂଖ୍ୟ ନରନାରୀଙ୍କୁ ମୀରାବାଈଙ୍କ ଗୀତମାନ ସାନ୍ତ୍ୱନା ଓ ଦିଗ୍‌ଦର୍ଶନ ଦେଇଛି; ଚେତନାରେ ଅମୃତ ସ୍ପର୍ଶର ଅନୁଭବ ଆଣି ଦେଇଛି । ଏହି ପର୍ଯ୍ୟାୟର ଅମୂଲ୍ୟ ବାସ୍ତବତା ଦୃଷ୍ଟିରୁ କେବଳ ମାତ୍ର ସ୍ଥୂଳ ବାସ୍ତବ ତଥ୍ୟର ମୂଲ୍ୟ ବା କେତେ ?

ଯିଶୁଖ୍ରୀଷ୍ଟଙ୍କ ଆବିର୍ଭାବ ସମ୍ଭବତଃ ଖ୍ରୀଷ୍ଟପୂର୍ବ ପ୍ରଥମ ଦଶନ୍ଧିରେ । ଖ୍ରୀଷ୍ଟପର ୩୦ ମସିହାରେ ତାଙ୍କ ବିଲୟ । (ଖ୍ରୀଷ୍ଟାବ୍ଦର ଗଣନା ତାଙ୍କ ପ୍ରକୃତ ଜନ୍ମ ତାରିଖରୁ ହୋଇ ନାହିଁ ।) ଶ୍ରୀଅରବିନ୍ଦ ଯେଉଁ ସିଜର୍‌ଙ୍କୁ ବୁଝାଉଛନ୍ତି, ସିଏ ଜୁଲିଅସ୍ ସିଜର୍ (ଖ୍ରୀଷ୍ଟପୂର୍ବ ୧୦୧ ରୁ ଖ୍ରୀଷ୍ଟପୂର୍ବ ୪୪) ମହାପ୍ରତାପୀ ସିଜର୍‌ଙ୍କ ମୃତ୍ୟୁର ବେଶ୍ କିଛିବର୍ଷ ପରେ ଯିଶୁଙ୍କୁ କ୍ରୁଶବିଦ୍ଧ କରାଗଲା ।

(ଉଭୟଙ୍କୁ ନିହତ ହେବାକୁ ପଡ଼ିଥିଲା ।) ସେତେବେଳର ରୋମ୍ ସାମ୍ରାଜ୍ୟବ୍ୟାପୀ ସିଜର୍‌ଙ୍କ ନିଧନ ଯେଉଁ ଆଲୋଡ଼ନ ସୃଜି ଥିବ, ତାହା ତୁଳନାରେ ଯିଶୁଙ୍କ ନିଧନର ଆଶୁ ପ୍ରତିକ୍ରିୟା ସାମାନ୍ୟ ହୋଇଥିବା ସ୍ୱାଭାବିକ । କିନ୍ତୁ ଗତ ଦୁଇ ହଜାର ବର୍ଷ ଭିତରେ କେଉଁ ନିଧନର ପ୍ରଭାବ ଇତିହାସରେ ଅଧିକ ? ପ୍ରେମ ଓ ସଂବେଦନର ମହାନ୍ ଅବତାର ଯିଶୁଙ୍କ ନିଧନ ମଣିଷର ଅଜ୍ଞାନତା ଓ ମୂଢ଼ତା ଉପରେ ଏକ ଚିରକାଳୀନ ମନ୍ତବ୍ୟ । ଅସଂଖ୍ୟ ମଣିଷ ଯିଶୁଙ୍କ ଯନ୍ତ୍ରଣା ଓ ଭୟଙ୍କର ମୃତ୍ୟୁର ଦୃଷ୍ଟାନ୍ତକୁ ସ୍ମରଣ କରି ତାଙ୍କ ପରିବେଷିତ ସତ୍ୟ ପ୍ରତି ଆକୃଷ୍ଟ ହୋଇଛନ୍ତି । ସିଜର୍‌ଙ୍କ ନିଧନର ପ୍ରଭାବ ଥିଲା କ୍ଷଣିକ ।

ତେଣୁ, କହିବା ବାହୁଲ୍ୟ, ଇତିହାସ ଦୃଷ୍ଟିରୁ ଯିଶୁଙ୍କ କ୍ରୁଶବିଦ୍ଧାୟନ ସିଜର୍‌ଙ୍କ ନିଧନ ତୁଳନାରେ ବହୁ ଅଧିକ ଶକ୍ତିଶାଳୀ ଏକ ତଥ୍ୟ । କେହି କେହି ଜର୍ମାନ୍ ଗବେଷକ ଯିଶୁ କାଳ୍ପନିକ ଚରିତ୍ର ବୋଲି କହିବାଟାକୁ ଶ୍ରୀଅରବିନ୍ଦ ଆଶ୍ଚର୍ଯ୍ୟ ବୋଲି ଅଭିହିତ କରିବାର ତାତ୍ପର୍ଯ୍ୟ ଅବଶ୍ୟ ସ୍ପଷ୍ଟ । ସେ ଜର୍ମାନ୍ ଗବେଷକମାନେ ଭୁଲ୍ କହୁଛନ୍ତି । କିନ୍ତୁ ଶ୍ରୀଅରବିନ୍ଦ ଖାଲି ତଥ୍ୟଗତ ସତ୍ୟ-ଅସତ୍ୟ ଉପରେ ମନ୍ତବ୍ୟ ଦେଉ ନାହାନ୍ତି । ଯାହା ମାନବ-ଚେତନାରେ ଆଲୋଡ଼ନ ସୃଷ୍ଟି କରିଛି, ବହୁ ଯୁଗ ପରେ ମଧ ଯାହାର ପ୍ରଭାବ ମ୍ଳାନ ହୋଇ ନାହିଁ, ତାହାହିଁ ମହତ୍ତର ତଥ୍ୟ; ସେ ଏହାହିଁ ଦର୍ଶାଉଛନ୍ତି ।

ପ୍ରସଙ୍ଗକ୍ରମେ କୁହାଯାଇପାରେ, ସ୍ଥୂଳ ଜଗତରେ, ଇନ୍ଦ୍ରିୟବୋଧ ସ୍ତରରେ ନ ଘଟୁଥିବା ଘଟଣା ମଧ ପ୍ରଚଣ୍ଡ ପ୍ରଭାବଶାଳୀ ଓ ସ୍ଥାୟୀ ହୋଇପାରେ । ଗୋଟିଏ ଦୃଷ୍ଟାନ୍ତ ପ୍ରତି ଧ୍ୟାନ ଦିଆଯାଉ :

ପିତା ଦକ୍ଷରାଜଙ୍କ ଆପତ୍ତି ସତ୍ତ୍ୱେ ଦେବୀ ସତୀ ଶିବଙ୍କୁ ବିଭା ହୋଇଛନ୍ତି । କିଛିଦିନ ଉତ୍ତାରୁ ଦକ୍ଷ ନିଜ ପ୍ରାସାଦ-ପ୍ରାଙ୍ଗଣରେ ଏକ ଯଜ୍ଞାନୁଷ୍ଠାନ କରିବାକୁ ଯାଉଛନ୍ତି । ସେ କ୍ରୋଧାନ୍ଧ ରାଜା ନିଜର ସମସ୍ତ କନ୍ୟା ଓ ଜାମାତାମାନଙ୍କୁ ସାଦର ନିମନ୍ତ୍ରଣ ଜଣାଇଛନ୍ତି; କିନ୍ତୁ ସତୀ ଓ ଶିବଙ୍କୁ ଅବଜ୍ଞା କରିଛନ୍ତି ।

ତେବେ ଯଜ୍ଞର ସମ୍ବାଦ ପାଇବା ମାତ୍ରେ ସତୀ ପିତୃଗୃହ ଅଭିମୁଖେ ଯାତ୍ରା ପାଇଁ ଉଦ୍‌ଗ୍ରୀବ । ଶିବ ତାଙ୍କୁ ବିନା ନିମନ୍ତ୍ରଣରେ ଯିବା ଅସୁନ୍ଦର ବୋଲି ବୁଝାନ୍ତେ ଏବଂ ଯିବାକୁ ବାରଣ କରନ୍ତେ ସତୀ କହିଛନ୍ତି, ଦିବା ଅଥବା ରଜନୀ, କୌଣସି ସମୟରେ, ଜୀବନର କୌଣସି ପର୍ଯ୍ୟାୟରେ, ପିତୃଗୃହରେ ପ୍ରବେଶ କନ୍ୟା ପାଇଁ ନିଷିଦ୍ଧ ହୋଇ ନପାରେ ! ତାହା ସର୍ବଦା ଅବାରିତ । କନ୍ୟା ପ୍ରତି ନିମନ୍ତ୍ରଣ-ବିଧି ଅପ୍ରାସଙ୍ଗିକ ।

କେବେ, କେଉଁ ସୂକ୍ଷ୍ମ ସ୍ତରରେ ଏ ସଂଳାପ ସମ୍ଭବପର ହୋଇଥିଲା, କେଉଁ ମାଧ୍ୟମରେ ଏହା ଅବନମିତ ହେଲା ଜନସମାଜ ଭିତରକୁ, ତା'ର କୌଣସି ତଥ୍ୟଗତ ବା ସାକ୍ଷ୍ୟ-ସମ୍ବଳିତ ବିବରଣୀ ନାହିଁ । ଅଥଚ ଏହା ଭାରତୀୟ ସାଂସ୍କୃତିକ ଓ ସାମାଜିକ ଜୀବନରେ ଏକ ଅଲିଖିତ ଆଇନ ଭଳି କାମ କରି ଆସୁଥିଲା ବହୁ ଯୁଗ ଧରି । ସେଥିପାଇଁ ଆମ ସଂସ୍କାରରେ ତ୍ୟଜ୍ୟପୁତ୍ର ଭଳି ବିଧି ରହିଛି, ତ୍ୟଜ୍ୟକନ୍ୟା ବୋଲି କିଛି ଅଭିବ୍ୟକ୍ତି ମଧ ନାହିଁ । ସତୀଙ୍କ ଆସ୍ଥା ଓ ବିଶ୍ୱାସ ସମୃଦ୍ଧ ଉଚ୍ଚାରଣୀ ଏକ ଶକ୍ତିଶାଳୀ ପରମ୍ପରାରେ ପରିଣତ ହୋଇଗଲା ।

ଏହା ତ କଦାପି ଆମ ବୁଦ୍ଧିଗ୍ରାହ୍ୟ ସ୍ଥୂଳ ସ୍ଥଳବିଶେଷରେ ଘଟି ନ ଥିଲା ! ତଥାପି ଏହାର ପ୍ରଭାବ ସ୍ଥୂଳ ସ୍ତରରେ ଘଟିତ ଅନେକ ବ୍ୟାପାର ତୁଳନାରେ ପ୍ରଖର ତଥା ମହତ୍ତର ମାନ୍ୟତା ପ୍ରାପ୍ତ ହୋଇ ନାହିଁ କି ?

['ପ୍ରଜ୍ଞା-ପ୍ରଦୀପିକା' ପୁସ୍ତକରୁ ସଂଗୃହୀତ, ପୃଷ୍ଠା : ୮୫ - ୮୭]

❑❑❑

*ପ୍ରଶ୍ନ : କାହିଁକି ଏହି ଅରାଜକ ଅବସ୍ଥା ... ? ସତ୍ୟର ରାଜତ୍ୱ ପାଇଁ ଏହା କ'ଣ ଭଲ ଦିଗରେ ଏକ ପରିବର୍ତ୍ତନର ଲକ୍ଷଣ ?*

ସମଗ୍ର ପୃଥିବୀ ଉପରେ ସତ୍ୟଶକ୍ତିର ଚାପ ଯୋଗୁଁହିଁ ଏହିସବୁ ବିଶୃଙ୍ଖଳା, ବିଭ୍ରାନ୍ତି ଓ ମିଥ୍ୟାଚାର ଚାରିଆଡ଼େ ଉଠି ଆସୁଛି ରୂପାନ୍ତରିତ ହେବାକୁ ଅସ୍ୱୀକାର କରି ।

ସତ୍ୟର ବିଜୟ ପାଇଁ ପଥ ଖୋଲିଯିବା ସୁନିଶ୍ଚିତ, କିନ୍ତୁ ତାହା କେତେବେଳେ ଓ କିଭଳି ଭାବରେ ସଂଘଟିତ ହେବ ତାହା କହିବା କଷ୍ଟକର ।

(୧୪ସେପ୍‌ଟେମ୍ବର, ୧୯୬୬) — ଶ୍ରୀମା

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୫୫)

### ଭାରତ ସ୍ୱାଧୀନତା ହେବାର ସ୍ଥିରୀକୃତ ନିର୍ଦ୍ଦିଷ୍ଟ ଦିବସ :

୧୯୪୭ ମସିହା ସକାଶେ ଶ୍ରୀମା'ଙ୍କର ନବବର୍ଷ ବାଣୀଟି ଥିଲା :

''At the very moment when everything seems to go from bad to worse, it is then that we must make a supreme act of faith and know that the Grace will never fail us.''

(CWM, Vol. 15, p. 169)

ଏହି ନବବର୍ଷ ବାଣୀଟି ଉପରେ ମନ୍ତବ୍ୟ ଦେବାକୁ ଯାଇ ଶ୍ରୀମା ଉଲ୍ଲେଖ କରିଥିଲେ :

''ଏହା ଏକ ପ୍ରାର୍ଥନା ନୁହେଁ, ପ୍ରୋତ୍ସାହନ ମାତ୍ର ।

''ସେହି ପ୍ରୋତ୍ସାହନ ଏବଂ ତା'ର ବ୍ୟାଖ୍ୟା ଏହି ପ୍ରକାର : 'ଯେତେବେଳେ ସବୁକିଛି ଖରାପରୁ ଅଧିକ ଖରାପ ହୋଇଉଠେ, ସେତେବେଳେହିଁ ଆମେ ଆମ ଶ୍ରଦ୍ଧାର ଚରମ ପରିଚୟ ଦେବା ଉଚିତ ଏବଂ ଜାଣିରଖିବା ଉଚିତ ଯେ ଭଗବତ୍ କୃପା ଆମକୁ କଦାପି ନିରାଶ କରିବ ନାହିଁ ।'

''ଉଷାର ପୂର୍ବମୁହୂର୍ତ୍ତ ସର୍ବଦାହିଁ ଗାଢ଼ ଅନ୍ଧକାରାଚ୍ଛନ୍ନ ।

''ସ୍ୱାଧୀନତା ପୂର୍ବର ଦାସତ୍ୱ ସବୁଠାରୁ ଯନ୍ତ୍ରଣାଦାୟକ ।

''କିନ୍ତୁ ଶ୍ରଦ୍ଧାପୂର୍ଣ୍ଣ ହୃଦୟରେ ଆଶାର ଶାଶ୍ୱତ ବହ୍ନି ପ୍ରଜ୍ୱଳିତ ହେଲେ ସେଠାରେ ନୈରାଶ୍ୟର ସ୍ଥାନ ନ ଥାଏ ।''

('ଧ୍ୟାନ ଓ ପ୍ରାର୍ଥନା', ପୃଷ୍ଠା : ୨୩୫)

୧୯୪୭ରେ ୱାଭେଲ୍‌ଙ୍କ ସ୍ଥାନରେ ଲର୍ଡ଼ ମାଉଣ୍ଟବ୍ୟାଟନ୍ ଭାରତର ନୂତନ ଗଭର୍ଣ୍ଣର ଜେନେରାଲ ହୋଇ ଆସିଲେ । ଦେଶରେ ଉତ୍ତରୋତ୍ତର ବୃଦ୍ଧିପାଇ ଚାଲିଥିବା ବିଶୃଙ୍ଖଳ ସମସ୍ୟାର ଉଚିତ ସମାଧାନ କରିବା ସକାଶେ ତାଙ୍କୁ ମୁକ୍ତ ହସ୍ତରେ ସ୍ୱ-ଧାରାରେ କାର୍ଯ୍ୟ ସମ୍ପାଦନ କରିବାର ସ୍ୱାଧୀନତା ଦିଆଯାଇଥିଲା । ପୁନଶ୍ଚ ତାଙ୍କୁ ମଧ୍ୟ ଉଚ୍ଚସ୍ତରୀୟ ବୈଧାନିକ ଆଦେଶ ଦିଆଯାଇଥିଲା ଯେ ବ୍ରିଟିଶ ଅଧୀନରୁ ଭାରତୀୟ ନେତୃବୃନ୍ଦଙ୍କୁ ଶାସନ କ୍ଷମତା ହସ୍ତାନ୍ତରିତ କରିବାରେ ଦୃଢ଼ ଓ ନିଶ୍ଚିତ ଯୋଜନାମାନ ପ୍ରସ୍ତୁତ କରିବେ । ... କିନ୍ତୁ ଯାହାହେଲେ ବି ମାଉଣ୍ଟବ୍ୟାଟନ୍‌ଙ୍କର ଆଗମନ ହେବା ସଙ୍ଗେ ସଙ୍ଗେ ପଞ୍ଜାବରେ ନୂତନ କରି ସାମ୍ପ୍ରଦାୟିକ ହଙ୍ଗାମାର ସୂତ୍ରପାତ ହୋଇଥିଲା ଏବଂ ସର୍ବତ୍ର ବିଧ୍ୱଂସୀ ତଥା ନୈରାଶ୍ୟର ଆବହାଓଆ ବିରାଜି ଥିଲା ।

ଉପରୋକ୍ତ ପରିସ୍ଥିତିରେ ବ୍ୟତିବ୍ୟସ୍ତ ହୋଇ ଜନୈକ ଭକ୍ତ ଶ୍ରୀଅରବିନ୍ଦଙ୍କର କୃପାଭିକ୍ଷା କରିଥିଲେ । ଶ୍ରୀଅରବିନ୍ଦ ୯, ଏପ୍ରିଲ ୧୯୪୭ରେ ତାଙ୍କୁ ନିମ୍ନୋକ୍ତ ପତ୍ରଟି ଲେଖିଥିଲେ :

'' 'ଜାଗତିକ ନିଶ୍ଚେତନା'(Inconscient)ର ପ୍ରସ୍ତର ଶଯ୍ୟା ଉପରେ ଯୋଗର ଅବତରଣ ଯୋଗୁଁ ତୁମ ପ୍ରତିବନ୍ଧକଗୁଡ଼ିକର ଚରମ ପ୍ରବଳତା ଆସୁଛି । ସେହି ନିଶ୍ଚେତନାହିଁ ହେଲା ପରମ ବିଜୟ ଦିଗରେ ଆଗେଇ ନେଉଥିବା 'ପରମାତ୍ମା ଓ ଜାଗତିକ ଭଗବତ୍ କର୍ମ' (the Spirit and the Divine Work)ର ବିଜୟ ପାଇଁ ମନୁଷ୍ୟ ମଧ୍ୟରେ ଓ ଜଗତ୍ ମଧ୍ୟରେ ଥିବା ସମସ୍ତ ବାଧାର ମୌଳିକ ଭିତ୍ତି । ଉକ୍ତ ବାଧାବିଘ୍ନଗୁଡ଼ିକ ଆଶ୍ରମ ତଥା ବାହ୍ୟ ଜଗତରେ ମଧ୍ୟ ଅତି ସାଧାରଣ । ସନ୍ଦେହ, ନିରୁତ୍ସାହ, ବିଶ୍ୱାସର ହ୍ରାସ ବା ବିଲୋପ, ଆଦର୍ଶ ପାଇଁ ପ୍ରାଣିକ ଉତ୍ସାହର ଅବସନ୍ନତା, ଭବିଷ୍ୟତ୍ ଆଶା ପାଇଁ ନୈରାଶ୍ୟ ଓ ବିମୂଢ଼ତା – ଏହିଗୁଡ଼ିକ ହେଲା ବାଧାବିଘ୍ନର ସାଧାରଣ ରୂପ । ବାହ୍ୟ ଜଗତରେ ଆହୁରି ଅଧିକ ଖରାପ ଲକ୍ଷଣ ଦେଖାଯାଉଛି, ଯଥା – ସର୍ବତ୍ର ନୈରାଶ୍ୟର ପ୍ରାବଲ୍ୟ, ସକଳ ବିଷୟରେ ଅବିଶ୍ୱାସ, ସାଧୁତାର ହ୍ରାସ, ପ୍ରବଳ ଭ୍ରଷ୍ଟାଚାର, ଉଚ୍ଚତର ବିଷୟ ପରିବର୍ତ୍ତେ ମୁଖ୍ୟତଃ ଖାଦ୍ୟ, ଧନ, ସୁଖ-ସ୍ୱାଚ୍ଛନ୍ଦ୍ୟ, ଭୋଗ-ବିଳାସ ଇତ୍ୟାଦିରେ ବ୍ୟସ୍ତ ରହିବା । ଏବଂ ଏହା ସହିତ ଦେଖା ଦେଇଛି ପୃଥିବୀ ପାଇଁ ଅଧିକରୁ ଅଧିକ ଖରାପ ବିଷୟ ଘଟିବାର ସାଧାରଣ ଆଶଙ୍କା । ଅବଶ୍ୟ ସେହିସବୁ ସମସ୍ୟା ଯେତେ ପ୍ରବଳ ହେଲେ ମଧ୍ୟ କ୍ଷଣସ୍ଥାୟୀ, କାରଣ ଯେଉଁମାନେ ଜାଗତିକ ଶକ୍ତିର କାର୍ଯ୍ୟ ଓ ପରମାତ୍ମାଙ୍କର କାର୍ଯ୍ୟ ବିଷୟରେ ଅବଗତ ଥିବେ ସେମାନେ ସେଥିପାଇଁ

ପ୍ରସ୍ତୁତ । ମୁଁ ନିଜେ ବହୁ ପୂର୍ବରୁ ଦେଖିପାରିଥିଲି ଯେ ଏପରି ନିହାତି ଶୋଚନୀୟ ଅବସ୍ଥା ଆସିବ ଯାହାକି ଉଷା ପୂର୍ବର ଅନ୍ଧକାର । ସେଥିପାଇଁ ମୁଁ ହତୋତ୍ସାହ ହୋଇ ନାହିଁ । ଅନ୍ଧକାରର ଅନ୍ତରାଳରେ କ'ଣ ପ୍ରସ୍ତୁତ ହେଉଛି ତାହା ମୁଁ ଜାଣେ ଏବଂ ତାହାର ଆଗମନର ପୂର୍ବ ଲକ୍ଷଣସବୁକୁ ମୁଁ ଦେଖିପାରୁଛି ଓ ଅନୁଭବ କରିପାରୁଛି । ଯେଉଁମାନେ ଭଗବାନଙ୍କୁ ପାଇବାକୁ ଚାହାନ୍ତି ସେମାନଙ୍କୁ ଦୃଢ଼ ହୋଇ ରହିବାକୁ ହେବ ଓ ଅନ୍ୱେଷଣରେ ନିରନ୍ତର ଲାଗି ରହିବାକୁ ହେବ । କିଛି ସମୟ ପରେ ଅନ୍ଧକାର କ୍ରମେ ହ୍ରାସପ୍ରାପ୍ତ ହୋଇ ଅଦୃଶ୍ୟ ହୋଇଯିବ ଏବଂ ଦିବ୍ୟ ଆଲୋକର ପ୍ରକାଶ ହେବ ।''

(SABCL, Vol. 26, pp. 169-170)

*

୨ ଜୁନ୍, ୧୯୪୭ରେ ଲର୍ଡ଼ ମାଉଣ୍ଟବ୍ୟାଟନ୍ ବେତାର ବାର୍ତ୍ତାରେ ଘୋଷଣା କଲେ ଯେ ଭାରତରୁ ପାକିସ୍ତାନର ବିଭାଜନ ହେବ ଏବଂ ଭାରତର ଅନ୍ୟ କେତୋଟି ଅଂଶ ହିନ୍ଦୁ ଓ ମୁସଲମାନ ପ୍ରଦେଶ ରୂପେ ଗଣ୍ୟ ହେବ । ଏହି ବେତାର ବାର୍ତ୍ତା ଶ୍ରବଣ ପରେ ଶ୍ରୀମା (ଶ୍ରୀଅରବିନ୍ଦଙ୍କର ପୂର୍ଣ୍ଣ ସମ୍ମତି ସହ) ନିମ୍ନୋକ୍ତ ବିବୃତ୍ତି ପ୍ରକାଶ କଲେ । – ଏହାର ଅନୁବାଦ ଏହିପରି :

''ଭାରତୀୟ ସ୍ୱାଧୀନତାର ବ୍ୟବସ୍ଥା କରିବାରେ ଆମକୁ ସମ୍ମୁଖୀନ ହେବାକୁ ପଡୁଥିବା ଅସୁବିଧାଗୁଡ଼ିକର ସମାଧାନ ଲାଗି ଏକ ପ୍ରସ୍ତାବ ଉପସ୍ଥାପନ କରାଯାଇଛି ଏବଂ ଭାରତବର୍ଷର ନେତାମାନେ ଯେତେ ଯାହା ଅନୁଶୋଚନା ଏବଂ ହୃଦୟ-ସମୀକ୍ଷାର ତିକ୍ତତା ସହ ମଧ୍ୟ ତାହାକୁ ଗ୍ରହଣ କରିବାକୁ ଯାଉଛନ୍ତି ।

''ମାତ୍ର ଆମ ଆଗରେ କାହିଁକି ଏପରି ଏକ ପ୍ରସ୍ତାବକୁ ଆଣି ବାଢ଼ି ଦିଆଯାଇଛି, ତୁମେ ସେକଥା ଜାଣିଛ କି ? ଆମ ଆଗରେ ଆମେ କରୁଥିବା କଳହଗୁଡ଼ିକର ନିରର୍ଥକତାକୁ ପ୍ରମାଣ କରିଦେବାକୁହିଁ ଆମ ଆଗରେ ସେହି ପ୍ରସ୍ତାବଟିକୁ ରଖାଯାଇଛି ।

''ଆମକୁ ଏହି ପ୍ରସ୍ତାବଗୁଡ଼ିକୁ କାହିଁକି ଗ୍ରହଣ କରିନେବାକୁ ପଡୁଛି, ତୁମେ ସେକଥା ଜାଣ କି ? ଆମର ଏହି ଯାବତୀୟ କଳହ ଯେ ପ୍ରକୃତରେ କେଡ଼େ ନିରର୍ଥକ, ନିଜ ସକାଶେ ଆମେ ଯେପରି ତାହାରି ପ୍ରମାଣ ପାଇଯିବୁ, ସେହି ସକାଶେ ଏହି ପ୍ରସ୍ତାବଟିକୁ ଆଣି ରଖାଯାଇଛି ।

''ଏଥିରେ କୌଣସି ସନ୍ଦେହ ନାହିଁ ଯେ ଏହା ଆଦୌ କୌଣସି ସମାଧାନ ନୁହେଁ, ଏହା ହେଉଛି ଏକ ପରୀକ୍ଷା, ଏକ ଅଗ୍ନିପରୀକ୍ଷା, ଯାହାକି, ଯଦି ଆମେ ସକଳ ଆନ୍ତରିକତା ସହିତ ଏଥିରେ ଉତ୍ତୀର୍ଣ୍ଣ ହୋଇଯାଇ ପାରିବା, ଏହା ଆମ ଲାଗି ପ୍ରମାଣିତ କରିଦେଇ ଯିବ ଯେ ଗୋଟିଏ ଦେଶକୁ ସାନ ସାନ ଖଣ୍ଡରେ ବିଭକ୍ତ କରି ଆମେ ତାହାର ଏକତା ଏବଂ ମହାନତାକୁ ସମ୍ଭବ କରି ପାରିବା ନାହିଁ; ପରସ୍ପର ବିରୋଧରେ ଯାବତୀୟ ସ୍ୱାର୍ଥର ସଂଘାତ ଘଟାଇ ଆମେ କଦାପି ଏହାର ସମୃଦ୍ଧିକୁ ସମ୍ଭବ କରି ପାରିବା ନାହିଁ, ଗୋଟିଏ ମତାନ୍ଧତାକୁ ଆଉ ଗୋଟିଏ ମତାନ୍ଧତାର ବିରୋଧୀ ରୂପେ ଛିଡ଼ା କରାଇ ଆମେ କଦାପି ପରମ ସତ୍ୟର ସେବା କରି ପାରିବା ନାହିଁ । ଯାହା କିଛି ଘଟୁ ପଛକେ, ଭାରତବର୍ଷର କେବଳ ଗୋଟିଏ ଆତ୍ମା ରହିଛି ଏବଂ ଏକ ଅଖଣ୍ଡ ଅବିଭାଜ୍ୟ ଭାରତର କଥା କହି ପାରିବା ପର୍ଯ୍ୟନ୍ତ ଅପେକ୍ଷା କରି ରହିବାର ଏହି ମଧ୍ୟବର୍ତ୍ତୀ କାଳରେ ଆମ ସମସ୍ତଙ୍କର ଘୋଷଣା ଏହାହିଁ ହୋଇ ରହିବା ଉଚିତ :

''ଭାରତବର୍ଷର ଆତ୍ମା ଅମର ହୋଇ ରହିଥାଉ !''

*(୩ ଜୁନ୍, ୧୯୪୭)*

''ଭାରତବର୍ଷର ଆତ୍ମା ଏକ ଏବଂ ଅବିଭାଜ୍ୟ । ଜଗତରେ ଭାରତବର୍ଷକୁ ଯେଉଁ ମହାନ୍ କର୍ମ କରିବାକୁ ରହିଛି, ଭାରତବର୍ଷ ସେହି ବିଷୟରେ ସର୍ବଦା ସଚେତନ । ସିଏ ଅଭିବ୍ୟକ୍ତିର ବାହ୍ୟ ସାଧନଗୁଡ଼ିକ ଲାଗି ଅପେକ୍ଷା କରି ରହିଛି ।''

*(୬ ଜୁନ୍, ୧୯୪୭)*

*(ମାତୃରଚନାବଳି - ୧୩, ପୃ. ୪୩୩ - ୪୩୪)*

*

୧୫ ଅଗଷ୍ଟ, ୧୯୪୭ର ମଧ୍ୟରାତ୍ରରେ ଭାରତ ସ୍ୱାଧୀନ ହେଲା । ଭାଇସ୍‌ରୟ ଲର୍ଡ଼ ମାଉଣ୍ଟବ୍ୟାଟନ୍ ଏହି ନିର୍ଦ୍ଦିଷ୍ଟ ତାରିଖଟିକୁ ନିର୍ବାଚନ କରିବାରେ ପ୍ରଧାନ ମାଧ୍ୟମ ହିସାବରେ ଇତିହାସରେ ସୁବିଦିତ । ଏହିପରି ଭାବରେ ତାଙ୍କରି ପ୍ରଚେଷ୍ଟାରେହିଁ ପର୍ଯ୍ୟାୟକ୍ରମେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସୁଦୂର-ପ୍ରସାରୀ ସିଦ୍ଧାନ୍ତସବୁ ବିପଦସଙ୍କୁଳ ପରିସ୍ଥିତିରେ ତୁରନ୍ତ କାର୍ଯ୍ୟକାରୀ ହୋଇ ଉଠିଥିଲା ।

ଲେରୀ କୋଲିନ୍‌ସ୍ ଏବଂ ଦୋମିନିକ୍ ଲାପିୟେର୍‌ଙ୍କର ଗ୍ରନ୍ଥ 'Freedom at Midnight'ରେ ନିମ୍ନୋକ୍ତ ଭାବରେ ବର୍ଣ୍ଣିତ ହୋଇଛି । ଏହାର ମର୍ମାନୁବାଦ ଏହିପରି :

''ଭାରତର ବିଭାଜନ ଲର୍ଡ଼ ମାଉଣ୍ଟବ୍ୟାଟନ୍‌ଙ୍କ ଦ୍ୱାରା ସ୍ଥିର ନିଷ୍ପତ୍ତି ନିଆଯାଇଥିଲା ଏବଂ ଭାରତୀୟ ନେତୃବୃନ୍ଦ ଏହାକୁ ସ୍ୱୀକାର କରିନେଇଥିଲେ । ବର୍ତ୍ତମାନ ଯେଉଁ ନିର୍ଦ୍ଦିଷ୍ଟ ବିଷୟଟି

ଉପରେ ସ୍ଥିର ନିଷ୍ପତ୍ତି ନିଆଯିବାର ଥିଲା, ସେଇଟି ହେଲା 'ଶାସନ କ୍ଷମତାର ହସ୍ତାନ୍ତର' ('Transfer of Power') – କେଉଁ ତାରିଖରେ ଏହା ସମ୍ପନ୍ନ କରାଯିବ । ମାଉଣ୍ଟବ୍ୟାଟନ୍ ଏକ 'ସାମ୍ବାଦିକ ସମ୍ମିଳନ' ('Press Conference')ର ଆୟୋଜନ କଲେ । ବିଭିନ୍ନ ଦେଶରୁ ତିନି ଶହ ସାମ୍ବାଦିକ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ । ମାଉଣ୍ଟବ୍ୟାଟନ୍ ଯେତେବେଳେ ତାଙ୍କର ଭାଷଣ ସମାପ୍ତ କଲେ, ସେତେବେଳେ ସମ୍ମିଳନୀ ଗୃହଟିରେ ଉପସ୍ଥିତ ସୁଧୀବୃନ୍ଦ ସମବେତ କରତାଳି ଦ୍ୱାରା ଉଚ୍ଚ ପ୍ରଶଂସା ପ୍ରଦର୍ଶନ କରିଥିଲେ । ...

''ହଠାତ୍ ... ଜଣେ ଅଜ୍ଞାତ ଭାରତୀୟ ସାମ୍ବାଦିକଙ୍କର କଣ୍ଠସ୍ୱର ସଭାଗୃହଟିରେ ଧ୍ୱନିତ ହୋଇଉଠିଲା । ତାଙ୍କର ପ୍ରଶ୍ନଟି ଥିଲା ଅନୁଷ୍ଠିତ ସମ୍ମିଳନର ଅନ୍ତିମ ପ୍ରଶ୍ନ ଯାହାକି ଉତ୍ତର ଅପେକ୍ଷାରେ ଥିଲା ।

''ପ୍ରଶ୍ନକର୍ତ୍ତା କହିଲେ, 'ମାନ୍ୟବର, ଯଦି ସମସ୍ତେ ମୋ ସହିତ ଏକମତ ଯେ ଆଜି ଏବଂ 'ଶାସନ କ୍ଷମତାର ହସ୍ତାନ୍ତର' ହେବା ମଧ୍ୟରେ ତୁରନ୍ତ ଏବଂ ଏକ ଜରୁରୀ ସିଦ୍ଧାନ୍ତର ଆବଶ୍ୟକତା ରହିଛି, ତେବେ ମାନ୍ୟବରଙ୍କ ମନରେ ନିଶ୍ଚିତ ରୂପେ ଏକ ନିର୍ଦ୍ଦିଷ୍ଟ ତାରିଖଟି ନିର୍ଦ୍ଧାରିତ ହୋଇ ରହିଥିବ ?'

''ମାଉଣ୍ଟବ୍ୟାଟନ୍ ଉତ୍ତର ଦେଲେ 'ହଁ, ପ୍ରକୃତରେ ରହିଛି ।' ''

'' ପ୍ରଶ୍ନକର୍ତ୍ତା ଗୁରୁତ୍ୱର ସହ କହିଲେ, 'ମାନ୍ୟବର, ଯଦି ଆପଣ ଏକ ତାରିଖ ଠିକ୍ କରିଛନ୍ତି, ତେବେ ସେହି ତାରିଖଟି କ'ଣ ?' ''

''ପ୍ରଶ୍ନକର୍ତ୍ତାଙ୍କର ପ୍ରଶ୍ନଟି ଭାଇସ୍‌ରୟଙ୍କର କର୍ଣ୍ଣଗୋଚର ହେବା ମାତ୍ରେହିଁ ନିର୍ଦ୍ଦିଷ୍ଟ ତାରିଖ ନିରୂପଣ କରିବାର ବିବେଚନା ଦ୍ରୁତ ଭାବରେ ତାଙ୍କର ଚିନ୍ତାଧାରାରେ ଘୂର୍ଣ୍ଣିତ ହେବାକୁ ଲାଗିଲା । କାରଣ, ପ୍ରକୃତରେ କହିବାକୁ ଗଲେ ସେ କୌଣସି ନିର୍ଦ୍ଦିଷ୍ଟ ତାରିଖ ସମ୍ବନ୍ଧେ ନିଷ୍ପତ୍ତି ନେଇ ନଥିଲେ । କିନ୍ତୁ ସେ ଏ ବିଷୟରେ ଦୃଢ଼ନିଶ୍ଚିତ ଥିଲେ ଯେ ଏହା ଖୁବ୍ ଶୀଘ୍ର ଘଟିବ । ...

''ଏକେବାରେ ଭରପୂର ଥିବା ସମ୍ମିଳନୀ ହଲ୍‌ଟି ଉପରେ ସେ ସ୍ଥିର ଦୃଷ୍ଟିରେ ଆଖି ବୁଲାଇ ଆଣିଲେ । ହଲ୍‌ରେ ଉପସ୍ଥିତ ପ୍ରତ୍ୟେକଟି ବ୍ୟକ୍ତି ତାଙ୍କୁହିଁ ଅନାଇ ଥିଲେ । ...

''ସେ କହିଲେ, 'ହଁ, ଶାସନ କ୍ଷମତାର ହସ୍ତାନ୍ତର ନିମିତ୍ତ ମୁଁ ଏକ ତାରିଖ ନିର୍ବାଚନ କରି ରଖିଛି ।'

''ସେ ଉପରୋକ୍ତ ବାକ୍ୟ ଉଚ୍ଚାରଣ କରିବା ମୁହୂର୍ତ୍ତରେ ସମ୍ଭାବ୍ୟ ତାରିଖସବୁ ଜୁଆଖେଳରେ ଘୂର୍ଣ୍ଣାୟମାନ ଚକତି ସଦୃଶ ଦ୍ରୁତ ବେଗରେ ଘୂରି ବୁଲୁଥିଲେ । ... ହଠାତ୍ ସ୍ତମ୍ଭୀଭୂତ କରି ତାଙ୍କର ସେହି ଘୂର୍ଣ୍ଣାୟମାନ ଚିନ୍ତାଧାରା ସ୍ଥିର ହୋଇଗଲା । ... ମାଉଣ୍ଟବ୍ୟାଟନ୍‌ଙ୍କର ସିଦ୍ଧାନ୍ତ ଥିଲା ତାତ୍କାଳିକ । ତାଙ୍କର ଉପସ୍ଥିତିରେ ସର୍ବୋତ୍ତମ ବିଜୟ ମୁହୂର୍ତ୍ତଟିର ସ୍ମରଣ ସହିତ ଏହି ଦିବସଟି ସମ୍ପର୍କିତ ଥିଲା; ଯେଉଁଦିନ ଜାପାନୀ ସମ୍ରାଟଙ୍କର ସର୍ତ୍ତବିହୀନ ଆତ୍ମ-ସମର୍ପଣ ଫଳରେ ବର୍ମାର ଜଙ୍ଗଲଗୁଡ଼ିକରେ ତାଙ୍କର ସୁଦୀର୍ଘ ସୈନ୍ୟବାହିନୀର ପ୍ରବଳ ଯୁଦ୍ଧର ଅବସାନ ଘଟିଥିଲା । ...

''ବର୍ମାର ବିସ୍ତୃତ ଜଙ୍ଗଲରେ ସେହି ବିଜେତା ଯିଏକି ଖୁବ୍ ଶୀଘ୍ର ଭାରତର ମୁକ୍ତିଦାତା ସାଜିବାକୁ ଯାଉଛନ୍ତି, ହଠାତ୍ ଭାବପ୍ରବଣତାରେ ତାଙ୍କର କଣ୍ଠରୁଦ୍ଧ ହୋଇଗଲା ଏବଂ ସେ ଘୋଷଣା କଲେ : 'ଭାରତୀୟଙ୍କ ହାତକୁ ଶାସନ କ୍ଷମତାର ଚୂଡ଼ାନ୍ତ ହସ୍ତାନ୍ତର ହେବ ଅଗଷ୍ଟ ୧୫, ୧୯୪୭ ।'

''ଲୁଇ ମାଉଣ୍ଟବ୍ୟାଟନ୍‌ଙ୍କର ସ୍ୱତଃସ୍ଫୂର୍ତ୍ତ ସିଦ୍ଧାନ୍ତଟି ଥିଲା ... ନିଜ ଦ୍ୱାରା ସୃଷ୍ଟ ଏକ ଚମକପ୍ରଦ ଘଟଣା । ବ୍ରିଟେନ୍‌ର ଡାଉନିଂ ଷ୍ଟ୍ରିଟ୍‌ରେ ବକିଂହାମ ପ୍ରାସାଦର 'ହାଉସ୍ ଅଫ୍ କମନ୍‌ସ୍'ର କୌଣସି ସାଂସଦ କଳ୍ପନା ମଧ୍ୟ କରି ନଥିଲେ ଯେ ଭାରତୀୟ ସମସ୍ୟାର ପରଦା ପତନ ପାଇଁ ବ୍ରିଟେନ୍ ପକ୍ଷରୁ ମାଉଣ୍ଟବ୍ୟାଟନ୍ ଦୁଃସାହସିକ କ୍ଷିପ୍ରତା ସହ ଏମିତି ଏକ ପଦକ୍ଷେପ ନେବାକୁ ପ୍ରସ୍ତୁତ ଥିଲେ ବୋଲି । ଦିଲ୍ଲୀରେ ଭାଇସ୍‌ରୟଙ୍କର ଅନ୍ତରଙ୍ଗ ସହକର୍ମୀବୃନ୍ଦ ମଧ୍ୟ ମାଉଣ୍ଟବ୍ୟାଟନ୍ କ'ଣ କରିବାକୁ ଯାଉଛନ୍ତି ତା'ର ସୂଚନା ପାଇପାରି ନଥିଲେ । ଏପରିକି ଭାରତୀୟ ନେତୃବୃନ୍ଦ ଯେଉଁମାନେ କି ତାଙ୍କ ସହିତ ଘଣ୍ଟା ଘଣ୍ଟା ଆଲୋଚନାରେ ବିତାଇଥିଲେ ସେମାନେ ବି ତାଙ୍କର ଏପରି ନିଷ୍ପତ୍ତିମୂଳକ କ୍ଷିପ୍ର ପଦକ୍ଷେପ ନେବାର କୌଣସି ଆଭାସ ପାଇ ପାରି ନଥିଲେ ।''

(Nirodbaran : 'Twelve Years with Sri Aurobindo', p. 154-156 ଦ୍ରଷ୍ଟବ୍ୟ)

କରାଚିରେ ମାଉଣ୍ଟବ୍ୟାଟନ୍ ଅଗଷ୍ଟ ୧୪, ୧୯୪୭ର ରାତ୍ରି ୧୧ : ୩୦ରେ ପାକିସ୍ତାନ ସ୍ୱାଧୀନ ହେଲା ବୋଲି ଘୋଷଣା କଲେ ଏବଂ ଦିଲ୍ଲୀରେ ସେହିଦିନ ରାତ୍ରୀ ୧୨ଟା ପରେ (୧୫ ଅଗଷ୍ଟ, ୧୯୪୭)ଭାରତ ସ୍ୱାଧୀନ ହେଲା ବୋଲି ଘୋଷଣା କରିଥିଲେ ।

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

# ଚେତନାର ଚିତ୍ରକର

## ସୁନାମଣି ରାଉତ

"Truly, we do not think, will or act but thought occurs in us, will occurs in us, impulse and act occur in us;"

(CWSA, Vol. 23-24, p. 214) – Sri Aurobindo

''ଆମେ ପ୍ରକୃତରେ ଚିନ୍ତା କରୁ ନାହୁଁ, ସଂକଳ୍ପ କରୁ ନାହୁଁ କିଂବା କର୍ମ କରୁ ନାହୁଁ, ମାତ୍ର ଚିନ୍ତା ଆମ ଭିତରେ ସଂଘଟିତ ହୁଏ, ସଂକଳ୍ପ ଆମ ଭିତରେ ଜାଗି ଉଠେ, ପ୍ରବୃତ୍ତି ଓ କର୍ମ ଆମ ଭିତରେ ସଂଘଟିତ ହୁଏ ।''

– ଶ୍ରୀଅରବିନ୍ଦ

[ଶ୍ରୀଅରବିନ୍ଦଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି '**ଚେତନାର ଚିତ୍ରକର**' କବିତାଟିର ପରିକଳ୍ପନା ଓ ରୂପାୟନ ।]

---

ଚେତନାର ଚଉହଦିରେ ଚିନ୍ତାର ଖେଳ
ଲାଗିଛି କେଉଁ କାଳୁ, ଯାଉଛି ବେଳ ।
ଚିନ୍ତା ଯେ ମଣିଷର ନୁହେଁ ଅଧୀନ
ସଂଘଟିତ ହୁଏ ସେ ହୋଇ ସ୍ୱାଧୀନ ॥୧॥

କିଏ ସେ କହେ ମୁହିଁ ଚିନ୍ତାକୁ ଧରି
ଚିନ୍ତାରେ ଚିନ୍ତାରେ ମୁଁ ଗଲିଣି ସରି ।
ପ୍ରକୃତ ପକ୍ଷେ ଚିନ୍ତା କରେନି ନର
ଚିନ୍ତାକୁ ଚିତ୍ରୁ ଥା'ନ୍ତି ସେ ଚିତ୍ରକର ॥୨॥

କାର୍ଯ୍ୟ ସମ୍ପନ୍ନ ପାଇଁ ସଂକଳ୍ପ ଲୋଡ଼ା
ସଙ୍କଳ୍ପ ସ୍ଥିର ହେଲେ ମନ ଯେ ଘୋଡ଼ା ।
ମଣିଷ ଚେତନାରେ ସଂକଳ୍ପ ଥାଏ
ବେଳ ପଡ଼ିଲେ ସିଏ ପ୍ରକଟ ହୁଏ ॥୩॥

ସଂକଳ୍ପ ଆସି କରେ ମନକୁ ଦୃଢ଼
ମଣିଷ ଇଚ୍ଛାକୁ ସେ କରଇ ରୂଢ଼ ।
ଗୋପନରେ ସଂକଳ୍ପ ଥାଏ ଯେ ବସି
ଆପେ ସେ ଜାଗି ଉଠେ ମନରେ ଆସି ॥୪॥

କର୍ମରେ ମଣିଷର ନଥାଏ ଚାରା
କରି କରାଉ ଥାଏ ଜଣେ ସେ ପରା,
ମଣିଷ ଭାବେ ମୁହିଁ କରୁଛି ସବୁ
ଅଦୃଶ୍ୟେ ରହି କରୁ ଥାଆନ୍ତି ପ୍ରଭୁ ॥୫॥

ସେ ପ୍ରଭୁ ବଳିଆର ସର୍ବତ୍ର ଉଭା
ଚନ୍ଦ୍ର ସୂର୍ଯ୍ୟରେ ଝଳେ ତାଙ୍କରି ପ୍ରଭା ।
ନଦୀ, ନିର୍ଝର, ନଭ, ସାଗର, ଗିରି
ସର୍ବତ୍ର ବିକଶିତ ତାଙ୍କରି ଶିରି ॥୬॥

ଭୂମିରୁ ଭୂମା ଯାଏ ତାଙ୍କରି ଲୀଳା
ସେ କେବେ ଶାଳଗ୍ରାମ, ସେ ପୁଣି ଶିଳା ।
ନିମିତ୍ତ ମାତ୍ର ଆମେ ସିଏ ନାଉରୀ
ଏ ଭବ ସାଗରୁ ସେ କରନ୍ତି ପାରି ॥୭॥

ପ୍ରକୃତି ପ୍ରବୃତ୍ତିରେ ତାଙ୍କରି ସ୍ଥିତି
ଆରମ୍ଭ ସେହି ପ୍ରଭୁ ସେ ପୁଣି ଇତି ।
ସଂକଳ୍ପ, ପ୍ରବୃତ୍ତିରେ ସ୍ଥିତି ତାଙ୍କର
ଚିନ୍ତା ଓ ଚେତନାର ସେ ଚିତ୍ରକର ॥୮॥ ❑

# ସିଦ୍ଧାନ୍ତ-ସମନ୍ୱୟ

## ରାମକୃଷ୍ଣ ଦାସ

[**ପୂର୍ବାଭାଷ :** ସାଧାରଣ ଜାଗତିକ ବ୍ୟାପାରରେ କୌଣସି ସିଦ୍ଧାନ୍ତ ସର୍ବସମ୍ମତଭାବେ ଗ୍ରହଣୀୟ ହେବା ଯେଉଁଠି ଦୁରୂହ ହୋଇଉଠେ, ସେଠାରେ ଅଧ୍ୟାତ୍ମଦର୍ଶନ ଭଳି ଦୁର୍ବୋଧ ବ୍ୟାପାରରେ ସର୍ବସମ୍ମତ ସିଦ୍ଧାନ୍ତରେ ଉପନୀତ ହେବା ସାଧାରଣ ମନ ପାଖରେ ପ୍ରାୟ ଅସମ୍ଭବ ବୋଲି ମନେହୁଏ । ଯୁଗେ ଯୁଗେ ଭଗବାନଙ୍କ ବିଧାନରେ ମହାପୁରୁଷଗଣ ଯୁଗୋପଯୋଗୀ ଏପରି ଅଧ୍ୟାତ୍ମ-ସିଦ୍ଧାନ୍ତମାନ ଉପସ୍ଥାପିତ କରିଯାଇଛନ୍ତି ଯାହା ସାଧାରଣ ବିଚାରରେ ପରସ୍ପର ବିରୋଧୀ ବୋଲି ମନେହୁଏ ଏବଂ ସାଧାରଣତଃ କୌଣସି ନିର୍ଦ୍ଦିଷ୍ଟ ସିଦ୍ଧାନ୍ତର ଅନୁଗାମୀ ସାଧକମାନେ ଅପର ସିଦ୍ଧାନ୍ତ ଓ ତଦବଲମ୍ବୀ ସାଧକମାନଙ୍କୁ ନିଜର ବିରୋଧୀ ବୋଲି ଭାବିଥା'ନ୍ତି । ତେଣୁ ଆଜି ଜଗତରେ ଅନେକ ପ୍ରକାର ଧର୍ମ, ଯୋଗପ୍ରଣାଳୀ ତଥା ସାଧକ ପରିଦୃଷ୍ଟ ହୁଅନ୍ତି ଏବଂ ବିଭିନ୍ନ ଧର୍ମାବଲମ୍ବୀ ବା ଯୋଗ-ସାଧକମାନଙ୍କ ମଧ୍ୟରେ ପ୍ରାଚୀନ କାଳରୁ ଏପର୍ଯ୍ୟନ୍ତ ଏପରି ଗୋଟାଏ ଅମେଳ ବା ବିରୋଧ ରହି ଆସିଛି ଯାହା ସମଗ୍ର ବିଶ୍ୱ ବା ମାନବଜାତିର ସମ୍ମୁଖରେ ତାହାର ସତ୍ୟ, ଶାନ୍ତି, ଆନନ୍ଦ, ଶକ୍ତି, ପ୍ରେମ ଓ ସୌନ୍ଦର୍ଯ୍ୟ ପଥରେ ଅବାଧ ଓ ସ୍ୱଚ୍ଛନ୍ଦ ଅଗ୍ରଗତିରେ ବାଧକ ଭାବେ ଦଣ୍ଡାୟମାନ ହୋଇଛି ।

କିନ୍ତୁ ବର୍ତ୍ତମାନ ସମୟ ଆସିଛି, ଅର୍ଥାତ୍ ଏହି ଦେବ-ମୁହୂର୍ତ୍ତରେ ଭଗବାନଙ୍କ ବିଧାନରେ ମାନବ ଶରୀର ଧାରଣ କରି ଶ୍ରୀମା ଶ୍ରୀଅରବିନ୍ଦ ମାନବଜାତିର ପରମ କଲ୍ୟାଣ ସକାଶେ ଅତୀତର ସମସ୍ତ ଅଧ୍ୟାତ୍ମ-ସିଦ୍ଧାନ୍ତର ଏପରି ଏକ ପୂର୍ଣ୍ଣାଙ୍ଗ ତଥା ସମନ୍ୱୟମୂଳକ ନୂତନ ରୂପ ଦେଇଛନ୍ତି ଯାହା ମାନବଜାତିର ଅଭୂତପୂର୍ବ ଚରମ ବିକାଶର ସୁବର୍ଣ୍ଣ ଦ୍ୱାରକୁ ଚିରୋନ୍ମୁକ୍ତ କରିଦେଇଛି । ଏହି ନୂତନ ସିଦ୍ଧାନ୍ତରେ ଯଥାର୍ଥରେ ବିଭିନ୍ନ ସିଦ୍ଧାନ୍ତର ସମନ୍ୱୟ ଘଟିଛି ଏବଂ ଏଥିରେ ପ୍ରତ୍ୟେକ ସାଧନା-ପ୍ରଣାଳୀ ମଧ୍ୟ ତା'ର ଯଥାଯଥ ଓ ସମୁନ୍ନତ ଅବସ୍ଥା ପ୍ରାପ୍ତ ହୋଇଛି । ଏହି ବିଷୟକୁ 'ସିଦ୍ଧାନ୍ତ ସମନ୍ୱୟ' ଆଖ୍ୟା ଦେଇ ଅଭିଜ୍ଞ ଲେଖକ ଅତି ସରଳ ତଥା ପ୍ରାଞ୍ଜଳ ଭାଷାରେ ଏହି ପୁସ୍ତିକାରେ ବ୍ୟାଖ୍ୟା କରିଛନ୍ତି । ଆମ୍ଭେମାନେ ଆଶାକରୁ ଅଧ୍ୟାତ୍ମବାଦୀ ସାଧକ ଓ ତତ୍ତ୍ୱବିତ୍‌ମାନେ ଏହି ପୁସ୍ତିକାକୁ ତୁଲ୍ୟ ଦୃଷ୍ଟିସହ ପାଠ କରିବେ । — ପ୍ରକାଶକ]

### ପୁରାତନ ଯୋଗର ସନ୍ନ୍ୟାସ, ଶ୍ରୀଅରବିନ୍ଦଙ୍କ ଯୋଗର ରୂପାନ୍ତର

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ପ୍ରଶ୍ନ : ପ୍ରାଣୀମାନଙ୍କ ଦୁଃଖ-କଷ୍ଟର ଧାରଣାହିଁ ଦ୍ୱୈତତା । ପୃଥକ୍ ପ୍ରାଣୀ ଭାବନା ହେଲେ ସେମାନଙ୍କର ଦୁଃଖକଷ୍ଟର ଧାରଣା ହୋଇପାରେ । ବ୍ୟକ୍ତି ଅନିର୍ବଚନୀୟ ଅଦ୍ୱୈତ ସତ୍ତାରେ ଏକ ହେବା ଅର୍ଥ ପରମାନନ୍ଦ, ପରମ ସତ୍ୟ ସଙ୍ଗେ ଏକ ହୋଇଯିବା । ସେ ଅବସ୍ଥା କେବଳ ଆନନ୍ଦହିଁ ଆନନ୍ଦ । କେବଳ ଅନୁଭୂତି-ଯୋଗ୍ୟ । ସେହି ଆନନ୍ଦକୁ ବ୍ୟକ୍ତି ବ୍ୟକ୍ତ କରିବାରେ ଅସମର୍ଥ । ସେ ଅବସ୍ଥାରେ ବୈଚିତ୍ର୍ୟ ଏବଂ ଦୁଃଖ-କଷ୍ଟସବୁ ମିଥ୍ୟା, ମାୟା, ସ୍ୱପ୍ନ । ପୃଥକତ୍ୱର ଯଦି ଅସ୍ତିତ୍ୱହିଁ ନାହିଁ, ତେବେ ଦୁଃଖ-କଷ୍ଟ ଆସିବ କେଉଁଠୁ ? ଦୁଃଖ-କଷ୍ଟର ଧାରଣାହିଁ ଭ୍ରମ, ଅଜ୍ଞାନ । ଭ୍ରମାତ୍ମକ ଶରୀର-ମନ-ପ୍ରାଣକୁ ରୂପାନ୍ତର କରିବାହିଁ ମାୟା, ଅଜ୍ଞାନ ।

ଉତ୍ତର : ଅନୁଭବପ୍ରାପ୍ତ ଯୋଗୀର ଏହା ହୋଇପାରେ, କିନ୍ତୁ କ୍ୟାନସର ରୋଗୀର ଗଳା, ପେଟ ଅପରେସନ ହୋଇଥିବା ଅବସ୍ଥାରେ ତାହାର ଯେଉଁ ଯନ୍ତ୍ରଣା ହୁଏ ତା'ର ଏହି ଅନୁଭୂତି ଦ୍ୱାରା କିଛି ଲାଭ ହୁଏ କି ? ତା' ସମ୍ମୁଖରେ ଜ୍ଞାନୀ ଯୋଗୀ ଯଦି କହିବେ, ''ମୁଁ ନିର୍ବିଶେଷ ସତ୍ତାରେ ଏକ ହୋଇ ଅନୁଭବ କରିଛି — ସଂସାର ପୃଥକତ୍ୱ, ଦୁଃଖ-କଷ୍ଟ ସବୁ ମିଥ୍ୟା-ମାୟା ତୁମର ଯନ୍ତ୍ରଣା କେବଳ ଭ୍ରମ ମାତ୍ର'', ତେବେ ଏହି ଉକ୍ତି ସେହି ରୋଗୀ ସକାଶେ ଯେପରି ନିରର୍ଥକ, ସେହିପରି ସଂସାର ମିଥ୍ୟା, ବ୍ୟକ୍ତିତ୍ୱ, ଦୁଃଖ-କଷ୍ଟ ମିଥ୍ୟା ସିଦ୍ଧାନ୍ତ, ସଂସାରରେ ଦୁଃଖ-କଷ୍ଟ ଭୋଗୁଥିବା ବ୍ୟକ୍ତିଙ୍କ ସକାଶେ ମୂଲ୍ୟହୀନ ।

ବ୍ୟକ୍ତି ଖାଇବାକୁ ନ ପାଇ ଛଟପଟ ହୋଇ ତା'ର ଜୀବନ ଯାଉଥାଏ, କ୍ଷୁଧାରେ ଉଦର ଜଳୁଥିବା ସତ୍ତ୍ୱେ ବ୍ୟକ୍ତିର

କଣ୍ଠରେ ଘା'ର ଯନ୍ତ୍ରଣା ଯୋଗୁଁ ଭୋଜନ କରି ପାରୁ ନଥାଏ, ଯୁଦ୍ଧରେ ହସ୍ତ ପଦରେ ଗୁଳି ଲାଗି ଦାରୁଣ ବ୍ୟଥାରେ ଜଳ ଅଭାବରେ ତା'ର କଣ୍ଠ ଶୁଖି ସେ ଯନ୍ତ୍ରଣା ଭୋଗ କରେ । ପତି-ପତ୍ନୀ ମଧ୍ୟରେ ବୈମନ୍ୟ, ପିତା ପୁତ୍ର ମଧ୍ୟରେ ବିବାଦ, ମିଥ୍ୟା କଳଙ୍କର ଅପବାଦ, ନିର୍ଦୋଷ ଦେଶ ଉପରେ ଦୁଷ୍ଟ ଦେଶର ଆକ୍ରମଣ ତଥା ଯୁବତୀ ସ୍ତ୍ରୀ, ଯୁବତୀ କନ୍ୟା, ମା'ମାନଙ୍କର ଅପମାନ ହୁଏ । ଏହିସବୁ ଦୁଃଖଦ୍ୱନ୍ଦ୍ୱକୁ ଅଦ୍ୱୈତ ମୁକ୍ତବାଦୀ ଯୋଗୀ ମିଥ୍ୟା, ମାୟା କହି ଏ ଦ୍ୱନ୍ଦ୍ୱପୂର୍ଣ୍ଣ ସଂସାରରୁ ଉଦାସୀନ ହୋଇ ଯେଉଁ ଅନିର୍ବଚନୀୟ ଆନନ୍ଦରେ ବିଭୋର ରହନ୍ତି, ସେହି ଅନିର୍ବଚନୀୟ ଆନନ୍ଦକୁ ଦୂରରୁ ପ୍ରଣାମ କରିବା ଭଲ । ଏହିରୂପ ମୁକ୍ତି ଏକ ପ୍ରକାର ସ୍ୱାର୍ଥପରତା । ଅନ୍ୟ ଲୋକର ଦୁଃଖକଷ୍ଟ ଧାରଣା କରିବା, ତାହା ଦୂର କରିବାକୁ ପ୍ରଯତ୍ନ କରିବା ମାୟା, ଅଜ୍ଞାନ – ଏ ସିଦ୍ଧାନ୍ତ କୌଣସି ଶାସ୍ତ୍ରୀୟ ନା ଆପଣଙ୍କ ନିଜର ? ଯଦି ଏହି ସିଦ୍ଧାନ୍ତ ମାନ୍ୟ ହୁଏ ତେବେ ଅଦ୍ୱୈତ ସିଦ୍ଧାନ୍ତର ପ୍ରବର୍ତ୍ତକ ଆଚାର୍ଯ୍ୟ ଶଙ୍କର 'ଶଙ୍କର ଭାଷ୍ୟ' ତଥା ଅନ୍ୟାନ୍ୟ ବହୁତ ଗ୍ରନ୍ଥ ଲେଖିବା, ସ୍ୱୟଂ ପଦଯାତ୍ରାରେ ଭ୍ରମଣ କରି, ମଠ ସ୍ଥାପନ କରି ନିଜ ସିଦ୍ଧାନ୍ତ ପ୍ରତିଷ୍ଠା କରିବା, ହଜାର ହଜାର ନରନାରୀଙ୍କୁ ଉପଦେଶ ଦେଇ ମୁକ୍ତି ମାର୍ଗ ଦର୍ଶାଇବାର ଆବଶ୍ୟକତା ନ ଥା'ନ୍ତା । ବୁଦ୍ଧଦେବ ଓ ଅନ୍ୟାନ୍ୟ ସମସ୍ତ ଆଚାର୍ଯ୍ୟ, ଋଷି, ମୁନି, ଅବତାରମାନଙ୍କୁ ସଂସାରର ହିତ ସାଧନ କରିବା ଆବଶ୍ୟକ ହୋଇ ନ ଥା'ନ୍ତା । ସେମାନେ କ'ଣ ସମସ୍ତେ ଅଜ୍ଞାନୀ ?

ପ୍ରଶ୍ନ : ନା, ସେମାନେ ଥିଲେ ଜ୍ଞାନୀ । ସେମାନଙ୍କ ଦୃଷ୍ଟିରେ ଦୁଃଖ, କଷ୍ଟ ସମସ୍ତ ମାୟା ଥିଲା । କିନ୍ତୁ ଅନ୍ୟ ଲୋକର କଷ୍ଟ ଦୂର କରିବାକୁ ସେ କର୍ମ କରିଥିଲେ ।

ଉତ୍ତର : ଋଷି, ମୁନି, ମହାପୁରୁଷ, ଆଚାର୍ଯ୍ୟ, ଅବତାରମାନେ ସ୍ୱୟଂ ଜ୍ଞାନ ସ୍ୱରୂପ, ପୂର୍ଣ୍ଣ ମୁକ୍ତ ଥାଇ କେବଳ ଅନ୍ୟର ଦୁଃଖ ଦୂର କରି ଅନ୍ୟକୁ ସନ୍ମାର୍ଗରେ ପରିଚାଳିତ କରିବା ସକାଶେ ଯଦି କର୍ମ କରି ଆସିଛନ୍ତି; ତେବେ ଶ୍ରୀଅରବିନ୍ଦଙ୍କ ଯୋଗରେ ମନ-ପ୍ରାଣ-ଶରୀରର ରୂପାନ୍ତର, ସଂସାରରୁ ଦୁଃଖ-କଷ୍ଟ ଦୂର କରିବା କିପରି ଅଜ୍ଞାନତା ହେବ ?

ମନୁଷ୍ୟ ସ୍ୱୟଂ ମୁକ୍ତ ହେଲେ ଅନ୍ୟକୁ ମୁକ୍ତ କରିପାରେ, ସେ ସ୍ୱୟଂ ଜ୍ଞାନୀ ହେଲେ ଅନ୍ୟକୁ ଜ୍ଞାନ ପ୍ରଦାନ କରିପାରେ । ଶ୍ରୀଅରବିନ୍ଦଙ୍କ ଯୋଗରେ ଯଦି ଅନ୍ୟର ଦୁଃଖ-କଷ୍ଟ ଦୂର ହୁଏ, ତେବେ ସେ ଯୋଗର ସାଧକମାନେ ସ୍ୱୟଂ ଅନ୍ଧକାରରେ ରହିବେ କିପରି ? ଦୁଃଖ-କଷ୍ଟର ଅର୍ଥହିଁ ଅଜ୍ଞାନ । ଜ୍ଞାନ ବିନା ଦୁଃଖ-କଷ୍ଟ କୌଣସି ଉପାୟରେ ଦୂର ହୁଏ ନାହିଁ ।

ଶଙ୍କରାଚାର୍ଯ୍ୟ, ବୁଦ୍ଧଦେବ, ରାମାନୁଜ ପ୍ରଭୃତି ମହାପୁରୁଷମାନେ ସ୍ୱୟଂ ଶୁଦ୍ଧ, ବୁଦ୍ଧ, ମୁକ୍ତ ଥିଲେ । ସେମାନଙ୍କ ନିଜ ସକାଶେ କୌଣସି କର୍ମର ଆବଶ୍ୟକତା ନଥିଲା । ସେମାନେ ସଂସାରକୁ ଆସି କର୍ମ କରିଥିଲେ କେବଳ ଅନ୍ୟ ଲୋକଙ୍କ ଦୁଃଖ-କଷ୍ଟ ଦୂର କରିବାକୁ । ସେମାନଙ୍କର ଏକମାତ୍ର କାମ ଥିଲା ସଂସାରରୁ ଅଜ୍ଞାନ-ପ୍ରସୂତ ହିଂସା, ଦ୍ୱେଷ, ବୈର, ବିରୋଧ ଦୂର କରି ଭ୍ରାତୃତ୍ୱ, ଅହିଂସା, ଶାନ୍ତି, ସୁଖ ସ୍ଥାପନ କରିବା । ସମୟ ଆସି ନଥିବାରୁ ସେମାନଙ୍କ ପ୍ରଯତ୍ନ ପୂର୍ଣ୍ଣ ହୋଇ ନାହିଁ କିଂବା ସ୍ଥାୟୀ ହୋଇ ରହିପାରି ନାହିଁ । କାରଣ ସଂସାର ପରିଚାଳିତ ହୁଏ ଭାଗବତୀ ଶକ୍ତି ତଥା ଅଦିବ୍ୟ ଆସୁରୀ ଶକ୍ତି ଦ୍ୱାରା । ଭାଗବତୀ ଶକ୍ତିର କ୍ରିୟା – ଶାନ୍ତି, ସନ୍ତୋଷ, ଆନନ୍ଦ, ଅହିଂସା, ଏକତ୍ୱ, ଭ୍ରାତୃତ୍ୱ, ସତ୍ୟ, ନ୍ୟାୟ, ଦୟା, କରୁଣା, ମୈତ୍ରୀ ଇତ୍ୟାଦି ସଦ୍‌ଗୁଣ । ଆସୁରୀ ଅନ୍ଧକାର ଶକ୍ତିର କ୍ରିୟା – ହିଂସା, ଦ୍ୱେଷ, ସ୍ୱାର୍ଥ, ଅନ୍ୟାୟ, ଅତ୍ୟାଚାର, ବୈର, ବିରୋଧ, ଚୋରି, ଡକାୟତି, ମିଥ୍ୟାଚାର, ପରପୀଡ଼ା ଇତ୍ୟାଦି ଅସଦ୍‌ଗୁଣ । ଏସବୁର ମୂଳ ଉତ୍ସ ଅନ୍ଧକାର ଶକ୍ତି । ତାହାର ରୂପାନ୍ତର ନହେଲେ ତାହାର କ୍ରିୟା ଅନ୍ୟାୟ ନ୍ୟାୟ ଦ୍ୱାରା କିଛିଦିନ ସକାଶେ ଦବିଯାଏ, ପୁନରାୟ ମୁଥା ମୂଳରୁ ଘାସ ଉଠିଲା ପରି ବାହାରେ । ଏପର୍ଯ୍ୟନ୍ତ ପୁରାତନ ଯୋଗରେ ଆସୁରୀ ଶକ୍ତିକୁ ରୂପାନ୍ତର କରାହୋଇ ନଥିଲା, କେବଳ ତା'ର ଅନ୍ୟାୟ କ୍ରିୟା ଯେବେ ସଂସାରରେ ବୃଦ୍ଧି ହେଉଥିଲା ସେତେବେଳେ ଭଗବାନ୍ ଅବତାର ନେଇ ଅଥବା ଆଚାର୍ଯ୍ୟମାନେ ଆସି ଧର୍ମପ୍ରଚାର ଦ୍ୱାରା ଅନ୍ୟାୟକୁ ଦବେଇ ଦେଉଥିଲେ । ଅନ୍ଧକାର ଶକ୍ତିର ପୂର୍ଣ୍ଣ ରୂପାନ୍ତର ହୁଏ ଆଦ୍ୟା ଭାଗବତୀ ଅତିମାନସ ଶକ୍ତି ଦ୍ୱାରା, ଯେଉଁ ଶକ୍ତିକୁ ଶ୍ରୀମା' ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଉତାରି ଆଣିଛନ୍ତି ଏବଂ ମା' ଯେଉଁ ଶକ୍ତି ଦ୍ୱାରା ରୂପାନ୍ତର କାର୍ଯ୍ୟ କରୁଅଛନ୍ତି । ଏହି ଦୃଷ୍ଟିରୁ ଶ୍ରୀଅରବିନ୍ଦଙ୍କ ଯୋଗରେ ରୂପାନ୍ତର ଅଜ୍ଞାନତା, ଭ୍ରମ ନୁହେଁ; ସଂସାର ସୃଜନଠାରୁ ମନୁଷ୍ୟ ଯେଉଁ ପରମାନନ୍ଦଙ୍କୁ ଅଜ୍ଞାନ ରୂପେ ପ୍ରତୀକ୍ଷା କରି ରହିଅଛି, ଯେଉଁ ସୁଖ, ଶାନ୍ତି ସଂସାରରେ ସ୍ଥାପନ କରିବା ସକାଶେ ଆଚାର୍ଯ୍ୟ ତଥା ମହାପୁରୁଷ, ଭଗବତ୍ ଅବତାରମାନେ ଏହି ସଂସାରକୁ ବାରଂବାର ଆସି କାର୍ଯ୍ୟ କରୁଛନ୍ତି, ସେହି ସ୍ଥାୟୀ ସୁଖ, ଶାନ୍ତି ଏହି ସଂସାରରେ ସ୍ଥାପିତ

ହୁଏ ଶ୍ରୀଅରବିନ୍ଦଙ୍କ ଯୋଗ ଦ୍ୱାରା । ଏହାରି ଅର୍ଥ ସଂସାର ସ୍ୱର୍ଗରେ, ମନୁଷ୍ୟ ଅତିମାନବରେ ପରିଣତ ହେବ । ଶ୍ରୀଅରବିନ୍ଦଙ୍କ ଯୋଗର ରୂପାନ୍ତର କଥା ଅଜ୍ଞାନ, ଭ୍ରମ ନୁହେଁ, ପୂର୍ବାଚାର୍ଯ୍ୟମାନଙ୍କର ପ୍ରୟତ୍ନର ପୂର୍ଣ୍ଣତା ।

ପ୍ରଶ୍ନ : ସଂସାରରୁ ଦୁଃଖ, ଦ୍ୱନ୍ଦ୍ୱ ଦୂର ହେବା ଠିକ୍ କିନ୍ତୁ ଅଦ୍ୱୈତ ସିଦ୍ଧାନ୍ତ ଅନୁସାରେ ଜୀବ ବ୍ରହ୍ମରେ ଏକ ହୋଇଗଲେ ଜଳ ସମୁଦ୍ରରେ ଏକ ହେବା ସଦୃଶ କୌଣସି ପୃଥକତ୍ୱ ନଥାଏ, ଥାଏ କେବଳ ଅନିର୍ବଚନୀୟ ଅଦ୍ୱୈତ ଆନନ୍ଦ । ସେ ଅବସ୍ଥାରେ ରୂପାନ୍ତର କିଏ କାହାକୁ କରିବ ?

ଉତ୍ତର : ଏହା ବିରୋଧାତ୍ମକ ଉକ୍ତି । କହୁଛନ୍ତି ଆନନ୍ଦ ସମୁଦ୍ରରେ ଜଳ ମିଶି ଏକ ହୋଇଯିବା ସଦୃଶ ଜୀବ ବ୍ରହ୍ମରେ ମିଶି ଏକ ହୋଇଯାଏ । ପୁଣି କହୁଛନ୍ତି ଅନିର୍ବଚନୀୟ ଆନନ୍ଦ । ଏଥିରୁ ସ୍ପଷ୍ଟ ହେଉଛି ଯେଉଁ ଆନନ୍ଦ ଅନୁଭବ କରାହୁଏ ତାହା ଶବ୍ଦରେ ପ୍ରକାଶ କରାଯାଇପାରେ ନାହିଁ । ଶବ୍ଦରେ ପ୍ରକାଶ ନହେଲେ ମଧ୍ୟ ଅନୁଭବର ଅର୍ଥହିଁ ଦ୍ୱୈତ, ଅର୍ଥାତ୍ ଅନୁଭବ ହେବା ଏକ ବସ୍ତୁ, ଅନୁଭବ ଯେ କରେ ସେ ଅନ୍ୟ ବସ୍ତୁ । ଅଦ୍ୱୈତ ରକ୍ଷା କରିବାକୁ ଯଦି କୁହାଯାଏ ସେଠାରେ କୌଣସି ଅନୁଭୂତି ନାହିଁ, ତେବେ ଗୋଟିଏ ମସ୍ତବଡ଼ ବିରୋଧ ଉପସ୍ଥିତ ହେବ – ଜଡ଼ତା । ବ୍ରହ୍ମ ଚୈତନ୍ୟ ତଥା ଜ୍ଞାନ ସ୍ୱରୂପ; ସୁତରାଂ ତାକୁ ଜଡ଼ କହି ହେବ ନାହିଁ । ଯେକୌଣସିମତେ ସ୍ୱୀକାର କରିବାକୁ ହେବ ଆନନ୍ଦ ଅନୁଭୂତି । ଆନନ୍ଦ ଅନୁଭୂତିରେ ଅଦ୍ୱୈତ ରକ୍ଷା କରିବାକୁ ଯାଇ ଘୁଙ୍ଗା ଗୁଡ଼ ଖାଇବାର ଉଦାହରଣ ଦିଆହୋଇଛି । ଏହି ଉଦାହରଣ ଯୁକ୍ତିଯୁକ୍ତ ନୁହେଁ । ଘୁଙ୍ଗା ଗୁଡ଼ର ସ୍ୱାଦ କହିପାରେ ନାହିଁ, କିନ୍ତୁ ଅନୁଭବ କରେ । ଏହିସବୁ ଯୁକ୍ତି ଦ୍ୱାରା ଅଦ୍ୱୈତ ସିଦ୍ଧ ନ ହେବାର ପ୍ରଧାନ କାରଣ ହେଉଛି ବ୍ରହ୍ମ ଯେ ଅଦ୍ୱୈତ ଅବସ୍ଥାରେ ଦ୍ୱୈତ, ଦ୍ୱୈତ ଅବସ୍ଥାରେ ଅଦ୍ୱୈତ, ବ୍ରହ୍ମର ପୁରୁଷୋତ୍ତମ ସ୍ୱରୂପ, ଏହାକୁ ସ୍ୱୀକାର ନକରି ଅଦ୍ୱୈତବାଦୀ ବ୍ରହ୍ମକୁ କେବଳ ନିଷ୍କ୍ରିୟ ନିରାକାର ମାନନ୍ତି, ସଗୁଣ, ସାକାର ସର୍ବଶକ୍ତିମତ୍ତାକୁ ମାୟା କହନ୍ତି ଏବଂ ସଚ୍ଚିଦାନନ୍ଦ ସ୍ତରରେ ଯେଉଁ ବ୍ରହ୍ମର ଅନୁଭୂତି ହୁଏ ତାହା ମନଃସ୍ତରର ଧର୍ମ ଅନୁସାରେ ବ୍ୟାଖ୍ୟା କରନ୍ତି । ସେହି ସକାଶେ ସୈଦ୍ଧାନ୍ତିକ ବିରୋଧ ହୁଏ । ସଚ୍ଚିଦାନନ୍ଦ ଚେତନାର ଧର୍ମ ଏହି ମନ ଚେତନାର ଧର୍ମଠାରୁ ଏକାବେଳେକେ ପୃଥକ୍ । ମନ ଚେତନାରେ ପୃଥକତ୍ୱ ଆଉ ଏକତ୍ୱ ଏକସଙ୍ଗେ ହୋଇପାରେ ନାହିଁ । ସଚ୍ଚିଦାନନ୍ଦ ଚେତନାରେ ଅଦ୍ୱୈତ ଦ୍ୱୈତ ଏକସଙ୍ଗେ ରହେ । ସଚ୍ଚିଦାନନ୍ଦ ଚେତନା, ମାନସ ଚେତନା ମଧ୍ୟରେ ଦୁର୍ଭେଦ୍ୟ ଖାଇ ଥିବାରୁ ସେ ଚେତନା ସମ୍ବନ୍ଧେ ମନ ଏକାବେଳେକେ ଅନଭିଜ୍ଞ ଥାଏ ଏବଂ କିଛି ବୁଝି ପାରେ ନାହିଁ । ସେହି କାରଣରୁ ସଚ୍ଚିଦାନନ୍ଦ ସ୍ତରର ଯଥାର୍ଥ ଅବସ୍ଥା ମନରେ ପ୍ରକାଶିତ ହୋଇପାରେ ନାହିଁ । ଏହି ଦୁର୍ଭେଦ୍ୟ ଖାଇ ଦୂର ହୁଏ ଅତିମାନସ ଶକ୍ତି ଦ୍ୱାରା ମନୁଷ୍ୟର ମନ-ପ୍ରାଣ-ଶରୀର ସେହି ସଚ୍ଚିଦାନନ୍ଦ ତତ୍ତ୍ୱରେ ରୂପାନ୍ତର ହେଲେ । ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ସଚ୍ଚିଦାନନ୍ଦ ପ୍ରକାଶ ହୁଅନ୍ତି । ଅର୍ଥାତ୍ ମନୁଷ୍ୟର ମନ, ପ୍ରାଣ, ଶରୀରର ସୀମିତତା ରହେ ନାହିଁ, ସଚ୍ଚିଦାନନ୍ଦ ଅନନ୍ତ ଚେତନାରେ ରୂପାନ୍ତରିତ ହୁଏ ।

ବ୍ରହ୍ମକୁ ନିର୍ଗୁଣ, ନିରାକାର, ଜଗତକୁ ମିଥ୍ୟା, ମାୟା ପ୍ରତିପାଦନ କରିବା ସକାଶେ ଯେତେପ୍ରକାର ଯୁକ୍ତି ଦେଉଛନ୍ତି, ତାହା ପ୍ରଶ୍ନର ଯଥାର୍ଥ ଉତ୍ତର ହେଉ ନାହିଁ, କାରଣ ମନୁଷ୍ୟର ପୂର୍ଣ୍ଣତାରେ ପହଞ୍ଚିବାର ମଧ୍ୟବର୍ତ୍ତୀ ଗୋଟିଏ ଅବସ୍ଥା ହେଉଛି ଅଦ୍ୱୈତ ସିଦ୍ଧିର ମୁକ୍ତ ଅବସ୍ଥା । ସେହି ମଧ୍ୟବର୍ତ୍ତୀ ଅବସ୍ଥାକୁ ଅଦ୍ୱୈତ ଦର୍ଶନରେ ମନୁଷ୍ୟର ଶେଷ ଲକ୍ଷ୍ୟ ବୋଲି ମାନି ନିଆ ହୋଇଅଛି । ଏହି ସକାଶେ ବ୍ରହ୍ମର ସ୍ୱରୂପ ସଗୁଣ-ନିର୍ଗୁଣ ପୁରୁଷୋତ୍ତମ ତତ୍ତ୍ୱ, ଯେ କି ନିଷ୍କ୍ରିୟ ରହି କର୍ମଶୀଳ, ନିରାକାର ହେବା ଅବସ୍ଥାରେ ସାକାର । ଏପରି ବ୍ରହ୍ମ ସ୍ୱରୂପକୁ କେବଳ ନିରାକାର, ନିଷ୍କ୍ରିୟ ପ୍ରତିପାଦନ କରାହୋଇ ତାଙ୍କର ସର୍ବଶକ୍ତିମତ୍ତାକୁ ବାଦ୍ ଦିଆ ହୋଇଛି । ପ୍ରତ୍ୟକ୍ଷ ଦୁଃଖ-ସୁଖ-ଦ୍ୱନ୍ଦ୍ୱଯୁକ୍ତ ସଂସାରକୁ ମିଥ୍ୟା ମାୟା କହି ସମସ୍ୟାର ସମାଧାନ ନକରି ତାକୁ ଏଡ଼ାଇ ଦିଆ ହୋଇଅଛି । ସେହି ସକାଶେ ଦାର୍ଶନିକ ବିରୋଧ, ମତଭେଦ ହୋଇଅଛି ।

କିନ୍ତୁ ମନୁଷ୍ୟର କ୍ରମବିବର୍ତ୍ତନରେ ଅଦ୍ୱୈତ ମୁକ୍ତିକୁ ମଧ୍ୟବର୍ତ୍ତୀ ଅନୁଭୂତି ମାନିଲେ ସମସ୍ତ ମତଭେଦ ଦୂର ହୁଏ, ସମସ୍ୟାର ସମାଧାନ ହୁଏ । ବେଦ, ଉପନିଷଦ୍, ଗୀତା, ଭାଗବତ, ରାମାୟଣରେ ବ୍ରହ୍ମର ଯେଉଁ ସାକାର, ନିରାକାର, ଚତୁଷ୍ପାଦ ବିଭୂତିଯୁକ୍ତ ପୁରୁଷୋତ୍ତମ ପରମବ୍ରହ୍ମ ସ୍ୱରୂପକୁ ପ୍ରତିପାଦନ କରା ହୋଇଛି, ତାକୁ ନିଜ ସିଦ୍ଧାନ୍ତ ଅନୁସାରେ ଭାଙ୍ଗି ଚୂରି ଅର୍ଥ କରିବାକୁ ହୁଏ ନାହିଁ ।

କ୍ରମବିବର୍ତ୍ତନ ଅନୁସାରେ ମନୁଷ୍ୟର ପୂର୍ଣ୍ଣତା ହେଉଛି ମନ, ପ୍ରାଣ, ଶରୀର ତା'ର ଦିବ୍ୟ ଚିନ୍ମୟ ତତ୍ତ୍ୱରେ ରୂପାନ୍ତର । ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ପୁରୁଷୋତ୍ତମ ପରମବ୍ରହ୍ମଙ୍କୁ ପ୍ରକାଶ କରାହୁଏ ଏବଂ ତାହା ସହିତ ଏକତ୍ୱ ପ୍ରାପ୍ତ କରାହୁଏ ।

ସେହି ଏକହିଁ ସଙ୍ଗେ ବ୍ୟକ୍ତି ଏକ ଏବଂ ପୃଥକ୍ ରହି ତାଙ୍କର ଯନ୍ତ୍ର ହୁଏ ତଥା ଭାଗବତୀ ଶକ୍ତି ଦ୍ୱାରା ପରିଚାଳିତ ହୁଏ । ମନୁଷ୍ୟକୁ ଏହି ପୂର୍ଣ୍ଣତା ପ୍ରାପ୍ତି ସଙ୍ଗେ ସଂସାରରୁ ଦୁଃଖ ଦ୍ୱନ୍ଦ୍ୱ ଦୂର ହୁଏ, ସଂସାର ସ୍ୱର୍ଗରେ ପରିଣତ ହୁଏ । ଏହା ଶ୍ରୀଅରବିନ୍ଦଙ୍କ ଯୋଗର ସିଦ୍ଧାନ୍ତ । ଏଥିରେ ସମସ୍ତ ପୁରାତନ ଯୋଗ-ସିଦ୍ଧାନ୍ତର ସମନ୍ୱୟ ହୁଏ ଏବଂ ସମସ୍ତ ପୁରାତନ ଯୋଗର ଅନୁଭୂତି ପ୍ରାପ୍ତ ହୁଏ ।

ଆଚାର୍ଯ୍ୟ ଶଙ୍କର ଯେଉଁ ସମୟରେ ଅଦ୍ୱୈତ ସିଦ୍ଧାନ୍ତ ପ୍ରତିପାଦନ କରିଥିଲେ ସେହି ସମୟ ସକାଶେ ତାହାହିଁ ମନୁଷ୍ୟର ଶେଷ ଲକ୍ଷ୍ୟ ଥିଲା, କାରଣ ସେସମୟରେ ବ୍ୟକ୍ତିକୁ ତା'ର ପୂର୍ଣ୍ଣତ୍ୱ ଜାଣିବାର ସମୟ ଆସି ନଥିଲା । ମନୁଷ୍ୟ ବିକାଶଶୀଳ, ନିଜ ବିକାଶ ମାର୍ଗରେ ବରାବର ଗତି କରି ଚାଲୁଅଛି । ତା'ର ବିକାଶ ଅନନ୍ତ । ବିକାଶର ଶେଷ ନାହିଁ । ବିକାଶ ମାର୍ଗରେ ସମୟୋପଯୋଗୀ ସାହାଯ୍ୟ ଆଚାର୍ଯ୍ୟମାନେ ଦିଅନ୍ତି । ଏହି ବିଷୟ ''ସିଦ୍ଧାନ୍ତ-ସମନ୍ୱୟ''ରେ ଅଲୋଚିତ ହୋଇଅଛି ।

ବର୍ତ୍ତମାନ ତା'ର ପୂର୍ଣ୍ଣତାର ସମୟ ଆସିଛି । ଅତିମାନସ ଶକ୍ତି ଏହି ପୃଥିବୀରେ ଅବତରଣ କରି ରୂପାନ୍ତର କ୍ରିୟା କରୁଅଛି । ମନୁଷ୍ୟର ବିକାଶ ହେଉଥିଲା ଅଜ୍ଞାନ, ଅନ୍ଧକାର, ଦୁଃଖ ଦ୍ୱନ୍ଦ୍ୱରୁ ଜ୍ଞାନ, ଆନନ୍ଦ ଆଡ଼କୁ । ଅନ୍ଧକାର, ଅଜ୍ଞାନ, ଦୁଃଖ-କଷ୍ଟ ମନଃସ୍ତରର ବସ୍ତୁ । ମନୁଷ୍ୟ ମନଃସ୍ତର ଅତିକ୍ରମ କରି ଅତିମାନସ ସ୍ତରରେ ଉପନୀତ ହେଲେ, ଅର୍ଥାତ୍ ତା'ର ମନ-ପ୍ରାଣ-ଶରୀର ରୂପାନ୍ତରିତ ହେଲେ ତା'ର ବିକାଶ ଚାଲିବ ଜ୍ଞାନରୁ ଜ୍ଞାନ ଆଡ଼କୁ, ଆନନ୍ଦରୁ ଆନନ୍ଦ ଆଡ଼କୁ । ଏହି ରୂପାନ୍ତର ବିକାଶର ଶେଷ ନୁହେଁ । ବିକାଶ ଅନନ୍ତ, ଅନନ୍ତକାଳ ପର୍ଯ୍ୟନ୍ତ ଚାଲିଥିବ । ଏହି ବିକାଶର ଯଦି ସୀମା ଥାଆନ୍ତା ତେବେ ଆଚାର୍ଯ୍ୟମାନେ ଆସି ନୂତନ ଶିକ୍ଷା ଦେବାର ପ୍ରୟୋଜନ ହୁଅନ୍ତା ନାହିଁ । ଆଚାର୍ଯ୍ୟମାନଙ୍କର ସମସ୍ତ ଅନୁଭୂତି, ସମସ୍ତ ସିଦ୍ଧାନ୍ତ ସତ୍ୟ; ମନୁଷ୍ୟର ପୂର୍ଣ୍ଣତା ସକାଶେ ଏହା ଅଙ୍ଗରୂପେ ଆବଶ୍ୟକ ଏବଂ ମାନବିକ ପୂର୍ଣ୍ଣତାର ଅଙ୍ଗରୂପେ ଚିରଦିନ ସକାଶେ ରହିବ । କିନ୍ତୁ ପୂର୍ଣ୍ଣତାର ମଧ୍ୟବର୍ତ୍ତୀ ଅବସ୍ଥାରେ ପ୍ରାପ୍ତ ମୁକ୍ତି ଭଗବତ୍ ପ୍ରାପ୍ତିକୁ ଜୀବନର ପୂର୍ଣ୍ଣତା ମାନିନେବାରୁ ସୈଦ୍ଧାନ୍ତିକ ବିରୋଧ ହେଉଅଛି । ଶ୍ରୀଅରବିନ୍ଦଙ୍କ ଯୋଗରେ ପୁରାତନ ଯୋଗର ସମସ୍ତ ସତ୍ୟ ଉପଲବ୍ଧ ହୁଏ ଏବଂ ଜୀବନର ପୂର୍ଣ୍ଣତା ବ୍ୟାଖ୍ୟାନରେ ସମସ୍ତ ବିରୋଧୀ ସିଦ୍ଧାନ୍ତର ସମନ୍ୱୟ ମଧ୍ୟ ହୁଏ ।

(କ୍ରମଶଃ)

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*, ପ୍ରଥମ ଖଣ୍ଡ, ପୃଷ୍ଠା : ୨୪୧ - ୨୪୪) ❑

**ଆତ୍ମ-ସଂଯମ**

ତୁମେ ଗୋଟିଏ ବଣୁଆ ଘୋଡ଼ାକୁ ପୋଷା ମନାଇପାର, କିନ୍ତୁ ଗୋଟାଏ ବାଘର ମୁହଁରେ କେବେହେଲେ ଲଗାମ ଦେଇପାରିବ ନାହିଁ ।

କାହିଁକି ଏପରି ଘଟେ ? କାରଣ ବାଘ ଭିତରେ ଏପରି ଏକ ଦୁଷ୍ଟ, ନିଷ୍ଠୁର ଏବଂ ଅସଂଶୋଧନୀୟ ବଳ ରହିଛି, ଯେଉଁଥିପାଇଁ ଆମେ ତାହାଠାରୁ ଭଲ କିଛି ଆଶା କରିପାରୁନା ଏବଂ ସେ ଯେପରି ଅନିଷ୍ଟ ନକରି ପାରିବ ସେଥିପାଇଁ ତାକୁ ମାରିଦେବାକୁ ପଡ଼େ । କିନ୍ତୁ ଅନ୍ୟ ଦିଗରେ, ବଣୁଆ ଘୋଡ଼ା ପ୍ରଥମେ ଯେତେ ଅବାଧ୍ୟ ହେଲେ ବା କରଛଡ଼ା ଦେଲେ ମଧ୍ୟ ଅଳ୍ପ ଧୈର୍ଯ୍ୟ ଏବଂ ଚେଷ୍ଟା ଦ୍ୱାରା ତାକୁ ଆୟତ୍ତାଧୀନ କରାଯାଇପାରେ । କ୍ରମେ କ୍ରମେ ସେ ଆଦେଶ ପାଳନ କରିବାକୁ, ଏପରିକି ଆମ୍ଭମାନଙ୍କୁ ଭଲପାଇବାକୁ ମଧ୍ୟ ଶିଖେ । ପରିଶେଷରେ ଲଗାମ ପିନ୍ଧିବା ପାଇଁ ସେ ନିଜ ଇଚ୍ଛାରେ ମୁହଁ ବଢ଼ାଇ ଦିଏ ।

ମନୁଷ୍ୟ ମଧ୍ୟରେ ବି ଏପରି ବିଦ୍ରୋହୀ ଓ ଉଦ୍ଧତ ପ୍ରବୃତ୍ତି ଓ ଇଚ୍ଛା ରହିଛି, କିନ୍ତୁ ସେଗୁଡ଼ିକ ବାଘ ପରି ଅଦମନୀୟ ହେବାର କ୍ୱଚିତ୍ ଦେଖାଯାଏ । ଅଧିକାଂଶ ସ୍ଥଳରେ ସେଗୁଡ଼ିକ ବଣୁଆ ଘୋଡ଼ା ସଦୃଶ ଏବଂ ସେଗୁଡ଼ିକୁ ସଂଯତ କରିବାକୁ ଲଗାମ ଦରକାର ହୁଏ, ଏବଂ ତାହାହିଁ ସର୍ବୋତ୍କୃଷ୍ଟ ଲଗାମ ଯାହାକି ମନୁଷ୍ୟ ନିଜେ ନିଜକୁ ପିନ୍ଧାଇ ପାରେ । ସେହି ଲଗାମଟିର ନାମ ହେଲା ଆତ୍ମ-ସଂଯମ ।

**– ଶ୍ରୀମା**

# ମା' ଆପଣ ଏମିତି କହିଛନ୍ତି ...

## (୧୨)

## ହୁତା ହିନ୍ଦୋଚା

[ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପ୍ରତି ପୂର୍ଣ୍ଣ ସମର୍ପିତା ହୁତା ହିନ୍ଦୋଚାଙ୍କ ଦ୍ୱାରା ଇଂରାଜୀ ଭାଷାରେ ଲିଖିତ "Mother You said so ..." ପୁସ୍ତକର ଓଡ଼ିଆ ଭାଷାରେ ଅନୁବାଦ : ''ମା' ଆପଣ ଏମିତି କହିଛନ୍ତି ...''। ୧୯୫୫ ମସିହାରୁ ୧୯୭୩ ମସିହା ପର୍ଯ୍ୟନ୍ତ ମା' ବିଭିନ୍ନ ସମୟରେ ହୁତାଙ୍କୁ ଯେଉଁ କଥାସବୁ କହିଥିଲେ ସେସବୁ ଉକ୍ତ ପୁସ୍ତକରେ ସନ୍ନିବେଶିତ ହୋଇଛି। ଶ୍ରୀମା ସ୍ୱହସ୍ତରେ ହୁତାଙ୍କ ପାଣ୍ଡୁଲିପି (ନୋଟ୍ ଖାତା) ସଂଶୋଧନ କରିଥିଲେ ଏବଂ ପୁସ୍ତକର ନାମକରଣ କରିଥିଲେ "Mother You said so ..."

ପରମା ଦିବ୍ୟଜନନୀ ଶ୍ରୀମା'ଙ୍କ କୃପାରୁ ଧାରାବାହିକ ଭାବେ ଏହାର ଅନୁବାଦ 'ନବପ୍ରକାଶ' ମାସିକ ପତ୍ରିକାରେ ପ୍ରକାଶ କରିବାର ଏକ ପ୍ରୟାସ କରାଯାଇଛି। – ସମ୍ପାଦନା]

*ମା' ଯେଉଁ ବିଷୟରେ କହୁଥିଲେ ପୁନର୍ବାର ସେହିଠାରୁ ଆରମ୍ଭ କଲେ। ...*

ସେଥିପାଇଁ ଯେକେହି ସତ୍ୟ ପାଇଁ ଅଭୀପ୍ସା କରେ, ଆମେ – (ଶ୍ରୀମା' ଏବଂ ପରମପ୍ରଭୁ ଶ୍ରୀଅରବିନ୍ଦ) ସାଧାରଣତଃ ସୂତ୍ରଗୁଡ଼ିକୁ ଏକତ୍ରିତ କରି ଟାଣିଥାଉ ଏବଂ ସେମାନଙ୍କୁ ଏଠାକୁ ଆଣୁ ଏବଂ ଦେବ ମୁହୂର୍ତ୍ତ ନିମନ୍ତେ ପ୍ରସ୍ତୁତ କରୁ। ଏହାହିଁ ଉପଯୁକ୍ତ ସମୟ। ଯଦି ତୁମେ ଏହି ଜନ୍ମରେ ସତ୍ୟକୁ ଉପଲବ୍ଧି କରି ନ ପାରିବ, ଏହା ପରେ ତୁମକୁ ଶହେ ଜନ୍ମ ଲାଗି ଯାଇପାରେ।

ତେବେ କିଏ ଜାଣେ ପ୍ରତ୍ୟକ୍ଷଭାବେ ସାହାଯ୍ୟ କରିବା ପାଇଁ ଶ୍ରୀଅରବିନ୍ଦ ଏବଂ ଶ୍ରୀମା ଏଠାରେ ରହିଥିବେ କି ନାହିଁ, ତେବେ ସେଠାରେ କେବଳ ରହିଥିବ ଏକ ଦିବ୍ୟ ଶକ୍ତି।

ମଣିଷମାନେ ଭାଗ୍ୟବାନ୍, କାରଣ ସେମାନଙ୍କର ମନଟିଏ ଅଛି। ତେଣୁ ସେମାନେ ଭାବି ପାରନ୍ତି, ଅନୁଭବ କରି ପାରନ୍ତି, ନିଜକୁ ପ୍ରକାଶ କରି ପାରନ୍ତି; ଯେତେବେଳେ କି ପ୍ରାଣୀମାନଙ୍କର, ବୃକ୍ଷ ଏବଂ ଉଦ୍ଭିଦଗୁଡ଼ିକର ଚିନ୍ତାଶୀଳ ମନ ନାହିଁ ଏବଂ ସେମାନେ ନିଜକୁ କିଂବା କିଛି ବି ପ୍ରକାଶ କରି ପାରନ୍ତି ନାହିଁ ଏବଂ ସେମାନେ ମନ ଓ ଏହାର ଧାରଣା ଅଭାବରୁ କୌଣସି ଉଚ୍ଚତର କାର୍ଯ୍ୟ କରିବାକୁ ଅସମର୍ଥ ହୁଅନ୍ତି।

ତୁମେ ଦେଖି ନାହଁ କି, 'ସାବିତ୍ରୀ'ରେ ଶ୍ରୀଅରବିନ୍ଦ କ'ଣ ଲେଖିଛନ୍ତି ?

"And in the belly of the sparse rolling mass
A mind looks out from a small casual globe
And wonders what itself and all things are."

(Savitri, P. 167)

ଅର୍ଥାତ୍,

''ଏବଂ ଆବର୍ତ୍ତିତ ଅଘନ ପିଣ୍ଡର ଉଦରରେ
ଏକ କ୍ଷୁଦ୍ର ମାମୁଲି ଗୋଲକ ଭିତରୁ ଦୃଷ୍ଟିପାତ
କରେ ଏକ ମାନସ।
ଏବଂ ସବିସ୍ମୟ ଭାବେ ତାହା ସ୍ୱୟଂ ତଥା
ଏ ଯାବତୀୟତା କ'ଣ।''

(ଓଡ଼ିଆ ଭାଷାନ୍ତର : ଶ୍ରୀ ମନୋଜ ଦାସ)

ମନ ଗୋଟିଏ ମହାନ୍ ବସ୍ତୁ ଯାହା ମଣିଷମାନଙ୍କର ଅଛି, ଏବଂ ଏହା ଦ୍ୱାରା ମଣିଷ ବିଚାର କରେ, କ'ଣ କରାଯିବା ଉଚିତ ଏବଂ କ'ଣ ନ କରାଯିବା ଉଚିତ।

ଯେତେବେଳେ ଆକ୍ରମଣସବୁ ଆସେ, ସରଳଭାବେ ପରମ ପ୍ରଭୁଙ୍କୁ ଆବାହନ କର। ମାତ୍ର ତୁମ୍ଭେମାନେ ମନେ ରଖିବା ଉଚିତ ଯେ ଠିକ୍ ମୁହୂର୍ତ୍ତରେହିଁ ନିଶ୍ଚୟ ଆବାହନ କରିବ; ଯଥାର୍ଥ ମୁହୂର୍ତ୍ତରେ ଏବଂ ତା'ପରେ ନୁହେଁ।

ଭଗବାନ୍ ଏ ପୃଥିବୀକୁ ସୁନ୍ଦର, ଶାନ୍ତିପୂର୍ଣ୍ଣ ଏବଂ ସୁଖକର କରିବାକୁ ଚାହାନ୍ତି।

ତୁମେ ନିଶ୍ଚିତରୂପେ ମନେ ରଖିବା ଉଚିତ ଯେ ପରମା ଦିବ୍ୟ ଜନନୀଙ୍କର ଅସଂଖ୍ୟ ରୂପ ବା ବିଭାବ ଅଛି ଏବଂ **ସେ**

ତାଙ୍କର ବାହୁଦ୍ୱୟରେ ସମଗ୍ର ବିଶ୍ୱକୁ ତୋଳି ଧରିଛନ୍ତି । ଗୋଟି ଗୋଟି କରି ପ୍ରତ୍ୟେକ ବସ୍ତୁ ରୂପାନ୍ତର ହେବା ଏବଂ ସେମାନଙ୍କର ଲକ୍ଷ୍ୟ ସ୍ଥଳରେ ପହଞ୍ଚିବା ସେ ଚାହାଁନ୍ତି । ଏ ବିଶ୍ୱଠାରୁ ତାଙ୍କର (ମା'ଙ୍କର) ଚେତନା ମହତ୍ତର ଏବଂ ବିଶାଳ । ମୁଁ ମା'ଙ୍କର ଭୌତିକ ବିଭାବମାନଙ୍କ ମଧ୍ୟରୁ ଅନ୍ୟତମ । ମୋର ଏହି ପାର୍ଥିବ ଶରୀର ସୀମିତ, ମାତ୍ର ମୋର ଚେତନା ସୀମାହୀନ । ମୁଁ ସର୍ବଦା ମୋର **ଚେତନାକୁ** ପ୍ରସାରିତ କରେ ଏବଂ **ଏହା** ସାହାଯ୍ୟରେ ବହୁ ଆବାହନର ଉତ୍ତର ଦିଏ । ମାତ୍ର ଖୁବ୍ ଅଳ୍ପ ଲୋକ ମୋର ଉତ୍ତରକୁ ଗ୍ରହଣ କରିଥା'ନ୍ତି । ଅଧିକାଂଶ ଲୋକ ସଚେତନ ଓ ଗ୍ରହଣଶୀଳ ନୁହନ୍ତି, ପକ୍ଷାନ୍ତରରେ ମୋର କାର୍ଯ୍ୟ ଖୁବ୍ ସହଜ ହୋଇପାରନ୍ତା । ମାତ୍ର କିଏ ସହଯୋଗ କରୁଛି ବା ଗ୍ରହଣ କରୁଛି ? ଯଦି ମଣିଷମାନେ ପ୍ରାରମ୍ଭରୁ ଦିବ୍ୟ ଜନନୀଙ୍କୁ ତାଙ୍କ କାର୍ଯ୍ୟରେ ସହଯୋଗ କରି ଥାଆନ୍ତେ – ତେବେ ଯେଉଁ ସତ୍ୟ ଉପଲବ୍ଧ ହେବାକୁ ଲକ୍ଷ ଲକ୍ଷ ବର୍ଷ ବିତି ଯାଇଛି, ତାହା ଅଳ୍ପ କେତୋଟି ବର୍ଷରେ ଉପଲବ୍ଧ ହୋଇ ପାରିଥା'ନ୍ତା । ସୁତରାଂ ଏତେସବୁ ସଂଘର୍ଷ ବା ପ୍ରତିବନ୍ଧକ ନଥା'ନ୍ତା ।

ସବୁକିଛି ନିଷ୍କାପର ସହଯୋଗ ଓ ଗ୍ରହଣଶୀଳତା ଉପରେ ନିର୍ଭର କରେ ।

ଅବଶ୍ୟ ସବୁ ଦୁଃଖ, ଯନ୍ତ୍ରଣା ଓ ଅସୁବିଧାର ସମାପ୍ତି ରହିଛି । **ଓମ୍** ।

ଆମେ ଯେତେବେଳେ ଶ୍ୱାସ ପ୍ରଶ୍ୱାସ ନେଉ, ଆମେ ଯେତେବେଳେ ଖାଦ୍ୟଗ୍ରହଣ କରୁ, ଆମେ ସର୍ବଦା ନିଜ ଭିତରକୁ ମିଥ୍ୟାଚାରକୁ ଗ୍ରହଣ କରୁ ଖାଦ୍ୟ ଓ ନିଶ୍ୱାସ-ପ୍ରଶ୍ୱାସ ମାଧ୍ୟମରେ, କାରଣ ପୃଥିବୀ ମିଥ୍ୟାରେ ପରିପୂର୍ଣ୍ଣ – ନିଷ୍ଠାହୀନତା, ଅସାଧୁତା ଏବଂ କୁତ୍ସିତତାରେ ପରିପୂର୍ଣ୍ଣ । ସେଥିପାଇଁ ଏହି ଭୌତିକ ଶରୀରକୁ (ତାଙ୍କ ବାହୁର ମାଂସପେଶୀକୁ ନିର୍ଦ୍ଦେଶ କରି) ପରିବର୍ତ୍ତନ କରିବାକୁ ହେବ । ପ୍ରତ୍ୟେକ ପଦାର୍ଥ ପଶ୍ଚାତରେ ଭଗବାନ୍ ଅଛନ୍ତି ଏବଂ ସେହିଁ ସୁନିଶ୍ଚିତ ଭାବରେ ବିଜୟୀ ।

୨୪.୧୦.୬୩

ଏ ପୃଥିବୀ ଶୋଚନୀୟ ଭାବେ ଦୁଃଖ ଯନ୍ତ୍ରଣାରେ ପୂର୍ଣ୍ଣ । କିନ୍ତୁ ଏହି ସତ୍ତାସକଳ ଯେଉଁମାନେ କି ପୂର୍ଣ୍ଣତଃ ଦୟାର ପାତ୍ର ସେମାନେ ଏତେ କ୍ଷୁଦ୍ର ଓ ଦୁର୍ବଳ ଯେ ନୀଚତାରୁ ନିବୃତ୍ତ ହୋଇ ପାରନ୍ତି ନାହିଁ ।

*ଏହି ବାର୍ତ୍ତାଟିକୁ ବୁଝାଇ ଦେବା ପାଇଁ ମୁଁ ମା'ଙ୍କୁ ପ୍ରାର୍ଥନା କଲି । ମା' କହିଲେ :*

ମୁଁ ଯେତେବେଳେ ଦିବ୍ୟ ପରମଙ୍କ ସହିତ ଏକାତ୍ମ ହୋଇ ଯାଇଥିଲି – ମୋ ପାଖକୁ 'କରୁଣା' ଆସିଥିଲା, କାରଣ ଏହି ପୃଥିବୀରେ ଅଗଣିତ ସତ୍ତା ଅଛନ୍ତି, ଯେଉଁମାନେ କିଛି ବି ବୁଝନ୍ତି ନାହିଁ; ଏପରିକି ସେମାନେ ଭଗବାନଙ୍କ ସମ୍ପର୍କରେ ମଧ୍ୟ କିଛି ଜାଣନ୍ତି ନାହିଁ । ସେମାନେ ଅଜ୍ଞାନତା ଓ ଖଳପ୍ରବୃତ୍ତିରେ ପୂର୍ଣ୍ଣ – ସେମାନେ ଅତ୍ୟନ୍ତ ନଗଣ୍ୟ ଏବଂ ନିଜକୁ ନୀଚତାରୁ ନିବୃତ୍ତ କରିପାରନ୍ତି ନାହିଁ । ସେମାନେ ନିଜେ ବି ଜାଣନ୍ତି ନାହିଁ ସେମାନେ କ'ଣ କରୁଛନ୍ତି ଏବଂ କାହିଁକି କରୁଛନ୍ତି । ସେମାନେ ଯେପରି ଅଚନ୍ତି ଠିକ୍ ସେମିତି ରହିଥା'ନ୍ତି ।

କିନ୍ତୁ ସେହି ନିମ୍ନ ସତ୍ତାଗୁଡ଼ିକୁ ମୁଁ ପୂର୍ଣ୍ଣତଃ ଦିବ୍ୟତ୍ୱରେ ରୂପାନ୍ତର କରିବାକୁ ଚାହେଁ । ପ୍ରତ୍ୟେକଙ୍କ ପାଇଁ ମୁଁ ପୂର୍ଣ୍ଣତା ଚାହେଁ ...

ଏହି ଅଭିଜ୍ଞତାକୁ ମୁଁ ମୋ ବାର୍ତ୍ତାରେ ସଂକ୍ଷେପରେ ଉଲ୍ଲେଖ କରିଛି । ପ୍ରଥମେ ମୁଁ ଫ୍ରେଞ୍ଚ୍ ଭାଷାରେ ଲେଖିଥିଲି – ୧୯୬୩ ମସିହା ସେପ୍‌ଟେମ୍ବର ୧୭ ତାରିଖରେ ଠିକ୍ ଏହି ଅନୁଭୂତିଟି ହେବା ପରେ ପରେ । ତପ୍ତରେ ପରଦିନ ଏହି ବାର୍ତ୍ତାକୁ ମୁଁ ଇଂରାଜୀରେ ଲେଖିଲି ।

୬.୧୧.୬୩

ସତ୍ୟ ଊର୍ଦ୍ଧ୍ୱରୁ ସିଧାସଳଖ ଅବତରଣ କରେ ଏବଂ ସତ୍ୟର ଅନୁସରଣରେ ମୁଁ ସର୍ବଦା କାର୍ଯ୍ୟ କରେ ଏବଂ ସେହି ସତ୍ୟର ଦୃଷ୍ଟିଭଙ୍ଗୀକୁ ମାନବସତ୍ତାମାନଙ୍କ ଉପରକୁ ନିକ୍ଷେପ କରେ, ପ୍ରତ୍ୟେକ ବସ୍ତୁରେ ସୁସଙ୍ଗତି ଆଣିବା ପାଇଁ – ମାତ୍ର ଦୁଃଖର ବିଷୟ ଏହି ଯେ ଏହି ସତ୍ୟ ଯେତେବେଳେ ମାନବ ସତ୍ତାକୁ ସ୍ପର୍ଶ କରେ, ଏହା ଜଟିଳ ଏବଂ ଅସାଧ ହୋଇଯାଏ । ଯଦିଚ ଥରେ ଯେବେ 'ସତ୍ୟ ଦୃଷ୍ଟି' ମାନବ ସତ୍ତାମାନଙ୍କ ଓ ସେମାନଙ୍କ ଚେତନାକୁ ସ୍ପର୍ଶ କରେ, ଶୀଘ୍ର ହେଉ ବା ବିଳମ୍ବରେ ହେଉ, ସେହି ସତ୍ୟ ସହଜ ଏବଂ ବୋଧଗମ୍ୟ ହେବାକୁ ବାଧ ହେବ – ଏବଂ ମୁଁ ଯାହା ନିଷ୍ପତ୍ତି କରିଛି ତାହା ଠିକ୍ ଭାବରେ ଏହି ପୃଥିବୀରେ କାର୍ଯ୍ୟକାରୀ ହେବ ।

୨୮.୧୧.୬୩

*ମା'ଙ୍କ କଥା ମୋ ମନରେ ଆଣିଦେଲା ତାଙ୍କ ଦ୍ୱାରା ଦିଆଯାଇଥିବା ଏକ ସମୁଚିତ ବାର୍ତ୍ତା :*

ଦିବ୍ୟ ସତ୍ୟର ଏକ ଝଲକ ପାଇବାକୁ ହେଲେ, ଜଣେ ତା'ର ଚେତନାରେ ଗୋଟିଏ ପାଦ ପଛକୁ ହଟି ଆସିବା ଉଚିତ, ନିଜ ସତ୍ତାର କିଞ୍ଚିତ୍ ଗଭୀରତାକୁ ପ୍ରବେଶ କରି ଏବଂ ଦୃଶ୍ୟମାନ

ବସ୍ତୁର ପଶ୍ଚାତରେ ଶକ୍ତିର ଖେଳକୁ ଜାଣିବାକୁ ଚେଷ୍ଟା କରୁ ଏବଂ ଜାଣୁ ଯେ ଶକ୍ତିର ଖେଳ ପଛରେ ଥିବା ଦିବ୍ୟ ଉପସ୍ଥିତିକୁ ।

*ମୁଁ ଏଠାରେ ଶ୍ରୀଅରବିନ୍ଦଙ୍କ ରଚନାରୁ କିଛି ଉଦ୍ଧାର କରିବାକୁ ଚାହେଁ :*

ଆମ ନିଜ ଭିତରକୁ ପର୍ଯ୍ୟବେକ୍ଷଣ କରିବା ଏବଂ ଦେଖିବା, ଆମ ଅଭ୍ୟନ୍ତରକୁ ପ୍ରବେଶ କରିବା ଏବଂ ସେଠାରେ ବାସ କରିବା ହେଉଛି ଆମ ପ୍ରକୃତିର ରୂପାନ୍ତର ଏବଂ ଦିବ୍ୟ ଜୀବନ ଲାଭ ପାଇଁ ପ୍ରଥମ ଆବଶ୍ୟକତା ।

### ୧୯୬୪

*ସକାଳେ ମୁଁ ମା'ଙ୍କ ପାଖକୁ ଗଲି । ସେ ମୋତେ ବୁଝାଇଲେ ସତ୍ୟ, ଇଚ୍ଛାକୃତ ମିଥ୍ୟାକଥନ ଓ ଅସତ୍ୟ କ'ଣ । ପୂର୍ବରୁ ସେ କେବେ ଏଗୁଡ଼ିକ ମୋତେ କହି ନଥିଲେ ।*

ଅସତ୍ୟ ଏବଂ ଇଚ୍ଛାକୃତ ମିଥ୍ୟାକଥନ ମଧ୍ୟରେ ଏକ ବିରାଟ ପାର୍ଥକ୍ୟ ରହିଛି । ଲୋକମାନେ ଯେତେବେଳେ ମିଛ କହନ୍ତି, ଏହା ହେଉଛି ସେମାନଙ୍କ ମୁହଁରୁ ବାହାରି ଆସୁଥିବା ଶବ୍ଦସମୂହ ଏବଂ ଏହା ପ୍ରକୃତ କଥାର ବିପରୀତ କିଂବା ଏହାକୁ ଅସ୍ୱୀକାର କରିବା । ଉଦାହରଣ ସ୍ୱରୂପ, ଯଦି ତୁମେ କୌଣସି ସ୍ଥାନକୁ ଯାଇଛ, ମାତ୍ର ସେଠାକୁ ଯିବାଟା ଅସ୍ୱୀକାର କଲ କିଂବା ତୁମେ କିଛି କାର୍ଯ୍ୟ କରିଛ ଅଥଚ ଏପରି କାର୍ଯ୍ୟ କରିଛ ବୋଲି ସ୍ୱୀକାର କଲ ନାହିଁ – ଏହା ମିଥ୍ୟାକଥନ । କିନ୍ତୁ ମିଥ୍ୟାକଥନର ଶକ୍ତି କିଛି ନଥାଏ । ମିଥ୍ୟାକଥନ ସର୍ବଦା ଗୋଟିଏ ବଡ଼ ଦୁର୍ବଳତାର ସଙ୍କେତ ଏବଂ ଯଦି ଏହା ଅଭ୍ୟାସଗତ ହୋଇଥାଏ ତେବେ ତାହା ପ୍ରବଞ୍ଚନାରେ ପରିଣତ ହୁଏ ।

ଅସତ୍ୟ ହେଉଛି ବଡ଼ ଭୟଙ୍କର । ଏହି ପୃଥିବୀ ବର୍ତ୍ତମାନ ଯେପରି ଅଛି, ଅସତ୍ୟର ଏକ ସ୍ଥିତି ମଧ୍ୟରେ ଏହା ରହିଛି – ଏହା ଶାଶ୍ୱତ ସତ୍ୟକୁ ଅସ୍ୱୀକାର କରୁଛି । ଅସତ୍ୟର ତିନୋଟି ମୁଖ୍ୟ ବିଭାଗ ରହିଛି :

୧. ଯେଉଁ ଲୋକମାନେ ସତ୍ୟ ପାଇଁ ଅଭୀପ୍ସା କରନ୍ତି ମାତ୍ର ସତ୍ୟ ଏବଂ ଅସତ୍ୟକୁ ପୃଥକ୍ କରିବାରେ ସେମାନଙ୍କ ଅଭୀପ୍ସାରେ ସେତେ ନିଷ୍ଠା ନଥାଏ, ସେମାନେ ସର୍ବଦା ଦୁଃଖ ଓ ସମସ୍ୟାର ସମ୍ମୁଖୀନ ହୁଅନ୍ତି ଏବଂ ସତ୍ୟର ମାର୍ଗରୁ ବିଚ୍ୟୁତ ହୁଅନ୍ତି ।

୨. ଏହି ଶ୍ରେଣୀଟି ବିପଜ୍ଜନକ । ଯେଉଁ ଲୋକମାନେ ସତ୍ୟ ଓ ଅସତ୍ୟ ମଧ୍ୟରେ ପାର୍ଥକ୍ୟକୁ ଭଲ ଭାବରେ ଜାଣି ପାରନ୍ତି, ସେମାନେ ଜାଣନ୍ତି ଯେ ସତ୍ୟହିଁ ଉତ୍ତମ, ମାତ୍ର ସେମାନଙ୍କର ଶକ୍ତି ନଥାଏ ମନ୍ଦକାର୍ଯ୍ୟର ପ୍ରବର୍ତ୍ତନାକୁ ପ୍ରତିହତ କରିବା ପାଇଁ; ଫଳରେ ସେମାନେ ନିରନ୍ତର ଅସତ୍ୟର ଶିକାର ହୋଇଥା'ନ୍ତି ।

୩. ଶେଷ ଶ୍ରେଣୀଟି ସବୁଠାରୁ ଅଧିକ ବିପଦପୂର୍ଣ୍ଣ । କେତେକ ଲୋକ ଅଛନ୍ତି ଯେଉଁମାନେ ସତ୍ୟ ସମ୍ପର୍କରେ ସଚେତନ, ମାତ୍ର ସତ୍ୟକୁ ସ୍ୱୀକାର କରିବାକୁ ଇଚ୍ଛୁକ ନୁହନ୍ତି ଏବଂ ସ୍ୱତଃପ୍ରବୃତ୍ତଭାବେ ମିଥ୍ୟାକୁ ବାଛନ୍ତି । ସତ୍ୟ ପ୍ରତି ସେମାନଙ୍କର ଏକ ପ୍ରକାର ଘୃଣାଭାବ ଥାଏ ଏବଂ ତୀବ୍ରଭାବେ ସେମାନେ ସତ୍ୟକୁ ପ୍ରତ୍ୟାଖ୍ୟାନ କରନ୍ତି । ଶାଶ୍ୱତ ଆତ୍ମାଙ୍କ ତାଲିକାରେ ଏମାନଙ୍କୁ 'ହୃତ-ଆତ୍ମା' ବୋଲି କୁହାଯାଇପାରେ । ଯେପରି 'ସାବିତ୍ରୀ'ରେ କୁହାଯାଇଛି :

"So might one fall on the Eternal's road
Forfeiting the spirit's lonely chance in Time
And no news of him reach the waiting gods,
Marked "missing" in the register of souls,"

(Savitri, Page. 210)

ଅର୍ଥାତ୍,

''ଶାଶ୍ୱତର ମାର୍ଗପରେ ଏମନ୍ତ ହୋଇପାରେ
ଜଣକର ପତନ
କାଳସ୍ରୋତରେ ଚୈତନ୍ୟର ଏକକ ସୁଯୋଗ ହୋଇ ବାଜ୍ୟାପ୍ତ
ଏବଂ ଅପେକ୍ଷାରତ ଦେବଗଣଙ୍କ ସମୀପରେ ପହଞ୍ଚିବ ନାହିଁ
ତା'ର କୌଣସି ସମ୍ବାଦ
ଆତ୍ମାର ବିବରଣୀ ଖାତାରେ ''ନିରୁଦ୍ଦିଷ୍ଟ''
ବୋଲି ଉଲ୍ଲିଖିତ ।''

(ଓଡ଼ିଆ ଭାଷାନ୍ତର : ଶ୍ରୀ ମନୋଜ ଦାସ)

ସୁଖର କଥା, ବହୁତ କମ୍ ଲୋକ ସେପରି ଅଛନ୍ତି – ଯେଉଁମାନେ ସତ୍ୟକୁ ଅସ୍ୱୀକାର କରନ୍ତି ଓ ମିଥ୍ୟାକୁ ବାଛନ୍ତି ।

ଅବଶ୍ୟ ବହୁ ସଂଖ୍ୟକ ଲୋକ ଅଛନ୍ତି ଯେଉଁମାନଙ୍କର ସତ୍ ଇଚ୍ଛା ଅଛି, ଶୁଭ ଉଦ୍ଦେଶ୍ୟ ଅଛି, ଉତ୍ତମ ଅଭୀପ୍ସା ଏବଂ ବାକିସବୁ ଅଛି; ମାତ୍ର ଏସବୁ ସତ୍ତ୍ୱେ ତଥାପି ସେମାନେ ମିଥ୍ୟା

ମଧ୍ୟରେ ବାସ କରନ୍ତି, କାରଣ ସତ୍ୟ ପାଇଁ ସଂଗ୍ରାମ କରିବାର ଶକ୍ତି ସେମାନଙ୍କର ନାହିଁ । ନିରନ୍ତର ନିରୀକ୍ଷଣ ପ୍ରକ୍ରିୟାକୁ ପରିହାର କରି ତୁମେ ଯଦି ନିଜକୁ ଯିବାକୁ ଦିଅ, ତୁମେ ମିଥ୍ୟାତ୍ୱ ମଧ୍ୟରେ ବଞ୍ଚିବାକୁ ବାଧ୍ୟ ହୁଅ, କାରଣ ଏ ଜଗତ୍ ହେଉଛି ମିଥ୍ୟାର ଜଗତ୍ ।

ଯେତେବେଳେ ଆତ୍ମାସକଳ ଦୁଃଖ, ଯନ୍ତ୍ରଣା ଓ ସମସ୍ୟାକୁ ଗ୍ରହଣ କରି ପୃଥିବୀ ଉପରକୁ ଆସନ୍ତି – ଏହାର କାରଣ ସେମାନେ ମିଥ୍ୟା ଉପରେ ବିଜୟ ହାସଲ କରିବାକୁ ଚାହାଁନ୍ତି ଏବଂ ସତ୍ୟର ବିଜୟରେ ସହାୟକ ହୁଅନ୍ତି । ମୁଁ ସେମାନଙ୍କୁ ବୀରୋଚିତ ଆତ୍ମା ବୋଲି କହେ ।

ଯେଉଁମାନେ ମାନସିକ, ପ୍ରାଣିକ ଓ ଶାରୀରିକ ସତ୍ତାକୁ ଏକପାଖିଆ ରଖିଦେଇ କେବଳ ଆନନ୍ଦ ମଧ୍ୟରେ ଜୀବନ ବଞ୍ଚନ୍ତି, ସେମାନଙ୍କର କିଛି ସଂଗ୍ରାମ ବା ଯନ୍ତ୍ରଣା ନଥାଏ, କାରଣ ସେମାନଙ୍କର ସତ୍ତାଗୁଡ଼ିକ ସ୍ପର୍ଶ ରହିତ, ଶାନ୍ତ ଓ ସ୍ଥିର ଥାଏ, ସେମାନେ ଯେପରି ଅଛନ୍ତି ସେହିପରି ଥା'ନ୍ତି । ମାତ୍ର ଯେଉଁ ଆତ୍ମାମାନେ ମିଥ୍ୟା ସହିତ ସମ୍ମୁଖ ସଂଗ୍ରାମ କରିବା ପାଇଁ ପୃଥିବୀକୁ ଆସିଥା'ନ୍ତି ସେମାନେ ବାସ୍ତବରେ ବୀରୋଚିତ ଆତ୍ମା ଏବଂ ଭଗବାନଙ୍କ ପରମ ପ୍ରେମ ସେମାନଙ୍କ ସହିତ ଥାଏ । ପୃଥିବୀ ପାଇଁ ସେମାନେ ବାସ୍ତବ, ମୂର୍ତ୍ତ ଉଲ୍ଲେଖନୀୟ ଉଦାହରଣ ରଖି ଯାଆନ୍ତି ।

ଅନ୍ୟ ଏକ ପ୍ରମୁଖ ବିଷୟ ମନେ ରଖିବାକୁ ହେବ ଯେ ଜଣେ ଭଗବାନଙ୍କ ପ୍ରତି ଅଖଣ୍ଡ ବିଶ୍ୱାସ ରଖିବା ଉଚିତ । ବିଶ୍ୱାସର ଅଗ୍ନିଶିଖା ପ୍ରଜ୍ୱଳିତ କରି ରଖିବା ଉଚିତ ଏବଂ ଏହା ନିଶ୍ଚିତ ବିକଶିତ ହେବ ଏବଂ ମିଥ୍ୟାକୁ ଦୂର କରିବା ପାଇଁ ଏହି ଆଲୋକ ବିସ୍ତାରିତ ଭାବେ ବିଚ୍ଛୁରିତ ହେବ, କାରଣ ଏହା ସତ୍ୟର ଆଲୋକ ।

ତୁମେ କାହିଁକି ଏତେ ବିଚଳିତ ହେଉଛ ? ପ୍ରତ୍ୟେକଟି କଥା ଭଗବାନଙ୍କ ଉପରେ ଛାଡ଼ିଦିଅ । କେବଳ ସେହିଁ ଏକମାତ୍ର ଜାଣନ୍ତି – କେବଳ ଜାଣନ୍ତି ନାହିଁ, ଦେଖନ୍ତି, ପ୍ରତ୍ୟେକ କଥାର ଯତ୍ନ ନିଅନ୍ତି, ପ୍ରତ୍ୟେକ କଥାର ବ୍ୟବସ୍ଥା କରନ୍ତି । ଏହା ତାଙ୍କର ଦାୟିତ୍ୱ, ମଣିଷର ଦାୟିତ୍ୱ ନୁହେଁ । ମିଥ୍ୟା ଦ୍ୱାରା ସେମାନେ (ଲୋକମାନେ) ଯେତେ ଅଧିକ ବିଶୃଙ୍ଖଳିତ ଓ ଅଶାନ୍ତ ହୁଅନ୍ତି ସେତେ ଅଧିକ ତାହା (ଅସତ୍ୟ) ଲୋକଙ୍କର ଚେତନା ଭିତରକୁ, ହୃଦୟ ଭିତରକୁ ଏବଂ ମସ୍ତିଷ୍କ ଭିତରକୁ ବିଭିନ୍ନ ରୂପରେ ପ୍ରବେଶ କରେ ଏବଂ ସେମାନଙ୍କୁ (ଲୋକଙ୍କୁ) ଅସୁଖୀ କରାଏ । ଏଠାରେ ଶରୀର ଏବଂ ସତ୍ୟଚେତନା ଅଲଗା ହୋଇ ରହି ନାହିଁ, ତେଣୁ ସ୍ୱାଭାବିକ ଭାବେ ଶରୀର ମଧ୍ୟ ମିଥ୍ୟା ଦ୍ୱାରା ଆକ୍ରାନ୍ତ ହୁଏ ।

କେବଳ ଭଗବାନଙ୍କ ଦିବ୍ୟ ପ୍ରେମକୁ ସ୍ମରଣ କରି ସର୍ବଦା ତୁମେ ମିଥ୍ୟାକୁ ଉପେକ୍ଷା କରିବା ଉଚିତ । ତୁମର ଯାହା ବି ଘଟୁନା କାହିଁକି କେବେ ଅସ୍ଥିର ହୁଅ ନାହିଁ – ଭଗବାନଙ୍କୁ ପ୍ରାର୍ଥନା କର । ୨୦.୧.୬୪

କାଳୀ କ୍ରୋଧିତ ହୁଅନ୍ତି ନାହିଁ ଯେତେବେଳେ ସେ ଆଧିପତ୍ୟ ବିସ୍ତାର କରନ୍ତି  ବିରୋଧୀ ଶକ୍ତି ଉପରେ – ସଇତାନ ଉପରେ ।

ବିରୋଧୀ ଶକ୍ତିଗୁଡ଼ିକ ବହୁତ ଆମୋଦିତ ହୁଅନ୍ତି, ତୁମେ ଯେତେବେଳେ ସେମାନଙ୍କୁ ଶୁଣ ଏବଂ ଭଗବାନଙ୍କ ଉପରେ ତୁମର ବିଶ୍ୱାସକୁ ବିନଷ୍ଟ କରିଦିଅ ସେମାନେ ବହୁତ ଆନନ୍ଦ ପାଆନ୍ତି । ସେହି ସମୟରେ କିଛି ଭାବ ନାହିଁ, କିଛି ଲେଖ ନାହିଁ, କିଛି ବି କୁହ ନାହିଁ – କେବଳ ନୀରବ ରୁହ ।

ତୁମେ ସହିଯିବା ଉଚିତ ଏବଂ ଝଡ଼କୁ ଅତିକ୍ରମ କରିବାକୁ ଦିଅ । ଏହିପରି ଭାବେ ଏହି ଜନ୍ମରେ ତୁମେ ମିଥ୍ୟାଚାରରୁ ମୁକ୍ତି ଲାଭ କରିପାରିବ ।

୧୮.୨.୬୪

ଅନ୍ତର୍ମୁଖୀ ହୁଅ, କଦାପି ବାହ୍ୟ ଦିଗକୁ ଦେଖ ନାହିଁ – କାରଣ ଭଗବାନଙ୍କ ଉପସ୍ଥିତି ଏବଂ ତାଙ୍କର ମାଧୁର୍ଯ୍ୟ ଓ ପ୍ରେମ ହୃଦୟର ଗଭୀରତାରେ ରହିଛି ।

୨୦.୩.୬୪

(କ୍ରମଶଃ)

ଅନୁବାଦକ : ଇନ୍ଦୁମାଧବ ମହାନ୍ତି

❑❑❑

ଯଥାର୍ଥ ସାହସରେ ଧୈର୍ଯ୍ୟହୀନତା ଏବଂ ଅବିବେକିତା ଲାଗି କୌଣସି ସ୍ଥାନ ନଥାଏ ।

– ଶ୍ରୀମା

# ଶ୍ରୀଅରବିନ୍ଦ ଓ କ୍ରମ-ବିବର୍ତ୍ତନ

## (୭)

## ପ୍ରପତ୍ତି

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ଆମ୍ଭେମାନେ ଏପର୍ଯ୍ୟନ୍ତ ଏହି ପ୍ରସଙ୍ଗରେ ପ୍ରଧାନତଃ ତିନୋଟି ବିଷୟରେ ଆଲୋଚନା ଶେଷ କରିଅଛୁ । ପ୍ରଥମରେ ଶ୍ରୀଅରବିନ୍ଦଙ୍କ ସାଧନାର ଲକ୍ଷ୍ୟ ଓ ତତ୍ ସମ୍ବନ୍ଧୀୟ କେତେକ ବିଶେଷ ତତ୍ତ୍ୱ, ଦ୍ୱିତୀୟରେ ଶ୍ରୀଅରବିନ୍ଦଙ୍କ ବିବର୍ତ୍ତନବାଦ ସମ୍ବନ୍ଧୀୟ ଦାର୍ଶନିକ ତତ୍ତ୍ୱର ବୈଶିଷ୍ଟ୍ୟ, ତୃତୀୟରେ ମନୁଷ୍ୟର ଆଧାତ୍ମିକ ବିବର୍ତ୍ତନ ପଥରେ ପ୍ରକୃତିର ବିଭିନ୍ନ ପଥର ସହାୟତାର ଅବଲମ୍ବନ ଏବଂ ଏହି ସମ୍ପର୍କରେ ଧର୍ମ ଓ ନୈତିକତା କିପରି ଆଧାତ୍ମିକତା ଠାରୁ ପୃଥକ୍, ଏହିସବୁ ଦର୍ଶାଇ ଅଛୁ । ଏବେ ଏହି ପ୍ରବନ୍ଧରେ ଶ୍ରୀଅରବିନ୍ଦଙ୍କ କଥିତ ''ଅତିମାନସ ଶକ୍ତିର ପୃଥିବୀ ଉପରେ ଅବତରଣ ଓ କ୍ରିୟା'' ସମ୍ବନ୍ଧରେ କେତେକ ବିଷୟ ଉଲ୍ଲେଖ କରି କ୍ରମାନ୍ୱୟରେ ଚାଲିଥିବା ଏହି ଧାରାବାହିକ ପ୍ରବନ୍ଧ ଶେଷ କରିବା ।

ଏକଥା ପ୍ରଥମରୁ କହି ରଖିବା ବାଞ୍ଛନୀୟ ଯେ ଶ୍ରୀଅରବିନ୍ଦଙ୍କ କଥିତ ''ଅତିମାନସ ଶକ୍ତିର ପୃଥିବୀପୃଷ୍ଠରେ ଅବତରଣ ଓ କ୍ରିୟା'' ସମ୍ବନ୍ଧରେ ବିଶେଷ କିଛି ଆଲୋଚନା କରି କୌଣସି ଏକ ବିଶ୍ଳେଷଣାତ୍ମକ ବିଧିବଦ୍ଧ ସିଦ୍ଧାନ୍ତରେ ଉପନୀତ ହେବା ଅତ୍ୟନ୍ତ କଠିନ ବ୍ୟାପାର । କାରଣ ଏହା ଦୃଶ୍ୟତଃ, ବାହ୍ୟତଃ ଭୌତିକ ମନର ଯୁକ୍ତିବୁଦ୍ଧିର ବାଚାଳତା ପାଖରେ କୌଣସି ଏକ ଇନ୍ଦ୍ରିୟଲବ୍ଧ ବସ୍ତୁ ରୂପେ ରଖାଯାଇ ପାରିବ ନାହିଁ । ମନୁଷ୍ୟର ଇନ୍ଦ୍ରିୟଲବ୍ଧ ସତ୍ୟ ଓ ତାହା ପରେ ତାହାର ମନୋଗତ ବୁଦ୍ଧିଲବ୍ଧ ସତ୍ୟର ସୀମା ଅତି ସଂକୀର୍ଣ୍ଣ । ଅଧ୍ୟାତ୍ମ ସତ୍ୟର ବିଚାର ପାଇଁ ଅଧ୍ୟାତ୍ମ ଦୃଷ୍ଟିକୋଣ ଏବଂ ଏକ ସୂକ୍ଷ୍ମ ଅଧ୍ୟାତ୍ମାନୁଭୂତି ଆବଶ୍ୟକ । ସୁତରାଂ ଏହି ପ୍ରବନ୍ଧରେ ସନ୍ନିବେଶିତ ବିଭିନ୍ନ ତଥ୍ୟରାଜି କିଛି ପରିମାଣରେ ରହସ୍ୟାବୃତ ବୋଧ ହେଲେହେଁ ତାହା ଯେ ଅଧ୍ୟାତ୍ମ-ଉପଲବ୍ଧ ପ୍ରସୂତ ନିରାଟ ଖାଣ୍ଟି ସତ୍ୟ ଏହା କହିବା ଅନାବଶ୍ୟକ ।

ଶ୍ରୀଅରବିନ୍ଦଙ୍କ ସାଧନାର ମୁଖ୍ୟତଃ ଦୁଇଟି ଦିଗ ଅଛି । ପ୍ରଥମରେ ବିଜ୍ଞାନ ଭୂମିର ସୁମହାନ୍, ବିଶାଳ ଅତିମାନସ ଦିବ୍ୟ ଅଧ୍ୟାତ୍ମଶକ୍ତିକୁ ପୃଥିବୀପୃଷ୍ଠରେ ଅବତରଣ କରାଇବା; ଦ୍ୱିତୀୟତଃ, ଏହି ଶକ୍ତିର ସାହାଯ୍ୟରେ କ୍ଷୁଦ୍ର ଅହଂବେଷ୍ଟିତ, ଦୁର୍ବଳ, ଦୁଃସ୍ଥ ମାନବ ପ୍ରକୃତିର ରୂପାନ୍ତର ସାଧନ କରିବା । ତାଙ୍କ ସାଧନାର ପ୍ରଥମ ପାବଚ୍ଛଟି ସେ ପୂର୍ଣ୍ଣ କରି ଅଛନ୍ତି ନିଜର ମହାପ୍ରୟାଣରେ । ଅର୍ଥାତ୍ ୧୯୫୦ ସାଲ ଡିସେମ୍ବର ୫ ତାରିଖରେ ତାଙ୍କର ମହାପ୍ରୟାଣ ସଙ୍ଗେ ସଙ୍ଗେ ଏହି ଅତିମାନସ ଦିବ୍ୟ ଅଧ୍ୟାତ୍ମ ଶକ୍ତିର ଅବତରଣ ଘଟିଲା, ସେ ସମୟରେ ଶ୍ରୀମା ଯାହା ଘୋଷଣା କରିଥିଲେ (୬ ଡିସେମ୍ବର ୧୯୫୦) ସେଥିରୁ ସ୍ପଷ୍ଟ ଅନୁମିତ ହୁଏ ଯେ ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ କାଳରେ ତାଙ୍କର ଶରୀରକୁ ଯେଉଁ ଦିବ୍ୟ-ଜ୍ୟୋତିଃ କେତେକ ଦିନ ଧରି ଘେରି ରହିଥିଲା ତାହାହିଁ ଶ୍ରୀଅରବିନ୍ଦଙ୍କ ଅଧ୍ୟାତ୍ମ-ସାଧନା ଇତିହାସରେ ଅତିମାନସର ଧରାପୃଷ୍ଠରେ ଅବତରଣ । ମୃତ୍ୟୁଞ୍ଜୟୀ ମହାକାଳ ଶିବ ଯେପରି ଜଗତରେ ବିଷପାନ କରି ଜଗତକୁ ରକ୍ଷା କରିଥିଲେ, ସେହିପରି ଶ୍ରୀଅରବିନ୍ଦ ମର-ଲୋକର ପ୍ରତିନିଧି ରୂପେ ମାନବଜାତିକୁ ଏ ଘୋର ଦୁର୍ଦ୍ଦିନରେ ରକ୍ଷା କରିବା ପାଇଁ ଏହି ଦିବ୍ୟ ଜ୍ୟୋତିଃକୁ ପୃଥିବୀପୃଷ୍ଠରେ ଉତାରି ଆଣିଛନ୍ତି । ଆଜି ଏହି ଶକ୍ତି କ୍ରମଶଃ ପୃଥିବୀରେ ଅଧିକରୁ ଅଧିକ କ୍ରିୟାଶୀଳ ହେଉଅଛି ।

୧୯୫୬ ଅପ୍ରେଲ ୨୪ ତାରିଖରେ ଶ୍ରୀମା'ଙ୍କ ଅତି ଗୁରୁତ୍ୱପୂର୍ଣ୍ଣ ଘୋଷଣାରେ ପୃଥିବୀ 'ଅତିମାନସ'ର କ୍ରିୟା ବିଷୟ ଆହୁରି ସ୍ପଷ୍ଟତର ହୋଇଅଛି । ''ଆଜି ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି ଆଉ ଗୋଟାଏ ଜୀବନ୍ତ ଏବଂ ବାସ୍ତବ ସତ୍ୟ । ଆଜି ଏଠାରେ ଏହା କାର୍ଯ୍ୟ କରୁଅଛି ଏବଂ ଦିନ ଆସିବ ଯେତେବେଳେ ଅତି ଅନ୍ଧ, ଅତି ଅଜ୍ଞାନ ଓ ଅତି ମୂର୍ଖ ମଧ ଏହାକୁ ସ୍ୱୀକାର କରି ନେବାକୁ ବାଧ ହେବ ।'' ଏହି ପ୍ରସଙ୍ଗରେ ଶ୍ରୀମା'ଙ୍କର ବହୁ ଉଲ୍ଲେଖଯୋଗ୍ୟ ଓ ଅତି ଗୁରୁତ୍ୱପୂର୍ଣ୍ଣ ଘୋଷଣା ସବୁ ''ତ୍ରୈମାସିକ ଶାରୀର ଶିକ୍ଷଣ ପତ୍ରିକା'' (Bulletin of Physical Education)ରେ ପ୍ରକାଶ ପାଇଛି । ଏହି ଶକ୍ତିର ଅବତରଣ ସଙ୍ଗେ ସଙ୍ଗେ କିପରି ନୂତନ ଜଗତର ଜନ୍ମ ହୋଇଛି,

ଏହି ଶକ୍ତି ବଳରେ ଭବିଷ୍ୟତ୍ ମାନବ ସମାଜ ଓ ମାନବ ବ୍ୟକ୍ତିତ୍ୱର ରୂପରେଖ କ'ଣ ହେବ ସେ ସମ୍ବନ୍ଧରେ ମଧ ବର୍ଣ୍ଣନା ରହିଛି । ଏ ସମ୍ବନ୍ଧରେ ଶ୍ରୀମା କହି ଅଛନ୍ତି, ''... ଏହି ଘଟଣାହିଁ ନୂତନ ଜଗତ୍ ଜନ୍ମ ହେବାର ଅଗ୍ରଦୂତ । କିନ୍ତୁ ସେତେବେଳେ ପ୍ରାଚୀନ ଜଗତ୍ ମଧ୍ୟରେ ନୂତନ ଜଗତ୍ ଏକେବାରେ ବୁଡି ଯାଇଥିଲା, ଏପରିକି ବର୍ତ୍ତମାନ ବି ଖୁବ୍ କମ୍ ଲୋକ ଅଛନ୍ତି ଯେଉଁମାନେ ଏହି ନୂତନ ଜଗତର ଜନ୍ମ ଏବଂ ସେହି ପରିମାଣର ପାର୍ଥକ୍ୟ ସମ୍ବନ୍ଧରେ ସଚେତନ । ତଥାପି ନୂତନ ଶକ୍ତି ଅତି ନିୟମିତ, ଅତି ସ୍ଥାୟୀ ଏବଂ ଅତି ତୀବ୍ର, ଅତି ଦୃଢ଼ ଭାବରେ କାର୍ଯ୍ୟ କରି ଚାଲିଛି । ଏହି ସବୁର ପରିଣାମ ପ୍ରତି ପଦକ୍ଷେପରେ, ଏପରିକି ଦୈନନ୍ଦିନ ଘଟଣାର ଅନୁଭବ ମଧ୍ୟରେ ବି ଦେଖା ଯାଉଛି ।'' ଶ୍ରୀଅରବିନ୍ଦ ''ପୃଥିବୀ ପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି'' (The Supramental Manifestation upon Earth) ନାମକ ପୁସ୍ତକରେ ଏହି ଶକ୍ତିର ଅବତରଣ ଓ କ୍ରିୟା ଫଳରେ ଯେଉଁ ବିଶେଷ ପରିଣାମ ଦେଖା ଦେବ, ତାହାର ଏକ ସ୍ୱଷ୍ଟ ସୂଚନା ଦେଇଛନ୍ତି । ପ୍ରଥମତଃ, ଅତିମାନସ ସିଦ୍ଧି; ପୂର୍ବ ଯେ କୌଣସି ଅଧ୍ୟାତ୍ମ ସିଦ୍ଧି ତୁଲ୍ୟ ଅନ୍ୟ ଗୋଟିଏ ସିଦ୍ଧି ବା ଦିବ୍ୟତତ୍ତ୍ୱ ନୁହେଁ । ଏହାହିଁ ପରାପ୍ରା ଆଦି-ସୃଜନୀ ଶକ୍ତି ସ୍ୱୟଂ ଜଗଜ୍ଜନନୀଙ୍କର ଅନ୍ଧକାରମୟ ଜଗତରେ ଅବତରଣ ଓ ନୂତନ ସୃଷ୍ଟି ସ୍ଥାପନା । ଅନ୍ୟ କଥାରେ ଅତିମାନସର ଅବତରଣ ଏକ ନୂତନ ସୃଷ୍ଟି, ନୂତନ ସମାଜ ଓ ଆମୂଳ ପରିବର୍ତ୍ତିତ ଦିବ୍ୟ ଜୀବନର ପ୍ରତୀକ । ଦ୍ୱିତୀୟତଃ, ପ୍ରାଚୀନ ସକଳ ଅଧ୍ୟାତ୍ମ ସିଦ୍ଧି ଦିବ୍ୟ ସତ୍ୟ ହେତୁ ପଳାୟନ; କିନ୍ତୁ ଅତିମାନସ ସିଦ୍ଧି ଏ ଜଗତର ବିବର୍ତ୍ତନଗତ ଚରମ ପୂର୍ଣ୍ଣତାକୁ ପ୍ରଦାନ କରିବ । ତୃତୀୟତଃ, ଶ୍ରୀଅରବିନ୍ଦଙ୍କ ଭାଷାରେ ପୁରାତନ ଜଗତହିଁ (ବର୍ତ୍ତମାନ ଜଗତ୍) ହେଲା ଅଧିମାନସ ଭୂମିର ସୃଷ୍ଟି । ଦେବଦେବୀଗଣ ଏହି ଅଧିମାନସ ଭୂମିରୁ ଉଦ୍ଭୂତ ଏବଂ ଯେପର୍ଯ୍ୟନ୍ତ ଅଧିମାନସ ସୃଷ୍ଟି ଏ ଜଗତରେ ଚାଲିଥିବ, ସେପର୍ଯ୍ୟନ୍ତ ଦେବଦେବୀଙ୍କ ରାଜତ୍ୱ ରହିବ । କିନ୍ତୁ ଅତିମାନସର ସ୍ଥାପନା ସଙ୍ଗେ ସଙ୍ଗେ ଅଧିମାନସ ସୃଷ୍ଟିର ପ୍ରଭାବ ତଥା ଦେବଦେବୀଙ୍କ ପୂର୍ଣ୍ଣ ରାଜତ୍ୱ ଧୀରେ ଧୀରେ ଅପସୃତ ହେବ । ଶ୍ରୀମା ଏହି ପ୍ରସଙ୍ଗରେ କହୁ ଅଛନ୍ତି, ''ଅତିମାନସ ସୃଷ୍ଟିରେ ଧର୍ମର କୌଣସି ସ୍ଥାନ ରହିବ ନାହିଁ । ସମସ୍ତ ଜୀବନହିଁ ହେବ ବିଶ୍ୱରେ ଅଭିବ୍ୟକ୍ତ ଏକ ଦିବ୍ୟ ଜୀବନର ପ୍ରକାଶ ଓ ପ୍ରସ୍ଫୁଟନ । ଆଉ ଜଗତରେ ଦେବଦେବୀମାନଙ୍କର କୌଣସି ସ୍ଥାନ ରହିବ ନାହିଁ । ମହାନ୍ ଦେବତାଗଣ ସ୍ୱୟଂ ଏହି ନୂତନ ସୃଷ୍ଟିରେ ଅଂଶ ଗ୍ରହଣ କରି ପାରିବେ ଏବଂ ସେଥି ସକାଶେ ସେମାନଙ୍କୁ ଏହି ପୃଥିବୀରେ ଆସି ଅତିମାନସ ତତ୍ତ୍ୱରେ ଶରୀର ଧାରଣ କରିବାକୁ ହେବ ।''

ଅତିମାନସର ଅବତରଣ ଫଳରେ ଉଭୟ ସାମାଜିକ ଓ ବ୍ୟକ୍ତିଗତ ଜୀବନର ବିଭିନ୍ନ ସ୍ତରରେ ବହୁବିଧ ପରିବର୍ତ୍ତନ ଦେଖାଦେବ । ଏପରିକି ପ୍ରକୃତିର ବିବର୍ତ୍ତନଗତ ଧାରା ମଧ ଏକ ସଚେତନ ଓ ପ୍ରଖର ଗତିଶୀଳ କ୍ରିୟାରେ ପରିଣତ ହେବ । ପ୍ରକୃତି-ଅନ୍ତର୍ନିହିତ ଦିବ୍ୟ ସତ୍ୟର ପ୍ରକାଶ ଓ ଅଭିବ୍ୟକ୍ତି ଅପେକ୍ଷାକୃତ ସହଜ ହେବ । ପ୍ରକୃତି ବିବର୍ତ୍ତନର ପ୍ରତ୍ୟେକ ସ୍ତରରେ ଯେପରି ଊର୍ଦ୍ଧ୍ୱରୁ ଏକ ଶକ୍ତି ଅବତରଣ କରି ନିମ୍ନସ୍ଥ ସେହି ଶକ୍ତିକୁ ଉନ୍ମୁକ୍ତ କରେ, ସେହିପରି ଅତିମାନସର ଅବତରଣ ଫଳରେ ପ୍ରକୃତି ମଧ୍ୟସ୍ଥ ଏହି ମହାନ୍ ଦିବ୍ୟଶକ୍ତି ଅପେକ୍ଷାକୃତ ସହଜ ଭାବରେ ପ୍ରସ୍ଫୁଟିତ ହୋଇ ଉଠିବ । ଅବଶ୍ୟ ଅତିମାନସ ଶକ୍ତିର ଅବତରଣ ସଙ୍ଗେ ସଙ୍ଗେ ଗୋଟାଏ ଅତି ଅପ୍ରତ୍ୟାଶିତ ଅଜ୍ଞାତ ପରିବର୍ତ୍ତନ ହଠାତ୍ ଦେଖା ଦେବ; ତାହା ନୁହେଁ । ତଥାପି ମାନବ ସମାଜ ମଧ୍ୟରେ ପ୍ରକୃତିର ସହଜାତ ପ୍ରେରଣା ବଳରେ ଏକ ଗଭୀରତର ସଂହତି, ସମନ୍ୱୟ ଓ ଐକ୍ୟର ଭାବ ଦେଖା ଦେବ । ଚତୁର୍ଦ୍ଦିଗରେ ଏକ ସୁଶୃଙ୍ଖଳ, ସରଳ, ଶାନ୍ତିମୟ ଜୀବନ ପାଇଁ ପ୍ରଚେଷ୍ଟା ଚାଲିବ । ଏହା ମାନବଗୋଷ୍ଠୀର ଅନ୍ତରାତ୍ମାର ଜାଗରଣ ଏବଂ ପରିପୂର୍ଣ୍ଣ ମାନବ ସମାଜ ସଙ୍ଗଠନ ପଥରେ ଯେ ବିଶେଷ ସହାୟକ ହେବ ଏଥିରେ ସନ୍ଦେହ ନାହିଁ ।

ପୁନଶ୍ଚ ଶ୍ରୀଅରବିନ୍ଦ ''ପୃଥିବୀପୃଷ୍ଠରେ ଅତିମାନସର ଅଭିବ୍ୟକ୍ତି'' ପୁସ୍ତକରେ ଅନେକଗୁଡ଼ିଏ ବୈପ୍ଳବିକ ସିଦ୍ଧାନ୍ତର କଥା ଉଲ୍ଲେଖ କରି ଅଛନ୍ତି । ତନ୍ମଧ୍ୟରୁ ଦୁଇଟି ବିଶିଷ୍ଟ ସିଦ୍ଧାନ୍ତର ବିଷୟ ଏଠାରେ ଉଲ୍ଲେଖ କରିବା । ପ୍ରଥମତଃ, ମନୁଷ୍ୟର ପରିବର୍ତ୍ତିତ ଦିବ୍ୟ ଶରୀର (Divine Body); ଦ୍ୱିତୀୟତଃ, ମନୁଷ୍ୟର ରୂପାନ୍ତରିତ ଜ୍ୟୋତିର୍ମୟ ମାନସ (Mind of Light) ।

ଶ୍ରୀଅରବିନ୍ଦ କହି ଅଛନ୍ତି ଯେ ଏକ ପରିପୂର୍ଣ୍ଣ, ସର୍ବାଙ୍ଗୀନ ଦିବ୍ୟ ଜୀବନର ଅର୍ଥହିଁ ମନୁଷ୍ୟର ଦିବ୍ୟ ଭୂମିରେ, ଦିବ୍ୟ ତତ୍ତ୍ୱରେ ନିଃଶେଷରେ ପ୍ରବେଶ । ଅନ୍ୟ କଥାରେ ମନୁଷ୍ୟର ଏପରି କୌଣସି ଅଙ୍ଗ ବା ଅଂଶ ରହିବ ନାହିଁ ଯାହା ତାହାର ତତ୍ ସମ୍ପର୍କୀୟ ବା ତଦନୁରୂପ ଦିବ୍ୟ ତତ୍ତ୍ୱରେ ପରିଣତ ନହେବ । କେବଳ ଆତ୍ମାର ମୁକ୍ତି ନୁହେଁ ବରଂ ସମଗ୍ର ମାନବ ସତ୍ତାର ଗୁଣ ଓ ଧର୍ମର ପରିବର୍ତ୍ତନ ଆବଶ୍ୟକ । ସୁତରାଂ ଦିବ୍ୟ ଜୀବନ

ତେବେହିଁ ପୂର୍ଣ୍ଣ ରୂପେ ପ୍ରତିଷ୍ଠିତ ହେବ ଯେବେ ମନୁଷ୍ୟ ଶରୀର ଜରା, ମୃତ୍ୟୁ, ବ୍ୟାଧିରୁ ମୁକ୍ତ ହୋଇ ତାହାର ଦିବ୍ୟରୂପ ଗ୍ରହଣ କରିବ । "A DIVINE life in a divine body is the formula of the ideal that we envisage."

(CWSA, Vol. 13, p. 536) – Sri Aurobindo

ଅର୍ଥାତ୍, ''ଦିବ୍ୟ ଶରୀରରେ ଦିବ୍ୟ ଜୀବନ ପ୍ରାପ୍ତ କରିବା ଆମ ଆଦର୍ଶର ସୂତ୍ର ଏବଂ ଲକ୍ଷ୍ୟ ।'' ଏହିପରି ଏକ ଦିବ୍ୟ ଶରୀରର ପ୍ରକୃତି, ଗଠନ, ନିୟମନ ଓ କ୍ରିୟାବଳୀ କିପରି ହେବ, ଶ୍ରୀଅରବିନ୍ଦ ଏ ସମ୍ବନ୍ଧରେ ଉକ୍ତ ପୁସ୍ତକରେ ବିସ୍ତୃତ ଆଲୋଚନା କରି ଅଛନ୍ତି । ଅନୁସନ୍ଧିତ୍ସୁ ପାଠକ ଉକ୍ତ ପୁସ୍ତକ ପାଠ କଲେ ବିଶେଷ ଉପକୃତ ହେବେ ।

ପ୍ରଥମତଃ, ମନୋମୟ ଚେତନାକୁ ଧାରଣ କରିବାକୁ ଯେପରି ମାନବ ଶରୀରର ଉତ୍ପତ୍ତି ବା ଉଦ୍ଭବ ହେଲା, ସେହିପରି ଅତିମାନସ ଚେତନାକୁ ଧାରଣ କରିବାକୁ ଏକ ଦିବ୍ୟ ଶରୀରର ଉଦ୍ଭବ ନିଶ୍ଚୟହିଁ ହେବ । ବିବର୍ତ୍ତନର ଗୂଢ଼ ତତ୍ତ୍ୱ ହେଲା ଚେତନାର (Consciousness) ବିବର୍ତ୍ତନ । ନୂତନ ଚେତନାର ବିକାଶ ଓ ଅଭ୍ୟୁତ୍ଥାନ ପୂର୍ବରୁ ମନୁଷ୍ୟର ଚେତନାର ପରିବର୍ତ୍ତନ ଘଟିବ ଏବଂ ଯେତେବେଳେ ଏହି ନୂତନ ଚେତନା ଧୀରେ ଧୀରେ କ୍ରିୟାଶୀଳ ହୋଇ ଜୀବନର ଗତିବୃତ୍ତିକୁ ପରିବର୍ତ୍ତିତ କରିବ ସେତେବେଳେ ଶରୀରର ମଧ୍ୟ କିଛି ରୂପାନ୍ତର ସାଧିତ ହେବ । ତାହାର ଜଡ଼ତା, ଶିଥିଳତା, ଅଜ୍ଞତା, ନିଶ୍ଚେଷ୍ଟତା ବିଶେଷଭାବେ ପରିବର୍ତ୍ତିତ ହେବ । ଦେହ ମଧ୍ୟସ୍ଥ ଚେତନାର ସଚେତନ ବିକାଶ ଓ ଅଭିବୃଦ୍ଧି ଆରମ୍ଭ ହେବ । ଏହି ଚେତନାହିଁ ସ୍ନାୟବିକ ଚେତନା ବା ଦୈହିକ ଚେତନା ନାମରେ ଖ୍ୟାତ । ଏହାର ସଚେତନ ହେବା ଓ ନିଜ ଇଚ୍ଛାରେ ଚାଲିବାର କ୍ଷମତା ଅଛି । ଯେତେବେଳେ ଦେହରେ ରୋଗ ପ୍ରବେଶ କରେ ସେତେବେଳେ ସାଧାରଣତଃ ଆମ୍ଭେମାନେ ମନ ଦ୍ୱାରା ତାକୁ ତଡ଼ିବାକୁ ଚେଷ୍ଟା କରୁ, ମାତ୍ର ଶରୀର ଚେତନା ଯଦି ଜାଗ୍ରତ୍ ହୁଏ ତେବେ ତାହା ନିଜେ ନିଜେ ମନର ସାହାଯ୍ୟ ନନେଇ ରୋଗକୁ ତଡ଼ି ଦେଇ ପାରିବ । ଶରୀର ରୂପାନ୍ତରର ଏହା ପ୍ରାଥମିକ ଅବସ୍ଥା ।

ଏହି ଦିବ୍ୟ ଶରୀରର କଳ୍ପନା ଏକେବାରେ ନୂତନ ନୁହେଁ । ବୈଷ୍ଣବମାନଙ୍କ ଶାସ୍ତ୍ରରେ ଏକ 'ଚିନ୍ମୟ ଦେହ'ର କଥା ଉଲ୍ଲେଖ ଅଛି । ବେଦରେ ''ଜ୍ୟୋତିର୍ମୟ ଶରୀର'' କଥା ବି ଉଲ୍ଲେଖ ଅଛି । ପ୍ରାଚୀନ କାଲେଡ଼ିଆର ରହସ୍ୟବାଦୀମାନେ ବହୁତ ସମୟରେ ଏପରି ଏକ ସ୍ଥୂଳତାବିହୀନ ସୂକ୍ଷ୍ମ ଅଥଚ ଉଡ଼ି ପାରୁଥିବା ଶରୀରର କଳ୍ପନା କରିଥିଲେ । ଆମ୍ଭମାନଙ୍କ ତନ୍ତ୍ର ଶାସ୍ତ୍ରରେ ବହୁ ବିଭୂତି ଓ ଐଶ୍ୱର୍ଯ୍ୟପ୍ରାପ୍ତ ଶରୀର ବିଷୟ ବର୍ଣ୍ଣନା ଅଛି । ବହୁ ବିରାଟ ଅଧ୍ୟାତ୍ମ-ସିଦ୍ଧିପ୍ରାପ୍ତ ବ୍ୟକ୍ତିଙ୍କ ଶରୀରରୁ ନିରନ୍ତର ଜ୍ୟୋତିଃ ବିକିରଣର କଥା ମଧ୍ୟ ଉଲ୍ଲେଖ ଅଛି । ରାମକୃଷ୍ଣ ପରମହଂସଙ୍କ ଶରୀରରୁ ଏହିପରି ଏକ ପ୍ରକାର ଜ୍ୟୋତିଃ କ୍ଷରିତ ହେଉଥିବା କଥା ଶ୍ରୀଅରବିନ୍ଦ ସ୍ୱୟଂ ଉଲ୍ଲେଖ କରି ଅଛନ୍ତି । ସୁତରାଂ ଦିବ୍ୟ-ଶରୀର ଏକ ଅବାସ୍ତବ କଳ୍ପନା ପରି ମନେ ହେଲେ ସୁଦ୍ଧା ତାହା ଭବିଷ୍ୟତ୍ ଅତିମାନସ ବିବର୍ତ୍ତନ କାହାଣୀର ଏକ ସୁନିଶ୍ଚିତ ଘଟଣା ।

**କ୍ରମ-ବିବର୍ତ୍ତନ :**

ଶରୀର ଉଦ୍ଭବ ହୋଇଛି ନିଶ୍ଚେତନାର ଗର୍ଭରୁ । ଏହାର ଆଧାରହିଁ ଅପରା ପ୍ରକୃତି – ଜନ୍ମରୁ ଶେଷ ଅବଧି । ଜଡ଼ତା, ତାମସିକତା, ଯାନ୍ତ୍ରିକତା, ଅନ୍ଧକାରମୟ ଅସ୍ଫୁଟ ଆବର୍ତ୍ତମୟ ଗତି ଓ ନଷ୍ଟଶୀଳତା ଶରୀରର ଧର୍ମ । ଏହା ପ୍ରାୟହିଁ ଅଚେତନ, ସୁପ୍ତ ଅଥବା ଅର୍ଦ୍ଧ-ଚେତନ; କିନ୍ତୁ ପ୍ରାଣର ଚାପରେ ସ୍ପନ୍ଦନମୟ । ମନୁଷ୍ୟ ପଶୁଧର୍ମୀ; ଆହାର, ବିହାର, ଭୟ, ମୈଥୁନ ଇତ୍ୟାଦି ତା'ର ନିତ୍ୟ ନୈମିତ୍ତିକ କ୍ରିୟା । ଯଦି ଏହି ଶରୀରକୁ ଦିବ୍ୟ ଶରୀରରେ ପରିଣତ କରିବାକୁ ହୁଏ, ତେବେ ଏହି ଶରୀରକୁ ପ୍ରଥମତଃ ତା'ର ପଶୁ-ଧର୍ମୀ କ୍ରିୟାରୁ ମୁକ୍ତ ହେବାକୁ ହେବ । ଶ୍ରୀଅରବିନ୍ଦ ଓ ଶ୍ରୀମା ଏହିପରି ଦିବ୍ୟ ଶରୀରର ଚାରୋଟି ବିଶିଷ୍ଟ ଲକ୍ଷଣର ଉଲ୍ଲେଖ କରି ଅଛନ୍ତି । ଜ୍ୟୋତିର୍ମୟତା (Luminosity), ଲଘୁତା (Lightness), ନମନୀୟତା (Plasticity) ତଥା ପରିସ୍ଥିତି ସହ ଯୋଗାଯୋଗ କ୍ଷମତା (Adaptibility) । ଏହି ଚାରୋଟି ଗୁଣରେ ଦିବ୍ୟ-ଶରୀର ଭୂଷିତ ହେବ ଏବଂ ପୂର୍ଣ୍ଣ ଅମରତ୍ୱ ପ୍ରାପ୍ତ ହେବ ।

ଏହି ଶରୀର ଜରା, ରୋଗ, ମୃତ୍ୟୁର କବଳରୁ ସମ୍ପୂର୍ଣ୍ଣ ରୂପେ ମୁକ୍ତ ହେବ । ଅମରତ୍ୱର ଅର୍ଥ ଏପରି ନୁହେଁ ଯେ ଏହା ଚିରକାଳ ବଞ୍ଚି ରହିଥିବ, ବରଂ ଏହା ମୃତ୍ୟୁର ଅଧୀନ ନହୋଇ ମୃତ୍ୟୁ ଉପରେ ବିଜୟ ପ୍ରାପ୍ତ କରିବ । ଏପରି ଏକ ଶରୀର କୌଣସି ଏକ ପ୍ରାଣିକ ପ୍ରଜନନ-ପ୍ରଥା ଦ୍ୱାରା ଉତ୍ପନ୍ନ ହେବ ନାହିଁ । ପ୍ରଥମତଃ, ଅତିମାନସର କ୍ରିୟାର ଆଧାର ହେବ ଅଧ୍ୟାତ୍ମ ସାଧନାରେ ପରିପୁଷ୍ଟ ଶରୀର ଯାହା ସମ୍ପୂର୍ଣ୍ଣ ରୂପେ ଯୌନକ୍ରିୟାରୁ ମୁକ୍ତ । ନଚେତ୍ ଶରୀରତତ୍ତ୍ୱର ରୂପାନ୍ତର ତ'ଦୂରର କଥା, କୌଣସି ପ୍ରକାର ସର୍ବାଙ୍ଗୀନ ଆଧ୍ୟାତ୍ମିକ ସାଧନାର ପ୍ରଶ୍ନ ଉଠୁ ନାହିଁ । ଦ୍ୱିତୀୟତଃ, ଏହି ଶରୀର ସ୍ୱୟମ୍ଭୂ ହେବ, ନିଜ ସଂକଳ୍ପ

ବଳରେ ନିଜେ ପ୍ରକାଶିତ ହେବ । ତୃତୀୟତଃ, ଏହି ଶରୀର ସ୍ୱାଭାବିକ ରୂପେ ଏବଂ ଆବଶ୍ୟକତା ଅନୁଯାୟୀ ପ୍ରକୃତିର ସୂକ୍ଷ୍ମ ତତ୍ତ୍ୱରୁ ଖାଦ୍ୟ ସଂଗ୍ରହ କରି ଜୀବନ ଧାରଣ କରିବ । ଚତୁର୍ଥତଃ, ଏହି ଶରୀର ସ୍ୱୀୟ ଇଚ୍ଛା ମାତ୍ରକେ କୌଣସି ସ୍ଥାନରେ ପ୍ରଘଟ ହୋଇ ପାରିବ ।

ଏହିସବୁ ବିଷୟ ବିଶେଷ ଭାବରେ ଉଲ୍ଲେଖ କରିବା ଅନାବଶ୍ୟକ । ତେବେ 'ଅତିମାନସ'ର ଅବତରଣ ସଙ୍ଗେ ସଙ୍ଗେ ଏହିପରି ଏକ ଅପୂର୍ବ ଶରୀରର ଉଦ୍ଭବ ସମ୍ଭବ ନୁହେଁ । ହୁଏତ 'ଅତିମାନସ'ର ବିବର୍ତ୍ତନଧାରାରେ ଏହି ଶରୀର ଉଦ୍ଭବ ହେବା ଏକ ନିଶ୍ଚିତ ଘଟଣା । କିନ୍ତୁ ଏହା ବହୁବର୍ଷ ବ୍ୟାପୀ ସାଧନାର କଥା । ଏପରି ଏକ ପରିପୂର୍ଣ୍ଣ ଦିବ୍ୟ ଶରୀର ଅଭ୍ୟୁତ୍ଥାନ ପୂର୍ବରୁ ଏକ ମଧ୍ୟବର୍ତ୍ତୀ ଅବସ୍ଥା ଦେଖା ଦେବ । ବର୍ତ୍ତମାନ ଯେଉଁମାନେ ଏଥିପାଇଁ ସାଧନା କରୁ ଅଛନ୍ତି ଏବଂ ଯାହାଙ୍କ ମଧ୍ୟରେ ଅତିମାନସ ଶକ୍ତି କ୍ରିୟା କରୁଅଛି, ସେମାନଙ୍କ ଶରୀରର ବିଭିନ୍ନ ତତ୍ତ୍ୱର କିଛି ଆଂଶିକ ପରିବର୍ତ୍ତନ ଦେଖା ଦେବ । ଶ୍ରୀଅରବିନ୍ଦ ଏହିପରି ମନୁଷ୍ୟମାନଙ୍କ ଦ୍ୱାରା ଗଠିତ ସମାଜକୁ ମଧ୍ୟବର୍ତ୍ତୀ ସମାଜ (Intermediary Race) ବୋଲି କହିଛନ୍ତି । ଏମାନଙ୍କ ଶରୀର ବାହ୍ୟତଃ ରୂପ ଓ ରଙ୍ଗରେ ପରିବର୍ତ୍ତିତ ହେବ । ଏମାନେ ଦୀର୍ଘାୟୁ, ନୀରୋଗ, ନିରଳସ ହେବେ ଏବଂ ଲଘୁ ଓ ନମନୀୟ ଶରୀର ପ୍ରାପ୍ତ ହେବେ । ପୁନଶ୍ଚ ଏମାନଙ୍କର ସାଧନା ଫଳରେ ପରିପୂର୍ଣ୍ଣ ଦିବ୍ୟ ଶରୀରର ପରିଶେଷରେ ଉଦ୍ଭବ ହେବ ।

ଅନ୍ୟ ଏକ ଅତି ବିଶିଷ୍ଟ ସିଦ୍ଧାନ୍ତ ହେଲା ଜ୍ୟୋତିର୍ମୟ ମାନସ (Mind of Light) । ମନୁଷ୍ୟର ବର୍ତ୍ତମାନ ମନ ସୀମିତ, ଅଜ୍ଞାନାଚ୍ଛନ୍ନ, ଖଣ୍ଡିତ ଓ ଦ୍ୱିଧାଯୁକ୍ତ । ବିଚାର ବା ତର୍କହିଁ ଏହାର ଶ୍ରେଷ୍ଠ ବୃତ୍ତି । ଏହି ତର୍କ ବା ବିଚାର ଦ୍ୱାରା କେବେ ବି ସତ୍ୟକୁ ଅଖଣ୍ଡ ରୂପେ ପ୍ରାପ୍ତ କରାଯାଏ ନାହିଁ । ଗୋଟାଏ କଥାରେ କହିବାକୁ ଗଲେ ବର୍ତ୍ତମାନ ମନର କୌଣସି ଅଭ୍ରାନ୍ତ ସତ୍ୟଦୃଷ୍ଟି ନାହିଁ । ଅଣ୍ଡାଳି ହେବାହିଁ ଏହାର ସାର କଥା । ମନ ଗୋଟାଏ ସୀମିତ ପ୍ରଦେଶ; କିନ୍ତୁ ଅତିମାନସର ଅବତରଣ ଓ କ୍ରିୟା ଫଳରେ ମନୁଷ୍ୟର ଭୌତିକ ମନର ରୂପାନ୍ତର ସାଧିତ ହେବ । ଏହି ମନ ବୋଧିମାନସ (Intuitive Mind)କୁ ପ୍ରାପ୍ତ ହେବ ଏବଂ ଜ୍ୟୋତିର୍ମୟ ମନରେ ରୂପାନ୍ତରିତ ହେବ । ମନୁଷ୍ୟ ଓ ଅତିମାନସ ମଧ୍ୟରେ ଯେଉଁ ମଧ୍ୟବର୍ତ୍ତୀକାଳୀନ ଦିବ୍ୟ ଜୀବନ ଦେଖାଦେବ, ସେହି ବ୍ୟକ୍ତିତ୍ୱ ଏହି ମନକୁ ପ୍ରାପ୍ତ କରିବ । ପରବର୍ତ୍ତୀ କାଳରେ ପୁନଶ୍ଚ ଏହି ଜ୍ୟୋତିର୍ମୟ ମାନସ ପୂର୍ଣ୍ଣ ରୂପେ ରୂପାନ୍ତରିତ ହୋଇ ଅତିମାନସ ବା ଋତ-ଚିତ୍‌ରେ ପରିଣତ ହେବ । ଯେପରି ଅତିମାନସର ପ୍ରାରମ୍ଭିକ କ୍ରିୟା ଫଳରେ ସାଧାରଣ ମନ ଜ୍ୟୋତିର୍ମୟ ମାନସରେ ପରିଣତ ହେବ, ସେହିପରି ପରବର୍ତ୍ତୀ କାଳରେ ଅତିମାନସର ପୂର୍ଣ୍ଣ ପ୍ରକାଶ ଫଳରେ ଜ୍ୟୋତିର୍ମୟ ମାନସ ଅତିମାନସ ବା ଋତ-ଚିତ୍‌ରେ ପରିଣତ ହେବ । ମଧ୍ୟବର୍ତ୍ତୀ ଦିବ୍ୟ ଶରୀର ମଧ୍ୟରେ ଜ୍ୟୋତିର୍ମୟ ମନହିଁ କ୍ରିୟାଶୀଳ ହେବ ।

ଏସବୁ ଭବିଷ୍ୟତର କଥା, ଯଦିଓ ଏହା ନିଶ୍ଚୟ ଦିନେ ନା ଦିନେ ଅବଶ୍ୟମ୍ଭାବୀ ରୂପେ ଘଟିବ ।

"It is not a hope but a certitude that the complete transformation of the nature will take place."

(CWSA. Vol. 29, p.404) – Sri Aurobindo

ଅର୍ଥାତ୍, ''ଏହା କେବଳ ଗୋଟାଏ ଆଶା ନୁହେଁ ବରଂ ଏକ ନିଶ୍ଚିତ କଥା ଯେ ମନୁଷ୍ୟ ପ୍ରକୃତିର ପୂର୍ଣ୍ଣ ରୂପାନ୍ତର ଘଟିବ ।'' ଏହି ଅଭ୍ରାନ୍ତ ମହାବାକ୍ୟ ଶ୍ରୀଅରବିନ୍ଦ ଶୁଣାଇ ଦେଇ ଯାଇଛନ୍ତି । ପରିଶେଷରେ ଶ୍ରୀମା'ଙ୍କର ଅତିମାନସର ଅବତରଣ ସମ୍ବନ୍ଧେ ଗୋଟାଏ ସୁନିଶ୍ଚିତ ବାଣୀର କେତେକାଂଶ ଉଦ୍ଧାର କରି ଏହି ପ୍ରବନ୍ଧ ଶେଷ କରିବା : ''ଏହିସବୁ ହେଲା ଭବିଷ୍ୟତର କଥା, ଯେଉଁ ଭବିଷ୍ୟତ୍ ଆରମ୍ଭ ହୋଇଅଛି, କିନ୍ତୁ ଯାହାର ଅଖଣ୍ଡ ସିଦ୍ଧି ସକାଶେ କିଛି ସମୟ ଲାଗିବ । ଆମ୍ଭେମାନେ ଗୋଟାଏ ବିଶେଷ ଅବସ୍ଥା ଓ ପରିସ୍ଥିତି ମଧ୍ୟ ଦେଇ ଗତି କରୁଅଛୁ, ଯାହା ପୂର୍ବେ କେବେ ଘଟି ନଥିଲା । ଆମ୍ଭେମାନେ ଗୋଟାଏ ନୂତନ ଜଗତ୍ ଜନ୍ମ ହେବାର ଦେଖି ପାରୁଅଛୁ, ଏହା ଏବେ ବି ଶିଶୁ, ଖୁବ୍ ଦୁର୍ବଳ, ମୂଳ ତତ୍ତ୍ୱରେ ନୁହେଁ, ବରଂ ବାହ୍ୟ ଅଭିବ୍ୟକ୍ତିରେ, ଏବେ ବି ଏହାକୁ କେହି ଚିହ୍ନି ପାରୁ ନାହାନ୍ତି ବରଂ ବହୁତ ଲୋକ ଏହାକୁ ବର୍ଜନ କରୁ ଅଛନ୍ତି । ତେବେ ବି ଏହା ବିଦ୍ୟମାନ, ଏହା ସ୍ଥିର ରୂପେ ବୃଦ୍ଧି ପାଇବାକୁ ଚେଷ୍ଟା କରୁଅଛି ଏବଂ ପରିଣାମ ସମ୍ବନ୍ଧରେ ସୁନିଶ୍ଚିତ । ତେବେ ସେଠାକୁ ଯିବାର ରାସ୍ତା ହେଲା ଗୋଟାଏ ନୂତନ ରାସ୍ତା, ଏହି ରାସ୍ତା ପୂର୍ବରୁ କେବେ ବି ଉଦ୍‌ଘାଟିତ ହୋଇ ନଥିଲା । ଏହି ରାସ୍ତାରେ କେହି କେବେ ପୂର୍ବରୁ ଚାଲି ନଥିଲେ, କେବେ ବି କେହି ରାସ୍ତା ତିଆରି କରି ନଥିଲେ । ସେହି ସକାଶେ ଏହା ସମ୍ପୂର୍ଣ୍ଣ ରୂପେ ଗୋଟାଏ ଅପ୍ରତ୍ୟାଶିତ, ଅଦୃଷ୍ଟପୂର୍ବ ତଥା

ସାହସିକ କାର୍ଯ୍ୟ । ଏପରି କିଛି ଲୋକ ଅଛନ୍ତି ଯେଉଁମାନେ ସର୍ବଦା ସାହସିକ କାର୍ଯ୍ୟ କରିବାକୁ ଭଲ ପାଆନ୍ତି ଏବଂ ମୁଁ ଆଜି ସେହିମାନଙ୍କୁ ଆହ୍ୱାନ କରୁଅଛି । ଆଉ ଏହି ସାହସିକ କାର୍ଯ୍ୟରେ ଅନ୍ୟମାନେ ଆଧ୍ୟାତ୍ମିକ କ୍ଷେତ୍ରରେ ପୂର୍ବରୁ ଯାହା କରି ଯାଇ ଅଛନ୍ତି ତାହା ତୁମ୍ଭମାନଙ୍କୁ ପୁନରାବୃତ୍ତି କରିବାକୁ ହେବ ନାହିଁ । ଆମ୍ଭମାନଙ୍କର ସାହସିକ କାର୍ଯ୍ୟ ସେହି ପୂର୍ବ ଅଧ୍ୟାତ୍ମ ସାଧନାର ଶେଷ ପରେହିଁ ଆରମ୍ଭ ହେବ । ଆମ୍ଭେମାନେ ଏକ ନୂତନ ସୃଷ୍ଟି, ଏକ ସମ୍ପୂର୍ଣ୍ଣ ନୂତନ ସୃଷ୍ଟି ଚାହୁଁଅଛୁ । ... ଯଦି ତୁମକୁ ଏହା ଚିତ୍ତାକର୍ଷକ ବୋଧ ହେଉଅଛି, ତାହାହେଲେ ଆସ ସାଙ୍ଗ ହୋଇଯିବା । କାଲି ସକାଳେ ତୁମର କ'ଣ ଘଟିବ, ସେ ବିଷୟରେ ମୁଁ କିଛି ବି ଜାଣେ ନାହିଁ । ଯାହା କିଛି ପୂର୍ବରୁ ଦେଖିଅଛ, ଯାହା କିଛି ପୂର୍ବରୁ ସ୍ଥିର କରିଅଛ, ଯାହା କିଛି ପୂର୍ବରୁ ଗଢ଼ିଅଛ, ସେସବୁକୁ ଏକେବାରେ ପଛକୁ ପକାଇ ଦିଅ, ଅଗ୍ରସର ହୁଅ ସେହି ଅଜ୍ଞାତ ପ୍ରଦେଶ ଆଡ଼କୁ । ଯାହା ଆସିବାର ଆସୁ ।''

(ସମାପ୍ତ)

('ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ', ଦ୍ୱିତୀୟ ଖଣ୍ଡ, ପୃ. ୩୭୮ - ୩୮୪) ❑

# ମାଆର ପଣତ

## ଦୀପ୍ତି ମିଶ୍ର

ଆକାଶଠୁ ବଡ଼ ଯାହା ପବନଠୁ ବ୍ୟାପ୍ତ ...
ଅଛି ଆମ ମଥା ପରେ ହୋଇ ସ୍ଥିର, ଶକ୍ତ ।
ପ୍ରୀତି ରଙ୍ଗେ ରଙ୍ଗାୟିତ ମମତାରେ ସିକ୍ତ,
ଜାଣିଛ କି ଅଟେ ତାହା ମାଆର ପଣତ ! ।୧।

ତ୍ରିଭୁବନ ବ୍ୟାପୀ ଅଛି ସେ ପଣତ ଛାଇ,
ଅଦୃଶ୍ୟରେ ଚେତନାକୁ ଦେଇଛି ଲମ୍ୱାଇ । ...
ଦେଉଅଛି ଝାଡ଼ି ଦେହ-ମନୁ ଯେତେ ଧୂଳି,
ରଖିବାକୁ ଅମଳିନ ମୁକ୍ତାଟିଏ ପରି ।୨।

ଅନ୍ତର୍ଦୃଷ୍ଟି ଖୋଲି ଦେଖ ମାଆର ମମତା ...
ଅଦିବ୍ୟ ଶକ୍ତିମାନଙ୍କ ପାଇଁ ଦିବ୍ୟ ଛତା ।
ତାହା ଅଟେ ଚିର ଦିନ ମାଆର ପଣତ,
ଅଭୟ କବଚ ସାଜି ବେଢ଼ିଛି ଦିଗନ୍ତ ।୩।

ତା' ପଣତ ଛାଇ ତଳେ ସଭିଏଁ ଆଶ୍ରିତ,
ପରସ୍ପର କିଆଁ ତେବେ ସ୍ୱାର୍ଥରେ ଆକ୍ରାନ୍ତ ?
ଅଦିବ୍ୟ ଅହଂକୁ କିଆଁ ଏତେ ଆଦରିଛୁ ?
ଅବିଶ୍ୱାସ, ସନ୍ଦେହ, ବିରାଗ ପ୍ରକଟୁଛୁ ।୪।

ଶିଶୁ ପରି ସରଳ ଓ ଅକପଟ ମନେ,
ମାଆଙ୍କୁ ଖୋଜିବା ଆସ ଆକୁଳିତ ପ୍ରାଣେ ।
ତା' ପଣତ ପରଶରେ ହଜିଯିବ ଗ୍ଲାନି,
ତା' ସାନ୍ନିଧ୍ୟେ ଝରିଯିବ ପ୍ରେମ ମନ୍ଦାକିନୀ ।୫।

ଜୀବନର ଲକ୍ଷ୍ୟ ସତେ ହେବ ମୁକୁଳିତ,
କଣ୍ଟକିତ ଚଲାପଥ ହେବ କୁସୁମିତ ।
ଲୋଡ଼ା ଖାଲି ଆମର ସେ ସୁରକ୍ଷାର ସ୍ୱର୍ଶ,
ଜନ୍ମଜନ୍ମାନ୍ତର ପାଇଁ ସେ ଚିର ନମସ୍ୟ ।୬। ❑



# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୧୧୦)

## ମହେନ୍ଦ୍ରନାଥ ସ୍ୱାଇଁ

**ଅନୁସରଣ**

ମାର୍ଚ୍ଚ ୨୦, ୧୯୧୪ ପ୍ରାର୍ଥନାରେ ଦିବ୍ୟଜନନୀ ଶ୍ରୀମା ଲେଖନ୍ତି –

‘‘THOU art consciousness and light, Thou art peace in the depth of all things, the divine love that transfigures, the knowledge that triumphs over darkness. To feel Thee and aspire to Thee one should have emerged from the immense sea of the subconscient, one should have begun to crystallise, to grow distinct so as to know oneself and then give oneself as that alone which is its own master can do. And what effort and struggle it takes to attain this crystallisation, to emerge from the amorphous state of the environment; and how much more effort and struggle yet to give oneself, to surrender once the individuality has been formed.

“Few beings consent willingly to make this effort; so life with its brutal unforeseen events obliges men to make it unintentionally, for they cannot do otherwise. And little by little Thy work is accomplished despite all obstacles.”

‘‘ତୁମେ ହେଉଛ ଚେତନା ଏବଂ ଆଲୋକ, ପ୍ରତ୍ୟେକ ବସ୍ତୁର ଅନ୍ତରର ଗଭୀରତାରେ ତୁମେ ପ୍ରଶାନ୍ତି ଓ ଦିବ୍ୟ ପ୍ରେମ ଯାହା ସବୁକିଛିକୁ ପରିବର୍ତ୍ତନ କରି ଦେଇପାରେ, ତୁମର ଜ୍ଞାନ ସକଳ ପ୍ରକାର ଅନ୍ଧକାର ଉପରେ ବିଜୟ ହାସଲ କରିପାରେ । ତୁମକୁ ଅନୁଭବ କରିବା ଏବଂ ତୁମ ପାଇଁ ଅଭୀପ୍ସା କରିବାକୁ ହେଲେ ଜଣକୁ ଅବଚେତନାର ବିଶାଳ ସାଗର ବକ୍ଷରୁ ନିଜକୁ ଉତ୍‌ଥିତ କରିବାକୁ ହେବ, ଜଣେ ନିଜକୁ ସ୍ଫଟିକ ପରି ସ୍ୱଚ୍ଛ ହେବାକୁ ଆରମ୍ଭ କରିବାକୁ ହେବ, ନିଜକୁ ଜାଣିବାକୁ ହେଲେ ପରିଷ୍କାର ଭାବରେ ନିଜକୁ ଗଢ଼ିବାକୁ ଏବଂ ତତ୍‌ପରେ ନିଜକୁ ସମ୍ପୂର୍ଣ୍ଣ ରୂପେ ସମର୍ପିତ କରି ଦେବାକୁ ହେବ । କାରଣ ସେହିଁ ନିଜକୁ ସମର୍ପଣ କରିପାରେ ଯାହାର ନିଜ ଉପରେ ଅଧିକାର ଅଛି । ଏହି ସଫଳତା ପ୍ରାପ୍ତି ନିମନ୍ତେ ଏବଂ ପରିବେଷ୍ଟନୀର ଅଗଠିତ ଏକାକାର ଅସ୍ପଷ୍ଟ ମଧ୍ୟବର୍ତ୍ତୀ ଅବସ୍ଥା ମଧ୍ୟରୁ ବାହାରି ଆସିବା ନିମିତ୍ତ ଅନେକ ପ୍ରଯତ୍ନ ଓ ସଂଗ୍ରାମ କରିବାକୁ ହେବ । ପୁନଶ୍ଚ ବ୍ୟକ୍ତିତ୍ୱ ସୁଗଠିତ ହେଲା ପରେ କେତେ ଚେଷ୍ଟା, କେତେ ଉଦ୍ୟମ ଦରକାର ନହୁଏ ନିଜକୁ ଦେଇ ଦେବାକୁ, ସମର୍ପଣ କରିବାକୁ !

‘‘ଏହି ପ୍ରକାର ପ୍ରଚେଷ୍ଟା କରିବାକୁ ସ୍ୱଳ୍ପ ମାତ୍ର ସତ୍ତା ସ୍ୱଇଚ୍ଛାରେ ସ୍ୱୀକୃତି ପ୍ରଦାନ କରନ୍ତି; ସୁତରାଂ ଜୀବନ ଏହାର ନିଷ୍ଠୁର, ଅପ୍ରତ୍ୟାଶିତ ଘଟଣାବଳି ଦ୍ୱାରା ମଣିଷମାନଙ୍କର ଅନିଚ୍ଛା ସତ୍ତ୍ୱେ ସେମାନଙ୍କୁ ଏହା କରିବାକୁ ବାଧ କରିଥାଏ, କାରଣ ସେମାନେ ଅନ୍ୟ ଉପାୟରେ ଏହା କରି ପାରନ୍ତି ନାହିଁ । ଏବଂ ଅଳ୍ପ ଅଳ୍ପ କରି ତୁମର କାର୍ଯ୍ୟ ସମ୍ପାଦିତ ହୋଇଥାଏ ସମସ୍ତ ପ୍ରକାର ପ୍ରତିବନ୍ଧକ ସତ୍ତ୍ୱେ ।’’

ଆମେ ଆଲୋଚନା କରୁଥିବା ପ୍ରାର୍ଥନାଟିରେ ଥିବା ଶବ୍ଦଗୁଡ଼ିକର ଏକ ସର୍ବୋତ୍ତମ ଗୁରୁତ୍ୱ ରହିଛି । ସେମାନେ ଆମକୁ ଆମ ଅତୀତକୁ ବୁଝିବାରେ ସାହାଯ୍ୟ କରନ୍ତି ଏବଂ ଆମେ ଯେଉଁ ପରି ଭାବରେ ଆମ ଜୀବନକୁ ବର୍ଷ ବର୍ଷ ଧରି ଗଠନ କରି ଚାଲିଛେ ତାହା ନିଷ୍ଫଳ ହୁଏ ନାହିଁ । ଆମେ କ୍ଷଣିକ ସଫଳତାରେ ଯେତେ ପରିମାଣରେ ଆନନ୍ଦିତ ହେଉ ଏବଂ ଅସଫଳତାର ପରାଜୟ ଦ୍ୱାରା ଯେତେ ପରିମାଣରେ ଲୋତକାଶ୍ରୁ ଢାଳିଦେଉ ସେସବୁ ଆମ ଆତ୍ମାର ବୃଦ୍ଧିରେ ସାହାଯ୍ୟ କରିଥା’ନ୍ତି । ଏହିପରି ଭାବରେ ଜୀବନ-ଅଗ୍ନିର ଲେଲିହାନ ଶିଖାରେ ହଜାର ହଜାର ବର୍ଷ ଧରି ଆଉଟା ହୋଇ ଆମର ଅଶୋଧିତ ମିଶ୍ରିତ ଧାତୁଟି ଶୁଦ୍ଧ ଚକ୍‌ଚକ୍ ସ୍ଫଟିକର

ରୂପଧାରଣ କରିବାକୁ ଆରମ୍ଭ କରିଥାଏ । ଏହି ସ୍ଫଟିକୀକରଣ (crystalisation) ଆମକୁ ଏକ ନିଜସ୍ୱ ପରିଚୟ ପ୍ରଦାନ କରିଥାଏ । ଏତାଦୃଶ ସ୍ଫଟିକୀକରଣ ଦ୍ୱାରା ଆମେ ଆମକୁ ସମାଜରେ ଏକ ସମ୍ପୂର୍ଣ୍ଣ ପୃଥକ୍ ପରିଚୟ ଏବଂ ସର୍ବଗୁଣସମ୍ପନ୍ନ ବ୍ୟକ୍ତିତ୍ୱରେ ପରିଣତ କରି ଦେଇଥାଉ ଓ ସମାଜରେ ସଚେତନ ସତ୍ତା ଭାବରେ ଏକ ସ୍ୱତନ୍ତ୍ର ସଂସ୍ଥା ଗଠନ କରି ଉପରକୁ ଉଠିଯିବାକୁ ସତତ ଚେଷ୍ଟା କରି ଚାଲିଥାଉ । ଆମେ ଜାଣୁ ପ୍ରକୃତି ପ୍ରତିକ୍ଷଣ ଅନୁକ୍ଷଣରେ ଯୋଗଯୁକ୍ତ ହୋଇ ଆଗକୁ ବଢୁଛି; ତାହା ସହିତ ତାଳଦେଇ ଆମେ ମଧ୍ୟ ପଡ଼ି ଉଠି ଦୌଡୁଛେ, ଯୋଗଯୁକ୍ତ କର୍ମକୁ କ୍ଷିପ୍ରତର କରାଇବା ପାଇଁ, ଅନ୍ୟ କିଛି ନୁହେଁ । ଆମେ ଭଗବାନଙ୍କ ପାଖରେ ପହଞ୍ଚିବା ନିମନ୍ତେ ଏକ ସିଧାସଳଖ (short cut) ରାସ୍ତା ଧରିବା ପାଇଁ ଚେଷ୍ଟା କରି ଚାଲିଛେ । ମଣିଷ ଏପରି ଏକ ଯୁଗରେ ପହଞ୍ଚିଛି ଯେଉଁଠାରେ କଠିନ ପରିଶ୍ରମଜନିତ ଘାତ-ପ୍ରତିଘାତ ପରିପୂର୍ଣ୍ଣ ହୋଇ ରହିଛି । ଯେତେବେଳେ ଚିନ୍ତା ଏବଂ କାର୍ଯ୍ୟ ଭିତରେ ଏକ ଦୃଢ଼ ବ୍ୟବହାରିକ ଶକ୍ତି ଅଥବା କୌଣସି ପ୍ରକାର ପ୍ରଚ୍ଛନ୍ନ ସଦାଚାର (secret virtue) ସର୍ବୋତ୍ତମ ପରୀକ୍ଷା ନିମନ୍ତେ ପ୍ରସ୍ତୁତ ହେଉଥାଏ ସେତିକିବେଳେ ନବଜନ୍ମର ସୁବର୍ଣ୍ଣ ସୁଯୋଗଟିଏ ସୃଷ୍ଟି ହୁଏ ।

ଭାରତୀୟ ଯୋଗ ପଦ୍ଧତି ସମ୍ପର୍କରେ ପ୍ରଭୁ ଶ୍ରୀଅରବିନ୍ଦ ''ଯୋଗ ସମନ୍ୱୟ'' ଗ୍ରନ୍ଥର ପ୍ରଥମ ଅଧ୍ୟାୟ Chapter I – "Life and Yoga", ''ଜୀବନ ଏବଂ ଯୋଗ'' ସମ୍ପର୍କରେ ଉଲ୍ଲେଖ କରି କହୁଛନ୍ତି ଯେ ଏହା ହେଉଛି ପ୍ରାଚୀନ ସ୍ମରଣାତୀତ ଯୁଗର ସନ୍ତାନ । ଏହି ସନ୍ତାନଟି ଆପଣାର ପ୍ରାଣବନ୍ତ ଏବଂ ସତ୍ୟଶକ୍ତି ବଳରେ ଅତ୍ୟାଧୁନିକ ଯୁଗ ପର୍ଯ୍ୟନ୍ତ ସୁରକ୍ଷିତ ହୋଇ ରହି ପାରିଛି । ଏହାର ଆଶ୍ରୟସ୍ଥଳ ବା ଲାଳନପାଳନ କେନ୍ଦ୍ର ଭାବରେ ଅନେକ ଯୋଗଯୁକ୍ତ ଗୁପ୍ତ-ସଂସ୍ଥା ଏବଂ ମୁନି-ଋଷିମାନଙ୍କର ଗୁମ୍ଫା ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛନ୍ତି । ବର୍ତ୍ତମାନ ସେହି ଶିଶୁ ସେଠାରୁ ବାହାରି ସଜୀବ ମାନବୀୟ ସାମର୍ଥ୍ୟ ଓ ଯାବତୀୟ ପ୍ରୟୋଜନୀୟତାର ଅନାଗତ ସମଷ୍ଟି ମଧ୍ୟରେ ଆପଣାର ବାସସ୍ଥାନଟିକୁ ଖୋଜିବାରେ ଲାଗିଛି । ସେ ଏପରି ଏକ ବାସସ୍ଥଳୀ ଖୋଜୁଛି ଯେଉଁଠାରେ ଭବିଷ୍ୟତ୍ ମଣିଷର ଶକ୍ତି ଏବଂ ବ୍ୟବହାରକୁ ଏକତ୍ରିତ କରି ଧରି ପାରିବ ।

ଉକ୍ତ ପ୍ରାର୍ଥନାରେ ମା' ଉଲ୍ଲେଖ କରିଥିବା ଶବ୍ଦଗୁଡ଼ିକ ଆମ ବିଚଳିତ ମାନସକୁ କିୟତ୍ ପରିମାଣରେ ସାନ୍ତ୍ୱନା ପ୍ରଦାନ କରିପାରିବ । ମା' ପ୍ରଭୁଙ୍କୁ ସମ୍ବୋଧନ କରି କହୁଛନ୍ତି ଯେ ସେ ହେଉଛନ୍ତି ପ୍ରକୃତ ଚେତନା ଏବଂ ଆଲୋକ । ପ୍ରତ୍ୟେକ ଜୀବସତ୍ତା ଏବଂ ପଦାର୍ଥକୁ ଲକ୍ଷ୍ୟ କଲେ ଆମେ ଦେଖିପାରିବା ଯେ ସେମାନଙ୍କର ଅନ୍ତରର ଅତ୍ୟନ୍ତ ଗଭୀରତା ମଧ୍ୟରେ ଶାନ୍ତି ବିରାଜମାନ କରୁଛି; ତାହା ନଥିଲେ ସେମାନେ ଏଠାରେ ବଞ୍ଚି ରହି ପାରି ନଥା'ନ୍ତେ; ନିର୍ଦ୍ଦିଷ୍ଟ ରୂପ ଗ୍ରହଣ କରିପାରି ନଥା'ନ୍ତେ । 'ଦିବ୍ୟପ୍ରେମ' ସମ୍ବନ୍ଧରେ ଆମର ସମ୍ୟକ୍ ସ୍ପଷ୍ଟ ଧାରଣା ନାହିଁ, କେବଳ ଆମେ ଏତିକି କହି ପାରିବା ଯେ ଯେତେ ଜିନିଷ ଏଠାରେ ବଦଳୁଛନ୍ତି, ଅନ୍ୟ ରୂପ ଧାରଣ କରୁଛନ୍ତି, ଯାହା ପ୍ରକୃତ ବାସ୍ତବ ସତ୍ୟର ସ୍ୱରୂପକୁ ଗ୍ରହଣ କରୁଛନ୍ତି, ସେମାନେ ସମସ୍ତେ ଜାଣତରେ ହେଉ ବା ଅଜାଣତରେ ହେଉ ଏହି 'ଦିବ୍ୟପ୍ରେମ'ର ଅଗ୍ନିରେ ଦଗ୍ଧ ହୋଇ ବିଶୁଦ୍ଧ ରୂପ ଗ୍ରହଣ କରୁଛନ୍ତି । ତତ୍‌ପରେ ଆସୁଛି 'ଦିବ୍ୟଜ୍ଞାନ'ର କଥା – ଆମ ସମସ୍ତଙ୍କ ଭିତରେ ଅଜ୍ଞାନତାର ଅନ୍ଧକାର ରହିଛି; ଏହି ଦିବ୍ୟଜ୍ଞାନ ଅନ୍ଧକାର ଉପରେ ବିଜୟ ହାସଲ କରିବାରେ ଲାଗିଛି ।

'ଅବଚେତନା' ହେଉଛି ଏକ ସୁବିସ୍ତୃତ ବିଶାଳ ସମୁଦ୍ର । ଏହାର କିଛି ଥଳକୂଳ ନାହିଁ । ପ୍ରରମପ୍ରଭୁଙ୍କୁ ଅନୁଭବ କରିବାକୁ ହେଲେ ତଥା ତାଙ୍କ ସହିତ ମିଳିତ ହେବା ନିମନ୍ତେ ଅଭୀପ୍ସା ପୋଷଣ କଲେ ଆମକୁ ଏହି ଅବଚେତନାର ବିଶାଳ ସାଗର ବକ୍ଷରୁ ମୁଣ୍ଡ ଟେକି ଉପରକୁ ଉଠି ଆସିବାକୁ ହେବ । ଏହା ସମ୍ଭବ ହୋଇ ପାରିବ କେବଳ ଦିବ୍ୟଜନନୀ ଶ୍ରୀମାଙ୍କ ଉପରେ ଆସ୍ଥା ସ୍ଥାପନ କଲେ, ସମର୍ପିତ ହୋଇଗଲେ; ଏହାଛଡ଼ା ଅନ୍ୟ କୌଣସି ପନ୍ଥା ନାହିଁ । ସିଗ୍‌ମଣ୍ଡ ଫ୍ରଏଡ୍ (Sigmund Frued)ଙ୍କ ମତରେ 'ଅବଚେତନା'ର ନଅଭାଗ ଭିତରେ ବୁଡି ରହିଛି, ମାତ୍ର ଗୋଟିଏ ଭାଗ ଉପରକୁ ଅଛି; ଠିକ୍ ଏକ ଭାସମାନ ବିଶାଳ ବରଫଖଣ୍ଡ ସଦୃଶ । ମଣିଷ ସେହି ଉପରକୁ ଉଠିଥିବା ଗୋଟିଏ ଭାଗ ଅବଚେତନା ସହିତ ମାତ୍ର ସମ୍ପର୍କିତ । ଫ୍ରଏଡ୍ ଜନ୍ମ ହୋଇଥିଲେ ୧୮୮୫ ମସିହା ମେ ମାସ ୫ ତାରିଖରେ ଏବଂ ତାଙ୍କର ମୃତ୍ୟୁ ହୋଇଥିଲା ୧୯୩୯ ମସିହା ସେପ୍‌ଟେମ୍ବର ୨୩ ତାରିଖରେ । ସେ ଥିଲେ ଜଣେ ଅଷ୍ଟ୍ରେଲିଆନ୍ ନ୍ୟୁରୋଲୋଜିଷ୍ଟ୍ ଏବଂ 'ସାଇକୋଆନାଲିସିସ୍'ର ଉଦ୍ଭାବକ । ସେ ମଧ୍ୟ a model of psychic structure, id, ego, super ego (a tripartite model of mind)ର theory establish କରିଥିଲେ । ସିଗ୍‌ମଣ୍ଡ ଫ୍ରଏଡ୍‌ଙ୍କର ଶିଷ୍ୟ Mr. Jung ଏହି ଅବଚେତନା ବ୍ୟତୀତ ଅନ୍ୟ ଏକ ବ୍ୟାପକ

ଶକ୍ତିର ସନ୍ଧାନ ପ୍ରାପ୍ତ ହୋଇଥିଲେ, ତାକୁ ସେ 'Psychic Being' ବା 'ଚୈତ୍ୟସତ୍ତା' ବୋଲି କହିଥିଲେ । ସେହି 'ଚୈତ୍ୟସତ୍ତା' ମଣିଷର ସକଳ କ୍ରିୟା, ପ୍ରତିକ୍ରିୟାକୁ ନିୟନ୍ତ୍ରଣ କରିଥାଏ । ପ୍ରଭୁ ଶ୍ରୀଅରବିନ୍ଦ ଏହି 'ଚୈତ୍ୟପୁରୁଷ' ସମ୍ପର୍କରେ କହନ୍ତି – "The Word 'psychic' in our ordinary parlance is more often used in reference to this desire-soul than to the true psychic. It is used still more loosely of psychological and other phenomena of an abnormal and supernormal character which are really connected with the inner mind, inner vital, subtle physical being subliminal in us and are not at all direct operations of the psyche."

[The Life Divine – The Double Soul in Man ବିଷୟର p. 226 foot note ରୁ ସଂଗୃହୀତ ।]

''ନିତ୍ୟନୈମିତ୍ତିକ ଚଳନ୍ତି ଭାଷାରେ କହିଲେ 'psychic' ବା 'ଚୈତ୍ୟ' ପ୍ରଧାନତଃ କାମନା ଆତ୍ମାର (desire-soul) ବୃତ୍ତିଗୁଡ଼ିକୁ ବୁଝାଇ ଥାଏ । ମନୋଭୂମିଗତ ତଥା ଅନ୍ୟାନ୍ୟ ଅପ୍ରାକୃତ ବ୍ୟାପାରକୁ 'psychic' ବୋଲି କହିଲା ବେଳେ ଶବ୍ଦଟିର ପ୍ରୟୋଗକୁ ଆମେ ଆହୁରି ଶିଥିଳ କରିପକାଉ । ଆମେ ବର୍ତ୍ତମାନ ସୁଦ୍ଧା ଏହି ଶବ୍ଦଟିକୁ ଅଧିକ ପରିମାଣରେ ମନସ୍ତାତ୍ତ୍ୱିକ ଭାବନାକୁ ପ୍ରକାଶ କରିବା ପାଇଁ ହାଲୁକା ଭାବେ (loosely) ପ୍ରୟୋଗ କରୁଛେ, ଗୁରୁତ୍ୱହୀନ ଭାବରେ ଏହିସବୁ ସ୍ଥାନରେ ପ୍ରୟୋଗ କରୁଛେ । ଯଦ୍ୟପି କୌଣସି ପ୍ରକାରର ମାନସିକ ବିକାରଗ୍ରସ୍ତ 'abnormal' ଅଥବା ସାଧାରଣ ମନର ଉପର ତଥା ଉଚ୍ଚତର କଥା (supernormal)କୁ ପ୍ରକାଶ କଲାବେଳେ ଆମେ 'psychic' ଶବ୍ଦଟିକୁ ବ୍ୟବହାର କରି ଦେଇଥାଉ । କିନ୍ତୁ ପ୍ରକୃତପକ୍ଷରେ ସେଗୁଡ଼ିକ ମଣିଷର ଅନ୍ତଃମନ, ଅନ୍ତଃପ୍ରାଣ ଏବଂ ସୂକ୍ଷ୍ମ ଶାରୀରିକ ସତ୍ତା ମାତ୍ର ଅଟନ୍ତି; ଆମ ଚେତନାର ଉପରି ଭାଗରେ ରହିଥା'ନ୍ତି 'subliminal' ଭାବରେ ଏବଂ ଏମାନେ ଆଦୌ 'ଚୈତ୍ୟସତ୍ତା'ଙ୍କର ସିଧାସଳଖ କାର୍ଯ୍ୟ ନୁହଁନ୍ତି ।''

ଆଲୋଚ୍ୟ ପ୍ରାର୍ଥନାରେ ଦିବ୍ୟଜନନୀ ଶ୍ରୀମା କହୁଛନ୍ତି ଯେ ଥରେ ଆମେ ଯଦି ଏକ ବ୍ୟକ୍ତିସତ୍ତା ଭାବରେ ରୂପ ଗ୍ରହଣ କରିନେଲୁ, କାର୍ଯ୍ୟ ପରିସମାପ୍ତି ଘଟିଲା ବୋଲି କହି ପାରିବା ନାହିଁ । ବର୍ତ୍ତମାନ ସୁଦ୍ଧା ଯୁଦ୍ଧରେ ଜୟଲାଭ ହୋଇ ନାହିଁ, ଏହା ସଂଗ୍ରାମର ପ୍ରାରମ୍ଭ ମାତ୍ର । ଏହାର କାରଣ ହେଉଛି ଏହି ବ୍ୟକ୍ତିସତ୍ତା ଏପର୍ଯ୍ୟନ୍ତ ଏକ ସଂଘଟିତ ଅନୁଷ୍ଠାନରେ ପରିଣତ ହୋଇ ପାରି ନାହିଁ । କେତେକ ସତ୍ତା ବିଭିନ୍ନ ଭୂମିରେ ଦଣ୍ଡାୟମାନ ହୋଇ ନିଜ ନିଜର ଅହଂକାର ପ୍ରଦର୍ଶିତ କରୁଛନ୍ତି । ଆଉ କେତେକ ନିଜେ ନିଜକୁ ଠକୁଛନ୍ତି ଓ ନିଜକୁ ବିରୋଧ କରୁଛନ୍ତି । ଆମେ ମଧ୍ୟ ସେହି ସତ୍ତାମାନଙ୍କ ମଧ୍ୟରୁ ଜଣେ ହୋଇ ଠିଆ ହୋଇଛୁ; ମା' ଆମ୍ଭମାନଙ୍କୁ ସର୍ବଦା ସତର୍କ କରି ଦେଉଛନ୍ତି, କାମନା ବାସନାର ଅରଣ୍ୟାନୀ ଭିତରକୁ ଗୋଡ଼ ଖସିଯିବାର ଯେଉଁ ଭୟ ସେଥିରୁ ଦୂରେଇ ଆସିବାକୁ । ଦିବ୍ୟଜନନୀ ଆମକୁ ପ୍ରତିଶ୍ରୁତି ଦେଇ କହୁଛନ୍ତି ଯେ ଏତେ ପ୍ରତିବନ୍ଧକ ଥିବା ସତ୍ତ୍ୱେ ମଧ୍ୟ ଆମେ ଲକ୍ଷ୍ୟ ସ୍ଥଳରେ ପାଦ ଥାପି ପାରିବା । ଏହି କାର୍ଯ୍ୟ ଅଳ୍ପ ଅଳ୍ପ କରି 'little by little' ଆଗକୁ ବଢ଼ି ଚାଲିଛି ।

''ହେ ମାନବ ହୃଦୟ, ଧୈର୍ଯ୍ୟ ଧର ।''

ଏହି ପରିପ୍ରେକ୍ଷୀରେ ନିମ୍ନୋକ୍ତ ବିଷୟଟିକୁ ଆଲୋଚନା କଲେ, ଦିବ୍ୟଜନନୀ ତାଙ୍କର ସନ୍ତାନମାନଙ୍କ ପାଇଁ କିପରି କାର୍ଯ୍ୟ କରୁଛନ୍ତି ତାହା ସ୍ପଷ୍ଟ ବୁଝି ହୋଇଯିବ । ତାହାହେଲା –

''ପଣ୍ଡିଚେରୀ ସହରର ମାତ୍ର ଦୁଇ କିଲୋମିଟର ଦୂରରେ ଅବସ୍ଥିତ ଗୋଟିଏ ଛୋଟ ଗାଁ । ଗାଁଟିର ନାମ 'ଆରିୟାନ୍‌କୁପମ୍' । ତେର ବର୍ଷୀୟ ଜନୈକ ବାଳକ ଯାହାଙ୍କ ନାମ 'ଟି' ସେ ସେହି ଗ୍ରାମରେ ମାତାପିତାଙ୍କ ସହିତ ବାସ କରୁଥିଲା । ସେହି ଦିନମାନଙ୍କରେ ଦିବ୍ୟଜନନୀ ଶ୍ରୀମା ପଣ୍ଡିଚେରୀ ନିକଟସ୍ଥ ଗ୍ରାମମାନଙ୍କୁ ଅଥବା ଦର୍ଶନୀୟ ସ୍ଥାନକୁ ତାଙ୍କ କାର୍‌ରେ ବୁଲିବାକୁ ଯାଉଥିଲେ । ଦିନେ ମା' 'ଆରିୟାନ୍‌କୁପମ୍' ଗ୍ରାମକୁ ବୁଲିବାକୁ ଯିବା ପାଇଁ ସ୍ଥିର କଲେ । ସେଠାରେ ପହଞ୍ଚି ସେହି ଗ୍ରାମରେ ଥିବା କେତେକ ପୁରାତନ ମନ୍ଦିର ଏବଂ ସ୍ମାରକୀ ସ୍ତମ୍ଭ, ପ୍ରାସାଦ 'monument' ଦେଖିବା ନିମନ୍ତେ ଗାଡ଼ିରୁ ଓହ୍ଲାଇଲେ । କିଛି ସମୟ ପରେ ମା' ଗାଡ଼ି ନିକଟକୁ ଫେରି ଆସିଲେ । କାର୍ ଭିତରକୁ ଯିବା ପୂର୍ବରୁ ବାହାରକୁ ଟିକିଏ ଆଖି ବୁଲାଇ ଆଣିଲେ – ତାଙ୍କର ଦିବ୍ୟ-ଚକ୍ଷୁ ବାହାରେ ଧୀରସ୍ଥିର ଭାବରେ ଦଣ୍ଡାୟମାନ 'ଟି'ଙ୍କ ଉପରେ କ୍ଷଣକ ପାଇଁ ନିବଦ୍ଧ ହେଲା । 'ଟି' ଦିବ୍ୟଜନନୀଙ୍କର ଅତ୍ୟନ୍ତ ସୂକ୍ଷ୍ମ ଦିବ୍ୟ ଶରୀରକୁ ଦର୍ଶନ କରି ମନ୍ତ୍ରମୁଗ୍ଧ ହୋଇ ସ୍ଥିର ହୋଇ ଦଣ୍ଡାୟମାନ ହୋଇ ରହିଲେ । ପାଟିରୁ କଥା ବାହାରୁ ନଥିଲା; ତାଙ୍କ ଆନ୍ତର ଚେତନାରେ ସୃଷ୍ଟି ହେଉଥିଲା ଅପୂର୍ବ ଶିହରଣ ।

ମା'ଙ୍କର ଦିବ୍ୟସ୍ୱରୂପ ପିଲାଟି ଭିତରେ ପ୍ରଭୂତ ପରିବର୍ତ୍ତନ ସୃଷ୍ଟିକଲା, ମା'ଙ୍କ ଆଡ଼କୁ ତାଙ୍କର ମନ-ପ୍ରାଣ-ଶରୀର ଏକ ଅପୂର୍ବ ଆକର୍ଷଣ ଦ୍ୱାରା ସ୍ୱତଃସ୍ଫୂର୍ତ୍ତ ଭାବରେ ଟାଣି ହୋଇ ଯାଉଥିଲା । 'ଟି'ଙ୍କର ସମସ୍ତ ସତ୍ତା ଚିତ୍କାର କରି କହି ଉଠିଲା, ''କିଏ ଏହି ଦେବୀ, ମୁଁ ତାଙ୍କୁ ନିଶ୍ଚୟ ଜାଣିବି !'' ତା'ର ସାଙ୍ଗସାଥିଙ୍କୁ ସେ ପଚାରିଲା, କିନ୍ତୁ ସେମାନେ କେହି ମା'ଙ୍କ ସମ୍ପର୍କରେ କିଛି କହି ପାରିଲେ ନାହିଁ । ତାଙ୍କ ଗ୍ରାମର ଅନେକଙ୍କୁ ସେ ଏକଥା ପଚାରିଲା, କିନ୍ତୁ କେହି ହେଲେ ମା'ଶ୍ରୀଅରବିନ୍ଦ ଅଥବା ତାଙ୍କ ଆଶ୍ରମ ବିଷୟରେ କିଛି କହି ପାରିଲେ ନାହିଁ । ଶେଷରେ ସେ ଜନୈକ ବୈଷ୍ଣବ ସାଧୁଙ୍କୁ ଭେଟିଲା ଏବଂ ସେହି ସାଧୁ 'ଟି'ଙ୍କର ସମସ୍ତ ପ୍ରଶ୍ନର ଉତ୍ତର ଦେଇ ଦେଇଥିଲେ ।

ଏକ ଅତ୍ୟନ୍ତ ସରଳ ସାଧାସିଧା ଗ୍ରାମ୍ୟ ବାଳକ 'ଟି' ତାଙ୍କ ଗ୍ରାମରେ ଏକ ନିରାଡ଼ମ୍ବର କୁଟୀର ମଧ୍ୟରେ ମାତାପିତାଙ୍କ ସହିତ ବାସ କରୁଥିଲା । ତାକୁ ଇଂରାଜୀ ଜଣା ନଥିବାରୁ ସେ ଭାବୁଥିଲା ଯଦି ମା'ଙ୍କ ସହିତ ସାକ୍ଷାତ୍ ହୁଏ ତେବେ ସେ ତାଙ୍କ ସହିତ କିପରି କଥାବାର୍ତ୍ତା କରିବ । କିନ୍ତୁ ନିରୁତ୍ସାହିତ ନହୋଇ ସେ ସର୍ବଦା ମା'ଙ୍କୁ ସାକ୍ଷାତ୍ କରିବା କଥା ଚିନ୍ତା କରୁଥିଲା । ସର୍ବଶେଷରେ 'ଟି'ଙ୍କର ଏକାଗ୍ର ସାଧନାର ଉତ୍ତର ମିଳିଲା । ତାଙ୍କୁ ଆଶ୍ରମର କୌଣସି ଏକ 'ଡିପାର୍ଟମେଣ୍ଟ୍'ରେ କାମ କରୁଥିବା ଜନୈକ ସ୍ଥାନୀୟ ବ୍ୟକ୍ତିଙ୍କ ପାଖକୁ ଯେପରି କିଏ ଟାଣି ଟାଣି ନେଇଗଲା । ସେ 'ଟି'ଙ୍କୁ କହିଲେ, ତୁମେ ପଣ୍ଡିଚେରୀ ଚାଲିଆସ, ମୁଁ ତୁମକୁ ପ୍ରତିଶ୍ରୁତି ଦେଉଛି ଆଶ୍ରମର ସେକ୍ରେଟାରୀ 'ଅମୃତଦା'ଙ୍କ ସହିତ ଭେଟ କରାଇ ଦେବି । 'ଟି' ଅନେକ ଥର ପଣ୍ଡିଚେରୀ ଗଲେ, କିନ୍ତୁ ତାଙ୍କ ଶ୍ରମିକ ବନ୍ଧୁ ତାଙ୍କୁ 'ଅମୃତଦା'ଙ୍କ ନିକଟକୁ ନେଇଯିବା କଥା ସମ୍ଭବପର ହେଲା ନାହିଁ ।

ଦିନ ପରେ ଦିନ ଗଡ଼ି ଚାଲିଲା, ଶେଷରେ କୌଣସି ଏକ ଦିବ୍ୟ-ଅନୁକୂଳ ପରିସ୍ଥିତି 'ଟି'ଙ୍କୁ 'ଅମୃତଦା'ଙ୍କ ନିକଟରେ ଉପସ୍ଥିତ କରାଇ ଦେଲା । 'ଅମୃତଦା' ପଚାରିଲେ, 'What do you want ?' ଲାଜକୁଳା 'ଟି' ତାଙ୍କୁ ସବୁକଥା କହିଲା, ଏବଂ କିପରି ସିଏ ଆଶ୍ରମରେ ମା'ଙ୍କ ସାନ୍ନିଧ୍ୟରେ ରହିବା ନିମନ୍ତେ ବ୍ୟାକୁଳ ସେକଥା ମଧ୍ୟ ପ୍ରକାଶ କଲା । 'ଅମୃତଦା' 'ଟି'କୁ କହିଲେ ତୁମେ ମା'ଙ୍କ ପାଖକୁ ତୁମ ମାତୃଭାଷାରେ ଏକ ଦରଖାସ୍ତ ଲେଖି ଆଶ୍ରମରେ ରହିବା ପାଇଁ ଅନୁମତି ପ୍ରାର୍ଥନା କରିପାର । 'ଟି' ଦରଖାସ୍ତଟିଏ ଲେଖି ଅମୃତଦା'ଙ୍କୁ ଧରାଇ ଦେଲା । ''ତୁମ ଦରଖାସ୍ତର ଉତ୍ତର ପାଇଁ ସପ୍ତାହକ ପରେ ଆସିପାର ।''– କହିଲେ 'ଅମୃତଦା' । ଇତ୍ୟବସରରେ ସେ 'ଟି'ର ତାମିଲ ଭାଷାରେ ଲିଖିତ ଦରଖାସ୍ତଟିକୁ ଇଂରାଜୀ ଭାଷାରେ ଅନୁବାଦ କରି ମା'ଙ୍କ ନିକଟରେ ନିବେଦନ କରିଦେଲେ ।

ଏକ ସପ୍ତାହ ପରେ 'ଟି' ଯେତେବେଳେ ଚିଠିର ଉତ୍ତର ନେବା ପାଇଁ ଆସିଲା, 'ଅମୃତଦା' ତାଙ୍କୁ ପଚାରିଲେ ମା'ଙ୍କ ତରଫରୁ, "Why do you want to join the Ashram ? Are you in trouble ? Do you need money ?" ଅର୍ଥାତ୍, ''ତୁମେ ଆଶ୍ରମରେ କାହିଁକି ଯୋଗ ଦେବା ପାଇଁ ଇଚ୍ଛା କରୁଛ ? ତୁମେ କ'ଣ କିଛି ଅସୁବିଧାରେ ଅଛ ? ତୁମର ଟଙ୍କା ଦରକାର କି ?'' ଉତ୍ତରରେ 'ଟି' ତାମିଲରେ ଲେଖିଲା, ''ମୋର କିଛି ଅସୁବିଧା ନାହିଁ, ମୋର ଟଙ୍କାର ମଧ୍ୟ ଆବଶ୍ୟକତା ନାହିଁ । ମୋତେ ଜଣା ନାହିଁ ଯେ ଆପଣ କିଏ, ଅଥବା ଆଶ୍ରମରେ କ'ଣ ସବୁ କରାହୁଏ । ମୁଁ ଏକଥା ମଧ୍ୟ ଜାଣି ନାହିଁ ମୁଁ କାହିଁକି ବାରଂବାର ଆଶ୍ରମକୁ ଆସୁଛି । ଯେପରି ଗୋଟିଏ ଶକ୍ତ ହସ୍ତ ମୋତେ ଏଠାକୁ ଟାଣି ଟାଣି ନେଇ ଆସୁଛି ।''

'ଟି' ଆଶ୍ରମକୁ ପ୍ରତିଦିନ ଆସୁଥିଲା । ତାଙ୍କ ଘରେ ହାତବନ୍ଧା ଘଣ୍ଟା ଅଥବା କାନ୍ଥ-ଘଣ୍ଟାଟିଏ ମଧ୍ୟ ନଥିଲା । ସେ ଆକାଶକୁ ଚାହିଁ ଏକ ନିର୍ଦ୍ଦିଷ୍ଟ ତାରକାର ଅବସ୍ଥାନକୁ ଲକ୍ଷ୍ୟ କରି ସମୟ କେତେ ହେଲାଣି ତାହା ଜାଣି ପାରୁଥିଲା ଏବଂ ରାତି ୨ଟା ୩୦ମିନିଟ୍‌ରେ ଶଯ୍ୟାରୁ ଉଠି ତା'ର ଗ୍ରାମ ପାର୍ଶ୍ୱରେ ପ୍ରବାହିତ ଏକ ନଦୀରେ ସ୍ନାନ କରୁଥିଲା ଏବଂ ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀକୁ ତା'ର ପ୍ରତ୍ୟହ ତୀର୍ଥଯାତ୍ରା (daily pilgrimage) ଆରମ୍ଭ କରି ଦେଉଥିଲା । ପଣ୍ଡିଚେରୀକୁ ଲମ୍ବିଥିବା ବୁଲାଣି ରାସ୍ତାରେ ନଯାଇ ଏକ ସିଧାସଳଖ ରାସ୍ତା ବାଛି ନେଇଥିଲା, ଯାହା ଦେଢ଼ କିଲୋମିଟରରୁ କମ୍ ଥିଲା । ପଥ ମଧ୍ୟରେ ଦୁଇଟି ଶ୍ମଶାନ ଏବଂ ଗୋଟିଏ ନଦୀ ପଡୁଥିଲା । ଶ୍ମଶାନ ଦୁଇଟି ଅଜଣା ଭୟ ସୃଷ୍ଟି କରୁ ଥିଲା ଏବଂ ନଦୀଟି ଖରସ୍ରୋତା ଥିବାରୁ ଏକ ପ୍ରତ୍ୟକ୍ଷ ଭୟର ପ୍ରାଚୀର ସଦୃଶ ହୋଇ ଠିଆ ହୋଇଥିଲା । କିନ୍ତୁ ଏହି ପ୍ରକାର ଭୟ 'ଟି'ର କିଛି କ୍ଷତି କରି ପାରୁ ନଥିଲା, କାରଣ ତା'ର ଏକମାତ୍ର ଲକ୍ଷ୍ୟ ଥିଲା ପଣ୍ଡିଚେରୀ ଯାଇ ମା'ଙ୍କ ପାଖରେ ପହଞ୍ଚିବା ।

ଏହି ତୀର୍ଥଯାତ୍ରା ପାଞ୍ଚ ବର୍ଷ ଧରି ଚାଲିଲା – ୧୯୨୮

ମସିହାରୁ ୧୯୩୩ ମହିହା ପର୍ଯ୍ୟନ୍ତ । ପ୍ରତ୍ୟେକ ଦିନ 'ଟି'ର ମା'ଙ୍କ ପ୍ରତି ଭକ୍ତି, ଭଲପାଇବା ବୃଦ୍ଧି ହୋଇ ଚାଲିଥିଲା, ତା'ର ଆନ୍ତର ସମ୍ପର୍କ ଗଭୀରରୁ ଗଭୀରତର ହେଉଥିଲା । ଦିନେ ସେ ଦେଖିଲା ମା'ଙ୍କ କାର୍ ତାକୁ ଅତିକ୍ରମ କରି ଆଗକୁ ଚାଲିଯାଉଛି, କିଛି ଚିନ୍ତା ନ କରି କାର୍ ପଛରେ ସେ ଦୌଡ଼ିବାକୁ ଲାଗିଲା । ପବିତ୍ର, ଯେ କି ମା'ଙ୍କର ଡ୍ରାଇଭର ସେ ଏ ବିଷୟ ମା'ଙ୍କୁ ସୂଚାଇ ଦେଲେ ଏବଂ ମା'ଙ୍କ ଅନୁମତିରେ କାର୍‌ର ଗତି କମାଇ ଦେଲେ । 'ଟି' ସେହିପରି ଯଥାପୂର୍ବ ଦୌଡୁଥାଏ । ଗାଡ଼ି ଆଶ୍ରମର ଗ୍ୟାରେଜ୍‌ରେ ପହଞ୍ଚିଲା । 'ଟି' ଧଇଁସଇଁ ହୋଇ ଯାଇଥାଏ, ନିଃଶ୍ୱାସପ୍ରଶ୍ୱାସର ଗତି ଖୁବ୍ କ୍ଷିପ୍ର ହୋଇ ଯାଇଥାଏ । ମା' କାର୍‌ରୁ ବାହାରକୁ ଆସି ପିଲାଟିକୁ ଖୁବ୍ ସ୍ଥିର, ପ୍ରେମପୂର୍ଣ୍ଣ ଏବଂ ଉତ୍ସାହଭରା ଦୃଷ୍ଟିରେ ନିରୀକ୍ଷଣ କଲେ । ମା'ଙ୍କର କୃପାପୂର୍ଣ୍ଣ ଦୃଷ୍ଟିରୁ ସାହସ ପ୍ରାପ୍ତ ହୋଇ 'ଟି' ଟିକିଏ ଆଗକୁ ଯାଇ ଦିବ୍ୟଜନନୀଙ୍କ ପାଦପଦ୍ମରେ ପ୍ରଣାମ କଲା । ମା' ଦେଖିଲେ ତାଙ୍କର ଚୈତ୍ୟପୁରୁଷ ସମ୍ମୁଖକୁ ଆସି ଯୋଡ଼ହସ୍ତରେ ନିବେଦନ କରୁଛି, – ''ମା' ମୁଁ ତୁମକୁ ଅନୁସରଣ କରିବାକୁ ଚାହୁଁଛି ।''

('How they came to Sri Aurobindo and The Mother', Vol. 2, p. 60 - 61)

(କ୍ରମଶଃ) ❑

---

**ତଥ୍ୟ ନିର୍ଦ୍ଦେଶିକା :**

(୧) Prayers and Meditations – The Mother
(୨) How they came to Sri Aurobindo and the Mother – Vol. II by Shyam Kumari

**At last a pimple / acne treatment that *REALLY* works !!**
People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika
**Ayurvedic Pimple / Acne Remover**
100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# କାରା-ଜୀବନୀ

## (୧୫)

## ଉଲ୍ଲାସକର ଦତ୍ତ

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

ଯେଉଁମାନଙ୍କର ମୁଣ୍ଡରେ ଆଘାତ ଲାଗିଛି, ସେମାନଙ୍କର ପ୍ରତ୍ୟେକଙ୍କର ଥରେ ମାତ୍ର ଆଘାତରେ ମୁଣ୍ଡର ଖପୁରି ଫାଟି ଏକେବାରେ ଚେପ୍‌ଟା ହୋଇଯାଇ ମସ୍ତିଷ୍କର ମଗଜ ବାହାରି ପଡ଼ିଛି । ଆହତ ତିନିଜଣଙ୍କ ମଧ୍ୟରୁ ଦୁଇ ଜଣଙ୍କର ଅଚିରେହିଁ ପଞ୍ଚତ୍ୱ ପ୍ରାପ୍ତି ପ୍ରାୟ ହୋଇଛି । ଏମାନଙ୍କ ଭିତରୁ ଜଣେ ଅପେକ୍ଷାକୃତ ସବଳ ଓ ସୁସ୍ଥକାୟ ଥିଲେ; ସୁପରିନ୍‌ଟେଣ୍ଡେଣ୍ଟ୍ ଆସି ତିନି ଜଣଙ୍କୁ ଦେଖି କେବଳ ମାତ୍ର ଏହାଙ୍କୁହିଁ ଷ୍ଟ୍ରେଚର୍ କରି ହାସପାତାଲକୁ ନେଇ ଯିବାକୁ ଆଦେଶ କଲେ, ଅନ୍ୟ ଦୁଇଜଣଙ୍କ ସମ୍ବନ୍ଧରେ ତ କୌଣସି ଭରସା ନାହିଁ । ଦେଖାଯାଉ, ପ୍ରାଣପଣେ ଯଦି ଏହାଙ୍କୁ ବଞ୍ଚାଇ ପାରନ୍ତି । ହାସପାତାଲରେ ପ୍ରାୟ ସାତ ଆଠଦିନ ଯାଏ ଏହାର କୌଣସି ଚେତା ଆସି ନାହିଁ । ନାକରେ ନଳୀ ଦେଇ ଅବା ଫିଡିଂ କପ୍‌ରେ କ୍ଷୀର ଖୁଆଇ ଦିଆଯାଏ, ଏପରି ଅବସ୍ଥାରେ ଯେ ସେ ବଞ୍ଚି ଉଠିଲା ଏହା ଖୁବ୍ ଆଶ୍ଚର୍ଯ୍ୟର ବିଷୟ, ଏଥିରେ ସନ୍ଦେହ ନାହିଁ ଏବଂ ଆଜିକାଲିର ଅସ୍ତ୍ର-ଚିକିତ୍ସା-ଶାସ୍ତ୍ର ସମ୍ବନ୍ଧରେ ଖୁବ୍ ଗୌରବର ବିଷୟ ବୋଲି କହିବାକୁ ହେବ । ଯଦିଓ ଗତ ଯୁଦ୍ଧ ବ୍ୟାପାରରେ ଏକାନ୍ତ ଇଚ୍ଛା ସତ୍ତ୍ୱେ ନିଜେ ଯିବାର କୌଣସି ସୁବିଧା ପାଇ ପାରି ନାହିଁ, ତଥାପି କହିପାରେ ସେଦିନର ଯେଉଁ ଲୋମହର୍ଷକ ଦୃଶ୍ୟ ଦେଖିଛି, ଭୟାବହ ସମର କ୍ଷେତ୍ରରେ ବି ଏପରି ଭୀଷଣ ଦୃଶ୍ୟ ପରିଲକ୍ଷିତ ହୁଏ କି ନା ସନ୍ଦେହ ।

ପାଗଳ-ଗାରଦର ପାଗଳମାନଙ୍କର କଥା ଏଇ ପର୍ଯ୍ୟନ୍ତ ହେଲେହିଁ ଯଥେଷ୍ଟ ହେବ । ଆଉ ସେମିତି ଉଲ୍ଲେଖଯୋଗ୍ୟ ପାଗଳର କଥା କିଛି ନାହିଁ; ତେବେ ଜଣକୁ ଦେଖିଛି, ଜାତିରେ ମୁସଲମାନ । ତା'ର ନିଜର ଖାଦ୍ୟନଳୀ ଉପରେ ଏପରି ଆଶ୍ଚର୍ଯ୍ୟ ଧରଣର ନିୟନ୍ତ୍ରଣ ଥିଲା ଯେ, ଆହାର ପରେ କେତେ ବାଟି ପାଣି ପିଇ ଇଚ୍ଛାମତେ ସେ ସମସ୍ତ ଖାଦ୍ୟ ଓ ଜଳ ଉଦ୍‌ଗୀରଣ କରି ପାରୁଥିଲା । ଆମର ହଠଯୋଗ ଶାସ୍ତ୍ରରେ ଯେଉଁ ଧୌତି ଓ ନେତି ପ୍ରକ୍ରିୟାର କଥା ଅଛି, ଏହାର ଅଭ୍ୟାସ କେତେଟା ସେହିପରି । ପ୍ରାୟ ମଝିରେ ମଝିରେ ଦେଖିଛି ଯେ ଆମର ସେଠାକାର ଖାଇବା ପାତ୍ରରେ ବାଟିଏ କି ଦୁଇ ବାଟି ଜଳ, ଓଜନରେ ପ୍ରାୟ ତିନି ଚାରି ସେର ହେବ, ଏକାଥରେ ଢକ ଢକ କରି ପିଇଦିଏ ଏବଂ ପରକ୍ଷେଣରେହିଁ ସେ ସମସ୍ତ ଜଳ ରାସ୍ତାକଡ଼ରେ ଥିବା ନଳରୁ ଜଳ ବାହାରିବା ପରି କିଛିକ୍ଷଣ ଅବିରାମ ପ୍ରବାହରେ ଉଦ୍‌ଗୀରଣ କରିପାରେ । ଲୋକଟି ଅତିଶୟ ଖର୍ବାକୃତି; କିନ୍ତୁ ବେଶ୍ ବଳିଷ୍ଠ ଗଠନ, ଦଣ୍ଡ, କୁସ୍ତିକସରତ ତାକୁ ବେଶ୍ ଭଲ ଭାବେ ଜଣା, କିନ୍ତୁ ହେଲେ କ'ଣ ହେବ, ତା'ର ଏଇ ସମସ୍ତ ଅଦ୍ଭୁତ କ୍ଷମତା ସତ୍ତ୍ୱେ ଜେଲଖାନାହିଁ ତାହାର ପ୍ରକୃତ ଆବାସ କହିବାକୁ ହେବ । ମାନ୍ଦ୍ରାଜ ଅଞ୍ଚଳରେ ଯେଉଁମାନେ ଦୁଇ, ତିନି କି ତତୋଽଧିକ ବାର ଜେଲ ଯାଆନ୍ତି, ସେମାନଙ୍କୁ K. D. ଅର୍ଥାତ୍ – Known Desperado (ଦୁର୍ଦ୍ଧର୍ଷ ଅପରାଧୀ) କୁହାଯାଏ, ଆମର ଏହି ଲୋକଟି ମଧ୍ୟ ସେମାନଙ୍କ ମଧ୍ୟରୁ ଅନ୍ୟତମ । ବାରଂବାର ଚୋରି ଇତ୍ୟାଦି ଅପରାଧରେ ତା'ର ଏଇ ଦଶା ।

ଏହା ତ ଗଲା ଆମର ପାଗଳ-ଗାରଦର କଥା । ବର୍ତ୍ତମାନ ପୁନରାୟ ମୋର ପୂର୍ବକଥିତ ଅତିଲୌକିକ କେତୋଟି ଘଟଣାର ଉଲ୍ଲେଖ କରିବି । ଏଥର ଯାହା କହିବି ତାହା ଶୁଣି ସମସ୍ତେ ଆଶ୍ଚର୍ଯ୍ୟ ହେବେ, ଏଥିରେ ସନ୍ଦେହ ନାହିଁ ।

ଦିନେ ସକାଳବେଳା ମୁଁ ଆମର ବଡ଼ ଫାଟକ ଆଡ଼କୁ ମୁହଁ କରି ବାହାରକୁ ଅନାଇଛି, ଏମିତି ସମୟରେ ଦେଖିଲି ଆମ ସାମନାରେ ଥିବା ସର୍ଜେଣ୍ଟ୍‌ର ଘର ପାଖ ବଗିଚାରେ ଜଣେ ମହିଳା ଆମର ଦେଶୀୟ ଧରଣର ଲୁଗା ପିନ୍ଧି ମୋତେ ଲକ୍ଷ୍ୟ କରି କିଛି ଯେପରି କହିବାକୁ ଚାହୁଁଛନ୍ତି । ତାଙ୍କ ଦେହର ଗଠନ ଅତିଶୟ ହୃଷ୍ଟପୁଷ୍ଟ; ଏପରିକି ଏକେବାରେ ସ୍ଥୂଳାକୃତି କହିଲେ ଚଳିବ । ଦେହର ରଙ୍ଗ ଅତିଶୟ ଗୌର ବର୍ଣ୍ଣ, ମେମ୍ ସାହେବ ପରି । ମୋତେ ଦେଖି ମୁଁ କିଏ ତାହା ଜାଣିବା ପାଇଁ ପଚାରିଲେ, "Who is this ?" ''ଏ କିଏ ?'' ମୁଁ ଆଉ କ'ଣ ବା କହିବି, କୌଣସି ଉତ୍ତର ନଦେଇ ତାଙ୍କ ଆଡ଼କୁ ଚାହିଁଛି । ପୁଣି ସେ ପଚାରିଲେ, "Do you know me ?" ''ମୋତେ

ଚିହ୍ନ ?'' ମୁଁ ତାଙ୍କୁ ଦେଖି ମୋର ପରିଚିତ ଯେ କିଏ ତାହା ମନେ ପକାଇ ପାରିଲିନି । ତେଣୁ ଅବଶେଷରେ ସେ ନିଜେ ଆତ୍ମ-ପରିଚୟ ଦେଇ କହିଲେ, "I am she", ଅର୍ଥାତ୍ ''ମୁଁ ସେ'' । ମୁଁ ତଥାପି କିଛି ବୁଝି ପାରୁନି ଦେଖି ସେ କହିଲେ, "I am Mary, your Queen" । ଏପରି କହିବାରୁ ମୁଁ ଚାହିଁ ଦେଖିଲି, ହଁ ତ, ଯେମିତି ପ୍ରତିମୂର୍ତ୍ତିର ଚେହେରା ସାଙ୍ଗରେ କେତେଟା ସାଦୃଶ୍ୟ ଅଛି ବୋଲି ବୋଧ ହେଉଛି, ତେବେ ଏପରି ଭାବେ ଏମିତି ସ୍ଥାନରେ ଆବିର୍ଭାବର ଅର୍ଥ କ'ଣ ? ସେତେବେଳେ ଇଉରୋପରେ ଯୁଦ୍ଧ ପୂରାଦମରେ ଚାଲିଥାଏ । ମୁଁ ମନେ ମନେ ଚିନ୍ତା କରି ସେଇ ସମ୍ପର୍କୀୟ ଗୋଟିଏ ଅର୍ଥ କରିନେଲି । ଭାବିଲି, ହୁଏତ ଏଇ ଯୁଦ୍ଧ ସମୟରେ ସ୍ୱଦେଶରେ ନାନା ପ୍ରକାର ଆପଦ-ବିପଦର ସମ୍ଭାବନା, ଏପରିକି ସିଭିଲ୍ ୱାରର ସୂଚନା ଦେଖି ସାମ୍ରାଜ୍ଞୀ ଏବଂ ମୁକ୍ତି-ଫୌଜମାନଙ୍କ ପରି ଭାରତରେ ଆସି ଉପସ୍ଥିତ ହୋଇଛନ୍ତି । ଏବଂ ମୁକ୍ତି-ଫୌଜମାନଙ୍କ ପରି ଭାରତରେ ଅବସ୍ଥାନ କରୁଥିବା ହେତୁ, ଭାରତୀୟ ଧରଣରେ ନିଜର ବେଶ ପରିବର୍ତ୍ତନ କରି ନେଇଛନ୍ତି । ତାଙ୍କର ଏଇ ଶୂନ୍ୟାଭରଣ, ଏକବସ୍ତ୍ର ପରିଧାନ, ନଗ୍ନ ପାଦ, ଦୈନ୍ୟ ଦଶାର ମୂର୍ତ୍ତି ଦେଖି କିପରି ଏକ କଷ୍ଟ ଅନୁଭବ ହେଲା । ମୋତେ ପଚାରିଲେ, ''ତୁମେ ଏଠାରେ କାହିଁକି ? ତୁମେ କ'ଣ କରିଛ ?'' ମୁଁ ଇଙ୍ଗିତରେ ଜଣାଇଲି ଯେ, ''ରାଜ-ବିଦ୍ରୋହର ଅପରାଧରେ ମୁଁ ରାଜଦଣ୍ଡରେ ଦଣ୍ଡିତ ।'' ସେ କହିଲେ, "That is nothing." ''ଏହା କିଛି ବି ନୁହେଁ ।'' ଅର୍ଥାତ୍ – ଇଉରୋପରେ ଯାହା ବର୍ତ୍ତମାନ ହେଉଛି, ତାହା ତୁଳନାରେ ତୁମେସବୁ ଯାହା କରିଛ, ତାହା କହିବାକୁ ଗଲେ ଏକେବାରେ କିଛି ନୁହେଁ । ଅତଏବ "You are free – ତୁମେ ମୁକ୍ତ ।'' ମୁଁ କିନ୍ତୁ ଏହି ଧରଣର ମୁକ୍ତିର ଅର୍ଥ କିଛି ବି ବୁଝିପାରିଲି ନାହିଁ, ତେବେ ତାଙ୍କର ଏଇ ଶୁଭ ଆଶୀର୍ବାଦ ଲାଭ କରି ନିଜର କୃତଜ୍ଞତା ଜଣାଇଲି । ସେଦିନର କଥା ସେଇଠାରେହିଁ ଶେଷ ହେଲା ଏବଂ ମୁଁ ମୋର କର୍ମସ୍ଥଳକୁ ଚାଲି ଆସିଲି ।

ଏହି ସମସ୍ତ ଘଟଣାର ଯଥାଯଥ ବିବରଣ ଯାହା ଲିପିବଦ୍ଧ କଲି, ତାହା ଦେଖି ପାଠକଗଣ ଅବଶ୍ୟହିଁ ବୁଝି ପାରୁଥିବେ ଯେ, ମୁଁ ସେତେବେଳ ପର୍ଯ୍ୟନ୍ତ ସେଇ ଘଟଣାଟି ଆମର ସାଧାରଣ ଲୌକିକ ଘଟଣା ବ୍ୟତୀତ ଅନ୍ୟ କିଛି ବୋଲି ଆଦୌ ବୁଝି ନାହିଁ । ବର୍ତ୍ତମାନ ବୁଝି ନିଅନ୍ତୁ ଏଇସବୁ ଘଟଣା ଆମ ମନରେ କିପରି ଭାବେ ରେଖାପାତ କରିଥିବ । ଏପର୍ଯ୍ୟନ୍ତ ଯେତେସବୁ ଘଟଣା ବର୍ଣ୍ଣନା କରିଆସିଛି, ତାହା ନିହାତି ଅଳ୍ପ ସଂଖ୍ୟକ ନୁହେଁ । ତଥାପି ଗୋଟିଏ ପରେ ଗୋଟିଏ ଏତେଗୁଡ଼ିଏ ଘଟଣା ଲକ୍ଷ୍ୟ କଲେ ମଧ୍ୟ ଘଟଣାସ୍ଥଳରେ ଲୌକିକ ଘଟଣା ସହ ଏପରି ଅତିଲୌକିକ ଘଟଣାର ପାର୍ଥକ୍ୟ ନିର୍ଦ୍ଧାରଣ କରିବାର କ୍ଷମତା ସେତେବେଳ ପର୍ଯ୍ୟନ୍ତ ମୋର ହୋଇ ନାହିଁ, ବରଂବାର ଏହିପରି ''ଓଲଟା ବୁଝିଲୁ ରାମ'' ବୁଦ୍ଧିରେହିଁ ଚାଲିଛି ।

ତା'ପରେ ଦିନେ ଖରାବେଳେ ଦୁଇଟା କି ଅଢ଼େଇଟା ହେବ, ମୁଁ ପଢ଼ିବା ପାଇଁ ସେଠାକାର ଲାଇବ୍ରେରିରୁ ଖଣ୍ଡିଏ ବହି ଆଣିବାକୁ ଯାଉଛି । ସାଙ୍ଗରେ ଜଣେ ଗୋରା ସୈନ୍ୟ ଓ ଜଣେ ୱାର୍ଡ଼ର୍ ଅଛନ୍ତି । ସୈନ୍ୟଟିର ବୟସ ଅଳ୍ପ, ବାଇଶ କି ତେଇଶ ବର୍ଷରୁ ଅଧିକ ନୁହେଁ, ବେଲାରୀ କ୍ୟାଣ୍ଟନମେଣ୍ଟ୍‌ରୁ ହଠାତ୍ ଆତ୍ମବିସ୍ମୃତ ଅବସ୍ଥାରେ ସେଠାକାର ଜଣେ ଦେଶୀୟ ନାପିତ ଅବା ଖାନସାମାକୁ ଗୁଳି କରି ମାରିବା ଅପରାଧରେ ଦଣ୍ଡିତ ହୋଇ ଆମର ପାଗଳ ଗାରଦକୁ ଆସିଛି । ତା'ର ନାମ ଜନ୍ ସ୍କଟ୍ ।

ତା' ବିଷୟରେ ମୋର ସେତେବେଳେ ଏକ ଭ୍ରାନ୍ତ ଧାରଣା ଥିଲା । ମୁଁ ଯେତେବେଳେ ତନ୍ତଶାଳରେ କାର୍ଯ୍ୟ କରୁଥାଏ, ସେତେବେଳେ ଦିନେ ସକାଳବେଳା ସେ ଆସି ଆମ ତନ୍ତଶାଳରେ ଉପସ୍ଥିତ । ତାକୁ ଦେଖି ମୁଁ ଭାବିଲି, ବୋଧହୁଏ ସେ ତନ୍ତର କାମ ଶିଖିବାକୁ ଚାହୁଁଛି । ତେଣୁ ତାକୁ ପଚାରିଲି, ''ତୁମେ କ'ଣ ଏଠାରେ କାମ କରିବାକୁ ଚାହଁ ?'' ସେ ଉତ୍ତର ଦେଲା, ''ତୁମେ କ'ଣ ତା'ହେଲେ ଜାଣନା, ମୁଁ ହେଉଛି ଜନ୍ ।'' ତା'ର ଏପରି ଉତ୍ତର ଶୁଣି ତା' ବିଷୟରେ ମୋର ଏମିତି ଏକ ଭ୍ରାନ୍ତ ଧାରଣା ଜନ୍ମିଲା ଯେ ମୁଁ ମନେକଲି ସେ ବୋଧହୁଏ ପ୍ରିନ୍ସ ଜନ୍ ! ଯୁଦ୍ଧ ସମ୍ପର୍କୀୟ କେଉଁଠି ଏକ ଖୁନ୍‌ର ମାମଲାରେ ପଡ଼ି ଅଥବା ଆତ୍ମଗୋପନ ଛଳରେ ଏକେବାରେ କଏଦୀ ବେଶରେ କଏଦୀଖାନାରେ ହାଜର ! ଯଦି ତାହା ହିଁ ହୁଏ, ତେବେ ସେ କ'ଣ ଆଉ କାମ କରିବ ? ପରେ ଯଦିଓ ଦିନେ ତା'ର ଘର କେଉଁଠି, ବାପା କ'ଣ କରନ୍ତି ଇତ୍ୟାଦି ଅନେକ କଥା କହିଲା, କିନ୍ତୁ ସେଥିରେ ଯେପରି ମୁଁ ଆହୁରି ସମସ୍ୟାରେ ପଡ଼ିଗଲି । ତା' ବିଷୟରେ ପ୍ରଥମ ଧାରଣାଟି ଯେପରି ସ୍ପଷ୍ଟ ଓ ପ୍ରବଳ ଆକାରରେ ମୋର ମନକୁ ଅଧିକାର କରିଥିଲା ଦ୍ୱିତୀୟ ଧାରଣା ତା' ତୁଳନାରେ ଏକେବାରେ ନିସ୍ତେଜ ଓ ନିର୍ବୀର୍ଯ୍ୟ କହିବାକୁ ହେବ । ପ୍ରଥମ ଦେଖାରେ

କୌଣସି କଥା ନାହିଁ, କେବଳ ମାତ୍ର ''ନାମ'' ଆଉ ବାକିସବୁ ପ୍ରାୟ reading between the lines । କେତେ ପରିମାଣରେ ପ୍ରତ୍ୟାଦେଶ ପରି ଅଥଚ ତାହା ଏତେ ଜୋର୍ ଯେ ଯାହାକୁ ମିଥ୍ୟାର ଶକ୍ତି କୁହାଯିବ । ଯେଉଁ ବାସ୍ତବ ସତ୍ୟ ଭାଷାରେ ବ୍ୟକ୍ତ ହୋଇ ମଧ୍ୟ ତା' ନିକଟରେ ହାର ମାନିବାକୁ ବାଧ୍ୟ ହେଲା ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑

## ହାକିମଙ୍କ ଆଚରଣ

ବଡ଼ ହାକିମ ଯେଉଁଦିନ ଅବସର ନେଲେ ସେଦିନ ବିଦାୟ-ସଭା ହେଲା, ସମସ୍ତଙ୍କ ଆଖିରେ ଲୁହ ଥିଲା । କର୍ମଚାରୀମାନଙ୍କ ଭିତରୁ ଜଣେ କହିଲେ, ''ସାର୍, ଆପଣଙ୍କଠାରୁ ଗୋଟିଏ କଥା ଜାଣିବାର ଅଛି । ଆପଣଙ୍କର ଏ କାର୍ଯ୍ୟାଳୟରେ ଏତେ ବର୍ଷ କାମ ଭିତରେ ଆମେ କେବେ ବି ଦେଖିନୁ ଆପଣ ନିଜ ଅଧସ୍ତନମାନଙ୍କୁ ଉଚ୍ଚସ୍ୱରରେ କିଛି କହିଛନ୍ତି; ଗାଳି ଦେବା ତ ଦୂରର କଥା । କାମ ଚାପରେ କି ଅନ୍ୟ କାରଣରୁ ଆମେ ନିଜ ଅଧସ୍ତନଙ୍କୁ ଗାଳିମନ୍ଦ କରିଛୁ । କିନ୍ତୁ ଆପଣଙ୍କଠାରୁ ଧୈର୍ଯ୍ୟର ସେଇ ମନ୍ତ୍ରି-କଥାଟି ଜାଣିବାକୁ ଚାହୁଁ ।''

ବଡ଼ ହାକିମ କହିଲେ – ଶୁଣ ତେବେ ମୋ ପିଲାଦିନର ଏଇ କଥାଟି । ମୋ ବାପା ଗୋଟିଏ ଅଫିସରେ ତଳିଆ କର୍ମଚାରୀଭାବେ କାମ କରୁଥିଲେ । ସେ ଥିଲେ ଜଣେ ଭାରି ଭଲ ମଣିଷ । ଆମ ପରିବାରର ସମସ୍ତଙ୍କ ପାଇଁ ସେ ଥିଲେ ସମ୍ମାନାସ୍ପଦ । ଦିନକର କଥା । ମୁଁ ଚତୁର୍ଥ ଶ୍ରେଣୀରେ ପଢୁଥାଏ । କୌଣସି ଏକ କାରଣରୁ ମୁଁ ବାପାଙ୍କ ଅଫିସକୁ ଯାଇଥାଏ । ଦେଖିଲି ବାପା ତାଙ୍କ ଚଉକିରେ ନାହାନ୍ତି । ମୁଁ ବାହାରେ ଅପେକ୍ଷା କଲି । କିଛି ସମୟ ପରେ ବଡ଼ ହାକିମଙ୍କ କୋଠରିର କବାଟ ଖୋଲିଲା । ତହିଁରୁ ମୋ ବାପା ବାହାରିଲେ । ମୁଁ ଦେଖିଲି ବାପାଙ୍କ ଗୋରା ମୁହଁ ଲାଲ ପଡ଼ିଯାଇଛି । ସେ ସିଧା ଗୋଟିଏ କୋଣକୁ ଚାଲିଗଲେ ଏବଂ ସେଠାରେ ଥିବା ଝରକା ଦେଇ ବାହାରକୁ ଚାହିଁ ଛିଡ଼ାହେଲେ । ସେ ମୋତେ ଦେଖି ନଥିଲେ । ମୁଁ ତାଙ୍କ ପାଖକୁ ଯାଇ ଧୀରେ ଡାକିଲି । ଚମକି ପଡ଼ି ସେ ପଛକୁ ଚାହିଁଲେ । ମୁଁ ଦେଖିଲି ତାଙ୍କ ଆଖିରୁ ଲୁହଧାର ବହିଯାଉଛି । ମୋତେ ହଠାତ୍ ଦେଖି ସେ ଅପ୍ରତିଭ ହୋଇଗଲେ । ଲୁହ ପୋଛିବାକୁ ବି ସମୟ ପାଇଲେ ନାହିଁ । ବାପା ବି କେବେ କାନ୍ଦି ପାରନ୍ତି ! ମୋ ପାଇଁ ସେ ଥିଲେ ପୃଥିବୀର ସବୁଠାରୁ ଟାଣୁଆ ଲୋକ । ତାଙ୍କୁ ବି କେହି ଆଘାତ ପହଞ୍ଚାଇ ପାରେ, ଏହା ମୋ ଧାରଣାର ବାହାରେ ଥିଲା । ମୁଁ ସିଧା ହାକିମଙ୍କ ପ୍ରକୋଷ୍ଠକୁ ଦୌଡ଼ିଗଲି । ବାପା ପଛରୁ ଡାକୁଥା'ନ୍ତି । ମୁଁ କିଛି ନ ଶୁଣି ବଡ଼ ହାକିମଙ୍କୁ ଯାଇ ପଚାରିଲି – ଆପଣ ମୋ ବାପାଙ୍କୁ କନ୍ଦାଇଲେ କାହିଁକି ?

ହାକିମ ବି ତଟସ୍ଥ !

ସେଦିନ ମୁଁ ସ୍ଥିର କଲି ଯେ ଭଲ ପାଠ ପଢ଼ି ମୁଁ ବି ହାକିମ ହେବି, କିନ୍ତୁ ମୋ ଅଧସ୍ତନମାନଙ୍କୁ କେବେ ବି କନ୍ଦାଇବି ନାହିଁ । କାରଣ ସେମାନେ କେବଳ ଅଫିସର କର୍ମଚାରୀ ନୁହନ୍ତି, ସେମାନେ ନିଜ ନିଜ ପରିବାରରେ ଓ ପରିସରରେ ଜଣେ ଜଣେ ସମ୍ମାନାସ୍ପଦ ବା ଶ୍ରଦ୍ଧାସ୍ପଦ ବାପା କି ଭାଇ କି ଅନ୍ୟ କିଛି । ଲୋକେ କହନ୍ତି ଗାଳି ନଦେଲେ ଲୋକଙ୍କୁ ଜବତ କରିହେବ ନାହିଁ । ମୁଁ କହେ ତେବେ ଭଲ ପାଇବା କାହିଁକି ଅଛି ? ❑

# ଅଯୋଧ୍ୟାରେ ଶ୍ରୀଅରବିନ୍ଦ ସାଧନାଳୟ
## ସମ୍ପର୍କରେ ବାବାଜି ମହାରାଜ
### ପ୍ରସାଦ ତ୍ରିପାଠୀ

ଏହା ମଧ୍ୟରେ ଅଯୋଧ୍ୟାରେ ଶ୍ରୀଅରବିନ୍ଦ ସାଧନାଳୟ ଉପରେ ଅନେକ ବାଧାବିପତ୍ତି ତଥା ବିଷାଦର ସମ୍ଭାବନା ସୃଷ୍ଟି ହୋଇଥିଲା ଏବଂ ଶ୍ରୀମା'ଙ୍କ କୃପାରୁ ତାହା ଅତି ସୁରୁଖୁରୁରେ ସମାଧାନ ହୋଇଗଲା ।

ମାତ୍ର ଏ ସମ୍ପର୍କରେ ଏହିପରି ବାଧା ଆସିବ ଏବଂ ତାହା ମା'ଙ୍କ କରୁଣାରୁ କିପରି ସହଜରେ ସମାଧାନ ହୋଇଯିବ ତାହା ବାବାଜି ମହାରାଜ ଅନେକ ଦିନରୁ ଲେଖିଛନ୍ତି । ତାହା ଯେ ଶ୍ରୀରାମ ଜନ୍ମଭୂମିର ଇଟା ରଖିବା ସକାଶେ ବ୍ୟବହାର ହେବା ପାଇଁ ପ୍ରସ୍ତାବ ଥିଲା – ତାହା ମଧ୍ୟ ବାବାଜି ଉଲ୍ଲେଖ କରିଛନ୍ତି । ଏହି ପରିପ୍ରେକ୍ଷୀରେ ମହାରାଜଜି ନିଜେ ଆଶଙ୍କା କରିଛନ୍ତି ଏବଂ ତାହା କିପରି ମା'ଙ୍କ କୃପାରୁ ଅକ୍ଳେଶରେ ସମାଧାନ ହେବ ସେ ସମ୍ପର୍କରେ ମଧ୍ୟ ଆଲୋଚନା କରିଛନ୍ତି । ତାହା ତାଙ୍କର ''ରଚନା ସଂଗ୍ରହ'' ତୃତୀୟ ଖଣ୍ଡରୁ ସଂଗ୍ରହ କରି ନିମ୍ନରେ ପ୍ରଦାନ କରାଯାଇଛି ।

ଅଧୁନା ଯାହା ସଂଗଠିତ ହେଉଛି ପ୍ରାୟ ୪୦ବର୍ଷ ପୂର୍ବରୁ ବାବାଜି ତାହା ଜାଣି ପାରିଥିଲେ । ସେ ପୁଣି ଉଲ୍ଲେଖ କରିଛନ୍ତି, ଯଦି ସେଠାରେ ପ୍ରଭୁଙ୍କ ଦେହାଂଶ ପ୍ରତିଷ୍ଠା ହୋଇ ନଥା'ନ୍ତା ତେବେ ତାକୁ ଅନେକ ଦିନରୁ ଆମେ ହରାଇ ସାରନ୍ତୁଣି ।

ଏହା ବର୍ତ୍ତମାନ ଅତି ପ୍ରାସଙ୍ଗିକ ବୋଲି ଉପଲବ୍ଧି କରି ତାକୁ ପ୍ରକାଶ କରିବା ପାଇଁ ଉଚିତ ମନେ କଲୁ ।

**୧୯.୭.୮୯**

ଅଯୋଧ୍ୟାରେ ଯେଉଁ କାର୍ଯ୍ୟ ହେଲା ଏବଂ ହେଉଛି, ତାହା ସାକ୍ଷାତ୍ ମା'ଙ୍କ କୃପାରୁ ହେଉଛି । ...

**୧୨.୧୦.୮୯**

ନିମାଇଁ ବାବୁ ସାଧକ ଏବଂ ଅସାଧାରଣ ବିଦ୍ୱାନ୍ ପଣ୍ଡିତ । ଏପରି ଉପଯୁକ୍ତ ବ୍ୟକ୍ତିଙ୍କୁ ଆଦର, ସମ୍ମାନ, ଶ୍ରଦ୍ଧାରେ ନେଲେ ଶ୍ରୀଅରବିନ୍ଦ ସାଧନାଳୟରେ ବହୁତ କାମ ହେବ । ସେ ସେଠାରେ ପାଠଚକ୍ର କଲେ ବହୁତ ବ୍ୟକ୍ତି ଶୁଣିବାକୁ ଆସିବେ । କିଛି ମାସ ବା ବର୍ଷେ, ଦୁଇବର୍ଷ ମଧ୍ୟରେ ପାଠଚକ୍ର ବିସ୍ତାର ହେବ । ଫଏଜାବାଦ, ଲକ୍ଷ୍ନୌ, କାନପୁର, ବନାରସ ଇତ୍ୟାଦି ସ୍ଥାନରେ ମିଟିଂ କରି ଉତ୍ତମ ବ୍ୟକ୍ତିଙ୍କୁ ଡାକିବେ । ନିମାଇଁ ବାବୁ ଯେପରି ବିଦ୍ୱାନ୍ ସେହିପରି ଉତ୍ତମ ବକ୍ତା । ତାଙ୍କ ଭାଷଣ ଶୁଣିଲେ ଶୁଣିବା ବ୍ୟକ୍ତିଙ୍କ ମଧ୍ୟରୁ ବହୁତ ସଂଖ୍ୟାରେ ବ୍ୟକ୍ତି ମା'ଙ୍କ ଆଦର୍ଶ ଗ୍ରହଣ କରିବେ । ଅଯୋଧ୍ୟାରେ ସେଣ୍ଟର୍ ହେବାର ଉଦ୍ଦେଶ୍ୟ ଉତ୍ତର ଭାରତରେ ମା'ଙ୍କ ଆଦର୍ଶ ପ୍ରସାର କରିବା ।

ଏହି କାର୍ଯ୍ୟରେ ନିମାଇଁ ବାବୁଙ୍କର ବିଶେଷ ଭୂମିକା ରହିଛି । ଯଥାର୍ଥରେ ନିମାଇଁ ବାବୁ ଯଦି ଅଯୋଧ୍ୟା ଶ୍ରୀଅରବିନ୍ଦ ସାଧନାଳୟରେ ରହିବାକୁ ଚାହିଁବେ ଏବଂ ରହିବେ ମା'ଙ୍କ କାର୍ଯ୍ୟରେ ବହୁତ ସାହାଯ୍ୟ ମିଳିବ ।

ଶ୍ରୀଅରବିନ୍ଦ ସାଧନାଳୟରେ ଯେଉଁ ଦୁଇଦିନ ଧ୍ୟାନ ହେଉଛି ସେହି ଦୁଇଦିନ ଅଳ୍ପ ସମୟ ଧ୍ୟାନ କରିଦେଇ ବହି ପଢ଼ିଲେ ଭଲ ହେବ ।

**୧୦.୧୧.୮୯**

ଅଯୋଧ୍ୟାରେ ଶ୍ରୀରାମ ଜନ୍ମଭୂମି ଶିଳାନ୍ୟାସ ଆଜି ଶାନ୍ତିରେ ହୋଇଗଲା । ବହୁତ ଭଲ ହେଲା । **ନୂତନ ଜଗତ୍ ସକାଶେ ଏହି ଶିଳାନ୍ୟାସ ଏକ ପ୍ରତୀକ ଅଟେ ।** ଅର୍ଥାତ୍ ନୂତନ ଜଗତ୍ ସକାଶେ ଆଜି ଶିଳାନ୍ୟାସ ହେଲା ନୂତନ ଜଗତ୍ ଗଢ଼ି ଉଠିବ ।

**୨୪.୧୧.୮୯**

ଆପଣଙ୍କ ୧୭.୧୧.୮୯ ପତ୍ର ପାଇ ଶ୍ରୀଅରବିନ୍ଦ ସାଧନାଳୟ ପରିସ୍ଥିତି ବିଷୟରେ ଜାଣି ବହୁତ ଖୁସି ହେଲି । **ମା'ଙ୍କ କୃପାରୁ ଶ୍ରୀଅରବିନ୍ଦ ସାଧନାଳୟ ନିରାପଦରେ ରହିଛି । ଏହା ସାକ୍ଷାତ୍ ମା'ଙ୍କ କୃପା ।** ସେଠାରେ ଆପଣମାନେ ରହି କାମ କରୁଛନ୍ତି । ରେଲିକ୍ସ୍ ଯଦି ପ୍ରତିଷ୍ଠା ହୋଇ ନଥା'ନ୍ତା ତେବେ ସେ ଜମି ରହି ନଥା'ନ୍ତା । କାମ ଚାଲୁ ରହୁ । ଟଙ୍କାର ଅଭାବ ହେବ ନାହିଁ ।

**୩୦.୧୧.୮୯**

ଆଶ୍ରମରେ ହେଉଥିବା ଉତ୍ସବ ଦିନମାନ ଅଯୋଧ୍ୟାରେ ପାଳନ କରୁଛନ୍ତି, ବହୁତ ଭଲ । ଆଶ୍ରମରେ ୧୯ରେ ଦର୍ଶନ ଦିନ ଭାବେ ପାଳନ କରାହୁଏ ନାହିଁ, ହୁଏ ୨୦.୧୧ରେ ।*

(* ଏଠାରେ ମା'ଙ୍କର ମହାସମାଧି ଦିବସ ସମ୍ପର୍କରେ କୁହାଯାଇଛି । ଏହା ଆଶ୍ରମରେ ୨୦/୧୧ରେ ପାଳନ କରାଯାଏ ।)

'ଅ'ଙ୍କୁ ଶ୍ରୀମା'ଙ୍କ ଆଶୀର୍ବାଦ । ନିବାସ ଏବଂ ମନ୍ଦିର କାମ ଆଗେଇ ଚାଲିଛି । ବହୁତ ଭଲ । ସେ କାମ ଯେପରି ବନ୍ଦ ନହୁଏ । ମାର୍ଚ୍ଚ ୨୯ ତାରିଖ ସୁଦ୍ଧା ଯଦି ଶେଷ ନହୁଏ ତେବେ ଅପ୍ରେଲ ୨୮ରେ ପ୍ରତିଷ୍ଠା କରାଯାଇ ପାରିବ । **ସାଧନାଳୟ ରକ୍ଷା ହେଲା ସାକ୍ଷାତ୍ ମା'ଙ୍କ କୃପା । ଅନ୍ୟଥା ରାମ ଜନ୍ମଭୂମି ଇଟା ରହିବାର ବହୁତ ସମ୍ଭାବନା ଥିଲା ।**

**୦୮.୧୨.୮୯**

ଆପଣ ଓଡ଼ିଶା ଆସିବା ପୂର୍ବରୁ ସବୁ ବ୍ୟବସ୍ଥା ଭଲଭାବେ କରି ଆସିବେ । ଆପଣଙ୍କ ଅନୁପସ୍ଥିତିରେ ଯେପରି 'ପ' କାମ କରିପାରିବେ । ଇଲେକ୍ଟ୍ରିକ୍ ଇଂଜିନିଅର୍ 'ଜ'ଙ୍କ ସଙ୍ଗେ କଥାବାର୍ତ୍ତା କରିବେ । ସେ ସେଠାରେ କୌଣସି ଇଂଜିନିୟର୍ ସଙ୍ଗେ କଥାବାର୍ତ୍ତା କରି ଠିକ୍ କରିଦେବେ । ଆପଣ ଥିବା ସମୟରେ ସେ ଆସି 'ପ'ଙ୍କୁ ପରାମର୍ଶ ଦେଇ ପାରିବେ । ବହୁତ ଲୋକ ଆଗ୍ରହ ପ୍ରକାଶ କରୁଛନ୍ତି ମୋତେ ଯିବାକୁ । ଯଦି ମାର୍ଚ୍ଚ ୨୯ ତାରିଖକୁ ଭବନ ଉଦ୍‌ଘାଟନ ହୋଇପାରେ ତେବେ ମୁଁ ଯିବାକୁ ଚେଷ୍ଟା କରିବି । 'ଚ' ଅଯୋଧ୍ୟାରୁ ୨୧.୧୨ରେ ବାହାରି ଏଠାରେ ୨୩.୧୨ ରାତ୍ରିରେ ପହଞ୍ଚିବେ । ଚେଷ୍ଟା କରିବେ ଆପଣ ସେଠାରେ ନଥିବା ସମୟରେ ଘର ତିଆରି କାମ ଯେପରି ବନ୍ଦ ନହୁଏ ।

**୧୮.୦୮.୯୦**

ଆପଣ 'ଅ'କୁ ବୁଝାଇ ଦେବେ । ସେ ଯେପରି ଅଯୋଧ୍ୟା ଭଳି ପବିତ୍ର ଭୂମି ଛାଡ଼ି ଅନ୍ୟ କୁଆଡ଼େ ଯିବାକୁ ଭୁଲ୍‌ରେ ଭାବିବେ ନାହିଁ ।

**୨୭.୦୫.୯୧**

ଆପଣ ମା'ଙ୍କର କାମ କରୁଛନ୍ତି । ମା'ଙ୍କ କୃପା ହେଲେ ବ୍ୟକ୍ତି ମା'ଙ୍କ କାମ କରିପାରେ । ଆପଣଙ୍କ ଉପରେ ମା'ଙ୍କର ବିଶେଷ କୃପା । ମା'ଙ୍କ କାମ ସକାଶେ ଆପଣ ଅଯୋଧ୍ୟା ଗଲେ ଭଲ ହେବ ।

**୩୦.୦୭.୯୧**

ଆପଣ ଭୟ କରନ୍ତୁ ନାହିଁ । 'ମା', ଏହି ନାମ ନିରନ୍ତର ଜପ କରନ୍ତୁ । ମା'ଙ୍କ ଉପରେ ଦୃଢ଼ ଓ ଅଟଳ ବିଶ୍ୱାସ ରଖନ୍ତୁ । ମା' ସେଠାରେ ପ୍ରତ୍ୟକ୍ଷ ରୂପେ ରହି ସମସ୍ତଙ୍କୁ ରକ୍ଷା କରୁଛନ୍ତି । ଏହି ବିଶ୍ୱାସ ଅଟଳ ଭାବେ ରଖନ୍ତୁ । **ମା'ଙ୍କ କୃପାରୁ ସବୁ ସମସ୍ୟା ଆଶ୍ଚର୍ଯ୍ୟଜନକ ଭାବରେ ସମାଧାନ ହେବ । ଶ୍ରୀଅରବିନ୍ଦ ସାଧନାଳୟର କ୍ଷତି କେହି କରିପାରିବେ ନାହିଁ । ମା' ନିଶ୍ଚୟ ରକ୍ଷା କରିବେ ।** ଆପଣ ନିରନ୍ତର ନାମଜପ କରନ୍ତୁ । ସେଠାକାର ଘଟଣା ସବୁ ଲେଖୁଥିବେ । ଆପଣ ଶାନ୍ତ, ଧୀର, ସ୍ଥିର ଭାବେ ରହିବେ ଏବଂ ଶାନ୍ତିରେ ସମସ୍ତଙ୍କ ସଙ୍ଗେ ବ୍ୟବହାର କରିବେ ।

**୦୫.୦୩.୯୨**

ଆପଣମାନେ ଯେପରି ବ୍ୟବସ୍ଥା କରିଛନ୍ତି ମୁଁ ଅନ୍ତରରୁ ତାହାହିଁ ଚାହୁଁଥିଲି । ଆପଣ ରେଲିକ୍ସ ମନ୍ଦିର ଫୁଲ ସଜାଇବା କାମର ବ୍ୟବସ୍ଥା କରି ଖୁବ୍ ଭଲ କଲେ । ମୁଁ ଅନ୍ତରରୁ ଏହାହିଁ ଚାହୁଁଥିଲି । ବାହାରର କୌଣସି ବ୍ୟକ୍ତିକୁ ରଖିବା ଠିକ୍ ହେବ ନାହିଁ ।

**୦୧.୦୫.୯୨**

ସ୍ୱାମୀ ସାଧନାଚାର୍ଯ୍ୟଜି ଏଠାକୁ ଆସିବାକୁ ଚାହୁଁଛନ୍ତି । ତାଙ୍କୁ ଆସିବାର ରାସ୍ତା ବତାଇ ଦେଲେ ଭଲ ହେବ । ସେ ଆସିଲେ ତାଙ୍କ ସଙ୍ଗେ କଥାବର୍ତ୍ତା କରିବି । ସେ ଆଶ୍ରମ ଦେଖିବାକୁ ଆସୁଛନ୍ତି ।

**୧୫.୦୫.୯୨**

'ର' ବହୁତ ବିରୋଧରେ କହିଥିବେ । ବହୁତ ବିରୋଧ ମଧ୍ୟ କରିବେ । ଏହାର ଏକମାତ୍ର ଶକ୍ତିଶାଳୀ ଉପାୟ ହେଲା ଆମ ତରଫରୁ ବିରୋଧ, ଝଗଡ଼ା, ବାଦ ବିବାଦ ନକରି ଶାନ୍ତିରେ ରହି, ଦୃଢ଼ ବିଶ୍ୱାସ ଭରସା ରଖି 'ମା' ଏହି ନାମଜପ କରିବା । ମା' ନିଶ୍ଚୟ ରକ୍ଷା କରିବେ । ସବୁ ବାଧା ଦୂର ହେବ । ଆପଣ

ଏହି ବିଶ୍ୱାସ ରଖି ନାମଜପ କରନ୍ତୁ । ଯେତେ ଶୀଘ୍ର ପାରନ୍ତି ଅଯୋଧ୍ୟା ଯାଆନ୍ତୁ । ମୁଁ ଚାହେଁ ରେଲିକ୍ସ ମନ୍ଦିର ଭିତରେ ଯେପରି ମନାନ୍ତର, ବିବାଦ ନହୁଏ ।

**୧୭.୦୭.୯୫**

'ଅଯୋଧ୍ୟା ଶ୍ରୀଅରବିନ୍ଦ ସାଧନାଳୟ ଆଶ୍ରମ' ଶାନ୍ତି, ଶୃଙ୍ଖଳାରେ ରହୁ, ଏହାହିଁ ମୋର ମା'ଙ୍କ ଠାରେ ପ୍ରାର୍ଥନା । ଆପଣମାନେ ସମସ୍ତେ ମିଳିମିଶି ମା'ଙ୍କ କାମ କରନ୍ତୁ ।

(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ, ତୃତୀୟ ଖଣ୍ଡ, ପୃଷ୍ଠା : ୩୯୬ - ୩୯୯)

❑❑❑

## ଜୀବନର ରଙ୍ଗ

ଜଣେ ୟୁରୋପୀୟ ପରିବ୍ରାଜକ ଥରେ ଆଫ୍ରିକାର ଗୋଟିଏ ଅରଣ୍ୟ ପଥରେ ଅଗ୍ରସର ହେଉଥା'ନ୍ତି । ତାଙ୍କ ସାଥିରେ ଥାଏ ଜଣେ ସ୍ଥାନୀୟ ପରିଚାରକ ।

କ୍ଳାନ୍ତ ହୋଇ ଦୁହେଁ ଗୋଟାଏ ଗଛମୂଳରେ ବସି ପଡ଼ିଲେ । ପରିଚାରକଟି ଖିଆପିଆ କରୁଥାଏ । ପରିବ୍ରାଜକ ମହାଶୟ ଗଛର ଚାରିପଟେ ବୁଲୁ ବୁଲୁ ଦେଖିଲେ, ଗୋଟାଏ ବୁଦା ଭିତରେ କୋମଳ ପ୍ରଜାପତିଟିଏ ନିଜ ଖୋଷା ଭିତରୁ ପଦାକୁ ବାହାରିବାକୁ ଚେଷ୍ଟା କରୁଛି । (ସୁକୁମାର ଡେଣା ପିଟି ପିଟି ପ୍ରଜାପତିମାନେ ସେମିତି ଭାବରେ ଜାଲ ଭଳି ସେମାନଙ୍କୁ କାବୁ କରି ରଖିଥିବା ଖୋଷାରୁ ମୁକ୍ତିଲାଭ କରି ଉଡ଼ିବାକୁ ଆରମ୍ଭ କରନ୍ତି ।)

ପରିବ୍ରାଜକ ଦେଖିଲେ ପ୍ରଜାପତିଟି ଖୋଷାରୁ ସହଜରେ ବାହାରି ପାରୁ ନାହିଁ ଅଥଚ ବାହାରିବାକୁ ଛଟପଟ ହେଉଛି । ସେ ନିଜ ପକେଟରୁ ଛୁରୀଟିଏ ବାହାର କରି ସେ ଖୋଷାକୁ ସାବଧାନରେ କାଟିଦେଲେ । ପ୍ରଜାପତିଟି ସୁରୁଖୁରୁରେ ବାହାରି ଆସିଲା । ସେ ଖୁସି ହେଲେ ।

ସ୍ଥାନୀୟ ପରିଚାରକଟି ଉଠିପଡ଼ି ତାଙ୍କୁ ପଚାରିଲା, ''ଆପଣ ସେମିତି କାହିଁକି କଲେ ?''

''ପ୍ରଜାପତିଟି ବର୍ତ୍ତମାନ କେଡ଼େ ସହଜରେ ଉଡ଼ିଯାଇ ଏ ଡାଳରେ ଆସି ବସିଛି, ଦେଖି ପାରୁନା ?'' ପରିବ୍ରାଜକ ଓଲଟା ପ୍ରଶ୍ନ କଲେ ।

''ଆଜ୍ଞା, ଆପଣ ଏ ପ୍ରଜାପତିକୁ ବୁଦାର ଅନ୍ୟ ଡାଳରେ ବସିଥିବା ପ୍ରଜାପତିମାନଙ୍କ ସହ ତୁଳନା କରନ୍ତୁ । କିଛି ପାର୍ଥକ୍ୟ ଦେଖୁଛନ୍ତି ?'' ପଚାରିଲା ପରିଚାରକ ।

ପରିବ୍ରାଜକ ଲକ୍ଷ୍ୟ କରି ଦେଖିଲେ ଓ କହିଲେ : ସେ ମୁକୁଳାଇ ଥିବା ପ୍ରଜାପତିଟି ଦେହରେ ରଙ୍ଗ କମ୍ ଏବଂ ମାନ୍ଦା । ଅନ୍ୟ ପ୍ରଜାପତିମାନେ ତା' ତୁଳନାରେ ବହୁତ ଚହଟ ଚିକ୍କଣ ଏବଂ ସେମାନଙ୍କ ଡେଣାରେ ଅନେକ ଅଧିକ ରଙ୍ଗ ।

ପରିଚାରକଟି ହସି ହସି ବୁଝାଇ ଦେଲା, ''ପ୍ରତି ପ୍ରଜାପତି ସେମିତି ଖୋଷା ଭିତରୁ ବାହାରିବା ବେଳେ ସଂଗ୍ରାମ କରନ୍ତି । ସେମିତି କରିବା ଭିତରେ ସେମାନଙ୍କ ଡେଣାର ରଙ୍ଗସବୁ କ୍ରମେ କ୍ରମେ ଉଜ୍ଜ୍ୱଳ ହୁଅନ୍ତି ।''

ପରିବ୍ରାଜକ ବୁଝିଲେ – ବିନା ଶ୍ରମ, ବିନା ପ୍ରଚେଷ୍ଟା, ବିନା ବାଧାରେ ଜୀବନର ରଙ୍ଗ ମଧ୍ୟ ଫୁଟି ପାରେନା ! ❑

# ଏକାକୀ ଫସଲ କଟାଳି

## ବନମାଳୀ ଆଚାର୍ଯ୍ୟ

ପ୍ରଖ୍ୟାତ ଇଂରେଜ କବି ଉଇଲିୟମ ୱାର୍ଡସ୍‌ୱାର୍ଥଙ୍କ କବିତା ‘The Solitary Reaper’ ଏକ ସାର୍ଥକ ସୃଷ୍ଟି । ଓଡ଼ିଆରେ ଏହାର ଅର୍ଥ ‘ଏକାକୀ ଫସଲ କଟାଳି’ । ୧୭୭୦ ମସିହା ଏପ୍ରିଲ ୭ ତାରିଖରେ ଇଂଲଣ୍ଡର କୁମ୍ବରଲାଣ୍ଡ ଅନ୍ତର୍ଗତ କକରମାଉତ୍ ଠାରେ କବିଙ୍କ ଜନ୍ମ । ଇଂରାଜୀ ସାହିତ୍ୟରେ ରୋମାଣ୍ଟିକ୍ ଯୁଗର ପ୍ରତିନିଧିତ୍ୱ କରୁଥିବା କବି ୱାର୍ଡସ୍‌ୱାର୍ଥଙ୍କ ଦୃଷ୍ଟିରେ କବିତା ଶକ୍ତିଶାଳୀ ଆବେଗର ସ୍ୱତଃସ୍ଫୂର୍ତ୍ତ ଉଚ୍ଛ୍ୱାସ ଏବଂ ହୃଦୟର ନୀରବତା ଓ ନିଶ୍ଚଳତା ଗର୍ଭରୁ କବିତାର ସୃଷ୍ଟି । ସେ ଥିଲେ ପ୍ରକୃତିର ପୂଜାରୀ, ଜଣେ ପ୍ରକୃତି-କବି । ବାହାରର ପ୍ରାକୃତିକ ଶୋଭା ତାଙ୍କୁ ଅମାପ ଆନନ୍ଦ ଦେଉଥିଲା । ତତ୍କାଳୀନ ପରିସ୍ଥିତିରେ ସେ ଜୀବନ ଓ ପ୍ରକୃତି ମଧ୍ୟରେ ଏକ ସମନ୍ୱୟ ଓ ସଙ୍ଗତି ଆଶା କରୁଥିଲେ । କ୍ରମଶଃ ସେ ଅନୁଭବ କଲେ, ବାହ୍ୟ ପ୍ରକୃତିର ପଶ୍ଚାତରେ ଭଗବାନଙ୍କର ବିରାଟ ଶକ୍ତି ଓ ଉପସ୍ଥିତି ପ୍ରଚ୍ଛନ୍ନଭାବେ ରହିଛି । ପ୍ରକୃତି କୋଳରେ ବିଚରଣ, ପ୍ରକୃତିକୁ ଭଲପାଇବା ଏବଂ ସେଥିରେ ଭଗବାନଙ୍କ ଶକ୍ତିକୁ ଅନୁଭବ କରିବା ତାଙ୍କ କବି ଜୀବନର ମୂଳକଥା ଥିଲା । ପ୍ରକୃତି, ମାନବ-ପ୍ରକୃତି ଓ ସାଧାରଣ ଜୀବନର ଚିତ୍ର ତାଙ୍କ କବିତାରେ ଜୀବନ୍ତ ହୋଇଛି । ସରଳତା ଓ ସୁନ୍ଦରତା ସେଥିରେ ଅନନ୍ୟ ଅଦୃଶ୍ୟ ଉପାଦାନ । ଏହି କବିତାରେ କବିଙ୍କର ବ୍ୟକ୍ତିଗତ ଆନ୍ତରଭାବ ପ୍ରକାଶ ପାଇଛି । ଏହି ପ୍ରକାରର କବିତାକୁ ଇଂରାଜୀରେ ‘ଲିରିକ୍ ପୋଏମ୍’ କୁହାଯାଏ । କବିତାଟି ୧୮୦୩ ମସିହାରେ ରଚିତ ହୋଇଥିଲା ଏବଂ ୧୮୦୭ ମସିହାରେ ପ୍ରକାଶିତ ହୋଇଥିଲା । ଜଣେ କବିର ଚତୁଃପାର୍ଶ୍ୱରେ ଥିବା ପରିବେଶ ତାଙ୍କ କବିତାକୁ ପ୍ରଭାବିତ କରିଥାଏ । ଏହି ପ୍ରକାରର ପରିବେଷ୍ଟନୀକୁ ଇଂରାଜୀରେ milieu କୁହାଯାଏ । ୱାର୍ଡସ୍‌ୱାର୍ଥଙ୍କ ପାଇଁ ଏହା ଥିଲା ପ୍ରକୃତି, ଜୀବନଧାରା ଏବଂ ଭଗବାନଙ୍କର ପରିବ୍ୟାପ୍ତ ଉପସ୍ଥିତି ଓ ଶକ୍ତିର ଅନୁଭବ । ଏହା ତାଙ୍କ କବିତାରେ ପ୍ରତିଫଳିତ ହୋଇଛି ।

କବିତାଟିର ରଚନାକାଳରେ ସେ ଭଗ୍ନୀ ଡୋରୋଥିଙ୍କ ସହ ସ୍କଟ୍‌ଲାଣ୍ଡର ଷ୍ଟ୍ରେଥାୟାର୍ ଗ୍ରାମରେ ଅବସ୍ଥାନ କରୁଥିଲେ । ଡୋରୋଥିଙ୍କ ପ୍ରେରଣା ଓ ନିଜର ବ୍ୟକ୍ତିଗତ ଅନୁଭୂତି କବିତାଟିର ରଚନାରେ ସାହାଯ୍ୟ କରିଥିଲା । କବିତାଟି ଚାରୋଟି ପଦରେ ବିଭକ୍ତ । ପ୍ରତ୍ୟେକଟି ପଦ ଆଠ ଧାଡ଼ି ବିଶିଷ୍ଟ । ଇଂରାଜୀରେ ଏହାକୁ ଅକ୍‌ଟେଭ୍ (Octave) କୁହାଯାଏ । ଧାଡ଼ିର ଶେଷରେ ଯତିପାତ ରହିଛି । ପ୍ରକୃତି ଓ ପ୍ରାକୃତିକ ଜୀବନଧାରା ସହ ସଂଯୋଗ ନରଖି ୱାର୍ଡସ୍‌ୱାର୍ଥଙ୍କ କବିତାକୁ କଳ୍ପନା କରିବା କଷ୍ଟକର । କବିତାରେ ସ୍କଟ୍‌ଲ୍ୟାଣ୍ଡର ପାହାଡ଼ିଆ ଅଞ୍ଚଳରେ ଥିବା ଏକ କ୍ଷେତରେ ଏକୁଟିଆ ଫସଲ କାଟୁଥିବା, ଫସଲକୁ ଅମଳ କରୁଥିବା ଏକ ବାଳିକାର କଥାକୁ ବର୍ଣ୍ଣନା କରାଯାଉଛି । ଏଥିରେ ଗ୍ରାମାଞ୍ଚଳର ଦୃଶ୍ୟ ପ୍ରତିଫଳିତ ହୋଇଛି । ନିର୍ଜନ ଇଲାକାରେ ଫସଲ କାଟିବା ସମୟରେ ସେ ଉଦାସଭରା କଣ୍ଠରେ ଗୀତଟିଏ ଗାଉଛି । କବିଙ୍କ ପାଇଁ ବାଳିକା ଜଣକ ଅଜଣା, ଯେଉଁ ଭାଷାରେ ସେ ଗୀତ ଗାଉଛି ତାହା ବି ତାଙ୍କୁ ଅଜଣା । ମାତ୍ର ସେହି ଉଦାସଭରା ଗୀତରେ ଯେଉଁ ଦୁଃଖର ଭାବଟି ପ୍ରକାଶ ପାଉଛି, କବି ତାହାକୁ ଅନୁଭବ କରିଛନ୍ତି । ଯେଉଁ ମଧୁର ସ୍ୱରରେ ବାଳିକାଟି ଗୀତ ଗାଉଛି, ତା’ର ମୂର୍ଚ୍ଛନା ଓ ସୁନ୍ଦରତାକୁ ସେ ଅନ୍ତରରୁ ପ୍ରଶଂସା କରିଛନ୍ତି । ଅନ୍ୟ ପଥିକଙ୍କ ଭଳି କବି ବାଳିକାର ଗୀତକୁ ସାଧାରଣ ମନୋଭାବରେ ଶୁଣି ନାହାନ୍ତି ବରଂ ସେହି ସଙ୍ଗୀତର ମୂର୍ଚ୍ଛନା ତାଙ୍କୁ ଅନ୍ତର୍ମୁଖୀ ହେବାକୁ ପ୍ରେରଣା ଦେଇଛି । ହୃଦୟର ନୀରବତା ମଧ୍ୟରେ ସେ ଗୀତଟିର ଯଥାର୍ଥ ସ୍ପନ୍ଦନକୁ ଗ୍ରହଣ କରିଛନ୍ତି ଏବଂ ଏହା ଦ୍ୱାରା ଆକର୍ଷିତ ହୋଇଛନ୍ତି । ସଂକୀର୍ଣ୍ଣ ମାନସିକତା ଭିତରେ ଆବଦ୍ଧ ନରହି କବି-ହୃଦୟର ବ୍ୟାପକତା ମଧ୍ୟରେ ଗୀତର ସୁନ୍ଦରତାକୁ ଅନୁଭବ କରିଛନ୍ତି । ଜୀବନର ସତ୍ୟ ବା ସଠିକତା ବାହାରେ ନଥାଏ, ହୃଦୟ ଭିତରେ ବା ଆତ୍ମା ସ୍ତରରେ ଥାଏ, ଏହି ଭାବଧାରା କବିତାଟିର ଅନ୍ତଃସ୍ୱର ।

କବିତାଟିର ଥିମ୍ ବା ବିଷୟବସ୍ତୁ ହେଲା ଏକ ଚିରକାଳ ଖୁସୀ ବା ଆନନ୍ଦ ଏବଂ ଦୁଃଖ । ବାଳିକାର ଗୀତରେ ଛପି ରହିଥିବା ସୁନ୍ଦରତାର ଯାଦୁ କେବଳ ଯେ କବିଙ୍କ ମନକୁ ବଶ କରିଥିଲା ତାହା ନୁହେଁ, ତାହା ତାଙ୍କ ହୃଦୟରେ ମଧ୍ୟ ଅମାପ ଖୁସୀ ଭରି ଦେଇଥିଲା, ଏବଂ ଦୁଃଖ ଏଥିପାଇଁ ଯେ ସେ ଖୁସି ଦୀର୍ଘକାଳ ପାଇଁ ସମ୍ଭବ ନଥିଲା । କବି ଜାଣିଥିଲେ ସେହି ଦୃଶ୍ୟ ଓ ମଧୁର ମୂର୍ଚ୍ଛନା ସାମୟିକ, ଯାହାକୁ ସମୟ ଅପସାରିତ କରିନେବ । କବିତାର ବାତାବରଣ ଓ ବାଳିକାର ସଙ୍ଗୀତ ପ୍ରାକୃତିକ ସୌନ୍ଦର୍ଯ୍ୟର

ଏକ ଅଂଶ ଯାହା କବିଙ୍କ ହୃଦୟରେ ଦୀର୍ଘଦିନ ଛାପି ହୋଇ ରହିଛି ଯଦିଓ ବାହ୍ୟତଃ ସେ ଦୃଶ୍ୟ ଓ ସ୍ୱର ତାଙ୍କଠାରୁ ଅପସରି ଯାଇଛି । କବିତାର ଶବ୍ଦ ଓ ଧାଡ଼ିରେ ଥିବା ଦୃଶ୍ୟରାଜି ପାଠକର ମନ ଓ ହୃଦୟକୁ କଳ୍ପନା ଓ ଅନୁଭବର ରାଜ୍ୟକୁ ନେଇ ଯାଏ ।

କବିତାଟିର ସାରକଥା ହେଉଛି : ସ୍କଟ୍‌ଲ୍ୟାଣ୍ଡର ପାହାଡ଼ିଆ ଇଲାକା । ଜଣେ ବାଳିକା କ୍ଷେତରେ ଫସଲ ଅମଳ କରୁଛି । ସେହି ସମୟରେ ସେ ଗୀତଟିଏ ଗାଉଛି । ପ୍ରାକୃତିକ ପରିବେଶ ମଧ୍ୟରେ ପାହାଡ଼ିଆ ପଥ ଦେଇ କବି ଯିବାବେଳେ ବାଳିକାଟି ତାଙ୍କ ନଜରକୁ ଆସିଛି । ବାଳିକାଟିର ଗୀତ ତାଙ୍କୁ ଭଲ ଲାଗିଛି । ସେ ଠିଆ ହୋଇ ତାହାର ଗୀତ ଶୁଣିଛନ୍ତି । ସେହି ସ୍ଥାନରେ ଠିଆ ହୋଇ ବାଳିକାଟି ଆଡ଼କୁ ଭଲ ଭାବରେ ଦୃଷ୍ଟି ଦେବାକୁ ଏବଂ ଧ୍ୟାନ ଦେଇ ତାହାର ଗୀତ ଶୁଣିବାକୁ ସେ ଅନ୍ୟ ପଥିକମାନଙ୍କୁ ନମ୍ର ଭାବରେ କହିଛନ୍ତି । ଯଦି ସେମାନେ ସେପରି ନକରନ୍ତି ଏବଂ ଆଗକୁ ଯିବାକୁ ଚାହାଁନ୍ତି, ବାଳିକାର ଗୀତରେ କୌଣସି ବାଧା ନଉପୁଜାଇ ଧୀରେ ଓ ଅତି ଆରାମରେ ଆଗକୁ ବଢ଼ିବାକୁ ସେ କହିଛନ୍ତି । ବାଳିକା ଜଣକ ନିଜେ ଫସଲ କାଟୁଛି, ସେସବୁକୁ ବିଡ଼ାବାନ୍ଧି ସଜାଇ ରଖୁଛି ଏବଂ ସେହି ସମୟରେ ଦୁଃଖଭରା ଗୀତ ଗାଉଛି । ସେହି ଗୀତର ସ୍ୱରରେ ସାରା ଉପତ୍ୟକା ଅଞ୍ଚଳଟି ପରିପ୍ଲାବିତ ଓ ପ୍ରତିଧ୍ୱନିତ ହେଉଛି । ତାହାକୁ ମନ ଦେଇ ଶୁଣିବା ସକାଶେ କବି ଗୁରୁତ୍ୱ ଦେଇ କହିଛନ୍ତି । ତାଙ୍କ ଦୃଷ୍ଟିରେ ବାଳିକାର ମଧୁର ସଙ୍ଗୀତ ଏକ ପ୍ରାକୃତିକ ସୌନ୍ଦର୍ଯ୍ୟ ଯାହାକୁ ଅବହେଳା କରାଯିବା ଉଚିତ ନୁହେଁ ।

କବି ମଧୁର ତାନ ସୃଷ୍ଟି କରୁଥିବା ନାଇଟିଙ୍ଗେଲ୍ (ବୁଲ୍ ବୁଲ୍) ପକ୍ଷୀର ସ୍ୱର ସହିତ ବାଳିକାର ସ୍ୱରକୁ ତୁଳନା କରିଛନ୍ତି । ଆରବ ମରୁଭୂମିର ମରୁଦ୍ୟାନରେ ବିଶ୍ରାମରତ କ୍ଲାନ୍ତ ପଥିକମାନଙ୍କ କ୍ଲାନ୍ତି ଓ ଅବସନ୍ନତା ଏହି ପକ୍ଷୀର ମଧୁର ଗୀତରେ ଦୂର ହୋଇଯାଏ । ସେମାନେ ଆଗକୁ ଯିବାକୁ ସମର୍ଥ ହୁଅନ୍ତି । ମାତ୍ର ବାଳିକାର ସଙ୍ଗୀତ ନାଇଟିଙ୍ଗେଲ୍ ପକ୍ଷୀର ତାନ ଅପେକ୍ଷା ଅଧିକ ମଧୁର ବୋଲି କବି କହିଛନ୍ତି । ଆହୁରି ମଧ୍ୟ ସେ ବାଳିକାର ସୁନ୍ଦର ସ୍ୱରକୁ କୋଇଲିର ମଧୁର ସ୍ୱର ସହ ତୁଳନା କରିଛନ୍ତି । ସେଥିରେ ସେ ସ୍କଟ୍‌ଲ୍ୟାଣ୍ଡର ଉତ୍ତର-ପଶ୍ଚିମ ଦିଗରେ ସମୁଦ୍ର ଭିତରେ ଥିବା ହେବ୍ରାଇଡ୍‌ସ ଦ୍ୱୀପପୁଞ୍ଜର ପ୍ରସଙ୍ଗ ରଖିଛନ୍ତି । ତାଙ୍କ ଦୃଷ୍ଟିରେ ବାଳିକାର ସଙ୍ଗୀତ କୋଇଲିର ସ୍ୱର ଅପେକ୍ଷା ଅଧିକ ମଧୁର ଓ ରୋମାଞ୍ଚଭରା, ଯଦିଓ କୋଇଲିର ମଧୁର ତାନ ବସନ୍ତକାଳରେ ଦୂରତମ ହେବ୍ରାଇଡ୍‌ସର ଏବଂ ସଂଲଗ୍ନ ସାଗରର ନୀରବତାକୁ ଭଙ୍ଗ କରିଥାଏ । ପାଶ୍ଚାତ୍ୟ ଓ ପ୍ରାଚ୍ୟ ଜଗତର ପରିଚିତ ପକ୍ଷୀ ନାଇଟିଙ୍ଗେଲ୍ ଓ କୋଇଲିର ସ୍ୱରରେ ପ୍ରକୃତି ଯେଉଁ ମଧୁରତା ଭରି ଦେଇଛି, ତାହାଠାରୁ ବାଳିକାର ସଙ୍ଗୀତ ଅଧିକ ସୁନ୍ଦର ଓ ରୋମାଞ୍ଚକର ବୋଲି କବି ପ୍ରକାଶ କରିଛନ୍ତି । ପ୍ରତୀକାତ୍ମକ ଭାବେ ସେ 'ଦୂରତମ ହେବ୍ରାଇଡ୍‌ସ – 'farthest Hebrides' ଏବଂ 'ସାଗରର ନୀରବତାକୁ ଭଙ୍ଗକରି –'breaking the silence of the seas'ର ବର୍ଣ୍ଣନା ମାଧ୍ୟମରେ ବାଳିକାର ସ୍ୱରରେ ଯେଉଁ ଯାଦୁ ରହିଛି ଯାହାର ପ୍ରଭାବ ସୁଦୂର ପ୍ରସାରୀ ଓ ହୃଦୟସ୍ପର୍ଶୀ ବୋଲି ନିଶ୍ଚୟତାର ସହ ପ୍ରକାଶ କରିଛନ୍ତି ।

ଗୀତଟିର ଭାଷା ସହ କବି ପରିଚିତ ନଥିବାରୁ ଏହାର କଥାବସ୍ତୁ ଉପରେ ସେ ଅନୁମାନ ଲଗାଇଛନ୍ତି । ଏହା କୌଣସି ଦୁଃଖଦ ଅତୀତର ଘଟଣାବଳୀ ବା ଯୁଦ୍ଧ ବିଷୟକୁ ନେଇ ହୋଇ ଥାଇପାରେ । ହୁଏତ ଦୈନନ୍ଦିନ ଜୀବନର କୌଣସି ଘଟଣା ଗୀତର କଥାବସ୍ତୁ ହୋଇ ଥାଇପାରେ କିଂବା କୌଣସି ପ୍ରାକୃତିକ ବିପର୍ଯ୍ୟୟ, କ୍ଷୟକ୍ଷତି ବା ଯନ୍ତ୍ରଣା ଅଥବା ଯାହା ଅତୀତରେ ଘଟିଥିଲା ଏବଂ ପୁନର୍ବାର ଘଟିବାର ସମ୍ଭାବନା ରହିଛି ତାହା ମଧ୍ୟ ଗୀତଟିର କଥାବସ୍ତୁ ହୋଇ ଥାଇପାରେ । ଗୀତଟିର କଥାବସ୍ତୁ ଯାହାବି ହେଉନା କାହିଁକି, ତା'ର ପରିସମାପ୍ତି ନାହିଁ ବୋଲି କବି ଅନୁଭବ କରିଛନ୍ତି । ହାତରେ ଦା' ଧରି ଏବଂ ଆଗକୁ ନଇଁପଡ଼ି ବାଳିକାଟି ଫସଲ କାଟିବାରେ ଲାଗି ପଡ଼ିଛି । ମନ୍ତ୍ରମୁଗ୍ଧ ଅବସ୍ଥାରେ, ଶାନ୍ତ ଓ ସ୍ଥିର ଭାବରେ କବି ଗୀତ ଶୁଣିବାରେ ମନ ଦେଇଛନ୍ତି । ତା'ପରେ ସେ ଆଗକୁ ଚାଲିଛନ୍ତି । ବାଳିକାଟିକୁ ସେ ଆଉ ଦେଖିପାରୁ ନାହାନ୍ତି । ତା'ର ସ୍ୱର ଆଉ ସେ ଶୁଣି ପାରୁ ନାହାନ୍ତି । ମାତ୍ର ତା'ର ସଙ୍ଗୀତର ମୂର୍ଚ୍ଛନା ତାଙ୍କ ହୃଦୟରେ ପ୍ରତିଧ୍ୱନିତ ହେଉଛି – 'The musician in my heart I bore' । ତାଙ୍କ ହୃଦୟ ଭିତରେ ଓ ଆନ୍ତର ଚେତନାରେ ସେହି ସଙ୍ଗୀତର ମଧୁରତା ଓ ସୁନ୍ଦରତା ଦୀର୍ଘଦିନ ଅପାସୋରା ହୋଇ ରହିଯାଇଛି । ସଙ୍ଗୀତର ସୌନ୍ଦର୍ଯ୍ୟ କବିଙ୍କ ହୃଦୟକୁ ଦୀର୍ଘଦିନ ପ୍ରଭାବିତ କରି ପାରିଛି ଯାହା ବାସ୍ତବରେ ପ୍ରକୃତିର ସୌନ୍ଦର୍ଯ୍ୟ ଓ ପ୍ରକୃତିର ଶକ୍ତି ।

ପରମପ୍ରଭୁ ଶ୍ରୀଅରବିନ୍ଦ ଉଲ୍ଲେଖ କରିଛନ୍ତି :

"... One must look at the beauty as the artist does without desire of possession or vital enjoyment of the lower kind."

(Letters on Poetry And Art, P. 705) ❑

**କାହାଣୀ :**

# ତିନି ପ୍ରାର୍ଥୀ

## ମନୋଜ ଦାସ

ରାଜଧାନୀ ଉପାନ୍ତବର୍ତ୍ତୀ ଚଟି ଘରେ ଆସି ରହିଥିଲେ ତିନୋଟି ବାଳକ । ତିନୋଟି ଅଲଗା ଅଲଗା ଗୁରୁକୁଳରୁ ସେମାନଙ୍କୁ ସେଠାକୁ ଆଣିଥିଲେ ସେମାନଙ୍କ ଶିକ୍ଷକବର୍ଗ । ''ତୁମେ ଥରେ ରାଜଧାନୀ ଦେଖିବା ଉଚିତ ।'' ପ୍ରତ୍ୟେକଙ୍କୁ ଏତିକି କୁହାଯାଇଥିଲା, ଅଧିକ କିଛି ନୁହେଁ ।

ସେହି ଚଟିଘରେ ଆସି ରହିଥିଲେ ଜଣେ ବଣିକ । ''ଆଜି ସାରା ଦିନ ମୋର କିଛି କାମ ନାହିଁ'' – ସେ ଶିକ୍ଷକମାନଙ୍କୁ କହିଲେ ।

''ହେ ସୌଦାଗର ପ୍ରବର ! ଆପଣ ତ ଏ ନଗରୀ ସହ ସୁପରିଚିତ । ଥରେ ଏ ବାଳକମାନଙ୍କୁ ନଗରୀ ବୁଲାଇ ଆଣନ୍ତେ ନାହିଁ ?'' ଶିକ୍ଷକମାନେ ଅନୁରୋଧ କଲେ ।

''ଆନନ୍ଦରେ । କିନ୍ତୁ ତିନିହେଁ ଏକାବେଳକେ ମୋ ଘୋଡ଼ାରେ ବସି ପାରିବେ ନାହିଁ । ବରଂ ଜଣେ ଜଣେ ଆସନ୍ତୁ ।'' କହିଲେ ବଣିକ ।

ପ୍ରଥମ ବାଳକକୁ ନେଇଯାଇ ସେ ଦେଖାଇଲେ ନଗରୀର ବଡ଼ ବଡ଼ ମନ୍ଦିର, ଉଦ୍ୟାନ ଓ କେତେକ ବିଶେଷ ପ୍ରତିଷ୍ଠାନ । ତା'ପରେ ଅଦୂରରେ ଦୃଶ୍ୟମାନ ପ୍ରାସାଦ ଆଡ଼େ ଅଙ୍ଗୁଳି ନିର୍ଦ୍ଦେଶ କରି ସେ କହିଲେ, ''ବାଳକ, ହଠାତ୍ ତୁମକୁ ରାଜମୁକୁଟ ଯଚା ହେଲେ ତୁମେ କରିବ କ'ଣ ?''

ବାଳକ ହସି କହିଲା, ''ମୁଁ ନମ୍ର ଭାବରେ ତାହା ପ୍ରତ୍ୟାଖ୍ୟାନ କରିବି । ଗୁରୁ କହନ୍ତି, ଉଚ୍ଚାକାଂକ୍ଷା ଭଲ ନୁହେଁ । ସରଳ ଜୀବନଯାପନ ମୋର ଉଦ୍ଦେଶ୍ୟ ।''

''ବେଶ୍ । ମନ୍ଦ ନୁହେଁ ତମ ସିଦ୍ଧାନ୍ତ ।'' ବଣିକ କହିଲେ । ତା'ପରେ ସେ ବାଳକକୁ ଆଣି ଚଟି ଘରେ ପହଞ୍ଚାଇ ଦେଲେ ।

ତା'ପରେ ପଡ଼ିଲା ଦ୍ୱିତୀୟ ବାଳକର ପାଳି । ନଗରୀର ସବୁ ଦର୍ଶନୀୟ ଇମାରତ ଓ ପ୍ରତିଷ୍ଠାନ ଦେଖାଇ ସାରି ପ୍ରାସାଦ ଆଡ଼େ ବାଳକର ଦୃଷ୍ଟି ଆକର୍ଷଣ କରି ବଣିକ ହାଲୁକା ଭାବରେ ପ୍ରଶ୍ନ କଲେ, ''ବାଳକ ! ହଠାତ୍ ତମକୁ ସିଂହାସନରେ ବସିବାକୁ କୁହାଗଲେ କ'ଣ କରିବ ?''

''ବସିଯିବି !'' ଉତ୍ତର ଦେଲା ବାଳକ ।

''ସେ ଆସନ ପାଇଁ ନିଜକୁ ନ୍ୟୂନ ମନେ କରିବ ନାହିଁ ?'' ପଚାରିଲେ ବଣିକ ।

''କାହିଁକି କରିବି ? ମୁଁ ଯଦି ସିଂହାସନ ପାଇଁ ଯୋଗ୍ୟ ନୁହେଁ, ତେବେ ସିଂହାସନ ମୋତେ ମିଳିବ ବା କାହିଁକି ?'' ଉତ୍ତର ଦେଲା ବାଳକ ।

''ମନ୍ଦ ନୁହେଁ ତମ ଚିନ୍ତା !'' ବଣିକ ଏହା କହି ତାକୁ ନେଇ ଚଟି ଘରେ ଛାଡ଼ିଲେ ।

ଏଥର ପଡ଼ିଲା ତୃତୀୟ ବାଳକର ପାଳି । ନଗରୀ ପ୍ରଦକ୍ଷିଣ ପରେ ବଣିକ ତାକୁ ଯଥାସ୍ଥାନରୁ ପ୍ରାସାଦ ଦେଖାଇ ପ୍ରଶ୍ନ କଲେ, ''ବାଳକ ! ତୁମକୁ ହଠାତ୍ ରାଜପଦ ମିଳିଗଲେ ତମେ କରିବ କ'ଣ ?''

''ସସମ୍ମାନ ତାହା ଗ୍ରହଣ କରିବି, ମହାଶୟ !''

''ନିଜକୁ ସେ ପଦ ପାଇଁ ନ୍ୟୂନ ମନେ କରିବ ନାହିଁ ?'' ବଣିକ ପ୍ରଶ୍ନ କଲେ ।

ଟିକିଏ ନୀରବ ରହି ବାଳକ ଉତ୍ତର ଦେଲା, ''ମହାଶୟ, କେଇ ମୁହୂର୍ତ୍ତ ଆଗରୁ ଯେତେବେଳେ ଆମେ ସେ ଉଦ୍ୟାନ ମଧ୍ୟବର୍ତ୍ତୀ ଝରଣାରୁ ପାଣି ପିଉଥିଲୁ, ସେତେବେଳେ ମୁଁ ଆଘ୍ରାଣ କଲି ଚମତ୍କାର ମହକ । ପ୍ରଥମେ ଭାବିଲି; ଯେଉଁ ବିରାଟ ବୃକ୍ଷମୂଳରେ ଆମେ ଦଣ୍ଡାୟମାନ, ଏଇ ମହକ ସେହି ବୃକ୍ଷର ବଡ଼ ବଡ଼ ପୁଷ୍ପରୁ ସଞ୍ଚରିତ । ଅନାଇ ଦେଖିଲି ସେ ବୃକ୍ଷ ପୁଷ୍ପଶୂନ୍ୟ । ତା'ପରେ ଲକ୍ଷ୍ୟ କଲି, ଝରଣା କୂଳର କେତୋଟି କମନୀୟ ଲତାରେ ପ୍ରସ୍ଫୁଟିତ ପୁଷ୍ପହିଁ ସେ ମହକର ଉତ୍ସ । ବଡ଼ ଆମୋଦ ଅନୁଭବ କଲି । ସେଡ଼େ ବିଶାଳ ବୃକ୍ଷ ପୁଷ୍ପଶୂନ୍ୟ, ଅଥଚ ଅଦୃଶ୍ୟ-ପ୍ରାୟ ଲତାର କୁନି କୁନି କେତୋଟି ଫୁଲର ଏଡ଼ିକି ବିଭୂତି ! କ'ଣ ବୁଝିଲି ଜାଣନ୍ତି ? ବିଧାତାର ବିଧାନକୁ ଆମ ମନ ଦ୍ୱାରା ବ୍ୟାଖ୍ୟା କରି ହେବ ନାହିଁ । ଆମର ବଡ଼-ସାନ ଧାରଣା, ଯୋଗ୍ୟତା-ଅଯୋଗ୍ୟତାର ମାପକାଠି ସହ ସେ ବିଧାନର ବିଶେଷ ସମ୍ପର୍କ ନାହିଁ ।''

ବଣିକ ହସିଲେ । ''ଚାଲ !'' କହି ବାଳକଟିକୁ ଧରି

ସେ ସିଧା ପ୍ରାସାଦରେ ଉପନୀତ ହେଲେ । ନିଃସନ୍ତାନ ରାଜାଙ୍କର ମୃତ୍ୟୁ ହୋଇଥାଏ । ଜ୍ୟୋତିଷମାନେ ଏହି ତିନି ବାଳକଙ୍କ ଜାତକ ଉପଯୁକ୍ତ ବୋଲି କହିଥିଲେ । ବଣିକ ଛଦ୍ମବେଶୀ ରାଜ ପୁରୋହିତଙ୍କ ଉପରେ ଥିଲା ଶେଷ ପରୀକ୍ଷାର ଭାର ।

ତୃତୀୟ ବାଳକଟିକୁହିଁ ରାଣୀ ପୋଷ୍ୟପୁତ୍ର ରୂପେ ଗ୍ରହଣ କଲେ । ସେ ହେଲା ସିଂହାସନାରୂଢ଼ ।

(ମନୋଜ ଦାସ ପରିବେଷିତ 'ଉପକଥା ଶତକ'ରୁ ସଂଗୃହୀତ, ପୃ. ୧୦୪-୧୦୬)

❑❑❑

---

'ଉପକଥା ଶତକ' କାହାଣୀମାଳା ପରିବେଷଣ ଅବସରରେ ମନୋଜ ଦାସ ପ୍ରତ୍ୟେକ କାହାଣୀର ତାତ୍ପର୍ଯ୍ୟ ଉପରେ କିଛି ଆଲୋକପାତ କରିଛନ୍ତି । ଉପରୋକ୍ତ କାହାଣୀ **'ତିନି ପ୍ରାର୍ଥୀ !'** ସମ୍ପର୍କରେ ତାଙ୍କର ଅଭିମତ ଏହିପରି :

''ଆଧାତ୍ମିକ ସାଧାରଣଜ୍ଞାନର ଏକ ଦୃଷ୍ଟାନ୍ତ – ଏକ ନିତ୍ୟନୈମିତ୍ତିକ ଘଟଣାରୁ ତୃତୀୟ ବାଳକ ଯେଉଁ ଶିକ୍ଷା ଆହରଣ କରୁଛି, ତାହା ତା'ର ଉନ୍ନତ ଗ୍ରହଣଶୀଳ ଚେତନାର ପରିଚୟ ।''

(ତତ୍ରୈବ : ପୃଷ୍ଠା : ୩୨୯)

## ବାପା

ପୁଅ କଲେଜ ପଢ଼ା ଶେଷ ହେବା ପରେ ଏକ ବାଇକ୍ ପାଇଁ ବାପାଙ୍କ ପାଖରେ ଜିଦ୍ କଲା । ଯେହେତୁ ପିଲା ବେଳୁ ତା' ମାଆ ମରି ଯାଇଥିଲେ, ବାପା ତାକୁ ଅତି ସ୍ନେହ ଆଦରରେ ବଢ଼ାଇ ଥିଲେ । ବାପା ତା' ଜନ୍ମଦିନରେ ତାକୁ ବାଇକ୍ ଦେବାକୁ ପ୍ରତିଶ୍ରୁତି ଦେଲେ । ଜନ୍ମଦିନ ପାଖେଇ ଆସିଲା । ପୁଅର ବାଇକ୍ ପାଇଁ ଉତ୍କଣ୍ଠା ବଢ଼ି ଚାଲିଥିଲା । ଜନ୍ମଦିନରେ ବାପା ତାକୁ ଏକ ଉପହାର ପ୍ୟାକେଟ୍ ଦେଲେ । ପୁଅ ଉପହାର ପ୍ୟାକେଟ୍ ଖୋଲିଲା । ସେଥିରେ ଏକ ଛୋଟ ଗୀତା ବହି ଥିଲା । ବାପା ଘର ପଛ ପଟରେ ଥିଲେ । ପୁଅ ରାଗି ଯାଇ ପ୍ୟାକେଟ୍‌ଟିକୁ ଟେବୁଲ ଉପରେ ରଖି ଘର ଛାଡ଼ି ଚାଲିଗଲା । ଗଲା ଯେ ଗଲା; କୁଆଡ଼େ ଚାଲିଗଲା ବାପା ଖୋଜି ଖୋଜି ପାଇଲେ ନାହିଁ । ନିରାଶ ହୋଇ ପଡ଼ିଲେ ବାପା । ପୁଅ ଫେରିଲାନି । ଅନେକ ବର୍ଷ ବିତିଗଲା ।

ଦୂର ସହରରେ ପୁଅ ଚାକିରି କଲା । ବିବାହ କଲା । ଗାଡ଼ି ବି କିଣିଲା । ମାତ୍ର ବାପାଙ୍କ ସହିତ କୌଣସି ଯୋଗସୂତ୍ର ରଖି ନଥିଲା । ଦିନେ ତା'ର ଗାଁ' କଥା ବୁଝିବାକୁ ଇଚ୍ଛା ହେଲା । ଖୋଜ ଖବର ନେଲା । ଶୁଣିଲା – ବାପାଙ୍କ ଦେହ ଭୀଷଣ ଅସୁସ୍ଥ । ପୁଅର ଆଖି ଆଗରେ ବାପାଙ୍କ ମୁହଁ ନାଚି ଉଠିଲା । ପିଲାଦିନର ସ୍ମୃତି ସବୁ ମନେ ପଡ଼ିଲା । ପୁଅ ଘରକୁ ଯିବାକୁ ଉଚ୍ଛନ୍ନ ହେଲା । ଘରେ ପହଞ୍ଚିଲା ବେଳକୁ କିନ୍ତୁ ବାପା ଆରପାରିକୁ ଚାଲି ଯାଇଥିଲେ । ବାପାଙ୍କ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ପ୍ରସ୍ତୁତି ଚାଲିଥିଲା । ପୁଅ ବାପାଙ୍କ କଥା ମନେ ପକାଇ ବାଷ୍ପରୁଦ୍ଧ ହୋଇ ଉଠୁଥିଲା । ଦେଖିଲା ଦଶ ବର୍ଷ ତଳେ ସେ ଘରକୁ ଯେମିତି ଛାଡ଼ି ଯାଇଥିଲା, ସେମିତି ଅଛି । ତା' ପଢ଼ା ଘରେ ତାଲା ପଡ଼ିଥିଲା । ସେ ଚାବି ଆଣି ଘର ଫିଟାଇଲା । ପଢ଼ା ଟେବୁଲ ଉପରେ ସେଇ ପ୍ୟାକେଟ୍‌ଟି ସେମିତି ଥୁଆ ହୋଇଥିଲା । ପ୍ୟାକେଟ୍‌ଟିକୁ ଉଠାଇ ଆଣିଲା ପୁଅ । ପ୍ୟାକେଟ୍‌ରେ ଥିବା ଗୀତା ବହି ଭିତରୁ ଖସି ପଡ଼ିଲା ଏକ ବାଇକ୍ ଚାବି । ପୁଅ ମୂର୍ତ୍ତି ପରି ପଥର ହୋଇ ଯାଇଥିଲା । ଘର ପଛପଟ ଷ୍ଟୋରରୁମ୍‌ରେ ନୂଆ ବାଇକ୍‌ଟି ସେମିତି ଜରି ଘୋଡ଼ା ହୋଇ ରହିଥିଲା ସେହି ଦିନରୁ ।

(ସୌଜନ୍ୟ : **କଥା**, ଫେବ୍ରୁଆରୀ ୨୦୧୧)

# ଆଈର ନୂଆ ଗପ

## ନିମାଇଁ ପଟ୍ଟନାୟକ

ସୋରି ସୋରି ଧାନକିଆରି ମଝିରେ ଅଙ୍କାବଙ୍କା ପାଦଚଲା ରାସ୍ତା, ଆକାଶରେ ଭେଲା ଭେଲା କଳା ଧଳା ବାଦଲର ମେଳା । ଦୁଇପଟରେ ନାଲି, ନେଳି କଇଁ ଫୁଲ ଉପରେ କଅଁଳ ଖରାର ଲେପ । ଲମ୍ବି ଥିବା ରାସ୍ତାର ଦୁଇଧାରେ ବର, ଅଶ୍ୱତ୍ଥ ଓ ଚିହ୍ନା ଅଚିହ୍ନା ଗଛର ଗହଳିକୁ ପାର ହୋଇ ଶଗଡ଼ ଅଟକିଯାଏ ଚିତ୍ର ପରି ଦିଶୁଥିବା ମୋ ମାମୁଘର ଗାଁ ଦାଣ୍ଡରେ । ଖୁସିରେ ଉଜ୍ଜ୍ୱଳ ଦିଶୁଥିବା ମୁହଁସବୁ ଘେରିଯା'ନ୍ତି ଚାରିପଟେ । ସାହିର ଝିଅମାନଙ୍କ ମେଳରେ ବୋଉ ଘର ଭିତରକୁ ଯିବାର କେତେ ଘଣ୍ଟା ପରେ ମୁଁ ଏକାଖରୁ ସେକାଖ ହୋଇ ପହଞ୍ଚିଯାଏ ଆଈ ପାଖରେ । ମୁହଁକୁ ଶାଢ଼ି କାନିରେ ପୋଛି ଦେଇ ମୋତେ ଭିଡ଼ିଧରେ ସେ ଛାତିରେ । ଲାଗେ ସତେ ଅବା ମୋ ଭିତରେ ସେ ଖୋଜୁଛି ମୋ ବୋଉକୁ ଯାହାକୁ ସେ ଆଗ ପରି ଗେଲ କରି ପାରୁନି ସାହି ଲୋକଙ୍କ ଆଗରେ । ଆଈ ଦେହରେ ମୋ ବୋଉର ନୂଆ ଲୁଗା ପିନ୍ଧାର ବାସ୍ନାକୁ ମୁଁ ଖୋଜୁଥାଏ ଆଖିବୁଜି ।

ଦିନଯାକ ଅଜାଙ୍କ ହାତ ଧରି ପୋଖରୀ, ଗୋହିରି, ତୋଟାଯାକ ବୁଲା ସାରିଲା ପରେ ସଞ୍ଜ ବେଳକୁ ଆଈ ସାଥିରେ ପହଞ୍ଚିଯାଏ ଦଧିବାମନ ମନ୍ଦିର ବେଢ଼ାରେ । ଶଙ୍ଖ, ଘଣ୍ଟା, ଖୋଳ, କରତାଳ, ଝୁଣା ଓ ଘିଅ ଦୀପରେ ମହକୁ ଥିବା ତୁଳସୀ ବାସ୍ନା ସଞ୍ଚରି ଯାଏ ମୋ ଭିତରେ । ମନ୍ଦିର ବେଢ଼ାରେ ଆଈ କାଖରେ ଜୁଲୁଜୁଲିଆ ପୋକର ରୋଷଣି ଦେଖୁ ଦେଖୁ ଛାଇ ନିଦରେ ମାଡ଼ି ଆସେ ରାତିର କୋମଳ ଅନ୍ଧାର । ଘର ଭିତର ଅଗଣାର ବାରଣ୍ଡା ଉପରେ ସପଟି ପାରି ମୋତେ ଶୁଆଇ ଦେଇ ଚଉପାଢ଼ୀରେ ଭାଗବତ ଶୁଣିବ ବୋଲି ବାହାରିଲା ବେଳକୁ ମୁଁ ଭିଡ଼ି ଧରେ ତା' କାନିକୁ । ଅଗତ୍ୟା ଆଈକୁ ବସିବାକୁ ହୁଏ ମୋ ପାଖରେ । ଅଜାଙ୍କ ବାସନା ପାନକୁଟାରୁ ଟିକେ ପାଟିରେ ପୂରେଇ ଖୋଲି ଦିଏ ସେ ଶୁଣିଥିବା ତା' ପିଲାଦିନର ବିଚିତ୍ର କାହାଣୀସବୁ । ନୀରବରେ ଆଖିବୁଜି ବସିଯାଏ ଘଡ଼ିଏ । ବୋଧହୁଏ ସାଉଣ୍ଟୁ ଥାଏ ଗପକୁ । ଖୋଜୁଥାଏ ଚରିତ୍ରସବୁକୁ ।

ପ୍ରତିଥର ପରି ସେଥର ବି ମୋ ମୁଣ୍ଡକୁ ଆଉଁଶୁ ଆଉଁଶୁ ଆଈ ଖୋଲି ଦେଲା ତା' କାହାଣୀ ପେଡ଼ି ... ''ରାଇଜର ରାଜା ଦିନେ ବାହାରିଲେ ପାରିଧିକୁ । ସାଙ୍ଗରେ ଥିଲେ ପାତ୍ର, ମନ୍ତ୍ରୀ, କଟୁଆଳ ଓ ସୈନ୍ୟସବୁ । ଜଙ୍ଗଲରେ କେତେ ରକମର ପଶୁପକ୍ଷୀ ...'' – ''ନା, ଏ ଗପ ନୁହଁ । ଏସବୁ ମୁଁ ଶୁଣିଛି ।'' ମୋର ମନ ନଥିବା ଜାଣି ସେ ପୁଣି ଆରମ୍ଭ କଲା, ''କାଞ୍ଚନ ବୋଲି ଝିଅଟିଏ ଥିଲା । ଭାରି ଅଲିଅଳି...'' – ''ଆଈ ! କାଞ୍ଚନ ଫୁଲ ଗପ ବି ମୁଁ ଶୁଣିଛି । ନୂଆ କିଛି କହ । ରାମାୟଣ, ମହାଭାରତ କଥା ତ ମୁଁ ସବୁଥର ଶୁଣିଛି । ଏଥର ମୁଁ ଶୁଣି ନଥିବା ଗପଟିଏ କହ । ମୁଁ ସମସ୍ତଙ୍କୁ କହିବି ସେ ଗପ ।''

ମୋ କଥା ଶୁଣି ଆଈ ଚୁପ୍‌ଚାପ୍ ଚାହିଁଲା ଅଜାଙ୍କ ଆଡ଼କୁ । ଅଜା ମୁରୁକି ହସି ଆଈକୁ ଛିଗୁଲେଇ କହୁଥା'ନ୍ତି – ''ଏଥର କୁହ ତାକୁ, କ'ଣ ଜାଣିଛ ନୂଆ ଗପ । ତୁମ କାହାଣୀ ପେଡ଼ିରେ ଗପ ଅଛି ଯେ କହିବ !'' ଆଈକୁ ମୁଁ ଅଡୁଆରେ ପକାଇଛି ଜାଣି ଅଜା ଖୁସି ହେଉଥିଲା ବେଳେ ମୁଁ ଆଈ କାନ ପାଖରେ ଯାଇ ଚୁପ୍ କରି କହିଦେଲି, ''ଆଈ ! ଆଜି ତୁ ଗୋଟେ ନୂଆ ଗପ କହିଦେ । ଅଜାଙ୍କ ହସ ଛାଡ଼ିଯିବ ।''

ମୋ କଥା ଶୁଣି ସେ ମୁରୁକି ହସି ଧ୍ୟାନ କଲାପରି ଚୁପ୍‌ଚାପ୍ ବସିଗଲା । କିଛି ସମୟ ପରେ କହିବାକୁ ଆରମ୍ଭ କଲା, ''ସମସ୍ତେ ମନ ଦେଇ ଶୁଣ । ଏ ଗୋଟିଏ ନୂଆ ଗପ ।'' ମୁଁ ଚକାମାଡ଼ି ବସିଯାଇ ଆଈ ମୁହଁକୁ ଚାହିଁ ରହିଲି । ସେଦିନ ଆଈର ସ୍ୱର ସତେଅବା ଭାସି ଆସୁଥିଲା ଦୂର ବହୁ ଦୂର ଏକ ଅଜଣା ରାଇଜରୁ । ତା' କାହାଣୀର ପ୍ରତିଟି ଶବ୍ଦ ଝରି ପଡୁଥିଲା ଦୃଶ୍ୟ ହୋଇ ମୋ ଆଖିରେ । ଏକ ଲମ୍ବା ଦୀର୍ଘଶ୍ୱାସ ନେଇ ଆଈ ତା' ଗପ ଆରମ୍ଭ କଲା ...

''ଦିନେ ଭଗବାନଙ୍କ ନିକଟକୁ ଯାଇ ଦେବର୍ଷି ନାରଦ ପ୍ରଶ୍ନ କଲେ, ''ପ୍ରଭୁ ! ମଣିଷକୁ ଆପଣ ଆପଣଙ୍କ ରୂପରେ କାହିଁକି ଗଢ଼ିଲେ ? ଏହି ପ୍ରଶ୍ନଟି ବହୁଦିନରୁ ମୋ ମନରେ ଉଙ୍କି ମାରୁଛି । ଏହାର ରହସ୍ୟ କ'ଣ ?'' ଉତ୍ତରରେ ଭଗବାନ୍ କହିବାକୁ ଆରମ୍ଭ କଲେ, ''ଏହା ହେଉଛି ସୃଷ୍ଟି ଆରମ୍ଭ ବେଳର କଥା । ପ୍ରଥମେ ଦେବତା ଓ କ୍ରମ ଅନୁସାରେ ସମସ୍ତ ଲୋକର ଜୀବମାନଙ୍କୁ ସୃଷ୍ଟି କରି ସାରିଲା ପରେ ମୋର ସମଗ୍ର ସତ୍ତା କେମିତି ଏକ ଅସନ୍ତୋଷ ଓ ଅପୂର୍ଣ୍ଣତାର ଭାବରେ ଘାରି ହେଲା ।

ତେଣୁ ପୃଥିବୀ ଲୋକର ଶେଷ ଜୀବଟିକୁ ଗଢ଼ିବାକୁ ଯାଇ ମୁଁ ଯେତେ ଥର ମର୍ତ୍ତ୍ୟର ମାଟିକୁ ନେଇ ମୂର୍ତ୍ତିଟିକୁ ଗଢୁଥିଲି ତାହା କିଛି ସମୟ ପରେ ଭାଙ୍ଗିଯାଇ ପୁଣି ମାଟିରେ ମିଶି ଯାଉଥିଲା । ଶେଷରେ ନୀରବରେ ଚିନ୍ତା କରିବା ପରେ ମନକୁ ଏକ ଉପାୟ ଆସିଲା । ସେଥର ପୃଥିବୀରୁ ମାଟି ସଂଗ୍ରହ କରି ମୂର୍ତ୍ତିଟିକୁ ଗଢ଼ି ସାରିଲା ପରେ ଦେବତାମାନଙ୍କର ଶକ୍ତିକୁ ସୂକ୍ଷ୍ମ ରୂପରେ ସେହି ମୂର୍ତ୍ତିର ବିଭିନ୍ନ ଅଂଶରେ ଖଞ୍ଜି ଦେଲି । ସୂର୍ଯ୍ୟଙ୍କୁ ଆଖିରେ, ଚନ୍ଦ୍ରଙ୍କୁ ମୁଣ୍ଡରେ, ପବନ ଦେବଙ୍କୁ ଛାତି ଓ ନାକରେ, ଅଗ୍ନିଙ୍କୁ ଉଦରରେ ଏହିପରି ପ୍ରାୟ ବହୁ ଦେବତାଙ୍କ ସୂକ୍ଷ୍ମ ରୂପକୁ ନେଇ ମୂର୍ତ୍ତିଟି ଗଢ଼ି ସାରିଲା ପରେ ମୋର ନିଜର ଏକ ଶ୍ରେଷ୍ଠ ଅବତାରର ସୂକ୍ଷ୍ମ ଅଂଶକୁ ମୂର୍ତ୍ତିର ହୃଦୟରେ ସୂକ୍ଷ୍ମ ରୂପରେ ସ୍ଥାପନ କରି ମୋରି ଅବିକଳ ରୂପ ପ୍ରଦାନପୂର୍ବକ ମୂର୍ତ୍ତିକୁ ସମ୍ପୂର୍ଣ୍ଣ କରି ଗଢ଼ି ଦେଲି । ମୋର ମନରୁ ଜାତ ହୋଇଥିବାରୁ ଏବଂ ସେଥିରେ ମନ ଥିବାରୁ ମୂର୍ତ୍ତିଟି ମାନବ ନାମରେ ନାମିତ ହେଲା ।''

''ପ୍ରଭୁ !'' ହଠାତ୍ ନାରଦ କହିବାକୁ ଆରମ୍ଭ କଲେ, ''ଏବେ ଜାଣିଲି ଆପଣଙ୍କର ପୃଥିବୀ ଓ ମଣିଷମାନଙ୍କ ପାଇଁ କାହିଁକି ଏତେ ଅଧିକ ଆକର୍ଷଣ ଓ ଭଲ ପାଇବା । ଆପଣ ବାରଂବାର ଅବତାର ଗ୍ରହଣ କରି ମଣିଷଜାତିକୁ ବିନଷ୍ଟିରୁ ରକ୍ଷା କରୁଥିବାର ରହସ୍ୟକୁ ଏବେ ମୁଁ ଭଲ କରି ବୁଝି ପାରିଲି । ତେବେ ପ୍ରଭୁ ! ମୋର ଏହି ଶେଷ ପ୍ରଶ୍ନଟିର ଉତ୍ତରକୁ ସରଳ ଭାବରେ ବୁଝାଇ କୁହନ୍ତୁ ! ଆପଣଙ୍କ ହାତ ତିଆରି ମଣିଷ ନିଜକୁ ଶ୍ରେଷ୍ଠ ଜୀବ ବୋଲି ପୃଥିବୀରେ ଦାବି କରୁଥିଲା ବେଳେ ସେ ପୁଣି ନିଜକୁ ଓ ନିଜ ପୃଥିବୀକୁ ନଷ୍ଟ କରୁଛି କାହିଁକି ?'' ଉତ୍ତରରେ ଭଗବାନ୍ କିଛି ସମୟ ଚୁପ୍ ରହି ହଠାତ୍ କହି ଉଠିଲେ, ''ଦେବର୍ଷି ! ଆମେ ବହୁଦିନରୁ ମର୍ତ୍ତ୍ୟକୁ ଯାଇ ନାହାନ୍ତି । ଚାଲନ୍ତୁ ! ସାଥି ହୋଇଯିବା । ଆପଣଙ୍କ ପ୍ରଶ୍ନର ଉତ୍ତର ସେହି ପୃଥିବୀରେହିଁ ମିଳିଯିବ ।''

– ''ପ୍ରଭୁ ! ଆପଣ ସେକଥା ଆଉ କୁହନ୍ତୁ ନାହିଁ । ଯେତେଥର ମୁଁ ଯାଇଛି ସେତେଥର ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଛି । ତେବେ ସେଠାକୁ ଯାଇ ଲାଭ କ'ଣ ପ୍ରଭୁ ? ଛଅ ଛଅ ଥର ମଣିଷ ପୃଥିବୀର ସଭ୍ୟତାକୁ ନିଜେ ନିଜ ହାତରେ ନଷ୍ଟ ଓ ବିକଳାଙ୍ଗ କରିଛି । ତେଣୁ ସେଠାକୁ ଯାଇ ଲାଭ କ'ଣ ?'' ଭଗବାନ୍ ହସି କହିଲେ, ''ଦେବର୍ଷି ! ଏଥର କିନ୍ତୁ ସେପରି ହେବ ନାହିଁ । ଏଥର ମଣିଷକୁ ...'' ନାରଦ ହଠାତ୍ ପ୍ରଶ୍ନ କଲେ, ''ପ୍ରଭୁ ! ଆଉ ଏକ ଛୋଟିଆ ପ୍ରଶ୍ନଟିଏ ଆପଣଙ୍କୁ । ଆପଣ କେଡ଼େ ଯତ୍ନରେ ମଣିଷଙ୍କୁ ପୂର୍ଣ୍ଣାଙ୍ଗ କରି ଗଢ଼ିଥିଲେ । କିନ୍ତୁ ମଣିଷ ପୃଥିବୀରେ କ'ଣ ଏଯାଏ ଏକ ପୂର୍ଣ୍ଣାଙ୍ଗ ଜୀବନ ବଞ୍ଚି ପାରିଛି ?''

ମୁରୁକି ହସି ଭଗବାନ୍ ଉତ୍ତର ଦେଲେ, ''ସେହି କଥାଟି ତ ମୁଁ ଆପଣଙ୍କୁ ବର୍ତ୍ତମାନ କହିବାକୁ ଚାହୁଁଥିଲି । ମଣିଷ ସୃଷ୍ଟିର ଆରମ୍ଭ ବେଳୁ ମଣିଷର ଚେତନା ଧୀରେ ଧୀରେ ପରିବର୍ତ୍ତନ ହେବ ଓ ସର୍ବଶେଷରେ ପୂର୍ଣ୍ଣ ଚେତନାରେ ଝଲମଲ ହୋଇ ଉଠିବ । ସେଥିଲାଗି ମୁଁ ମଣିଷର ହୃଦୟରେ ପୃଥିବୀରେ ପ୍ରକାଶିତ ମୋର ସର୍ବଶ୍ରେଷ୍ଠ ଦିବ୍ୟାୟିତ ଚେତନାକୁ ଭରି ଦେଇଥିଲି । କାରଣ ସେହି ଚେତନାକୁ ପାଥେୟ କରି ବର୍ତ୍ତମାନର ମଣିଷ-ଚେତନା ଆଉ ଏକ ପାହାଚକୁ ଉନ୍ନୀତ ହେବ । ଆଉ ସେହିଟି ହେଉଛି ମୋର ସମ୍ପୂର୍ଣ୍ଣ ଚେତନା ।''

ପୁଣି ନାରଦ ପ୍ରଶ୍ନ କଲେ, ''ଏପରି ହେବା କ'ଣ ସମ୍ଭବ ପ୍ରଭୁ ! ଏହା ଆଦୌ ସମ୍ଭବ ନୁହେଁ ବୋଲି ମୋର ଧାରଣା । କାରଣ ସବୁ ମଣିଷ ତ ସାଧାରଣ ଜୀବନ ବଞ୍ଚୁଛନ୍ତି । ମୋ ପରି ସିନା ସବୁବେଳେ ଆପଣଙ୍କ ନାମ ଜପ କଲେ ସେପରି ସମ୍ଭବ ହେବ ।'' ଉତ୍ତରରେ ଭଗବାନ୍ ଏକ ରହସ୍ୟମୟ ହସଟିଏ ହସି କହିଲେ, ''ଦେବର୍ଷି ! ଚାଲନ୍ତୁ ପୃଥିବୀ ଲୋକରେ ବୁଲି ଆସିବା । ଏବେ ମଣିଷମାନେ ପୃଥିବୀରେ କେମିତି ଜୀବନ ବଞ୍ଚୁଛନ୍ତି ଓ ମୋତେ କେମିତି ସ୍ମରଣ କରୁଛନ୍ତି ତାହା ସ୍ୱଚକ୍ଷୁରେ ଦେଖି ଆସିବା ।'' ଭଗବାନଙ୍କ କଥା ଟାଳି ନପାରି ନାରଦ ମର୍ତ୍ତ୍ୟଲୋକକୁ ଆସିବାକୁ ସମ୍ମତି ପ୍ରକାଶ କଲେ ।

ଏମିତି ଏକ ରମଣୀୟ ବର୍ଣ୍ଣବିଭାରେ ଭରା ସକାଳରେ ନାରଦ ଓ ଭଗବାନ୍ ପୃଥିବୀକୁ ବୁଲି ଆସି ପାହାଡ଼ ତଳ ଏକ ଛୋଟିଆ ଗାଁରେ ପହଞ୍ଚି ଗଲେ । ଝରଣା, ଫଳଭର୍ତ୍ତି ଗଛ, ରଙ୍ଗିନ ଫୁଲର ଉପତ୍ୟକା, ମହୁମାଛିର ଗୁଣୁ ଗୁଣୁ ଗୁଞ୍ଜନ, ଠେକୁଆ, ହରିଣର ଦୌଡ଼, ଶୁଆ, ଶାରୀ ଓ ହଳଦୀବସନ୍ତ ସହ ନାନା ଜାତି ଚଢ଼େଇଙ୍କ କିଚିରିମିଚିରି ଓ କୋଇଲିର କୁହୁତାନରେ ମଜ୍ଜି ଯାଇ ସେମାନେ ଅନ୍ୟମନସ୍କ ଭାବରେ ଏଣେ ତେଣେ ଘୂରି ବୁଲିଲେ । କ୍ରମଶଃ ଉତ୍ତପ୍ତ ସୂର୍ଯ୍ୟକିରଣ ଓ ଯାତ୍ରାଜନିତ କ୍ଳାନ୍ତିରୁ ସେ ଦୁହିଁଙ୍କୁ ହଠାତ୍ ଭାରି ଭୋକ ଆଉ ଶୋଷ ହେଲା ପରି ଲାଗିଲା । କ'ଣ କରିବେ କିଛି ଜାଣି ନପାରି ଦୁହେଁ ଗାଁ ଭିତରକୁ ଯାଇ ଜଣକ ଦୁଆରେ ବସି ପଡ଼ିଲେ । କିଛି

ସମୟ ପରେ କବାଟ ଖୋଲି ଘର ଭିତରୁ ଅତି ସୁନ୍ଦରୀ ଝିଅଟିଏ ବାହାରି ଆସି ଦୁହିଁଙ୍କୁ ଚାହିଁ ହସି ଦେଲା । ସେ ହସରେ କ'ଣ ଥିଲା କେଜାଣି ଦୁହିଁଙ୍କ ଭୋକ ଶୋଷ ଦୂର ହୋଇଗଲା । ଏମିତିକି ସେମାନେ କେଉଁଠୁ ଆସିଛନ୍ତି ଓ କାହିଁକି ଆସିଛନ୍ତି ଏକଥା ବି ଭୁଲି ଗଲେ । ସେହି ଯୁବତୀ ଝିଅଟି ସେମାନଙ୍କୁ ଯାହା ପଚାରିଲା ସେମାନେ ସେ ପ୍ରଶ୍ନର କିଛି ବି ଉତ୍ତର ଦେଇ ପାରିଲେ ନାହିଁ ।

''ଆଈ ! ସେ ଝିଅ କ'ଣ ପଚାରିଲା ?'' ନିଜକୁ ରୋକି ନପାରି ମୁଁ ପଚାରି ଦେଲି । ''ଶୁଣ ! ମୁଁ ଗପ କହିଲା ବେଳେ ତୁ ମଝିରେ କିଛି ପଚାରିବୁନି, ପଚାରିଲେ ମୁଁ ଗପ ଭୁଲିଯିବି । ତେଣୁ ଯାହା ପଚାରିବୁ ଗପ ଶେଷ ବେଳକୁ ।'' ମୁଁ ହଁ ମାରି ଚୁପ୍‌ଚାପ୍ ଶୁଣିବାକୁ ଲାଗିଲି । ଆଈ କହି ଚାଲିଲା, ସେ ଝିଅ ପ୍ରଥମେ ପଚାରିଲା, ''ଆପଣ କାହାକୁ ଖୋଜୁଛନ୍ତି ?'' ଏ ପ୍ରଶ୍ନରେ ସେ ଦୁହେଁ ପରସ୍ପରକୁ ଚାହିଁ ନୀରବ ରହିଲେ । ସେମାନଙ୍କୁ ନୀରବ ରହିବା ଦେଖି ଝିଅଟି ପୁଣି ପଚାରିଲା, ''ଆପଣମାନେ କ'ଣ ଚାହୁଁଛନ୍ତି ?'' ଏଥର ବି ସେ ଦିହେଁ ନୀରବ । ଝିଅଟି ପୁଣି ପଚାରିଲା, ''ଆପଣ କେଉଁଠୁ ଆସିଛନ୍ତି ଓ କେଉଁଠିକୁ ଯିବେ ? ଆପଣଙ୍କ ପରିଚୟ କ'ଣ ?''

ଝିଅର ଏହି ଶେଷ ପ୍ରଶ୍ନରେ ମଣିଷ ରୂପରେ ଥିବା ଭଗବାନ୍ ଓ ନାରଦଙ୍କର ଯାହା ବି ସ୍ମୃତିରେ ଥିଲା ତାହାର ସମ୍ପୂର୍ଣ୍ଣ ବିସ୍ମରଣ ଘଟିଲା ।

ପୃଥିବୀରେ ସେହି ଯୁବତୀ ଝିଅଟିର ଛୋଟିଆ ପ୍ରଶ୍ନର ଉତ୍ତର କ'ଣ ହୋଇପାରେ ଏହି ଚିନ୍ତାରେ ସେମାନଙ୍କର ଦିନର ଅଧିକାଂଶ ସମୟ କଟିଗଲା । ମନ୍ଦିର ପାଖ ଗଛ ମୂଳେ ଆକାଶର ତାରାକୁ ଚାହିଁ ସେମାନଙ୍କର ରାତି ପାହିଗଲା । ମନ୍ଦିରରେ ଘଣ୍ଟା ବାଜିବାରୁ ଦୁହେଁ ମନ୍ଦିରକୁ ଯିବେ ବୋଲି ଚାଲିବାକୁ ଆରମ୍ଭ କଲେ । ବାଟରେ ଏମାନଙ୍କର ଧୂଳି ଧୂସରିତ ରୂପକୁ ଦେଖି ମନ୍ଦିରର ଜଗୁଆଳି ଭିତରକୁ ଛାଡ଼ିଲା ନାହିଁ । ଦୁଆରୁ ଫେରେଇ ଦେଲା । ସେମାନଙ୍କୁ ମନ୍ଦିର ଦୁଆରୁ କାହିଁକି ଫେରାଇ ଦିଆଗଲା ଏହି କଥା ଚିନ୍ତା କରି ଫେରି ଆସୁଥିଲା ବେଳେ ବାଟରେ ହାତରେ ବିଭିନ୍ନ ଫଳ, ଫୁଲ ଧରି ମନ୍ଦିରକୁ ଯାଉଥିବା ଯାତ୍ରୀମାନଙ୍କୁ ପଚାରୁଥିଲେ, ''ଆପଣମାନେ ଦୟାକରି କହିପାରିବେ କି ଆମେ କିଏ, କେଉଁଠୁ ଆସିଛୁ ? କେଉଁଠିକୁ ଯିବୁ ? ଆମେ କ'ଣ ପାଇଁ ଏଠିକୁ ଆସିଛୁ ?''

ଯାଉଥିବା ସମସ୍ତ ଯାତ୍ରୀ ଏମାନଙ୍କ ପ୍ରଶ୍ନ ଶୁଣି ହସୁଥିଲେ । ପରିହାସ କରି କହୁଥିଲେ, ''ଦିବସରେ ନିଶାଗ୍ରସ୍ତ ହେଲେ ପରିଣାମ ଏହିପରି ହୋଇଥାଏ ।'' ଲୋକମାନଙ୍କୁ ଏପରି କହୁଥିବାର ଶୁଣି ମନ ଦୁଃଖରେ ସେମାନେ ଜଙ୍ଗଲ ରାସ୍ତାରେ ଚାଲିବାକୁ ଲାଗିଲେ । କିଛି ଦୂର ଯିବାପରେ ଉପବନର ଭ୍ରମ ସୃଷ୍ଟି କରୁଥିବା ଏକ ସୁନ୍ଦର ମଠରେ ପହଞ୍ଚିଲେ । ସେଠାରେ ମଣିଷ ରୂପରେ ଥିବା ନାରଦ ଓ ଭଗବାନ୍ ଜଣେ ଉଜ୍ଜ୍ୱଳ ଚେହେରାର ସାଧୁଙ୍କୁ ଭେଟିଲେ । ସାଧୁଙ୍କୁ ସମସ୍ତ କଥା କୁହନ୍ତେ ସେ ଆଖିବୁଜି କିଛି ମନ୍ତ୍ର ଜପ କଲେ ଓ ଉତ୍ତର ଦେଇ କହିଲେ, ''ତୁମେ ଦୁଇଜଣ ମାୟା କବଳରେ ପଡ଼ି ଯାଇଛ ।''

''ସାଧୁ ମହାରାଜା ! ମାୟାର ପ୍ରକୃତ ସ୍ୱରୂପ କ'ଣ ? ମାୟା କବଳରେ ଆମେ ସବୁ କେମିତି ଓ କାହିଁକି ପଡ଼ିଥାଉ ? ଆପଣ କ'ଣ ମାୟା କବଳରୁ ମୁକ୍ତ, ସାଧୁ ବାବା ?'' ମାନବ ରୂପୀ ନାରଦଙ୍କ ଏତାଦୃଶ ଆକସ୍ମିକ ପ୍ରଶ୍ନରେ ସାଧୁଜଣକ ବିରକ୍ତ ହେଲା ପରି ବୋଧ ହେଲା । ତେଣୁ ପରିବେଶକୁ ସହଜ କରିବାକୁ ଯାଇ ମାନବରୂପୀ ଭଗବାନ୍ ପଚାରିଲେ, ''ମାୟାରୁ କ'ଣ ମୁକ୍ତି ନାହିଁ ବାବା ?'' ଏଥର ସାଧୁ ମହାଶୟ ଅଳ୍ପ ହସି ଗମ୍ଭୀର ସ୍ୱରରେ ଉତ୍ତର ଦେଲେ, ''ଏଥିରୁ ମୁକ୍ତି ପାଇଁ ସ୍ଥୂଳରେ ନଖୋଜି ସୂକ୍ଷ୍ମରେ ନିଜ ଭିତରେ, ଅର୍ଥାତ୍ ମାନବ ଦେହରେ ମାତୃଶକ୍ତିକୁ ଆବାହନ କର, ଖୋଜ । ସେ ତୁମକୁ ବାଟ ଦେଖାଇବେ ।''

ଏହି କଥାଟି ଦୁହିଁଙ୍କ ମନକୁ ପାଇଲା । ଦୁହେଁ ସାଧୁଙ୍କ ଆଶ୍ରମରେ ଥିବା ଏକ ବିଶାଳ ଅଶ୍ୱତ୍ଥ ଗଛ ତଳେ ଦିନ ପରେ ଦିନ ଧ୍ୟାନସ୍ଥ ହୋଇ ନିଜ ଭିତରେ ଚୈତନ୍ୟମୟୀ ଦିବ୍ୟ ଜନନୀଙ୍କୁ ଆବାହନ କରନ୍ତେ, ମା'ଙ୍କ କରୁଣାରୁ ଭଗବାନ୍ ଓ ନାରଦଙ୍କର ସବୁକିଛି ମନେ ପଡ଼ିଗଲା । ଉଲ୍ଲସିତ ନାରଦ କହିଲେ, ''ପ୍ରଭୁ ! ସ୍ମରଣରେ ସବୁ ଆସିଗଲା । ମର୍ତ୍ତ୍ୟ ଲୋକକୁ ଯାତ୍ରା ଆରମ୍ଭ କରିବା ପୂର୍ବରୁହିଁ ମୁଁ କହିଥିଲି ଆପଣଙ୍କ ସହ ପୃଥ୍ୱୀଲୋକକୁ ଆସିଲେ ଅନେକ ଅନାଗତ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବ । ଦେବଲୋକରେ ସଦା ସର୍ବଦା ଆପଣଙ୍କ ନାମ ଜପରେ ମଗ୍ନ ହୋଇ ରହିବା ଭଲ,କିନ୍ତୁ ଆପଣଙ୍କ ସାଥିରେ ଯାତ୍ରା କଲେ ବହୁ ବିପଦ ।'' ଉତ୍ତରରେ ଭଗବାନ୍ ହସି କହିଲେ, ''ଦେବର୍ଷି ! ଏ ପୃଥିବୀକୁ ଆସି ଆମେ ବହୁ କଥା ଅବଗତ ହେଲେ । ଏଠାକୁ ଆସି ଆମେ ତ ପୁଣି ନିଜେ ନିଜକୁ ଭୁଲିଗଲେ । ତେଣୁ ମର୍ତ୍ତ୍ୟର ସାଧାରଣ ମଣିଷମାନେ ଜୀବନ ଜଞ୍ଜାଳରେ ଘାରି ହୋଇ କେମିତି ଅବା ନିଜ ମୂଳ ସ୍ମୃତିକୁ ଖୋଜି ପାଇବେ ? ପରମା

ମାତୃଶକ୍ତିଙ୍କୁ ଆବାହନ କରି ନିଜ ଭିତରେ ଖୋଜି ପାଇଲେ ସିନା ସେମାନଙ୍କ ଚେତନାର ପରିବର୍ତ୍ତନ ହେବ । ସେହି ପରମା ଦିବ୍ୟ ଜନନୀ ମଣିଷର ଚେତନାକୁ ପୂର୍ଣ୍ଣ କରିବେ ଓ ମାନବ ଚେତନା ଦିବ୍ୟ ଚେତନାକୁ ଧାରଣ କରିବାକୁ ସକ୍ଷମ ହେବେ ।

ତେଣୁ, ''ଆସ ! ସୂକ୍ଷ୍ମ ରୂପରେ ମଣିଷମାନଙ୍କ ଭିତରେ ରହି ସେମାନଙ୍କ ଚେତନାକୁ ଊର୍ଦ୍ଧ୍ୱଗାମୀ କରିବାରେ ସାହାଯ୍ୟ କରିବା ।'' ଉତ୍ତରରେ ନାରଦ କାନ୍ଦ କାନ୍ଦ ହୋଇ କହିଲେ, ''ପ୍ରଭୁ ! ଆପଣ ସେହି କାମରେ ଥା'ନ୍ତୁ । ମୁଁ ଚାଲିଲି । ମୋର ଆପଣଙ୍କ ନାମ ଜପ ଭଲ ତ ସବୁ ଭଲ ।'' ଏହା କହି ନାରଦ ଚାଲିଗଲେ ।

ସେହିଦିନଠୁ ଭଗବାନ୍ ମଣିଷ ଭିତରେ ରହି ମଣିଷକୁ ଏକ ଉଚ୍ଚତର ଚେତନାକୁ ଯିବା ପାଇଁ ପ୍ରେରଣା ଦେଉଛନ୍ତି । ଏଥିଅନ୍ତେ ମଣିଷ ରୂପରେ ଭଗବାନ୍ ... ... ସେ କହୁଥିବା ଗପ କେହି ଶୁଣୁଛନ୍ତି କି ନାହିଁ ସନ୍ଦେହ ହେବାରୁ ହଠାତ୍ ଆଈ ଗପଟିକୁ ଅଧାରଖି ମୋତେ ଚାହିଁଲା । ସେତେବେଳକୁ ଅଜା ଓ ଘରର ସମସ୍ତେ ଗାଢ଼ ନିଦରେ ଶୋଇ ଘୁଙ୍ଗୁଡ଼ି ମାରୁଥିଲେ । ସବୁ ଶୋଇ ଗଲେଣି ଭାବି ହାଇଟିଏ ମାରି ଆଈ ବି ଶୋଇ ପଡ଼ିଲା । ସେଦିନ ମୁଁ କିନ୍ତୁ ଆଖି ବୁଜି ଆଈର ସେ କାହାଣୀକୁ ସାରା ରାତି ସ୍ୱପ୍ନରେ ସତ ବୋଲି ଭାବୁଥିଲି ।

ମୁଁ ଯେବେ ବି ଆଈକୁ ଏ ଗପ ବାବଦରେ ପଚାରେ ସେ ହସିଦେଇ କୁହେ, ''ଆରେ ! ତୁ କେଉଁ ଗପ କଥା କହୁଛୁ ? କାଲିର ଗପ କ'ଣ ଆଜିକୁ ମନେ ରୁହେ ? ଜୀବନ ପରା ବଡ଼ ଗପଟିଏ !''

ଆଜିଯାଏ ଆଈ କହିଥିବା ସେ ଗପ ମୋର ମନେ ଅଛି । ମୁଁ ଭଲ କରି ଜାଣେ ଯେ ମୋ ପାଇଁ ସେ ଗପଟିକୁ ଆଈ ତା' ମନରୁ କହିଥିଲା । ହେଲେ ସେ ଏମିତି ଗପଟେ କେମିତି ତିଆରି କରି ପାରିଲା ? ପ୍ରତିଦିନ ଠାକୁରଙ୍କୁ ଭୋଗ ନ ଲଗାଇ ଖାଉ ନଥିବା ମୋ ଆଈର ମନକୁ ସେ ନୂଆ ଗପଟି କେମିତି ଆସି ଯାଇଥିଲା ସତେ !

ଯେବେ ଯେବେ ମୋ ମନରେ ଏହି ପ୍ରଶ୍ନଟି ଉଙ୍କି ମାରେ ସେବେ ସେବେ ସେଦିନ ଶୁଣିଥିବା ଆଈର ନୂଆ ଗପ ମୋତେ ସତ ପରି ଲାଗେ । ❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି,
ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା
**Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର
PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ
ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

**ଆମ ଦେଶର ଲୋକ କଥା :**

# ବିଚାରବନ୍ତ ରାଜାପୁଅ

ଅବଧ ପ୍ରାନ୍ତରେ ଜଣେ ରାଜା ଥିଲେ । ତାଙ୍କର ତିନୋଟି ପୁଅ ଥିଲେ । କ୍ରମଶଃ ରାଜା ବାର୍ଦ୍ଧକ୍ୟରେ ପହଞ୍ଚିଲେ । ଭାବିଲେ ଏ ତିନିଜଣଙ୍କ ଭିତରୁ ରାଜା ହେବା ପାଇଁ ଉପଯୁକ୍ତ କିଏ ? ସମସ୍ତେ ତ କୃତବିଦ୍ୟ । ମାତ୍ର ରାଜ୍ୟ ଚଳାଇବା ପାଇଁ ତ ଖାଲି ବିଦ୍ୟାଶିକ୍ଷା ଯଥେଷ୍ଟ ନୁହେଁ । ବୁଦ୍ଧି-ବିବେଚନା, କୌଶଳ, ଚତୁରତା, କର୍ମଚାରୀମାନଙ୍କୁ ସମ୍ଭାଳିବା ନୀତି, ଶାସନ ପରିଚାଳନା, ଯୁଦ୍ଧ ପରିଚାଳନା, ପ୍ରତିବେଶୀ ରାଜ୍ୟ ସହିତ ସମ୍ବନ୍ଧ ... ଇତ୍ୟାଦି ଅନେକ କଥା ତ ରହିଛି । ଏସବୁ ଛଡ଼ା ନ୍ୟାୟ-ଅନ୍ୟାୟକୁ ବୁଝିବା, ତଦନୁଯାୟୀ ବିଚାର କରିବା, ଦଣ୍ଡଦେବା ମଧ୍ୟ । ତହୁଁ ସେ ତିନିପୁଅଙ୍କୁ ଥରେ ପାଖକୁ ଡାକିଲେ । ମନ ଭିତରେ ଥାଏ ପ୍ରଶ୍ନ ଛଳରେ ସେମାନଙ୍କ ବୁଦ୍ଧି ପରଖିବା । ସେ କହିଲେ, ''ଆମେ ଜଣକ ଉପରେ ବିଶ୍ୱାସ ସ୍ଥାପନ କରିଥିବା, ମାତ୍ର କୌଣସି ଏକ ସମୟରେ ଦେଖିଲୁ ଯାହା ଉପରେ ନିଜ ଜୀବନ, ଧନ ଆଦି ଭରସା କରି ଛାଡ଼ି ଦେଇଥିଲୁ, ସିଏ ବିଶ୍ୱାସଘାତକତା କରିଛି । ତା' ଦ୍ୱାରା ଆମ ଜୀବନ ବିପନ୍ନ ହେବାକୁ ଯାଉଛି, ସେ କ୍ଷେତ୍ରରେ କ'ଣ କରଣୀୟ ?''

ବଡ଼ ପୁଅ ବିଶେଷ ଭାବନା ଚିନ୍ତା ନକରି କହିବସିଲା, ''ଲୋକଟିକୁ ମୃତ୍ୟୁଦଣ୍ଡ ଦେଇଦେବା ଉଚିତ ନୁହେଁ କି ?'' ମଝିଆ ପୁଅ ମଧ୍ୟ ଠିକ୍ ବଡ଼ଭାଇକୁ ଅନୁକରଣ କଲାଭଳି କହିପକାଇଲା, ''ହଁ ସେଇଆ ସେଇଆ, ଯିଏ ବିଶ୍ୱାସଘାତକତା କରିଛି, ତା' ପାଇଁ ନରମ ହେବା ଏକାନ୍ତ ଅନୁଚିତ, ସମସ୍ତଙ୍କ ଆଗରେ ତା'ର ମୁଣ୍ଡକାଟ ହେବା ଦରକାର; ଯାହାକୁ ଦେଖିଲେ ଅନ୍ୟ ଲୋକଙ୍କର ଭୟହେବ ଏପରି ହୀନ କାମ କରିବାକୁ ।''

ବୁଢ଼ାରାଜା ଦୁଇପୁଅଙ୍କ କଥା ଶୁଣିଲେ । ଏମିତି ତରବରିଆ ଉତ୍ତରରେ ହୁଏତ ସିଏ ସନ୍ତୁଷ୍ଟ ହେଲେନି । ସାନପୁଅ ଆଡ଼କୁ ଅନାଇଲେ । ଦେଖିଲେ ସେ ନୀରବ ହୋଇ କିଛି ଭାବୁଛି । ପଚାରିଲେ ତାକୁ, ''କ'ଣ ତୋର ମତ, ସେଭଳି ଲୋକକୁ ନେଇ ତୁ ରାଜା ହୋଇଥିଲେ କ'ଣ ନ୍ୟାୟ କରିଥା'ନ୍ତୁ ?''

ସାନପୁଅ ମୁଣ୍ଡ ଉଠାଇ କହିଲା, ''ସିଏ ବିଶ୍ୱାସଘାତକତା କରିଛି ବୋଲି ପ୍ରମାଣ କ'ଣ, ହୁଏତ ବାହାରକୁ ସେପରି ଚିତ୍ରିତିଏ ଆସିଛି, ମାତ୍ର ତା' ପଛରେ ସତ୍ୟତା ଅଛି କି ନାହିଁ – ଆଗେ ଦେଖିଥା'ନ୍ତି । ସମ୍ଭବତଃ ଘଟଣା ଯେପରି ପ୍ରତୀତ ହେଉଛି, ସେଥିରେ ସତରେ ତା'ର ଦୋଷ ନଥାଇ ପାରେ । ମଝିରେ ଆଉ କିଛି ଘଟି ଥାଇପାରେ । ପ୍ରଥମେ ଅନୁସନ୍ଧାନ କରିବା, ତା'ପରେ ଦୋଷୀ-ନିର୍ଦୋଷ ଜାଣିବା, ତା'ପରେ ଯାଇ ଦଣ୍ଡ ବିଧାନ । ଦଣ୍ଡ ଦିଆଯିବା ଦରକାର କି ନାହିଁ – ଆଉ କି ପ୍ରକାର ଦଣ୍ଡ ତା'ର ବିଚାର ହେବା ଉଚିତ । ହଠାତ୍ ଦଣ୍ଡ ଦେଇସାରି ପରେ ଯଦି ଜାଣିବା ଯେ ପ୍ରକୃତରେ ସେଇ ଲୋକ ନିର୍ଦୋଷ, ସେତେବେଳେ ତ ଆଉ କିଛି କରିବାକୁ ନଥିବ !''

ରାଜା : ଏପରି କେଉଁଠି ଘଟିଛି କି ? ଜାଣିଛୁ କି ସେମିତି କିଛି ?

ସାନପୁଅ : ହଁ, ମୋ ଶୁଣିବାରେ ବିଦର୍ଭ ଦେଶରେ ଏପରି ଏକ ଅବିଚାରିତ କାମ ହୋଇଥିଲା, ପରେ ଯାହାକୁ ଆଉ ସଜାଡ଼ି ହେଲାନି, କାରଣ ବିଚାର ଥିଲା ଦୋଷଯୁକ୍ତ ଓ ପରିଣାମ ହେଲା ମୃତ୍ୟୁ ।

ରାଜା ପଚାରିଲେ ସାନପୁଅକୁ, ''କ'ଣ ହେଲା ପ୍ରକୃତରେ ?''

ସାନପୁଅ କହିଲା – ବିଦର୍ଭ ଦେଶର ରାଜାଙ୍କର ଶୁଆଟିଏ ଥିଲା । ଖୁବ୍ ବିଶ୍ୱସ୍ତ ଓ ଖୁବ୍ ବୁଦ୍ଧିମାନ୍ । ଶୁଆଟି ମଣିଷ ପରି କଥା କହୁଥିଲା ଓ ବୁଝୁଥିଲା, ଅନେକ ଭାଷା ଜାଣିଥିଲା । ତାକୁ ପଞ୍ଜୁରିରେ ରଖାହେଉ ନଥିଲା । ସେ ଖୋଲା ଆକାଶରେ ଉଡ଼ି ବୁଲୁଥିଲା, ଠିକ୍ ସମୟରେ ଉଆସକୁ ରାଜାଙ୍କ ପାଖକୁ ଫେରି ଆସୁଥିଲା ନୂଆ ନୂଆ ସମାଚାର ନେଇ । ତା' ନା ଥିଲା ହିଁସୁକ । ସିଏ ରାଜଧାନୀ ପାର ହୋଇ ଏକ ଅରଣ୍ୟ ପ୍ରଦେଶରେ ପ୍ରବେଶ କଲା, ହଠାତ୍ ତା'ର ନିଜ ପିତାଙ୍କ ସହ ଦେଖାହେଲା । ବାପାଶୁଆ ପୁଅକୁ ଦେଖି ଖୁସିହେଲା; ପୁଅ ଶୁଆ ପାଖରୁ ରାଜା, ରାଜପରିବାର ଓ ରାଜ୍ୟର ହାଲଚାଲ ପଚାରି ବୁଝିଲା । ହିଁସୁକ ବି କହିଗଲା ତା'ର ଶୁଆ-ଭାଷାରେ । ବାପାଶୁଆ କହିଲା, 'କେତେଦିନ ପାଇଁ ଘରକୁ ଚାଲ, ତୋ ମା' ଓ ଭାଇ ଭଉଣୀ ସଙ୍ଗେ ତୋର ଅନେକ ଦିନରୁ ଦେଖା ହୋଇନି, ଦେଖିଆସିବୁ ।' ହିଁସୁକ କହିଲା, 'ହଁ, ଭଲ ହୁଅନ୍ତା,

ମାତ୍ର ରାଜା ମହାଶୟଙ୍କୁ ନକହି ମୁଁ ତ ଯାଇପାରିବିନି । ତାଙ୍କଠୁ ଅନୁମତି ନେଇ କରି ଯିବି ଓ କଣ୍ଟ ସମୟରେ ଫେରିଆସିବି ।''

ବାପାଠୁ ବିଦା ହୋଇ ବିଦର୍ଭ ଦେଶର ରାଜଧାନୀରେ ପହଞ୍ଚିଲା ହିଁସୁକ । ରାଜାଙ୍କଠାରୁ ଅନୁମତି ମାଗିଲା ନିଜ ଗାଁ-ଭୂଇଁ ଦେଖିଆସିବ ବୋଲି । ରାଜା କହିଲେ –'ହଁ, ହଁ ଯା', ମାତ୍ର ବେଶୀଦିନ ନ ରହି ଶୀଘ୍ର ଫେରିଆସିବୁ, ମାଆବାପା, ବନ୍ଧୁ-ବାନ୍ଧବଙ୍କ ସହ ଦେଖା ସାକ୍ଷାତ୍ କର । ତେବେ ବେଶୀ ଦିନ ଏଠି ଅନୁପସ୍ଥିତ ରହିଲେ ମୋତେ ଭଲ ଲାଗିବ ନାହିଁ ।'

ହିଁସୁକ ତା' ଅଞ୍ଚଳକୁ ଉଡ଼ିଗଲା । ତା' ମା' ପୁଅକୁ ଅନେକ ଦିନ ପରେ ଦେଖି ଖୁସି ହେଲା । ଭାଇଭଉଣୀ, ପରିବାରବର୍ଗଙ୍କର ହାଲଚାଲ ହିଁସୁକ ପଚାରିଲା, ସେମାନଙ୍କ ସୁଖରେ ସୁଖୀ, ଦୁଃଖରେ ଦୁଃଖୀ ହେଲା; ଚାହୁଁ ଚାହୁଁ ଦୁଇ ସପ୍ତାହ ବିତିବା ଉପରେ । ହିଁସୁକର ମାଆବାପା କହିଲେ – 'ରାଜାଙ୍କ ପାଇଁ ଆମ ତରଫରୁ କିଛି ଉପହାର ନେଇଯା' ।

ହିଁସୁକ କହିଲା – ରାଜାଙ୍କୁ କ'ଣ ଅଭାବ ଯେ ତାଙ୍କ ପାଇଁ ଉପହାର ନେବି ? ବାପାଶୁଆ କହିଲା – ରାଜାଙ୍କ ପାଇଁ କ'ଣ ଉପଯୁକ୍ତ ଦ୍ରବ୍ୟ ମୁଁ ଜାଣେ, ଏବେଠାରୁ ବାହାରି ଯାଉଛି, ସେଇ ଅପ୍ରାପ୍ୟ ଦ୍ରବ୍ୟଟି ନେଇଆସିବି । ତୁ ଫେରିଯିବା ଆଗରୁ ମୁଁ ପହଞ୍ଚିଯିବି ଯେ ।

ଅଦ୍ଭୁତ ସେଇ ଶୁଆ, ତା' ମା'ବାପା ବି ସେଇପରି – ପକ୍ଷୀଜାତିର ହେଲେ ବି ସ୍ୱଭାବ ଚରିତ୍ର ସବୁ କେମିତି ଅଲଗା । ଅପରାହ୍ଣରେ ବାପାଶୁଆ ଫେରିଲା ଥଣ୍ଟରେ ଗୋଟିଏ ସୁନାରଙ୍ଗର ଫଳ ନେଇ । ଫଳର ବାହାର ରଙ୍ଗ ଯେମିତି ସୁନ୍ଦର, ତା' ଭିତରଟା ବି ସେତିକି ମିଠା ଓ ନରମ । ଗୁଣବତ୍ତା ଆହୁରି ଚମତ୍କାର । ବାପାଶୁଆ ବତାଇଲା –''ଏଇଟି ଯିଏ ଖାଇବ, ବୃଦ୍ଧ ହୋଇଥିଲେ ସିଏ ଯୁବକସୁଲଭ ହୋଇଯିବ । ଦୁର୍ବଳ ହୋଇଥିଲେ ସିଏ ବଳବାନ୍ ହୋଇଯିବ, ଦୀର୍ଘଜୀବୀ ହେବ, ଏପରିକି ମୃତ୍ୟୁର ଖାତାରୁ ତାଙ୍କ ନାଁ କଟି ଯିବ । ହିଁସୁକ ତୁ ଏଇଟି ରାଜା ମହାଶୟଙ୍କ ପାଇଁ ନେଇଯା' – ଆମ ତରଫରୁ ଭେଟି । ଲୋଭନୀୟ ଯେହେତୁ ସାବଧାନରେ ନେବୁ । ଏହା ଖାଇଲେ ସବୁଥିରେ ତାଙ୍କର ସାମର୍ଥ୍ୟ ବଢ଼ିବ ।''

ହିଁସୁକ ପରିବାରର ସମସ୍ତଙ୍କ ପାଖରୁ ବିଦା ହୋଇ ଗଲାବେଳକୁ ସନ୍ଧ୍ୟା ଘନେଇ ଆସିଲାଣି । ଖୁବ୍ ଶୀଘ୍ର ସେ ଉଡ଼ିଗଲା, ମାତ୍ର ଅନ୍ଧାର ମାଡ଼ି ଆସିଲା । ଶୁଆ ଏକ ବଡ଼ ଗଛ ଦେଖି ଆଶ୍ରୟ ନେଲା; ମୂଲ୍ୟବାନ୍ ଫଳଟିକୁ କେଉଁଠି ଥୋଇବ, ଖୋଜି ଦେଖିଲା ବୃକ୍ଷରେ ଏକ କୋରଡ଼ ଅଛି । ତା'ରି ଭିତରେ ଫଳଟି ରଖି ପାଖ ଶାଖାଟିରେ ବିଶ୍ରାମ ନେଲା । ମାତ୍ର ମଝିରାତିରେ ସାପଟିଏ ଆସିଲା, ସେଇ କୋରଡ଼ଟା ତା'ର ଘର, ଫଳରେ ତା'ର ବି ବିଶ୍ରାମର ସ୍ଥଳ । ମାତ୍ର କୋରଡ଼ ଭିତରେ ପଶିବା ପାଇଁ ଓ ଫଳଟିକୁ ଆଡ଼େଇ ଦେବା ପାଇଁ ସେ ସେଥିରେ ଦାନ୍ତ ବସାଇ ଦେଇଛି । ତାକୁ ଫଳଟିର ସ୍ୱାଦ ଭଲଲାଗିନି, ମାତ୍ର ଦାନ୍ତ ଭିତର ଦେଇ ସାମାନ୍ୟ ବିଷ ତହିଁରେ ସଞ୍ଚାରିତ ହୋଇଯାଇଛି । ଭୋରବେଳା ଚଢ଼େଇସବୁ ରାବିବାରୁ ଶୁଆ ହିଁସୁକର ନିଦ ଭାଙ୍ଗିଗଲା ଓ ସେ ଥଣ୍ଟରେ ଫଳଟି ଧରି ବିଦର୍ଭ ଦେଶ ଦିଗରେ ଉଡ଼ିଗଲା । ଯେତେବେଳେ ସେ ପହଞ୍ଚିଛି ସେତେବେଳେ ରାଜା ସଭାରେ ବସିଛନ୍ତି, ତାଙ୍କ ପାର୍ଷଦବର୍ଗଙ୍କ ସହ । ଶୁଆ ପକ୍ଷୀଟିକୁ ଦେଖି ରାଜା ଖୁସି ହୋଇ ହାତ ବଢ଼ାଇ ଦେଇଛନ୍ତି । ସେ ବି ରାଜାଙ୍କ ହାତରେ ଅପୂର୍ବ ଫଳଟି ଥୋଇ ଦେଇ ତା' ବାପାଶୁଆ ଫଳଟି ସମ୍ବନ୍ଧରେ ଯାହା ଯାହା କହିଥିଲା – ସବୁ ବତାଇ ଦେଲା । ଏତେ ସୂକ୍ଷ୍ମ ସେଇ ସାପର ଦଂଶନ ଯେ, କିଛି ବି ଚିହ୍ନ ଫଳରେ ଦେଖା ଯାଉ ନଥିଲା । ରାଜା ସଭାସଦ୍‌ଙ୍କୁ ତାଙ୍କର ଶୁଭାକାଂକ୍ଷୀ ଶୁକପକ୍ଷୀଟିର ଗୁଣ ବଖାଣି ଫଳଟି ଖାଇବାକୁ ଉଦ୍ୟତ ହେଲା ବେଳେ ବୃଦ୍ଧ ମନ୍ତ୍ରୀ କହିଲେ, ''ଆଜ୍ଞା ମହାଶୟ ! ମଣିମା ନିଜେ ଖାଇବା ପୂର୍ବରୁ ଫଳରୁ ଖଣ୍ଡେ କାଟି କୌଣସି ଜୀବ ଆଗରେ ରଖି ଦିଆଯାଉ, ସେ ଖାଇଲା ପରେ ତା'ର ଯଦି କିଛି କ୍ଷତି ନହୁଏ, ତା'ପରେ ଆପଣ ଖାଇପାରନ୍ତି । ଏହା ପରେ ବିପଦର ଆଶଙ୍କା ଆଉ ନଥିବ ।''

ତାହାହିଁ କରାଗଲା, ଫଳରୁ ଟିକିଏ କାଟି ରାଜସଭା ବାହାରେ ଗଛ ଡାଳରେ ବସିଥିବା କୁଆପଲ ଆଗରେ ପକାଇ ଦିଆଗଲା । ପଲକ ଯାକ ଉଡ଼ି ଆସିଲେ, ଗୋଟିଏ କୁଆ ତରତର ହୋଇ ଫଳ ଟୁକୁରାକୁ ନେଇ ଶାଖା ଉପରକୁ ଉଡ଼ିଗଲା ଓ ତାକୁ ଖୁମ୍ପି କରି ଗିଳିଦେଲା; ଟିକିଏ ସମୟ ପରେ ସେଠାରୁ ଖସିପଡ଼ିଲା ତଳକୁ ଓ ମରିଗଲା । ସଭାସଦ୍ କେତେଜଣଙ୍କୁ ନେଇ ମନ୍ତ୍ରୀ ସେଠାରେ ଅପେକ୍ଷା କରିଥିଲେ । କାଉପକ୍ଷୀକୁ ଫଳଭକ୍ଷଣ ପରେ ମରିଯିବାର ସମ୍ବାଦ ରାଜାଙ୍କ ପାଖରେ ପହଞ୍ଚିଗଲା । ରାଜା ଆଶ୍ଚର୍ଯ୍ୟ ହୋଇ ତାଙ୍କ ପ୍ରିୟ ଶୁଆକୁ ଚାହିଁଲେ । କ୍ରୋଧରେ ତାଙ୍କର ଆଖି ଲାଲ ହୋଇଗଲା, ପୁଣି ଯେତେବେଳେ ବୃଦ୍ଧ ମନ୍ତ୍ରୀ କହିଲେ, ''ଦେଖିଲେ ତ ! ଆପଣ ସିନା ଶୁଆଟିକୁ ବିଶ୍ୱସ୍ତ ମନେ କରୁଛନ୍ତି, କିନ୍ତୁ ସିଏ ଆପଣଙ୍କୁ ମାରିଦେବାର ଇଚ୍ଛାରେ ବିଷ ଫଳଟିଏ ସଂଗ୍ରହ କରିଆଣିଛି ।

ଆଜି ସିନା ଫଳଟି କାଉ ଖାଇଲାରୁ କଥାଟା ଜଣାଗଲା, ନହେଲେ କ'ଣ ଦଶା ହୋଇଥା'ନ୍ତା ଆଜ୍ଞା ମଣିମାଙ୍କର ।''

ରାଜାଙ୍କ ରାଗ ତ ଚଢ଼ିଗଲା । ଗୋଟାଏ ହାତରେ ଶୁଆଟିକୁ ଓ ଅନ୍ୟ ହାତରେ ଅଣ୍ଟାରୁ ଛୁରୀଟି କାଢ଼ି ବାହାରକୁ ଆସିଲେ । ଦେଖଣାହାରୀଙ୍କ ଆଗରେ ଶୁଆକୁ 'ବିଶ୍ୱାସଘାତକ', 'ନିମକହାରାମ' ଆଦି ଗାଳି ଦେଇ ଗୋଟାଏ ଚୋଟ ପକାଇଲେ । ସେତିକିରେ ତା'ର ମୃତ୍ୟୁ ହେଲା । ରାଜାଙ୍କ ଆଦେଶରେ ଫଳଟିକୁ ଦୂରରେ ନେଇ ନିଛାଟିଆ ଜାଗାରେ ଫୋପାଡ଼ି ଦିଆଗଲା ଗୋଟିଏ କଣ୍ଟାବୁଦା ଭିତରେ ଓ ଚାରିପଟେ ତା'ର ବାଡ଼ ଦେଇ ବନ୍ଦ କରି ଦିଆଗଲା ।

ରାଜାଙ୍କ ସାନପୁଅ କହି ଚାଲିଲା ବାପା ଓ ଭାଇମାନଙ୍କ ଆଗରେ, ''ଉଆସରେ ରାଜା ଆସନ୍ନ ମୃତ୍ୟୁରୁ ରକ୍ଷା ପାଇଛନ୍ତି ବୋଲି କିଛି ସ୍ୱସ୍ତି ହୋମ ହେଲା, କିଛି ଦାନପୁଣ୍ୟ ବି କରାଗଲା । କ୍ରମଶଃ ଲୋକେ ସେଇ ରାଜାଙ୍କ ଶୁଆ ହିଁସୁକର କଥା ଭୁଲି ଗଲେ । ଏହା ଭିତରେ କିଛି ବର୍ଷ ବିତିଯାଇଛି । ଥରେ ରାଜଦରବାରକୁ କମ୍ ବୟସର ଦମ୍ପତି ଆସି ପହଞ୍ଚିଲେ ଓ ରାଜଦର୍ଶନ ପାଇଁ ଅନୁମତି ମାଗିଲେ । ଦୁହିଁଙ୍କୁ ଅନୁମତି ମିଳିଲା । ସେମାନେ ହାତରେ ଗୋଟିଏ ଫଳ ଆଣିଥିଲେ, ଦେଖିବାକୁ ଖୁବ୍ ସୁନ୍ଦର ଫଳଟି । ରାଜାଙ୍କୁ ଭେଟି ସେମାନେ କହିଲେ, ''ମଣିମା ! ଆମେ ଦୁହେଁ ସେଇ ଅମୁକ ଗାଁର ଅଧିବାସୀ, ବୟସ ଆମର ପାଞ୍ଚ କୋଡ଼ି ପାଖାପାଖି, ନିଃସନ୍ତାନ ହୋଇଥିବାରୁ ଆମର ଯତ୍ନ ନେବାକୁ କେହି ନାହିଁ, ନିତି ଖଟି ନିତି ଖାଉ, ବେଳକୁ ବେଳ ଖଟିବାର ବଳ ଚାଲିଗଲା । ମଣିଷ ଯେତେବେଳେ – ଭୋକ-ଶୋଷ, ବେରାମ-ଆରାମ ତ ରହିଛି; ଶେଷକୁ ଆଉ ଘୋଷାରି ହୋଇ ପାରିଲୁନି, ଭାବିଲୁ ସେଇ ନିଷିଦ୍ଧ ବୃକ୍ଷର ଫଳ ଖାଇ ବୁଢ଼ା-ବୁଢ଼ୀ ଦୁହେଁ ଯାକ ଏକାଠି ମରିବୁ । ସେଥିପାଇଁ ଗତକାଲି ସନ୍ଧ୍ୟାପୂର୍ବରୁ ସେଇ ଗଛ ପାଖକୁ ଯାଇ ଫଳ ଦୁଇଟି ଆଣିଛୁ । ଗୋଟାଏ ଖାଇ ଯଦି ମୃତ୍ୟୁ ନହୁଏ ତେବେ ଆରଟା ବି ଖାଇବୁ ଭାବିଥିଲୁ । କାଲି ଫଳଟିଏ କାଟି ଖାଇ ଦୁହେଁ ଶୋଇଲୁ, ଆଜି ସକାଳୁ ଉଠି ଦେଖୁଛୁ ବୁଢ଼ାପଣିଆ ଆଉ ନାହିଁ ଆମଠି, ଆମେ ତ ଏବେ ଯୁବାବସ୍ଥା ଫେରିପାଇଛୁ । କାମଦାମ କରିବାକୁ ସମର୍ଥ ହୋଇଛୁ । ଆଉ ଫଳଟି ଆପଣଙ୍କୁ ଦେଖାଇବାକୁ ନେଇ ଆସିଛୁ । ଏ ଫଳରେ ସତରେ ଯାଦୁ ଅଛି ।''

ରାଜା ଦୁହିଁଙ୍କର କଥା ଶୁଣି ଆଶ୍ଚର୍ଯ୍ୟ ହେଲେ, ସେ ଗାଁରୁ ଆଉ ଦୁଇ, ଚାରିଜଣ ବି ଆସିଥିଲେ ସଙ୍ଗରେ । ସେମାନେ ସାକ୍ଷ୍ୟ ଦେଲେ : ସତରେ ଏ ଦୁହେଁ ସେଇମାନଙ୍କ ଗାଁର ସବୁଠାରୁ ବୟସ୍କ ଲୋକ । ରାଜା ସେତେବେଳେ ଯାଇ ବୁଝିଲେ ଯେ ଶୁଆ ଯେଉଁ ଫଳ ଆଣିଥିଲା ଓ ଯାହା କହୁଥିଲା, ତହିଁରେ କିଛି ସତ୍ୟ ଥିଲା; ''କିନ୍ତୁ ମୁଁ ତ ତରତର ହେଲି, ଖାଲି ଫଳଟା ଫୋପାଡ଼ି ଦେଇଥିଲେ ହୋଇଥା'ନ୍ତା କିଂବା ଶୁଆଟିକୁ ନ ପୋଷି ବଣରେ ଛାଡ଼ି ଦେଇଥିଲେ ହୋଇଥା'ନ୍ତା । ସେ ତ ମଣିଷ ଭଳି କଥା କହୁଥିଲା, ତା'ଠାରୁ ପୂର୍ବାପର ଘଟଣା ବୁଝିଥିଲେ ବି ହୋଇଥା'ନ୍ତା – ମାତ୍ର ? ହାତରୁ ଥରେ ଖସି ଯାଇଥିବା ସୂତାଖିଅ ଆଉ କି ଯୋଡ଼ି ହୁଏ ? ବିଶ୍ୱସ୍ତ ହିଁସୁକ ଆଉ କ'ଣ ଫେରିବ ?''

ଅବଧ ରାଜାଙ୍କ ସାନପୁଅ ବାପାଙ୍କ ଆଗରେ ଗପଟି ଶେଷ କଲା । ''ବିଦର୍ଭ ରାଜା ଫଳଟିକୁ ବିଷଫଳ ମନେ କରି ଫୋପାଡ଼ି ଦେଲେ, ମାତ୍ର ତା' ଭିତରେ ଯେଉଁ ମଞ୍ଜିଟି ଥିଲା ତାହା ଥିଲା ନିଖୁଣ, ସେଇଥିରୁ ନୂଆ ଗଛ ଉଠିଲା ଓ ନୂଆ ବୃକ୍ଷର ନୂଆ ଫଳରେ ବିଷର ଦୋଷ ନଥିଲା । ମାତ୍ର ଉପକାରୀ ଶୁଆଟିର ଆଉ ଫେରିବାର ବାଟ ନଥିଲା । ସୁତରାଂ, ମହାରାଜ ! କିଛି ସିଦ୍ଧାନ୍ତ ବା ନିର୍ଣ୍ଣୟ ନେବା ଆଗରୁ ଭାବି ବିଚାରି, ଆଉ ପାଞ୍ଚଜଣଙ୍କ ପରାମର୍ଶ ନେଇ ରାୟଦେବା ଉଚିତ । ଅତି ତୁରନ୍ତ ଶେଷ ସିଦ୍ଧାନ୍ତ ନେବା, ଶାସ୍ତିଟିକୁ କାର୍ଯ୍ୟକାରୀ କରିବା ଠିକ୍ ନୁହେଁ ।''

ଅବଧ ରାଜା ଦେଖିଲେ ତାଙ୍କର ତିନିପୁଅଙ୍କ ଭିତରେ ସାନଟିହିଁ ବିଚାରବନ୍ତ, ତା'ର ଧୈର୍ଯ୍ୟ ଅଛି, ଦୟା-କ୍ଷମା ଆଦି ରହିଛି, ତେଣୁ ସେହିଁ ରାଜପଦ ପାଇଁ ଉପଯୁକ୍ତ । ଖାଲି ବଳ ଥିଲେ, ବିଚାର ନଥିଲେ ରାଜପଦ ପାଇଲେ ବି 'ରାଜା' ବୋଲାଇବା ଉଚିତ ନୁହେଁ । ❑

ରାଗିଥିବା ସମୟରେ ଶବ୍ଦଟିଏ ବି ଉଚ୍ଚାରଣ କର ନାହିଁ ।

– ଶ୍ରୀମା

**ଫରାସୀ ଦେଶର ସତ୍ୟ କାହାଣୀ :**

# କର୍ତ୍ତବ୍ୟନିଷ୍ଠାର ଏକ ଦୃଷ୍ଟାନ୍ତ

ଫ୍ରାନ୍ସର କରୋଡ଼ୋନିସ୍‌ବେଲ୍ ନାମକ ଏକ ଦ୍ୱୀପରେ ଗୋଟିଏ ବତିଘର ଥିଲା । ସେ ସମୟରେ ବିଜୁଳୀବତିର ପ୍ରଚଳନ ହୋଇ ନଥିଲା । ବତିଘରଟିକୁ ଚଳାଇବା ପାଇଁ ଜଣେ କର୍ମଚାରୀ ନିଯୁକ୍ତ ଥିଲେ । ତାଙ୍କର କାମ ଥିଲା ସନ୍ଧ୍ୟାଠାରୁ ସକାଳ ପର୍ଯ୍ୟନ୍ତ ପ୍ରାୟ ଦଶ/ବାର ଘଣ୍ଟା ବତି ଜଳାଇ ରଖିବା ଏବଂ ସେ ବତି ମଧ୍ୟ ଘୂର୍ଣ୍ଣାୟମାନ ଅବସ୍ଥାରେ ଚାଲୁ ରହିବା ଦରକାର । ସାଗର ଉପର ଦେଇ ଯାଉଥିବା ଜାହାଜମାନେ ଏଇ ବତି ସାହାଯ୍ୟରେ ବିପଦସଂକୁଳ ସମୁଦ୍ର ମାର୍ଗକୁ ବାଦ୍ ଦେଇ ନିରାପଦ ଜଳପଥରେ ଯାତାୟାତ କରି ପାରୁଥିଲେ । ଏବେ ମଧ୍ୟ ବତିଘରର ମୂଲ୍ୟ ସେଇପରି ରହିଛି, ତେବେ ବିଦ୍ୟୁତ୍ ଶକ୍ତିର ଆବିଷ୍କାର ଫଳରେ କାମଟା ଅପେକ୍ଷାକୃତ ସହଜ ହୋଇଯାଇଛି । କାମଟି ଛୋଟିଆ ମନେ ହୋଇପାରେ; କିନ୍ତୁ ଏଥିରେ ଦାୟିତ୍ୱହୀନତାର ପରିଣାମ ଭୟାବହ ହୋଇଥାଏ ।

ସେଇ ସମୟର କଥା । ଦିନେ ଏପରି ହେଲା ଯେ ଅପରାହ୍ଣ ପରେ ପରେ ବତିଘରର କର୍ମଚାରୀ ହଠାତ୍ ଅସୁସ୍ଥ ହୋଇ ପଡ଼ିଲେ । ଅସୁସ୍ଥତା ବଢ଼ି ବଢ଼ି ଭୀଷଣ ଆକାର ଧାରଣ କଲା, ତା' ସହିତ ଅନ୍ଧାର ବି ମାଡ଼ି ଆସିଲା । ଶିଡ଼ିରେ ଚଢ଼ି ବତିଘରର ଶୀର୍ଷରେ ପହଞ୍ଚି ବତି ଜଳାଇବା କାମ ତାଙ୍କ ପାଇଁ ଅସମ୍ଭବ ହେଲା । ପରିବାରରେ ଥିଲେ କର୍ମଚାରୀ, ତାଙ୍କ ପତ୍ନୀ ଓ ପୁଅଝିଅ ଦୁହେଁ । ଝିଅଟି ବଡ଼, ଦଶ ବର୍ଷର ଓ ପୁଅଟି ସାତ ବର୍ଷର । ପତ୍ନୀ ସ୍ୱାମୀଙ୍କୁ ଧରାଧରି କରି ଶଯ୍ୟାରେ ଶୁଆଇ ଦେଲେ ଓ ପିଲାଙ୍କ ସାଙ୍ଗରେ ସିଏ ଲଣ୍ଠନଟିଏ ଧରି ଶିଡ଼ିରେ ବତିଘର ଉପରକୁ ଉଠିଗଲେ ଓ ସେଠାରେ ବତିଟି ଜଳାଇ ରଖି ପିଲାଙ୍କୁ କିଛି ସମୟ ସେଠାରେ ରଖି ତଳକୁ ଓହ୍ଲାଇ ଆସି ସ୍ୱାମୀଙ୍କର ପରିଚର୍ଯ୍ୟା କଲେ । ମାତ୍ର ଅସୁସ୍ଥତା ବଢୁଥାଏ, କିଛି ମାତ୍ର ଉପଶମ ହେଉ ନଥାଏ । ଦିନ ହୋଇଥିଲେ ଅବା ସେ ସହାୟତା ପାଇଁ କାହାକୁ ଡାକି ପାରିଥା'ନ୍ତେ । ସେ ରାତିଟି ଘମାଘୋଟ ଅନ୍ଧକାର ସାଙ୍ଗକୁ ସତେଅବା କାଳରାତ୍ରି ପରି ଝଞ୍ଜାବତାସ ଧରି ଆସିଥିଲା । ଠିକ୍ ସେତିକିବେଳେ ପିଲାଦୁହେଁ ଦୌଡ଼ି ଆସି ଖବର ଦେଲେ ଯେ ବତିଘରର ବତିଟି ଜଳୁଛି, ମାତ୍ର ତାହା ଆଗ ଭଳି ଘୂରୁ ନାହିଁ, ଗୋଟିଏ ଜାଗାରେ ସ୍ଥିର ରହି ଜଳୁଛି । କର୍ମଚାରୀଙ୍କ ପତ୍ନୀ ଚିନ୍ତାରେ ପଡ଼ିଲେ । ଏ ଅସମୟରେ ଖରାପ ହୋଇଥିବା ବତିଟିକୁ ସଜାଡ଼ିବା ପାଇଁ କେହି ଆସିବେ ନାହିଁ, ଏହା ନିଶ୍ଚିତ । ସେ ନିଜେ ସ୍ୱାମୀଙ୍କୁ ଶୁଆଇ ଦେଇ ପୁଣି ଥରେ ସୋପାନରେ ଚଢ଼ି ବତିଘରର ଶିଖରରେ ପହଞ୍ଚିଲେ । ବହୁ ଚେଷ୍ଟା କଲେ ବତିଟିକୁ ଘୂର୍ଣ୍ଣାୟମାନ ସ୍ଥିତିକୁ ଆଣିବା ପାଇଁ । ମାତ୍ର କଳକବ୍‌ଜାର ରହସ୍ୟ ଭିତରେ ସେ କିଂବା ତାଙ୍କ ପିଲାଏ କେହି ପଶି ପାରିଲେ ନାହିଁ । ହାତରେ ଘୂରାଇଲେ ସମୁଦ୍ରର ଚାରିପଟକୁ ଆଲୁଅ ଦେଖାଇ ବତିଟି ଘୂରୁଛି ଅଥଚ ହାତ ଛାଡ଼ିଦେଲେ ଆପଣାଛାଏଁ ଘୂରୁ ନାହିଁ, ସ୍ଥିର ହୋଇ ଜଳୁଛି ଗୋଟିଏ ଜାଗାରେ ।

କ'ଣ ହେବ ? ସମୁଦ୍ରର ଗୋଟିଏ ଦିଗ କେବଳ ଆଲୋକିତ ହେବ । ଅନ୍ୟ ସମସ୍ତ ଦିଗରେ ଆଲୁଅ ପଡ଼ିବ ନାହିଁ । ଅନ୍ଧକାର ପଟୁ ଜାହାଜ ଆସୁଥିଲେ ତାହା ଆଲୋକ ପଟର କିଛି ଅଂଶ ଦେଖିପାରିବ, ମାତ୍ର ଆଲୋକପଟରୁ ଆସୁଥିଲେ, ଅନ୍ଧକାର ପଟରେ କିଛି ଦେଖିପାରିବ ନାହିଁ ସେ ପୋତଟି । ଗୋଟିଏ ପୋତରେ ଅନ୍ୟ ପୋତର ଧକ୍କା ଲାଗିଯିବ – ଯାତ୍ରୀମାନଙ୍କ ଜୀବନ ବିପନ୍ନ ହେବ । ଜାହାଜ ବୁଡ଼ିଯିବ କି କ୍ଷତିଗ୍ରସ୍ତ ହେବ, ଧନ-ଜୀବନ ନଷ୍ଟ ହେବ – ଏଇଭଳି ସମୁଦ୍ରଯାତ୍ରୀଙ୍କୁ ସହାୟତା ଦେବା ପାଇଁ ତାଙ୍କ ସ୍ୱାମୀ ନିଯୁକ୍ତ । ତେଣୁ ସକାଳ ହେବାଯାଏଁ, ଗୋଟାଏ ପୂରା ରାତ୍ରି ତାଙ୍କୁ ଏଇ ବତିଟିକୁ ହାତରେ ଘୂରାଇବାକୁ ପଡ଼ିବ – ଏ ଦାୟିତ୍ୱ ସ୍ୱାମୀଙ୍କ ଅସୁସ୍ଥତାରେ ତାଙ୍କ ପରିବାରର କରଣୀୟ । ''ପିତାଙ୍କର ଶରୀର ଅସୁସ୍ଥ, ବେଳକୁ ବେଳ ଜୀବନୀଶକ୍ତି କ୍ଷୀଣ ହୋଇଯାଉଛି, ସେ ଆଉ ଉଠିପାରିବା ଭଳି ଲାଗୁ ନାହାନ୍ତି । ଏ ପରିସ୍ଥିତିରେ ପିଲାଏ, ତୁମେ ଦୁହେଁ କ'ଣ ଉଚିତ ମନେ କରୁଛ ?''– ଏକଥା ମା' ପଚାରିଲେ ପିଲାଙ୍କୁ । ପିଲା ଦୁହେଁ ସାହସର ସହିତ କହିଲେ, ''ଆମେ ଦୁହେଁ ପାଳି କରି ଏଇ ବତିଟିକୁ ଘୂରାଇବୁ ସକାଳର ଖରା ପଡ଼ିବା ଯାଏଁ । ଏହା ଦ୍ୱାରା ବତିଘରର ବତି ସ୍ୱାଭାବିକ ଭାବେ ସମୁଦ୍ର ଉପରେ ଆଲୁଅ ପକାଉଛି ବୋଲି ବୋଧ ହେବ ।''

ପିଲାଦୁହିଁଙ୍କୁ ଦାୟିତ୍ୱପୂର୍ଣ୍ଣ କାମରେ ଲଗାଇ ଦେଇ

ମହିଳାଜଣକ ତଳକୁ ଓହ୍ଲାଇ ଆସି ଦେଖିଲେ ସ୍ୱାମୀଙ୍କ ନିଃଶ୍ୱାସ-ପ୍ରଶ୍ୱାସ ଅତି କ୍ଷୀଣ ହୋଇଗଲାଣି । ତରତରରେ ସେ ତାଙ୍କର ପାଦତଳିପାରେ ଉଷୁମ ସେକ ପ୍ରୟୋଗ କଲେ । ଝରକାର ସରୁ ଫାଙ୍କ ଦେଇ ଯେଉଁ ଶୀତଳ ପବନ ଠେଲା ମାରୁଥିଲା, ତାକୁ ସବୁ ବନ୍ଦ କଲେ ଓ ତାଙ୍କ ଦୁଇ ହାତର ପାପୁଲିକୁ ନିଜ ହାତରେ ଘଷି ଘଷି ଆରାମ ଦେବାକୁ ଚେଷ୍ଟା କଲେ । ଏସବୁ ସତ୍ତ୍ୱେ ମଧ୍ୟ ସେ ବୁଝି ପାରୁଥିଲେ ଯେ ତାଙ୍କ ସ୍ୱାମୀ ଆଉ ବଞ୍ଚିବେ ନାହିଁ । ଶ୍ୱାସ ପ୍ରକ୍ରିୟା କ୍ରମଶଃ ପୀଡ଼ାଦାୟକ ହେଲା । ଭଦ୍ରଲୋକ ଆଖି ମେଲାଇ ଟିକିଏ ଚାହିଁଲେ ପତ୍ନୀଙ୍କୁ ଓ ତାଙ୍କ ଚକ୍ଷୁ ପିଲା ଦୁହିଁଙ୍କୁ ଖୋଜୁଛି ବୋଲି ମନେ ହେଲା; ପତ୍ନୀଙ୍କ ଦୃଷ୍ଟିକୁ ଅନୁସରଣ କରି ସୋପାନ ଶ୍ରେଣୀ ଆଡ଼କୁ ସେ ନଜର ଦେଲେ, କ୍ଷୀଣ ହସ ମୁହଁରେ ଖେଳିଗଲା, ତା'ପରେ ସେ ଆଖି ମୁଦିଲେ, ଆଉ ଖୋଲିଲେ ନାହିଁ । ପତ୍ନୀ ଦୁଃଖରେ ଭାଙ୍ଗି ପଡ଼ିଲେ ବି ପିଲାଦୁହିଁଙ୍କୁ ଡାକିଲେ ନାହିଁ । ରାତି ଯେ ପାହି ନାହିଁ, ପତିଙ୍କ ବକ୍ଷ ଉପରେ ହାତ ରଖି ଈଶ୍ୱରଙ୍କୁ ପ୍ରାର୍ଥନା କଲେ ।

ସକାଳ ହେବାରୁ ବତିଘରର ବତି ଲିଭାଇ ପିଲାଦୁହେଁ ହାତ ଲଣ୍ଠନଟି ଧରି ତଳକୁ ଓହ୍ଲାଇ ଆସିଲେ । ପିତାଙ୍କର ନିଥର ଶରୀର ଓ ମା'ଙ୍କର ଶୋକ-ସନ୍ତପ୍ତ ସ୍ଥାଣୁ ମୂର୍ତ୍ତିକୁ ଦେଖି ବୁଝିବାକୁ ବାକି ରହିଲା ନାହିଁ ଯେ ସେ ଆଉ ଇହଧାମରେ ନାହାନ୍ତି । ତିନିଜଣ ପରସ୍ପରକୁ କୁଣ୍ଢାଇ ଧରିଲେ, ଯେତେବେଳେ ବାହୁବନ୍ଧନ ଶିଥିଳ ହେଲା ସେମାନଙ୍କ ମୁହଁରେ ଅଶ୍ରୁ ନଥିଲା, ଥିଲା ଏକ ଖୁସି, କର୍ତ୍ତବ୍ୟପାଳନରେ ସହଯୋଗ କରି ଥିବାର ବିମଳ ଆନନ୍ଦ, ଜୀବନର ଜଟିଳତମ ପରିସ୍ଥିତିରେ ବି ସେମାନେ ସେଇ କରଣୀୟ କାର୍ଯ୍ୟଟିକୁ ସମ୍ପନ୍ନ କରିବାକୁ ଭୁଲି ନାହାନ୍ତି । ପରିବାର ଉପରେ ଦାରୁଣ କଷାଘାତ ପଡ଼ିଥିବା ବେଳେ ବି ସେମାନେ ଯେଉଁ କର୍ତ୍ତବ୍ୟଟିକୁ ନିଜର ବୋଲି ମାନି ନେଇଥିଲେ ସେଥିରେ ତ୍ରୁଟି ଘଟିବାକୁ ଦେଇ ନାହାନ୍ତି । ମହିଳାଜଣକ ପୀଡ଼ିତ ସ୍ୱାମୀଙ୍କୁ ନୀରବରେ ଈଶ୍ୱରଙ୍କ ଜିମାରେ ଛାଡ଼ି, ନିୟମିତ କର୍ମକୁ ସମ୍ପନ୍ନ କରିବାକୁ ଲାଗି ପଡ଼ିଥିଲେ । କର୍ମଚାରୀ ଜଣକ ସୋପାନ ଶ୍ରେଣୀକୁ ଚାହିଁ ବୁଝିନେଲେ ଯେ ତାଙ୍କର ସନ୍ତାନ ଦୁଇଟି ବାପାଙ୍କ ଦାୟିତ୍ୱକୁ ପୂରା କରିବାକୁ ବତିଘରର ଶିଖରରେ ବସି ରହିଛନ୍ତି । ସେଥିପାଇଁ ସନ୍ତୋଷ ପ୍ରକାଶ କରି ଜୀବନର ଅନ୍ତିମ କ୍ଷଣରେ ବି ତାଙ୍କ ମୁଖମଣ୍ଡଳରେ ପ୍ରସନ୍ନତା ଦେଖା ଦେଇଥିଲା । ବ୍ୟକ୍ତିବିଶେଷର କର୍ତ୍ତବ୍ୟପାଳନର କଥା କେଉଁଠି କେଉଁଠି ଶୁଣାଅଛି । ମାତ୍ର ପୂରା ପରିବାର ବିଶେଷ କରି ଅଳ୍ପ ବୟସର ପିଲାଦୁଇଟି ମଧ୍ୟ ଥିଲେ ଏଥିରେ ପ୍ରଯତ୍ନଶୀଳ; ଏପରି ଦୃଷ୍ଟାନ୍ତ ବିରଳ ।

ସକାଳ ହେଲା । ସମସ୍ତେ ଜାଣିଲେ ବତିଘରର କର୍ମଚାରୀ ଆଉ ନାହାନ୍ତି । ଗିର୍ଜାର ପାଦ୍ରି ଆସିଲେ ମୃତବ୍ୟକ୍ତିର ଶେଷକୃତ୍ୟ ତାଙ୍କ ଧର୍ମାନୁଯାୟୀ କରିବାକୁ । ବତିଘରର ବତିଟିକୁ ସଜାଡ଼ିବାକୁ କାରିଗର ଆସିଲା । ସବୁକାମ ସ୍ୱାଭାବିକ ଭାବେ ହେଲା । ମାତ୍ର ବତାସିଆ ରାତ୍ରିର ଅନ୍ଧକାର କୋଳରେ ଯାହା ଘଟିଗଲା, ତା'ର ଖବର କେହି ଜାଣିଲେ ନାହିଁ ଈଶ୍ୱରଙ୍କ ବ୍ୟତୀତ । ତଥାପି ସତ୍ୟ ସ୍ୱୟଂପ୍ରକାଶ । ଆଜିଯାଏଁ ସେ ଦେଶରେ କର୍ତ୍ତବ୍ୟନିଷ୍ଠାର କଥା ପଡ଼ିଲେ ଲୋକେ ଏଇ କ୍ଷୁଦ୍ର ପରିବାରର ଏକନିଷ୍ଠତାର କଥା କହିଥା'ନ୍ତି ।

❑❑❑

ଖ୍ରୀଷ୍ଟପୂର୍ବ ପଞ୍ଚମରୁ ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ଏଥେନ୍ସରେ ଥିଲେ ମହାନ୍ ଶିକ୍ଷକ ସକ୍ରେଟିସ୍ । ତାଙ୍କ ଜୀବନଧାରଣ ଶୈଳୀ ଅତ୍ୟନ୍ତ ସରଳ ଓ ବିଳାସବ୍ୟସନହୀନ ।

କିନ୍ତୁ ସେ ନଗରୀର ସୁସଜ୍ଜିତ ଅଭିଜାତ ବଜାର ଭିତରେ ବାରବାଂର ଯାଇ ବୁଲି ଆସିବାର ଦେଖାଯାଉଥାଏ । ଦିନେ ଜଣେ ଭଦ୍ରଲୋକ ତାଙ୍କୁ ପଚାରିଲେ, ''ସକ୍ରେଟିସ୍ ! ତୁମେ ତ ଥରୁଟିଏ ମଧ୍ୟ ଏସବୁ ସୁନ୍ଦର, ମୂଲ୍ୟବାନ୍ ପଦାର୍ଥରୁ କିଛି କିଣୁ ନାହଁ, ବାରଂବାର ଏଠାକୁ ଆସୁଛ କାହିଁକି ?''

ସକ୍ରେଟିସ୍ ଉତ୍ତର ଦେଲେ, ''କେତେ ସୁନ୍ଦର, ମୂଲ୍ୟବାନ୍ ସରଞ୍ଜାମ ବିନା ମୁଁ ଯେ ବେଶ୍ ସୁରୁଖୁରୁରେ ଚଳି ପାରୁଛି, ସେତିକି ଜାଣିବା ସକାଶେ ମୁଁ ଏଠାକୁ ଆସେ ।''

ଚେତନାର ଦିଗ୍‌ବଳୟ :

# ନିରୁଦ୍ଦିଷ୍ଟ ଶିଶୁ

ଦୃଶ୍ୟଟି କଳ୍ପନା କରନ୍ତୁ :

କ୍ରିସ୍‌ମାସ ପୂର୍ବବର୍ତ୍ତୀ ମଧ୍ୟରାତ୍ର । ଚିରାଚରିତ ପରମ୍ପରା ଅନୁସରଣ କରି ଫାଦର୍ କ୍ରିସ୍‌ମାସ୍ ବା ସାନ୍ତାକ୍ଲଜ୍ ମହୋଦୟ ସୁଦୂର ତୁଷାର ପୁରୀରୁ ଆସି ଜନପଦରେ ପହଞ୍ଚିଛନ୍ତି । ଆଶାୟୀ ଶିଶୁମାନଙ୍କ ପାଖରେ ତାଙ୍କ ଆନୀତ ଉପହାରଟିମାନ ରଖିଯିବେ ।

ଆପାତତଃ ସେ ସ୍ନେହଶୀଳ ଆଗନ୍ତୁକଙ୍କ ଲକ୍ଷ୍ୟ ଚାରିବର୍ଷ ବୟସର ଜଣେ ଶିଶୁ । ସେ ଯାଇ ଦେଖିଲେ ଶିଶୁଟିର ଶଯ୍ୟା ଶୂନ୍ୟ । ସେ ଟିକିଏ ହତାଶ ହୋଇ ରାସ୍ତାକୁ ଚାଲି ଆସିଲେ । ଦେଖିଲେ ଗୋଟାଏ ଅଭାବନୀୟ ଦୃଶ୍ୟ : ବିନା ଚାଳକରେ କାର୍‌ଟିଏ ସେ ପଛରେ ଛାଡ଼ି ଆସିଥିବା ହତା ଭିତରକୁ ପ୍ରବେଶ କରୁଛି । ସାନ୍ତାକ୍ଲଜ୍ ବହୁ ବିସ୍ମୟକର ଉଦ୍‌ଭାବନ କଥା ଶୁଣିଥିଲେ । ହୁଏତ ଚାଳକ-ବିହୀନ କାର୍ ତା' ମାଲିକର କୌଣସି ନିର୍ଦ୍ଦେଶ ପାଳନ କରିସାରି ଫେରି ଆସୁଛି । ସେ ନିଜ ବାଟରେ ପରବର୍ତ୍ତୀ ଶିଶୁର ସନ୍ଧାନରେ ଚାଲିଯାଇଥା'ନ୍ତେ । କିନ୍ତୁ ହଠାତ୍ ଏକ କର୍କଶ ଯାନ୍ତ୍ରିକ ଧ୍ୱନିରେ ଚମକି ପଡ଼ିଲେ । ସେ ରହସ୍ୟମୟ କାର୍ ଗୋଟିକ ହତା ଭିତରେ ଆଉ ଯୋଡ଼ିଏ ସ୍ଥିର କାର୍‌କୁ ଧକ୍କା ଦେଇଛି ।

ସାନ୍ତାକ୍ଲଜ୍ ଦଉଡ଼ିଗଲେ । ଦେଖି ଅବାକ୍ ହେଲେ : ସେ କାର୍‌ଟି ଚାଳକବିହୀନ ନୁହେଁ; ଚାଳକ ଜଣକ ଚାରି ବର୍ଷର ବାଳକ !

ମିଚିଗାନ ରାଜ୍ୟର ସେଣ୍ଟ୍‌ଲେକ୍ ସହରରେ ଘଟଣାଟି ଘଟିଛି । ଦର୍ଶକ ସାନ୍ତାକ୍ଲଜ୍ ନୁହନ୍ତି, ନୈଶ ପ୍ରହରୀ ସର୍ଜେଣ୍ଟ୍ । ସେ ପିଲାଟିକୁ ଟେକି ବାହାରକୁ ଆଣିଲେ । ଘରୁ ମାଆବାପା ବାହାରି ଆସିଲେ । ଅନୁସନ୍ଧାନରୁ ଜଣାଗଲା, ମାଆ ପାଖ ଦୋକାନ ବଜାରକୁ ଗଲାବେଳେ ପୁଅକୁ କୋଳରେ ବସାଇ ଥରେ ଥରେ ତାକୁ ଷ୍ଟିଅରିଂ ବୁଲାଇବା ଶିଖାନ୍ତି । ରାତି ଅଧରେ ପୁଅ ସେହି ବିଦ୍ୟା କାର୍ଯ୍ୟକାରୀ କରିଛି । ଏକ୍‌ସିଲେରେଟର୍‌କୁ ଗୋଡ଼ ପାଉ ନଥାଏ । କିନ୍ତୁ ସେ କାର୍ କୌଣସି ମତେ ଷ୍ଟାର୍ଟ୍ କରି ତା'ର ଏକ ସାଧାରଣ ନିର୍ଦ୍ଧାରିତ ଗତିରେ ତାକୁ ଚଳାଇ ଅଦୂରବର୍ତ୍ତୀ ଭିଡ଼ିଓ ଦୋକାନକୁ ଯାଇଛି । ଦୋକାନ ବନ୍ଦ ଦେଖି ଘରକୁ ଫେରିଛି । ବ୍ରେକ୍ ଦେବାର ଶକ୍ତି ନାହିଁ । ସ୍ଥିର କାର୍ ଯୋଡ଼ିକୁ ଧକ୍କା ଦେଇ ପଛେଇ ଆସି ସର୍ଜେଣ୍ଟ୍‌ଙ୍କ କାର୍ ଦେହରେ ପିଟି ହୋଇ ରହିଯାଇଛି ।

ସମ୍ବାଦଟିର ପରିବେଷକ ବୋଷ୍ଟନ୍‌ରେ ଅବସ୍ଥିତ ଜଣେ ଭାରତୀୟ ସାମ୍ବାଦିକ ଶ୍ୟାମଳ ଭଟ୍ଟାଚାର୍ଯ୍ୟ । କହିବା ବାହୁଲ୍ୟ, ମୋ ପିଲା ଅନ୍ୟ ପିଲାମାନଙ୍କଠାରୁ ତୀବ୍ରତର ଗତିରେ ସଂସାରର ଜ୍ଞାତବ୍ୟ ବିଷୟମାନ ଆୟତ୍ତ କରିନେବା ଚାହି — ଆଜିର ମାତାପିତାଙ୍କର ଏହି ଦୁର୍ନିବାର ଆକାଂକ୍ଷା — ଯାହା ଭାରତବର୍ଷକୁ ମାଡ଼ି ଆସୁଛି — ତା'ର ସମ୍ଭାବ୍ୟ ଭୟାବହ ପରିଣାମ ସଂକ୍ରାନ୍ତରେ ଭାରତୀୟ ମାତାପିତା ସଂପ୍ରଦାୟକୁ ଅବହିତ କରିବା ସାମ୍ବାଦିକଙ୍କ ଆଭିମୁଖ୍ୟ ।

ସାନ୍ତାକ୍ଲଜ୍ ପରମ୍ପରା ପଶ୍ଚାତରେ ରହିଛି ଏକ ମଧୁର ସତ୍ୟ : ନିଃସ୍ୱାର୍ଥ ସ୍ନେହପ୍ରୀତିର ଅପ୍ରତ୍ୟାଶିତ ଉପହାର ମାଧ୍ୟମରେ ସରଳ ଶିଶୁ ମାନସରେ ମହାନୁଭବତା ପ୍ରତି ବିଶ୍ୱାସ ଓ ଶ୍ରଦ୍ଧାର ସଞ୍ଚାର, ଏହି ପର୍ଯ୍ୟାୟର ନିରୀହ ପ୍ରତିଶ୍ରୁତି ପ୍ରଦାନ ତା'ର ଆଭିମୁଖ୍ୟ । ଅକସ୍ମାତ୍ ଉପହାରଟିଏ ପାଇଲେ ଶିଶୁ ଯେଉଁ ପୁଲକ ଅନୁଭବ କରେ, ଦିନେ ତା' ନିଜ ବଦାନ୍ୟତା ଯୋଗୁଁ ଅନ୍ୟ ଶିଶୁଟିଏ ସେହି ମାତ୍ରାରେ ପୁଲକ ଅନୁଭବ କରିବ, ଏହି ଧାରଣା ତା'ର ଚେତନାରେ ଲିପିବଦ୍ଧ ହେବାର ସମ୍ଭାବନା ଥାଏ ।

କିନ୍ତୁ ସାନ୍ତାକ୍ଲଜ୍ ଏମନ୍ତ ସରଳ-ବିଶ୍ୱାସୀ ଶିଶୁଟିଏ ଆଜି ଖୋଜି ପାଇବାର ସମ୍ଭାବନା କ୍ଷୀଣ । ଶିଶୁ ଯେ ସରଳତା ବିନା ଜନ୍ମଗ୍ରହଣ କରୁଛି, ତାହା ନୁହେଁ; କିନ୍ତୁ ତା'ର ସେ ସରଳତାର ସ୍ୱାଭାବିକ ବିକାଶ ନିମନ୍ତେ ଆଜି ବହୁ ପରିବାର ଏବଂ ପରିବେଶ ଭିତରେ ସୁଯୋଗ ନାହିଁ । ସେ କେମିତି ଆଜିର ପ୍ରତିଯୋଗିତା ଜର୍ଜରିତ ସମାଜରେ ଅନ୍ୟମାନଙ୍କୁ ଟପିଯିବ, ଗାର୍ଜନମାନଙ୍କର ସେ ଆକାଂକ୍ଷା ଏହାର ଗୋଟାଏ କାରଣ । ଦ୍ୱିତୀୟ କାରଣ ଆହୁରି ଅଧିକ ଦୁଃଖଦାୟକ । ସନ୍ତାନ ସହ କୌଣସି ଭାବଗତ ଆଦାନ-ପ୍ରଦାନ ସକାଶେ ସମୟ ଦେବାକୁ ଅନିଚ୍ଛୁକ ଅଥବା ଆଳସ୍ୟ-ପରାୟଣ ଗାର୍ଜନମାନେ ସେମାନଙ୍କ ସକାଶେ ଜ୍ଞାତସାରରେହିଁ ଭବିଷ୍ୟତ୍ ବିପଦର ଖସଡ଼ା ତିଆରି କରି ପକାଉଛନ୍ତି ।

ଏକ ତାତ୍ପର୍ଯ୍ୟପୂର୍ଣ୍ଣ ତଥା ଆତଙ୍କଜନକ ଘୋଷଣାଟିଏ କରିଛନ୍ତି ଅଷ୍ଟ୍ରେଲିଆର ମନସ୍ତତ୍ତ୍ୱବିତ୍‌ମାନେ । ପିଲାଙ୍କୁ ଟେଲିଭିଜନ୍ ଆଗରେ ଥୋଇଦେଇ ନିଶ୍ଚିନ୍ତ ଅନୁଭବ କରୁଥିବା ଗାର୍ଜେନମାନଙ୍କ ସକାଶେ ଏହା ଏକ ଚେତାବନୀ । ସେମାନଙ୍କ ସମୀକ୍ଷାର ଏ ସିଦ୍ଧାନ୍ତକୁ ଆନ୍ତର୍ଜାତିକ ମନସ୍ତତ୍ତ୍ୱବିତ୍ ସଂସ୍ଥାମାନେ ସମର୍ଥନ କରିଛନ୍ତି । ଏହାର ବିଶଦ ବିବରଣୀ Sydney Morning Heraldରେ ପ୍ରକାଶ ପାଇଛି । ସେମାନଙ୍କ ବକ୍ତବ୍ୟ, ମାନସିକ ବ୍ୟାଧି ତାଲିକାରେ E-Addiction ଏକ ବିଶେଷ ସଂଯୋଜନ ରୂପେ ସ୍ଥାନୀତ ହେଉ ଏବଂ ସେ ଦିଗରେ ଜନସାଧାରଣଙ୍କୁ ବିଧିବଦ୍ଧ ଭାବରେ ଅବହିତ କରାଯାଉ । Times of Indiaରେ ପ୍ରକାଶିତ ମୂଳ ସନ୍ଦର୍ଭର ସାରାଂଶ ଅବିକଳ ଉଦ୍ଧାର କଲେ ଦାୟିତ୍ୱବାନ୍ ପାଠକମାନେ ପରିସ୍ଥିତିର ଗୁରୁତ୍ୱ ହୃଦୟଙ୍ଗମ କରିପାରିବେ :

"Children addicted to using electronic devices may suffer from 'internet-use-disorder', a newly discovered and serious mental illness, according to a new study. Psychologists argue video games and internet addictions share the characteristics of other addicts, including emotional shut-down, lack of concentration and withdrawal symptoms if the gadgets are removed."

ପରିଚ୍ଛେଦଟିର ଶେଷ କଥାଟି ଉପରେ ଧ୍ୟାନ ଦିଅନ୍ତୁ । ଥରେ ଏହି କୃତ୍ରିମ ଅଭ୍ୟାସର ଦାସ ବନିଯିବା ପରେ ଶିଶୁଠୁଁ ସେ ମାଧ୍ୟମ ଯଦି ଆପଣ ପ୍ରତ୍ୟାହାର କରି ନେବେ, ତେବେ ସେ ଅବସନ୍ନତା ଓ ବିଷାଦର ଶିକାର ବନିଯିବ । ତେଣୁ ପ୍ରଥମରୁହିଁ ତାକୁ ସେ ଅଭ୍ୟାସଠାରୁ ଦୂରେଇ ରଖିବା ଜରୁରୀ । ଏ ଲେଖକ ଜାଣିବାରେ ପାଶ୍ଚାତ୍ୟରେ ତଥା ସର୍ବାଧୁନିକ ଜୀବନଶୈଳୀ ସମର୍ପିତ କେତେକ ଭାରତୀୟ ପରିବାରରେ ମାତାପିତାମାନେ ପିଲାଙ୍କୁ ନିଃସଙ୍କୋଚରେ ଏ ସମସ୍ୟା ବୁଝାଇଦେଇ ସେମାନଙ୍କ ଆଗ୍ରହକୁ ନିୟନ୍ତ୍ରଣ ଭିତରକୁ ଆଣିବାରେ ସଫଳ ହୋଇଛନ୍ତି । ସବୁ ନିର୍ଭର କରେ ଶିଶୁ ସହ ଆପଣ କେତେ ଅନ୍ତରଙ୍ଗ ସମ୍ପର୍କ ପ୍ରତିଷ୍ଠା କରିପାରିଛନ୍ତି ।

ଆମେରିକା 'College of William and Mary'ର ଆନୁକୂଲ୍ୟରେ ୧୯୭୦ରେ ଏକ ଗବେଷଣା ଆରମ୍ଭ କରାଯାଇଥିଲା । ୨୦୧୧ ମସିହା ପର୍ଯ୍ୟନ୍ତ ଗବେଷକବର୍ଗ ତିନି ଲକ୍ଷ 'ସୃଜନୀ ପରୀକ୍ଷା' (Creativity Test)ର ବ୍ୟବସ୍ଥା କରି ଏହି ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି ଯେ ଆଜିର ଶିଶୁ ଚତୁର ହୋଇପାରେ, କିନ୍ତୁ ସେ ସୃଜନଶୀଳତା ହରାଇ ବସୁଛି । ଆହୁରି ଶୋଚନାର କଥା ହେଲା, ତା' ଭିତରେ ହାସ୍ୟ-ରସବୋଧ ଶୁଖିଯାଉଛି । ଏ ଦୁର୍ଭାଗ୍ୟଜନକ ପରିସ୍ଥିତିର ଅନ୍ୟତମ ନିର୍ମାତା ଟି.ଭି. ନିଶା ବୋଲି ଗବେଷଣାର ମୁଖ୍ୟ କହିଛନ୍ତି । ପିଲାମାନେ ସେଥିରେ ଆତ୍ମସମର୍ପଣ କରି ଜୀବନ୍ତ ମଣିଷଙ୍କ ସାନ୍ନିଧ୍ୟରୁ ବଞ୍ଚିତ ହୋଇ ରହୁଛନ୍ତି । ସେମାନଙ୍କ ଭିତରେ ମାନବିକତାବୋଧ ମଧ୍ୟ ହ୍ରାସ ହେଉଛି ।

ବର୍ତ୍ତମାନ ଭାରତର ଆବହାଉଆ ଉପରେ ଧ୍ୟାନ ଦିଆଯାଉ । 'Association of Adolescent and Child Care in India' (AACCI; ଏହାର ମୁଖ୍ୟ କାର୍ଯ୍ୟାଳୟ ମୁମ୍ବାଇରେ) ପ୍ରକାଶ କରିଛନ୍ତି ଯେ ଅଳ୍ପବୟସ୍କ ପିଲାଙ୍କ ଭିତରେ ଆକ୍ରମଣାତ୍ମକ ମନୋଭାବ ଦ୍ରୁତଗତିରେ ବୃଦ୍ଧିଲାଭ କରିଚାଲିଛି । ଆଗେ ଯାହା ଗାଳିଗୁଲଜ, ଅଭିମାନ, ଚିମୁଟା-ଚିମୁଟି, କାମୁଡ଼ା-କାମୁଡ଼ି, ଛେପ ପକାଇବାରେ ସୀମିତ ଥିଲା, ବର୍ତ୍ତମାନ ତାହା ଛୁରୀମାଡ଼ ପର୍ଯ୍ୟନ୍ତ ଚାଲିଯାଉଛି । ସେମାନେ ଦର୍ଶାଇଥିବା କାରଣମାନଙ୍କ ଭିତରେ ମୁଖ୍ୟ ହେଲା ପିଲାଙ୍କୁ ସର୍ବଦା ପ୍ରତିଯୋଗିତାର ସମ୍ମୁଖୀନ ହୋଇ ନିଜର ଉତ୍କର୍ଷ ପ୍ରତିପାଦନ କରିବା ନିମନ୍ତେ ମାତାପିତାଙ୍କର କୃତ୍ରିମ ଉତ୍ସାହ ପ୍ରଦାନ । ତାହା ଫଳରେ ପିଲାଙ୍କର ସ୍ୱାଭାବିକ ଆବେଗ, ସ୍ୱତଃସ୍ଫୂର୍ତ୍ତ ପ୍ରେରଣା, ଖେଳ, ବିଶ୍ରାମ ଇତ୍ୟାଦି ନିମନ୍ତେ ଆଗ୍ରହ ପ୍ରଦମିତ ହୋଇ ହଠାତ୍ କ୍ରୋଧ ରୂପେ ଉଦ୍‌ଗିରିତ ହୁଏ ।

ଅବଶ୍ୟ ସମୟ କ୍ରମେ ବିବର୍ତ୍ତନୀଶକ୍ତି ହୁଏତ ସମାଜକୁ ନୂତନ ଦିଗ୍‌ଦର୍ଶନ ଦେଇ ସୁଧାରି ନେବ । ଯାବତୀୟ ମନ୍ଦ ପ୍ରଭାବ ଅତିକ୍ରମ କରିଯିବାର ଚୈତ୍ୟଶକ୍ତି ଅବଶ୍ୟ ଆମ ଚେତନାରେ ନିହିତ । କିନ୍ତୁ ଆମ ଭିତରେ, ଅର୍ଥାତ୍ ବୟସ୍କମାନଙ୍କ ଭିତରେ ସେ ଆତ୍ମବିଶ୍ୱାସ ରହିଛି କି ? ଯଦି ଥିବ, ତେବେ ତା'ର ପ୍ରଭାବ ଶିଶୁକୁ ନିଶ୍ଚିତ ଭାବରେ ସ୍ପର୍ଶ କରିବ । ଗୋଟାଏ କଥାରେ, ଭବିଷ୍ୟତକୁ ସୁରକ୍ଷା ଦେବା ନିମନ୍ତେ ଆମେ, ଅର୍ଥାତ୍ ପ୍ରତିମୁହୂର୍ତ୍ତରେ ଅତୀତ ବନିଯାଉଥିବା ବର୍ତ୍ତମାନର ଅଭିଭାବକ-ବୃନ୍ଦ ଆତ୍ମ-ସଚେତନ ହେବା ଜରୁରୀ ।

**— ମନୋଜ ଦାସ**

❑❑❑

tarika

## AYURVEDIC HERBAL REMEDIES

### Pimple / Acne Remover

Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face

Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and
texture within 3 to 4 weeks.*

### Hair Vitaliser oil

Controls hair loss and improves hair growth
*Regular use prevents hair thinning
and receding hair line*

### Gum oil

Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil

Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***


*Exported to over 16 countries including USA,
Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LVII, No. 6** **R.N.I. No. 18163/70.**
Navaprakash (Monthly), June, 2026 Registration No. PY/51/2024-26
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2024-26


## ବିଶେଷ ସୂଚନା :




''**ସାବିତ୍ରୀ** ଶ୍ରୀଅରବିନ୍ଦଙ୍କ ଭବିଷ୍ୟ ଦୃଷ୍ଟିର ସର୍ବୋଚ୍ଚ ପରିପ୍ରକାଶ ।''

— ଶ୍ରୀମା

ପୂର୍ବପ୍ରକାଶିତ ଶ୍ରୀଅରବିନ୍ଦଙ୍କ ରଚିତ ମନ୍ତ୍ରମୟୀ ମହାକାବ୍ୟ ସାବିତ୍ରୀର ପ୍ରଥମ ଭାଗର ପରବର୍ତ୍ତୀ କ୍ରମ ରୂପେ ଦ୍ୱିତୀୟ ଓ ତୃତୀୟ ଭାଗର ଓଡ଼ିଆ ଅନୁବାଦ ଅଧୁନା ପ୍ରକାଶ ପାଇଲା । ଏହାର ଅନୁବାଦକ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗ୍ରନ୍ଥର ବିଶେଷତ୍ୱ ଏହି ଯେ ଶ୍ରୀଅରବିନ୍ଦଙ୍କ କୃତ ସାବିତ୍ରୀର ପ୍ରତିଟି ପଂକ୍ତିର ମାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ଅନୁବାଦ ସହ ମୂଳ ଇଂରାଜୀ ଲେଖାକୁ ପୂର୍ବପରି ସଂଯୋଜିତ କରାଯାଇଛି ।

### ସାବିତ୍ରୀ

**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**

**(ଦ୍ୱିତୀୟ ଭାଗ ଏବଂ ତୃତୀୟ ଭାଗ)**

୮୯୭ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୬୪୦/-** ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Parcel Post ଯୋଗେ ପଠାଇ ଦିଆଯିବ ।)


Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**